

ସ୍ୱସ୍ତିକଙ୍କୁ ୭ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-317 ◆SATURDAY ◆16 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୧୭ ◆ଶନିବାର ◆୧୬ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



# The Toppers Factory of Odisha... again

CBSE 12th Result 2026



99% SWAYAM SAMBHAV RAJGURU



98% NIKHILESWAR SINGH



97% SASWAT PRIYADARSI KUMURA



97% BABITA PADHAN

■ 150+ Students got 90% & above ■ 90% Students got more than 10th Marks

97% SHREYA SEPHALIKA PATRA
97% TANISHA NAIK
97% SWETA AGRAWAL
96% RUTUPARNA SAHU
96% AKASH MANSINGKA
96% SIDDHI SAMRUDDHI PANDA
96% AAKARSHI BANSAL
96% AARUSHI BANSAL
96% ANNAPURNA TRIPATHY
96% LISA BHOI
95% DUNESH CHAKRADHARI
95% K VEENITH KUMAR DORA
95% PIBYANKA BHOI
95% SANJU SAHU
95% MANISH YADAV
94% GOUTAM KUMAR JAIN
94% MAHESH BHOI
94% RADHIKA AGRAWAL
94% SMRUTI REKHA HOTA
94% TANUSHREE KUANR
94% ARCHIKA NATH
94% MONALISA PRUSETH
94% MOUSUMI SAHU
94% PALAK AGRAWAL
94% VAISHNAVI VARMA
93% SATTWIK SAMANTRAY
93% DIVYA TRIPATHY
93% PRIYANI SAHU
93% SAMRUDDHI JAIPURIA
93% SHRIYANSHEE NAIK
93% OMKAR AYASKANT MEHER
93% PIYUSH PRADHAN
93% PRAGNYA RASHMI SAHU
93% PRIYANSA PARIMITA NAIK

& Many many more...

## Growth over 10th Marks

| Name | 10th% | 12th% | Growth % |
|---|---|---|---|
| HARSH PANDEY | 45 | 82 | 37 |
| MILAN PANDEY | 60 | 90 | 30 |
| RADHIKA AGRAWAL | 65 | 94 | 29 |
| OJAS KALO | 45 | 73 | 28 |
| SATTWIK SAMANTRAY | 66 | 93 | 27 |
| ANSHUMAN PANDA | 56 | 83 | 27 |
| RANJAN SAHU | 60 | 87 | 27 |
| CHIRANJIT MAHANANDA | 55 | 81 | 26 |
| SUBHAM MEHER | 70 | 96 | 26 |
| SWAYAM SAMBHAV RAJGURU | 73 | 99 | 26 |
| TANUSHREE KUANR | 69 | 94 | 25 |
| BENNY OOIJER XESS | 65 | 90 | 25 |
| RUDRA KUMAR SA | 69 | 93 | 24 |
| AKASH BHAINSA | 59 | 83 | 24 |
| ANWESHA SAHU | 62 | 86 | 24 |
| AYUSHI PATTNAIK | 63 | 87 | 24 |
| DOLOP SINGH | 55 | 78 | 23 |
| TANISHA HANUMAN | 54 | 77 | 23 |
| HONEY MAKHIJA | 70 | 93 | 23 |
| SUBHANKAR BEHERA | 60 | 83 | 23 |
| KRISHNA PAREEK | 61 | 83 | 22 |
| AYUSHI MISHRA | 71 | 93 | 22 |
| PRINCE HASDA | 61 | 83 | 22 |
| BASUDEV PATEL | 60 | 82 | 22 |
| SHRIYANSH MEHER | 58 | 80 | 22 |
| MONALISA PRUSETH | 72 | 94 | 22 |

& a long list...

96% AYUSH KUMAR TANTY
96% PALAK GUPTA
96% NAITIK AGRAWAL
96% SHRUTI PRIYA AGRAWAL
96% SAMIP KUMAR DASH
96% SHUBHANKAR BEHERA
96% PRIYADARSHI NAG
96% SUBHAM MEHER
96% SANSHREY SHARAF
96% SHRAVANI MAHAPATRA
95% ARMAAN SA
95% ROSHNI GUPTA
95% P. DIVYANSU ACHARY
95% SUSHREE SAGARIKA PRADHAN
94% AKANKSHYA MISHRA
94% KRISHNA BANSAL
94% ASHIS MEHER
94% N SHUBHASHREE
94% AMIT KARA
94% AYUSHMAN DEBTA
93% ADITYA NAG
93% DIKSHA PATEL
93% KESHAV BANSAL
93% MANYATA PRIYADARSHINI ACHARYA
93% RUDRA KUMAR SA
93% HONEY MAKHIJA
93% MUSKAN BEHERA
93% SAMIKSHYA NAIK
93% YUVRAJ SHARMA
93% AYUSHI MISHRA

Admissions Open 2026-27
Nursery - XI
Science | Commerce | Humanities

जीवा ज्योतिर् अशीमहि

VEDIC INTERNATIONAL SCHOOL

SAMBALPUR | RAIGARH | BARGARH | RAIPUR

Pabpali, Sason, Sambalpur.
M: 8117812340 / 9124612340

Govindpali, Bargarh.
M: 9124572708 / 9178712340 / 9124572710

www.vedic.ac.in

## ଇଡ୍‌କୋ ଅଧିଗ୍ରହୀତ ଜମିରୁ ମାଟି ଚାଲାଣ

# ରାତି ଅଧରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଚଢ଼ଉ

କୁଜଙ୍ଗ/ପାରାଦୀପ,୧୫।୫(ସମିସ)





- ହାଇୱା ଚଲାଇ ଆସିଲେ ଏସ୍‌ପି
- ଡାଲାରେ ବସିଲେ ଜିଲ୍ଲାପାଳ ଓ ପୁଲିସ୍
- ୧୧ ହାଇୱା , ୫ ପ୍ରୋକ୍ଲିନ୍ ଜବତ
- ୧୦ ଅଟକ, ମାଷ୍ଟର ମାଇଣ୍ଡ ଫେରାର

ବାଲି ଚୋରି ପରେ ଏବେ ମାଟି ଚୋରି ଉପରେ ପ୍ରଶାସନ ଆକ୍ରମ ମୁଡ଼ରେ ଚଢ଼ଉ କରିଛି। ଜିଲ୍ଲାରେ ବାଲି ଚୋରି ଉପରେ ପ୍ରଶାସନ ଅଙ୍କୁଶ ଲଗାଇବା ପରେ ଏବେ ମାଟି ଚୋରି ପ୍ରଶାସନର ନିଦ ହଜାଇ ଦେଇଛି। ରାତି ଅଧରେ ଖୋଦ୍ ଜିଲ୍ଲାପାଳ ଓ ଏସ୍‌ପି ମାଟି ମାଫିଆଙ୍କୁ ଧରିବାକୁ ପୂରା ରାତି ଅନିଦ୍ରା ହୋଇ ଅଭିନବ ଢଙ୍ଗରେ ଚଢ଼ଉ କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଗତକାଲି ବିଳମ୍ବିତ ରାତ୍ରିରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଫତେପୁର ଓ ପ୍ରତାପପୁର ଗହିର ମଝିରେ। ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଓ ଏସ୍‌ପି ଅଙ୍କିତ କୁମାର ବର୍ମା ମାଟି ମାଫିଆଙ୍କୁ ଧରିବାକୁ ଏକ ବାଲି ହାଇୱାରେ ରାତି ଅଧରେ ୭ କିମି ଯାତ୍ରା କରିଥିଲେ। ଏଥିରେ ଏସ୍‌ପି ନିଜେ ଡ୍ରାଇଭର ସାଜି ହାଇୱା ଚଲାଇଥିଲେ। ତାଙ୍କ ପଛରେ ଗାଡି ଡାଲାରେ ପୁଲିସ ଫୋର୍ସ ମଧ୍ୟ ଯାଇଥିଲେ। ତିର୍ତ୍ତୋଲ, ଏରସମା, ଅଭୟଚାନ୍ଦପୁର ଓ ପାରାଦୀପ ଲକ୍ ଥାନା ପୁଲିସ ଏଥିରେ ସାମିଲ ହୋଇଥିଲେ। ଘଟଣାସ୍ଥଳରେ ଏଭଳି ଅଚାନକ ଚଢ଼ଉ ଦେଖି ଗାଡି ଛାଡ଼ି ସମସ୍ତେ ଦୌଡ଼ି ପଳାଇଥିଲେ।

ଗତ କିଛିଦିନ ହେବ ଫତେପୁର ଓ ପ୍ରତାପପୁର ଗହୀର ମଝିରୁ ମାଟି ମାଫିଆ ମାନେ ରାତିରେ ହଜାର ହଜାର ଟ୍ରିପ୍ ମାଟି ଖୋଳି ନେଇ ଯାଉଥିଲେ। ପୁଲିସ ଓ ତହସିଲରେ ନିଜକୁ ବିଜେପି ନେତା, ମନ୍ତ୍ରୀଙ୍କ ପାଖଲୋକ କହି ଏହି ଲୁଟ୍‌ରେ ସାମିଲ ଥିଲେ। ସେମାନଙ୍କୁ କିଛି ଅର୍ଥ ମଧ୍ୟ ହାତଗୁଞ୍ଜା ଦେଉଥିଲେ। ତେବେ ଯେଉଁ ଜାଗାରୁ ମାଟି ଉଠାଉଥିଲେ ସେ ଜାଗା ସବୁ ତୈଳ ବିଶୋଧନାଗାର ଅଧୀନରେ ଆସୁଥିବା ନୂତନ କମ୍ପାନୀ ନାପଥା କ୍ରାକର ନିମନ୍ତେ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ ସରିଛି ଓ ସେହି ଜାଗା ମୋଟ ୭୮୦ ଏକର ଜମି ଏବେ ଇଡ୍‌କୋ ଅଧୀନରେ ରହିଛି। ହେଲେ ବିନା କାହାର ଅନୁମତିରେ କିମ୍ବା କୌଣସି ରାଜସ୍ୱ ପୈଠ ନକରି ଦୀର୍ଘ ଦିନ ହେବ କୁଜଙ୍ଗ ଅଞ୍ଚଳର ମାଟିମାଫିଆମାନେ ଏହି ଜାଗାରୁ ରୀତିମତ ରାତି ସମୟରେ ପ୍ରୋକଲିନ ମେସିନ ଓ ହାଇୱା ଲଗାଇ ହଜାର ହଜାର ଟ୍ରିପ୍ ମାଟି ଖୋଳି ନେଇ ବିକ୍ରି କରୁଥିଲେ। ଏହି ମାଟି ମାଫିଆମାନେ ପ୍ରତ୍ୟକ ଦିନ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମାଟି ଚୋରି କରି ବିକ୍ରି କରୁଥିଲେ। ଏହି ମାଟିକୁ ମାଫିଆମାନେ କଟକ-ପାରାଦୀପ ରେଳବାଇ ଦୋହରୀକରଣ ପ୍ରକଳ୍ପକୁ ଦେଇ କୋଟିକୋଟି ଟଙ୍କା ମୁନାଫା କମାଉଥିଲେ।

ତେବେ ଏଭଳି ମାଟି ଚୋରି ସମ୍ପର୍କରେ ପ୍ରଶାସନ ପାଖରେ ଖବର ଥିଲେ ମଧ୍ୟ ଗତକାଲି ବିଳମ୍ବିତ ରାତିରେ ମାଫିଆଙ୍କୁ ପାନେ ଦେବା ଲକ୍ଷ୍ୟରେ ଅଚାନକ ଜିଲ୍ଲାପାଳ ଓ ଏସ୍‌ପି ଆସି ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ଗହିର ମଝିରେ ବହୁ ସମୟ ଧରି ପୁଲିସ ଟିମ ଓ ମାଟି ମାଫିଆଙ୍କ ମଧ୍ୟରେ ଲୁଚୁକାଳି ଚାଲିବା ପରେ ଶେଷରେ ମେସିନ ଅପରେଟର ଓ ଡ୍ରାଇଭରଙ୍କୁ ମିଶାଇ ୧୦ଜଣଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଥିବା ବେଳେ ମାଟି ଖୋଳାରେ ନିୟୋଜିତ ଥିବା ୬ ପ୍ରୋକଲିନ୍ ଓ ୧୧ ହାଇୱାକୁ ଜବତ କରିଥିଲା ପୁଲିସ। ଆଜି ଏହି ୬ ପ୍ରୋକଲିନ ମେସିନ ସହ ୧୧ ହାଇୱାକୁ ପୁଲିସ କୁଜଙ୍ଗ ବ୍ଲକ ପଡ଼ିଆକୁ ଆଣିଥିବା ବେଳେ ଏହି ମେସିନ ଓ ହାଇୱା ମାଲିକ କିଏ ଏବଂ ସେମାନେ କାହା ନିର୍ଦ୍ଦେଶରେ ମାଟି ଖୋଳି କେଉଁ କାର୍ଯ୍ୟରେ ନେଇ ପକାଉଥିଲେ ତାହାର ତଦନ୍ତ ଆରମ୍ଭ କରିଛି ପୁଲିସ। ଦିନ ତମାମ ବାଲିଆ ରାଜସ୍ୱ ନିରୀକ୍ଷକ ଓ କିଛି ତହସିଲ କର୍ମଚାରୀ ମାଟି ଖୋଳାଯାଇଥିବା ଜାଗାରେ ପହଞ୍ଚି କେତେ ସେମି ମାଟି ଖୋଳାଯାଇ ଇଡ୍‌କୋ ଜମିରୁ ଚୋରି ହୋଇଛି ତାହାର ହିସାବ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାଟି ଚୋରି ଘଟଣାରେ ଜିଲ୍ଲା ପ୍ରଶାସନର ଶୂନ୍ୟ ସହନଶୀଳତା ଗତକାଲି ଦେଖିବାକୁ ମିଳିଥିବା ବେଳେ ଅନ୍ୟ ସବୁ ଗହୀରରେ ଚାଲିଥିବା ମାଟି ଚୋରି ଆଜି ଛାନିଆରେ ବନ୍ଦ ହୋଇଯାଇଛି। ଅନେକ ମାଟି ଚୋର ଗିରଫ ଭୟରେ ଏରିଆ ଛାଡ଼ି ପଳାୟନ କରିଥିବା ବେଳେ ଆଗକୁ ଗିରଫ ସଂଖ୍ୟା ବୃଦ୍ଧି ପାଇବ ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡିଛି। କିନ୍ତୁ ଇଡ୍‌କୋ ଜମିରୁ ମାଟି ଚୋରି ହେଉଥିବା ବେଳେ ଏଠି ସ୍ଥାନୀୟ ପ୍ରଶାସନ କରୁଥିଲା କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କାହା ସାହସରେ ଏହି ମାଟି ଚୋରମାନେ ନିର୍ଭୟରେ ମାଟି ଚୋରି କରି ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରୁଥିଲେ ଓ ଏମାନଙ୍କ ପଛରେ ଥିବା ମାଷ୍ଟର ମାଇଣ୍ଡ ନିକଟରେ ପ୍ରଶାସନ କେବେ ପହଞ୍ଚୁଛି ତାହା କେବଳ ଦେଖିବାକୁ ବାକି ରହିଲା।

# ନିର୍ଯାତିତ ବୃଦ୍ଧ ଦମ୍ପତିଙ୍କୁ ଭେଟିଲେ ସ୍ୱେଚ୍ଛାସେବୀ



ତିର୍ତ୍ତୋଲ,୧୫।୫(ସମିସ): ପାରିବାରିକ ନିର୍ଯାତନାର ଶିକାର ହୋଇ ତିର୍ତ୍ତୋଲ ବ୍ଲକର ଉକୁସାହି ଗ୍ରାମର କୃଷ୍ଣଚନ୍ଦ୍ର ବେହେରା (୮୫) ଓ ତାଙ୍କ ଧର୍ମପତ୍ନୀ ପାର୍ବତୀ ବେହେରା (୮୦) ନିଜ ଝିଅ ଘରେ ଅବସ୍ଥାନ କରୁଥିବା ବେଳେ ଆଜି ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ସେମାନଙ୍କୁ ଆଜି ଭେଟିଛନ୍ତି। ସୂଚନା ମୁତାବକ କୃଷ୍ଣଚନ୍ଦ୍ର ଓ ପାର୍ବତୀଙ୍କ ୩ ଝିଅ ପରେ ଏକମାତ୍ର ପୁଅ ପ୍ରଭାକର(୪୬)। ତେବେ ଅଭିଯୋଗ ଅନୁସାରେ ପୁଅ ବୋହୂଙ୍କ ଅକଥନୀୟ ଶାରୀରିକ ମାନସିକ ନିର୍ଯାତନା ଏବଂ ପୁଅର କଟୁରି ଚୋଟରେ ମାଆ ପାର୍ବତୀ ଏକ ପ୍ରକାର ମାନସିକ ଅସନ୍ତୁଳିତ ଅବସ୍ଥାରେ ରହିଛନ୍ତି। ୟା' ଭିତରେ କୃଷ୍ଣଚନ୍ଦ୍ରଙ୍କ ୨ଟି କିଡ୍‌ନୀ ୮୦ ପ୍ରତିଶତ ଅଚଳ ହୋଇଯାଇଛି। ଗୋଡ଼ ହାତ ଫୁଲି ଗଲାଣି। ତଥାପି ପୁଅ ବୋହୂ ପ୍ରତି ବାପା ମାଆଙ୍କ ଲୋଭ ଏଯାଏ ଯାଇନି। ବିଗତ ୩ ବର୍ଷ ହେଲାଣି ୩ଟି ଝିଅଙ୍କ ଘରେ ଭାଗ ବଣ୍ଟାରେ ଜୀବନ ବିତୁଛି ବାପା ମାଆଙ୍କର। ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଖବର ପାଇ ସେମାନଙ୍କ ପାଖରେ ପହଞ୍ଚିଥିଲେ। କୃଷ୍ଣଚନ୍ଦ୍ର ତାଙ୍କ ମାଧ୍ୟମରେ ଉପଜିଲ୍ଲାପାଳଙ୍କ ନିକଟରେ ନିଜର ସମସ୍ୟା ଉପସ୍ଥାପିତ କରିଥିଲେ। ଉପଜିଲ୍ଲାପାଳ ପୁଅକୁ ସଯତ୍ନରେ ବାପା ମାଆଙ୍କୁ ପାଖରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ ଏହାକୁ ରୋକଠୋକ୍ ଭାବରେ ମନା କରିବା ସହ ବାପା ମାଆଙ୍କର ମାସିକ ଚିକିତ୍ସା ଖର୍ଚ୍ଚ ୫୦୦୦ ଟଙ୍କା ପ୍ରଦାନ କରିବା ପାଇଁ ପରବର୍ତ୍ତୀ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ୩ ମାସ ମଧ୍ୟରେ ପୂରଣ କରି ପାରିନାହାନ୍ତି। ଆଜି ପୁଣି ଥରେ କୃଷ୍ଣଚନ୍ଦ୍ରଙ୍କ ଗୁହାରୀ ଆଧାରରେ ଶ୍ରୀମତୀ ଆଚାର୍ଯ୍ୟ, ବ୍ୟାସ ବିଷ୍ଣୁ ସ୍ନେହାଳୟର ସଭାପତି ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା, ସଂଗଠନର ସମର୍ପିତ ସଭ୍ୟ ସୂର୍ଯ୍ୟକାନ୍ତ ବେଉରା ପ୍ରମୁଖ କୃଷ୍ଣଚନ୍ଦ୍ର ରହୁଥିବା ଝିଅ ଘର ଗ୍ରାମ ଡଗରପଡାରେ ଉପସ୍ଥିତ ହୋଇ ତାଙ୍କୁ ଆଶ୍ୱାସନା ଦେବା ସହ ଏ ବିଷୟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଯୁବତୀଙ୍କୁ ଦୁଷ୍କର୍ମ ଓ ବ୍ଲାକ୍‌ମେଲିଂ ଅଭିଯୋଗ; ୨ ଭାଇ ଗିରଫ

ଜଗତସିଂହପୁର,୧୫।୫(ସମିସ): ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଦୁଷ୍କର୍ମ କରିବା ଏବଂ ତାଙ୍କର ଅଶ୍ଳୀଳ ଫଟୋ ଦେଖାଇ ବ୍ଲାକମେଲିଂ ଅଭିଯୋଗରେ ଜଗତସିଂହପୁର ପୁଲିସ ଦୁଇ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୁଇଜଣ ହେଲେ ଜଗତସିଂହପୁର ଥାନା ଅନ୍ତର୍ଗତ ଇଛାପୁର ଗ୍ରାମର ଜ୍ଞାନ ରଞ୍ଜନ ନାୟକ ଏବଂ ତାଙ୍କ ଭାଇ ବିଶ୍ୱ ରଞ୍ଜନ ନାୟକ। ଆଜି ସନ୍ଧ୍ୟାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ପୂରା ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ଏହି ସୂଚନା ଅନୁସାରେ ଇଛାପୁର ଗ୍ରାମର ଦୁଇଭାଇ ଜ୍ଞାନ ରଞ୍ଜନ ଏବଂ ବିଶ୍ୱରଞ୍ଜନ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଭଡ଼ାଘରେ ରହିବା ସହିତ ସାମାଜିକ ଗଣମାଧ୍ୟମ ଜରିଆରେ ଯୁବତୀମାନଙ୍କୁ ପ୍ରେମ ଜାଲରେ ଫସାଇବା ପରେ ଦୁଷ୍କର୍ମ ଏବଂ ବ୍ଲାକମେଲ କରି ବ୍ୟକ୍ତିଗତ ଫାଇଦା ହାସଲ କରିଥାନ୍ତି। ଏହିଭଳି ଠକାମୀର ଶୀକାର ହୋଇଥିବା ଜଣେ ଯୁବତୀ ଗତ ୧୪ ତାରିଖରେ ଜଗତସିଂହପୁର ଏସ୍‌ପିଙ୍କୁ ଭେଟି ସମସ୍ତ ବିଷୟରେ କହିବା ସହିତ ଲିଖିତ ଅଭିଯୋଗ କରିଥିଲେ। ଜଗତସିଂହପୁର ଥାନାରେ ଏକ ମାମଲା ରୁଜୁ ହେବାପରେ ପୋଲିସ ଦୁଇ ଅଭିଯୁକ୍ତ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୨୦୨୪ ମସିହାରେ ଜ୍ଞାନ ରଞ୍ଜନ ପ୍ରଥମେ ଉକ୍ତ ଯୁବତୀ ସହିତ ସାମାଜିକ ଗଣମାଧ୍ୟମ ଯୋଗେ ସମ୍ପର୍କ ସ୍ଥାପନ କରିଥିଲା। ସମ୍ପର୍କ ନିବିଡ଼ ହେବାପରେ ଯୁବତୀଙ୍କ ଅଜାଣତରେ କିଛି ଆପତ୍ତିଜନକ ଫଟୋ ଏବଂ ଭିଡିଓ କରିଥିଲା ଜ୍ଞାନରଞ୍ଜନ। ପରେ ଏହାକୁ ଦେଖାଇ ବ୍ଲାକମେଲିଂ କରିବା ସହିତ ସମାଧାନ ପାଇଁ ନିଜ ଭଡାଘରକୁ ଯୁବତୀଙ୍କୁ ଡକାଇଥିଲା ଜ୍ଞାନ। ଯୁବତୀ ପହଞ୍ଚିବା ପରେ ଜ୍ଞାନ ତାଙ୍କୁ ଦୁଷ୍କର୍ମ କରିଥିଲା।

ଏମିତି କିଛିଦିନ ଚାଲିବା ପରେ କଟକ ସିଡିଏ ସ୍ଥିତ ବିଶ୍ୱରଞ୍ଜନଙ୍କ ଭଡାଘରକୁ ଯୁବତୀଙ୍କୁ ଆଣି ବନ୍ଦୀ ଭାବରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲେ ଦୁଇଭାଇ। ତେବେ ୨୦୨୫ ମେ' ମାସରେ କୌଶଳ କ୍ରମେ ଯୁବତୀ ଜଣକ ସେଠାରୁ ଖସି ପଳାଇଆସି ପରିବାର ଲୋକଙ୍କୁ ସମସ୍ତ ବିଷୟ କହିଥିଲେ। କିନ୍ତୁ ଲୋକଲଜ୍ଜାକୁ ଡରି ପରିବାର ଲୋକେ ଚୁପ ରହିଥିଲେ। ପରେ ଯୁବତୀ ପାରାଦୀପର ଏକ କମ୍ପାନୀରେ ଚାକିରି କରିବା ସହିତ ଦୁଇଭାଇଙ୍କ ମୋବାଇଲ ନମ୍ବରକୁ ବ୍ଲକ କରି ଦେଇଥିଲେ। ତେବେ ଖବର ପାଇ ଅଭିଯୁକ୍ତ ସେଠାରେ ପହଞ୍ଚି ବ୍ଲାକମେଲ କରିବାରୁ ଗତ ଜାନୁଆରୀ ମାସରେ ଯୁବତୀ ଚାକିରି ଛାଡି ଘରକୁ ପଳାଇ ଆସିଥିଲେ। ଏହି ସମୟ ମଧ୍ୟରେ ଦୁଇଭାଇ ଉକ୍ତ ଯୁବତୀ ଏବଂ ତାଙ୍କ ଭଉଣୀ ଠାରୁ ପ୍ରାୟ ୨ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହାସତ୍ତ୍ୱେ ଅଭିଯୁକ୍ତମାନଙ୍କ ହରକତ ଜାରି ରହିବାରୁ ବାଧ୍ୟହୋଇ ପୁଲିସ ପାଖରେ ଯୁବତୀ ଅଭିଯୋଗ କରିଥିଲେ।

# ହାଟବଜାରରୁ ଅପହୃତ ୨ ନାବାଳକ ଉଦ୍ଧାର; ଜଣେ ଗିରଫ

ଜଗତସିଂହପୁର,୧୫।୫(ସମିସ): ଗତ ୧୦ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ହାଟବଜାର ନିକଟରୁ ଅପହୃତ ୨ ନାବାଳକଙ୍କୁ ପୁଲିସ ଉଦ୍ଧାର କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଲାଞ୍ଜିପାଲି ଅଞ୍ଚଳର ବଞ୍ଜାରା କାଜଲ ସିଂ ପ୍ରଥମେ ବାଲୁଗାଁରେ ରହୁଥିଲେ। ପ୍ରାୟ୨ ମାସ ତଳେ ଜଗତସିଂହପୁର ଆସି ସହରର ଶ୍ରୀକୃଷ୍ଣ ଏକାଡେମୀ ନିକଟରେ ରହିଥିଲେ। ତାଙ୍କ ପରିବାର ସହିତ ସେଠାରେ ରହୁଥିବା ରାଜା ସିଂ ତାଙ୍କୁ ଏକ ରୁପା ଜିନିଷ ଦେଇଥିଲେ। ପରେ ଏହାକୁ ଫେରାଇବା ପାଇଁ କହିବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ତେଣୁ କାଜଲ ଗତ ସପ୍ତାହରେ ହାଟ ବଜାର ନିକଟରେ ଯାଇ ରହିଥିଲେ। ଗତ ୧୦ ତାରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ କାଜଲ ସିଂଙ୍କ ୩ ବର୍ଷର ପୁଅ ଶୁଭ ସିଂ ଏବଂ ୭ ବର୍ଷର ଭାଇ ସିଙ୍ଘମ ସିଂ ଘର ବାହାରେ ଖେଳୁଥିବା ବେଳେ ରାଜା ଉଭୟଙ୍କୁ ଅପହରଣ କରି ବାଲୁଗାଁ ନେଇ ଯାଇଥିଲା। ଏପଟେ କାଜଲ ୧୧ ତାରିଖରେ ଘଟଣା ସମ୍ପର୍କରେ ଥାନାରେ ଏତଲା ଦେବାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶେଷରେ ବାଲୁଗାଁ ସ୍ଥିତ ମାମୁ ଭଣଜା ପାହାଡ ନିକଟ ଏକ ଘରୁ ୨ ନାବାଳକଙ୍କୁ ପୋଲିସ ଉଦ୍ଧାର କରିଥିଲା। ଅଭିଯୁକ୍ତ ରାଜା ସିଂ କୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି ବୋଲି ଏସପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି।

# ଅଳକା ଆଶ୍ରମରେ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ




ଜଗତସିଂହପୁର,୧୫।୫(ସମିସ): ଜାତୀୟ ଶିକ୍ଷାନୀତି ନିର୍ଦ୍ଦେଶନାମା ଅନୁଯାୟୀ ସ୍ନାତକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ଣ୍ଣସିପ୍ କର୍ଯ୍ୟକ୍ରମ ବାଧ୍ୟତାମୂଳକ କରାଯାଇଛି। ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ଓଡ଼ିଆ ଓ ଇତିହାସ ବିଭାଗର ଛାତ୍ରଛାତ୍ରୀ ଐତିହାସିକ ଅଳକା ଆଶ୍ରମକୁ ତାଙ୍କର କର୍ମସ୍ଥଳୀ ଭାବେ ଚୟନ କରି ଗବେଷଣା ଆରମ୍ଭ କରିଛନ୍ତି। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବା ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ ଅଳକା ଆଶ୍ରମ ସହିତ ଜଡ଼ିତ ହୋଇ କାର୍ଯ୍ୟ କରୁଥିଲେ। ସେହିପରି ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମକୁ ଏକ ବଳିଷ୍ଠ ଅବଦାନ ରଖିଥିବା ଅଳକା ଆଶ୍ରମ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ରହିଛି। ତେଣୁ ଏହି ଅନୁଷ୍ଠାନକୁ ଛାତ୍ରଛାତ୍ରୀ ତାଙ୍କର ଗବେଷଣା କେନ୍ଦ୍ର ଭାବେ ବାଛି ଥିବାରୁ ଆଶ୍ରମ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ୧୨୦ ଘଣ୍ଟା ପାଇଁ ପରିଚାଳିତ ହେବ। ଏହାକୁ ପରିଚାଳନା କରିବା ପାଇଁ ଅଳକା ଆଶ୍ରମ ତରଫରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଏହି କମିଟିରେ ଶିକ୍ଷାବିତ୍ ପ୍ରତାପ କୁମାର ଲେଙ୍କା, ଡ. ସୁରେନ୍ଦ୍ର ନାଥ ତ୍ରୀପାଠୀ, ସାନ୍ତନୁ କୁମାର ମିଶ୍ର, ସୁଭାଷ ଚନ୍ଦ୍ର ରାଉତ, ଡ. ନିରଞ୍ଜନ ବିଶ୍ୱାଳ, ଡ. ସିଦ୍ଧେଶ୍ୱର ପଣ୍ଡା, ଡ. ମୌସୁମୀ ପରିଡ଼ା, ରମା ରଞ୍ଜନ ସ୍ୱାଇଁ ପ୍ରମୁଖ ଅଟନ୍ତି। ଏହି ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମର ସଂଯୋଜକ ଦାୟିତ୍ୱ ଭଗବାନ ଦାଶ ନିର୍ବାହ କରୁଥିବା ବେଳେ ନିରୀକ୍ଷକ ଦାୟିତ୍ୱ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ ନିର୍ବାହ କରୁଛନ୍ତି। ଏହିପରି କାର୍ଯ୍ୟକ୍ରମ ଉତ୍ତର ପିଢ଼ିକୁ ଆମ ଐତିହ୍ୟ ଓ ପରମ୍ପରା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବାର ସୁଯୋଗ ସୃଷ୍ଟି କରିଥିବାରୁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, କଲେଜର ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ଓ କାର୍ଯ୍ୟରେ ସହଯୋଗ କରୁଥିବା ସମସ୍ତ ଶିକ୍ଷାବିତ୍‌ଙ୍କୁ ଅଳକା ଆଶ୍ରମ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ସସ୍ମିତା ଦାସ ହତ୍ୟାକାଣ୍ଡ ମାମଲା

# ପୁଲିସ୍ ହେପାଜତରେ ସୁପାରୀକିଲର

ଜଗତସିଂହପୁର,୧୫।୫(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ କାଠିଆପଡା ଗ୍ରାମର ସସ୍ମିତା ଦାସକୁ ହତ୍ୟା କରିଥିବା ସୁପାରୀ କିଲର ପୁଲିସ ହାତରେ ଧରା ପଡିଥିବା ସୂଚନା ମିଳିଛି। ତେବେ ବିଧିବଦ୍ଧ ଭାବେ ପୁଲିସ ଏ ସମ୍ପର୍କରେ ଘୋଷଣା କରିନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, କାଠିଆପଡାର ସସ୍ମିତା ଦାସଙ୍କ ନିର୍ବନ୍ଧର ଦୁଇ ଦିନ ପରେ ତାଙ୍କ ମୃତ ଶରୀର ପାକନପୁର ଓ୍ୟାର ହାଉସ ନିକଟସ୍ଥ ବିଲରୁ ଉଦ୍ଧାର ହୋଇଥିଲା। ଏହି ମାମଲାରେ ପୂର୍ବରୁ ସସ୍ମିତାଙ୍କ ପୁରୁଷ ବନ୍ଧୁ ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିସାରିଛି।

# ସମାଜସେବୀ ପ୍ରଣବ କୁମାରଙ୍କ ସ୍ମୃତି ସଭା



ବିରିଡ଼ି,୧୫।୫(ସମିସ): ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ୨୨ମୌଜା ଚାଷୀଖଣ୍ଡ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ତଥା ବିଶିଷ୍ଟ ସମାଜସେବୀ ପ୍ରଣବ କୁମାର ଦାସଙ୍କ ଏକାଦଶାହ ସ୍ମୃତି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସାନ ଭାଇ ଦିଲ୍ଲୀପ କୁମାର ଦାସଙ୍କ ସଂଯୋଜନାରେ ଏବଂ ସମାଜସେବୀ ଲିଙ୍ଗରାଜ ମଲ୍ଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାର ସାହିତ୍ୟ ଅନୁଷ୍ଠାନ ମୋଜୀବନ ପୂଜ୍ୟ ପୂଜା ସାହିତ୍ୟ ଓ ସଂସକୃତି ପରିଷଦର ସଭାପତି ନିକୁଞ୍ଜ ବିହାରୀ ଭଞ୍ଜ, ସମ୍ପାଦକ ବସନ୍ତ କୁମାର ବେହେରା, ବରିଷ୍ଠ ସଭ୍ୟ ଅରୁଣ କୁମାର ଦାସ, ସମାଜସେବୀ ଶ୍ୟାମସୁନ୍ଦର ପାଇକରାୟ, ନାରାୟଣ ଭୋଳ, ସରପଞ୍ଚ ଯୁଧିଷ୍ଠିର ବେହେରା, ସନ୍ତୋଷ ରାଉଳ, ସଂଗ୍ରାମ କେଶରୀ ଦାସ, ଜଗନ୍ନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଦାସ ବହୁଚର୍ଚ୍ଚିତ ଛବିରାଣୀ ହତ୍ୟାକାଣ୍ଡକୁ ଦୃଢ଼ ପ୍ରତିରୋଧ କରିବାର ମୁଖ୍ୟ ଥିଲେ। ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ୨୨ମୌଜାକୁ ଏକାଠି କରିବା ଓ କେତେକ ଆଗଧାଡିର ଯୁବକଙ୍କୁ ନେଇ ସ୍ୱର ଉତ୍ତୋଳନ କରିଥିଲେ। ଏଥିରେ ଆଧ୍ୟାପକ ଅଜୟ କୁମାର ସ୍ୱାଇଁ, ସମାଜସେବୀ ରଂଜିତ ପଟ୍ଟନାୟକ, ଭଉଣୀ ମମତା ରାୟ, ବବିତା ଦାସ, ନମିତା ଦାସ, ଭିଣୋଇ ସନ୍ତୋଷ ରାୟ, ଅଜୟ ମହାନ୍ତି ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ଜଗତସିଂହପୁର,୧୫।୫(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ଗଡ଼ରେ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଜଳ ନିଷ୍କାସନ ଡ୍ରେନେଜ ଓ ଇରିଗେସନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଅଘୋଷିତ ବିଦ୍ୟୁତ୍‌କାଟ ରୋକିବା, ସିଏଚ୍‌ସି, ପିଏଚ୍‌ସି ତଥା ମୁଖ୍ୟ ଚିକିତ୍ସାଳୟରେ ସାପ କାମୁଡ଼ା ଔଷଧ ସହ ଅନ୍ୟାନ୍ୟ ଆବଶ୍ୟକୀୟଔଷଧ ମହଜୁଦ ରଖିବାକୁ ସ୍ୱାଇଁ ପରାମର୍ଶ ଦେଇଥିଲେ। ହଳଦିପାଣି କ୍ରିକ୍‌କୁ ନଦୀରେ ମିଶାଇବା ପାଇଁ ଆର୍‌ଡି, ଆର୍‌ଆଣ୍ଡ ବି, ଆରଡବ୍ଲୁଏସଏସ ଏବଂ ଇରିଗେଶନ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜଗତସିଂପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଜିଲ୍ଲାରେ ଥିବା ଡ୍ରେନେଜ୍ ଗୁଡ଼ିକ ବର୍ଷା ଦିନ ପୂର୍ବରୁ ସଫା କରାଗଲେ ବନ୍ୟାଜଳ ଦ୍ୱାରା ଚାଷ ଜମି କ୍ଷତିଗ୍ରସ୍ତ ହେବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ବୀରବରପାଟଣା, ରମ୍ଭାଦେଇପୁର, ଗଳଧାରୀ ଏବଂ ଏରଡ଼ା ଠାରେ ନଦୀବନ୍ଧରୁ ଦୁର୍ବୃତ୍ତ ମାନେ ମାଟି ଓ ବାଲି ତାଡ଼ିନେଉଥିବାରୁ ନଦୀବନ୍ଧ ବିପଦ ସଂକୁଳ ରହୁଛି, ତାହାର ତୁରନ୍ତ ମରାମତି ଆବଶ୍ୟକ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାଇରିଆ ରୋଗୀଙ୍କ ପାଇଁ ବେଡ୍ ବଢ଼ାଇବାକୁ ସେ ପ୍ରସ୍ତାବ ଦେଇଥିଲେ। ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏଥିରେ ଯୋଗଦେଇ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଆଶ୍ରୟସ୍ଥଳୀ ଗୁଡିକ ଭାଙ୍ଗି ନୂତନ ଆଶ୍ରୟସ୍ଥଳୀ ଗଠନ କରିବା, କୁଜଙ୍ଗ , ବାଲିକୁଦା ଓ ନାଉଗାଁର ୧୧ଟି ଆଶ୍ରୟସ୍ଥଳୀ ନିମନ୍ତେ ଜାଗା ଚିହ୍ନଟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହୋଇପାରିନାହିଁ ବୋଲି ସୂଚନା ଦେଇଥିଲେ।

ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସ୍ୱାସ୍ଥ୍ୟସେବାର ବିଭିନ୍ନ ଦିଗ, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଡାକ୍ତର ମାନଙ୍କ ଉପସ୍ଥିତି ବିଷୟରେ ତଦାରଖ କରିବା ଓ ସାପ କାମୁଡା ଔଷଧ ମହଜୁଦ ରଖିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ। ପୂର୍ବରୁ ହୋଇଥିବା ନଦୀ ଓ କେନାଲ ବନ୍ଧ ଘାଇ ମରାମତି କରିବା, ବିପଦ ଥିବା ସ୍ଥାନ ଗୁଡିକରେ ବାଲିବସ୍ତା ମହଜୁଦ ରଖିବା, ଡ୍ରେନେଜ୍ ଗୁଡ଼ିକୁ ପରିଷ୍କାର ରଖିବା, ପାନୀୟ ଜଳ ଯୋଗାଣ, ନଳକୂପ ଗୁଡ଼ିକୁ ମରାମତି, ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ଚାଉଳ, ଚୁଡ଼ା, ଗୁଡ଼, କିରାସିନ ମହଜୁଦ ରଖିବା, ବେସରକାରୀ ବୋଟ ଗୁଡ଼ିକର ତାଲିକା ଓ ଫୋନ୍ ନମ୍ବର ରଖିବା, ପାୱାର ବୋଟ ଓ ଦେଶୀ ଡଙ୍ଗା ଗୁଡିକୁ କାର୍ଯ୍ୟକ୍ଷମ ରଖିବା, ବନ୍ୟା ସମୟରେ ପ୍ରତ୍ୟେକ ନଦୀର ଜଳସ୍ତର ମାପିବା, ପାଣିପାଗ ବିଭାଗ ଦ୍ୱାରା ଜାରି ହେଉଥିବା ସୂଚନା ଗୁଡ଼ିକୁ ପ୍ରସାରଣ କରିବା, ବନ୍ୟାଞ୍ଚଳରେ ୱେୟାରଲେସ ଷ୍ଟେସନ ସ୍ଥାପନ, କୃଷି ଓ ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ପରିମଳ, ପ୍ରାଣୀ ସମ୍ପଦ, ପୂର୍ତ୍ତ, ଗ୍ରାମ ଉନ୍ନୟନ ରାସ୍ତା ଗୁଡ଼ିକର ମରାମତି, ବିଦ୍ୟୁତ୍ ସରବରାହ, ଟେଲିଫୋନ ପୁନରୁଦ୍ଧାର, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନିତ କରିବା, ପଲିଥିନ ସିଟ ମହଜୁଦ ରଖିବା, ଅଗ୍ନିଶମ ବାହିନୀକୁ ସଜାଗ ରଖିବା ବାତ୍ୟା ବନ୍ୟା ଆଶ୍ରୟସ୍ଥଳୀରେ ଆବଶ୍ୟକୀୟ ଖାଦ୍ୟ, ପାନୀୟ, ଔଷଧ ରଖିବାର ବ୍ୟବସ୍ଥା କରିବା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା।

ଏଥିରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଡିଏଫ୍‌ଓ ରାଜନଗର ଭରଦ୍ୱାଜ ଗାଓଁକର, ଏସିଏଫ୍ କଟକ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ, ଡେପୁଟି କଲେକ୍ଟର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅନିଶା ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଗରାଇରେ ପାନୀୟ ଜଳ ସଂକଟ ଗୁରୁତର

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୧୫।୫ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଦିନକୁ ଦିନ ପାନୀୟ ଜଳ ସଂକଟ ଗୁରୁତର ରୂପ ଧାରଣ କରୁଛି। କାର୍ଯ୍ୟକ୍ଷମ ଥିବା ମେଗାପ ପାଇପ୍ ପାଣି ପ୍ରକଳ୍ପ ଅଧୀନରେ ୨୯ଟି ପଞ୍ଚାୟତର ଅନେକ ଗାଁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚି ପାରୁନଥିବା ବେଳେ ମେଗାପ ପ୍ରକଳ୍ପର କାର୍ଯ୍ୟ ବିଳମ୍ବିତ ହେଉଥିବାରୁ ବାକି ୧୯ଟି ପଞ୍ଚାୟତର ଲୋକେ ଭୟଙ୍କର ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୀବ୍ର ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଗ୍ରାମାଞ୍ଚଳରେ ପାନୀୟ ଜଳ ପାଇଁ ଲୋକଙ୍କ ଦୁର୍ଦ୍ଦଶା ଚିନ୍ତାଜନକ ସ୍ଥିତିରେ



## ତୁରନ୍ତ ଅର୍ଥ ମଞ୍ଜୁରି ଓ ନୂତନ ଜଳ ଉତ୍ସ ସ୍ଥାପନ ପାଇଁ ଦାବି କଲେ ବିଧାୟକ ଗୌତମବୁଦ୍ଧ

ପହଞ୍ଚିଛି। ଏହି ପରିସ୍ଥିତିକୁ ଗମ୍ଭୀରତାର ସହ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଭିନ୍ନ ପଞ୍ଚାୟତରେ ଜଳ ସଂକଟର ତୁରନ୍ତ ସମାଧାନ ପାଇଁ ଗତ ବର୍ଷ ଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ପାନୀୟଜଳ ବିଭାଗକୁ ୪୯ଟି ସ୍ଥାନରେ ଅତିରିକ୍ତ ଜଳ ଉତ୍ସ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ୩୮ଟି ନୂତନ ନଳକୂପ ଖନନ ପାଇଁ ମଧ୍ୟ ଚିଠି ଲେଖିଥିଲେ। ବେଳେ ବିଭାଗୀୟ ଯନ୍ତ୍ରୀମାନେ ପ୍ରସ୍ତାବିତ ସମସ୍ତ ସ୍ଥାନ ପରିଦର୍ଶନ କରି ଯାଞ୍ଚ କରିଥିଲେ ଏବଂ ପରବର୍ତ୍ତୀ ଅନୁମୋଦନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଥିଲେ। ମାତ୍ର ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପଗୁଡ଼ିକ ପାଇଁ ଅର୍ଥ ମଞ୍ଜୁର ହୋଇନଥିବାରୁ କାମ ଆରମ୍ଭ ହୋଇପାରୁନି। ଫଳରେ ଅନେକ ଗାଁରେ ଲୋକମାନେ ଦୂର ଦୂରାନ୍ତରୁ ପାଣି ଆଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏନେଇ ବିଧାୟକ ଶ୍ରୀ ଦାସ ଭୁବନେଶ୍ୱର ଠାରେ ଆଜି ପୁଣି ପାନୀୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜଙ୍କୁ ଭେଟି ଭୋଗରାଇ ବ୍ଲକର ବର୍ତ୍ତମାନ ଜଳ ସଂକଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି। ତୁରନ୍ତ ଅର୍ଥ ମଞ୍ଜୁର କରି ଅତିରିକ୍ତ ଜଳ ଉତ୍ସ ସ୍ଥାପନ ଓ ନଳକୂପ ଖନନ କାର୍ଯ୍ୟ ଆରମ୍ଭ କରିବାକୁ ସେ ଦୃଢ଼ ଦାବି ଜଣାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଆଗାମୀ ଦିନରେ ଜଳ ସଂକଟ ଆହୁରି ଭୟାବହ ରୂପ ନେଇପାରେ। ତେଣୁ ସରକାର ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ କାର୍ଯ୍ୟକାରୀ ପଦକ୍ଷେପ ନେବାକୁ ସାଧାରଣରେ ମଧ୍ୟ ଦାବି ଜୋର ଧରିଛି।

# ଏନଏମଏମଏସ ପରୀକ୍ଷାରେ ଦିବ୍ୟାଂଶୁଙ୍କ ସଫଳତା

ଚନ୍ଦନେଶ୍ୱର, ୧୫।୫ (ସମିସ) : ଅଷ୍ଟମ ଶ୍ରେଣୀ ଏନଏମଏମଏସ (ନ୍ୟାସନାଲ ମିନ୍ସ-କମ୍-ମେରିଟ୍ ସ୍କଲାରଶିପ୍) ପରୀକ୍ଷାରେ ଭୋଗରାଇ ଅଞ୍ଚଳର ମେଧାବୀ ଛାତ୍ର ଦିବ୍ୟାଂଶୁ ଜେନା ସଫଳତା ଅର୍ଜନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ଅଧୀନ ଭୋଳାନାଥ ବିଦ୍ୟାପୀଠ, ବାଡ଼ସରିଷାର ଛାତ୍ର ଅଟନ୍ତି। ଦିବ୍ୟାଂଶୁ ବାଡ଼ସରିଷା ଗାଁର ବିଷ୍ଣୁପଦ ଜେନା ଓ ଦେବଶ୍ରୀ ଜେନାଙ୍କ ପୁଅ। ପିଲାବେଳୁ ସେ ପଢ଼ାଶୁଣାରେ ବେଶ ମେଧାବୀ ଥିବା ସହ ବିଭିନ୍ନ ସାହିତ୍ୟିକ ଓ ବିଜ୍ଞାନମୂଳକ ପ୍ରତିଯୋଗିତାରେ ନିଜ ପ୍ରତିଭାର ପରିଚୟ ଦେଇଆସୁଛନ୍ତି। ପୂର୍ବରୁ କ୍ଲଷ୍ଟର ସ୍ତରୀୟ "ସୁରଭି' କାର୍ଯ୍ୟକ୍ରମ



ଓ ବିଜ୍ଞାନ ମେଳାରେ ମଧ୍ୟ ସେ ସଫଳତା ଅର୍ଜନ କରିଥିଲେ। ଦିବ୍ୟାଂଶୁଙ୍କ ଏହି କୃତିତ୍ୱରେ ଭୋଳାନାଥ ବିଦ୍ୟାପୀଠର ଖ୍ୟାତି ଆହୁରି ବୃଦ୍ଧି ପାଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହପାଠୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିବା ବେଳେ ପରିବାର ଓ ଅଞ୍ଚଳବାସୀ ମଧ୍ୟ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ୬ ବେଆଇନ ପଥର ବୋଝେଇ ଡମ୍ପର ଜବତ

ସୋର, ୧୫।୫ (ସମିସ): ସୋର ଥାନା ବାଗୁଡ଼ି ବଜାର ନିକଟରୁ ଖଣି ବିଭାଗ ତରଫରୁ ଚଢ଼ଉ କରି ୬ ଟି ବେଆଇନ ପଥର ବୋଝେଇ ଡମ୍ପର ଜବତ କରିଥିବା ବେଳେ ଡମ୍ପର ଚାଳକଙ୍କ ଅକ୍ତ୍ରୁଶରୁ ଖଣି ଅଧିକାରୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଗତକାଲି ବିଳମ୍ବିତ ରାତିରେ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ବିତ କୁମାର ମଣି ଅଚାନକ ଚଢ଼ାଉ କରିଥିଲେ। ଏକ ଡମ୍ପରକୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଏହାର ଚାଳକ ଖଣି ଅଧିକାରୀଙ୍କ ଗାଡିକୁ ସାଇଡ ମାରିଥିଲା।କିନ୍ତୁ ଖଣି ଅଧିକାରୀଙ୍କ ଗାଡି ଚାଳକଙ୍କ ଉପସ୍ଥିତ ବୁଦ୍ଧି କାରଣରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ। କିନ୍ତୁ ଖଣି ଅଧିକାରୀ ଗାଡି ଟିକୁ ଜବତ କରିଥିଲେ। ଖଣି ଅଧିକାରୀ ସମସ୍ତ ଗାଡିକୁ ଜବତ କରି ସୋର ଥାନାରେ ଜିମା ଦେଇଥିବା ଜଣାପଡିଛି।

# ବିଶିଷ୍ଟ ରୋଷେୟା ବୃନ୍ଦାବନ ସାହୁଙ୍କ ପରଲୋକ

ଜଳେଶ୍ୱର, ୧୫।୫ (ସମିସ): ଜଳେଶ୍ୱର ଅଞ୍ଚଳର ବିଶିଷ୍ଟ ରୋଷେୟା ବୃନ୍ଦାବନ ସାହୁଙ୍କ ପରଲୋକରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଜଳେଶ୍ୱର ମ୍ୟୁନିସିପାଲିଟିର ୭ନଂ ୱାର୍ଡ ଶାସନବାଡ ଗ୍ରାମର ବୃନ୍ଦାବନ ସାହୁ ଜଣେ ପ୍ରତିଷ୍ଠିତ




ରୋଷେୟା ଭାବେ ଉତ୍ତର ବାଲେଶ୍ୱର ତଥା ସୀମାନ୍ତ ପଶ୍ଚିମବଙ୍ଗ ଅଞ୍ଚଳରେ ବହୁତ ନାମ ରହିଥିଲା। ତା ସହିତ ସେ ଶାସନବାଡ ଗ୍ରାମର ସିଦ୍ଧେଶ୍ୱର କ୍ଲବର ପ୍ରତିଷ୍ଠାତା ସଦସ୍ୟ ସହିତ ସିଦ୍ଧେଶ୍ୱର ଗଣନାଟ୍ୟର ପ୍ରତିଷ୍ଠାତା ଥିଲେ। ସେ ଦୀର୍ଘଦିନଧରି ବାର୍ଦ୍ଧକ୍ୟ ଜନୀତ ରୋଗରେ ପଡିରହିଥିବା ବେଳେ ଗତକାଲି କଟକ ବଡ ମେଡିକାଲରେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କର ୭୫ବର୍ଷ ହୋଇଥିଲା। କଟକରୁ ମୃତ ଶରୀର ଗ୍ରାମକୁ ଆସିବା ପରେ ଗ୍ରାମର ମୁଖ୍ୟ ଅଜିତ କୁମାର ରାୟ, ଦୁର୍ଜୟ ପାଣିଗ୍ରାହୀ, ବନବିହାରୀ ପଟ୍ଟନାୟକ, ଅଶ୍ୱିନୀ ବେରା, ହରିହର ମହାପାତ୍ର, ସିଦ୍ଧେଶ୍ୱର କ୍ଲବର ସଭାପତି ସରୋଜ ପାଣିଗ୍ରାହୀ, ସମ୍ପାଦକ ସଂଜୟ ବେରା, ଗଣେଶ ସାହୁ, ବରେନ୍ଦ୍ର ଦାସ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିଥିବା ବେଳେ ସୁବର୍ଣ୍ଣରେଖା ନଦୀ କୂଳରେ ଅନ୍ତିମ ସଂସ୍କାର ସମୟରେ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କର ଏକ ମାତ୍ର ପୁତ୍ର ରବି ମୁଖାଗ୍ନି ଦେଇଥିଲେ।

# ଜେଲ୍ ଗଲେ କାଡା ଜେଇ

ଭଦ୍ରକ, ୧୫।୫(ସମିସ): ଭଦ୍ରକ କମାଣ୍ଡ ଏରିଆ ଡେଭଲପମେଣ୍ଟ (କାଡା) ଡିଭିଜନର ଜେଇ ଭାବେ କାର୍ଯ୍ୟରତ ବିଜୟ କୁମାର ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଗତକାଲି ଭିଜିଲାନ୍ସ ଚଢ଼ଉ ପରେ ଆଜି ତାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ଠୁଳ ପାଇଁ ବାଲେଶ୍ୱରର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଯାଇଛି। ଜେଇ ବିଜୟଙ୍କ ଘରେ ଭିଜିଲାନ୍ସ ରେଡ ପରେ ତାଙ୍କ ପାଖରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ସ୍ପଷ୍ଟ ହୋଇଥିଲା। ଯେଉଁଥିରେ ୨ଟି ବହୁମହଲା କୋଠା, ୭ଟି ମୂଲ୍ୟବାନ ପ୍ଲଟ୍, ନଗଦ ୧.୭୩ ଲକ୍ଷ ଟଙ୍କା, ସୁନା ୩୫୦ ଗ୍ରାମ, ଜମା ୧୯.୪୬ ଲକ୍ଷ ଟଙ୍କା ଆଦି ଅନ୍ତର୍ଭୁକ୍ତ।

# ଭଦ୍ରକ ରେଳଷ୍ଟେସନରୁ ବରିଷ୍ଠ ଯାତ୍ରୀ ନିଖୋଜ



ଭଦ୍ରକ, ୧୫।୫(ସମିସ): ଭଦ୍ରକ ରେଳଷ୍ଟେସନରୁ ଗତ ୨ ତାରିଖରୁ ଅର୍ଥାତ ୧୩ ଦିନ ତଳୁ ଜଣେ ଅଣଓଡ଼ିଆ ବରିଷ୍ଠ ଯାତ୍ରୀ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଜଣାଯାଇଛି। ନିଖୋଜ ବରିଷ୍ଠ ଯାତ୍ରୀ ଜଣଙ୍କ ହେଉଛନ୍ତି ବାଲାନ। ତାଙ୍କ ବୟସ ୭୦ ବର୍ଷ ହେବ। ତାଙ୍କ ଘର ତାମିଲନାଡୁ କାଲିଡାଇକୁଗୁଚ୍ଛି ଥାନା ଅଧୀନ କୁମାର କୋଭିଲ ଅଞ୍ଚଳରେ ବୋଲି ରେଳବାଇ ପୁଲିସ ସୂତ୍ରରୁ ଜଣାଯାଇଛି। ଏହି ନିଖୋଜ ହେବା ନେଇ ଭଦ୍ରକ ରେଳବାଇ ପୁଲିସ ଏକ ଏମଏମଆର(ମେନ୍ ମିସିଂ ରିପୋର୍ଟ) ନଂ-୨/୨୬ରୁଜୁ କରି ସଂପୃକ୍ତ ନିଖୋଜ ବରିଷ୍ଠ ନାଗରିକଙ୍କ ଫଟୋ ସହ ପୋଷ୍ଟର ମାରିଛି। କେହି ଯଦି ତାଙ୍କ ସନ୍ଧାନ ପାଆନ୍ତି ତେବେ ଭଦ୍ରକ ରେଳବାଇ ପୁଲିସକୁ ଯୋଗାଯୋଗ କରିବାକୁ କୁହଯାଇଛି।

# ଦୁର୍ଘଟଣାରେ ଯୁବକ ମୃତ

ରେମୁଣା,୧୫।୫ (ସମିସ): ଏକ ଟ୍ରକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଦିପହରେ ଶିଳ୍ପାଞ୍ଚଳ ଫାଣ୍ଡିର ଅଳ୍ପ ଦୂର ମାରୁତି ସୋ ରୁମ ସମ୍ମୁଖରେ ଏକ ଟ୍ରକ ଗୋଲେଇରୁ ବାରିପଦା ସର୍ଭିସ ରୋଡ଼ରେ ଯାଉଥିବାବେଳେ ସେହି ରାସ୍ତାର ଯାଉଥିବା ସରୋଜ କୁମାର ପଣ୍ଡା (୪୦)ଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମଙ୍ଗଳପୁର ପଞ୍ଚାୟତ ନୂଆଗାଁର ଜୟଦେବ ପଣ୍ଡାଙ୍କ ପୁଅ ସରୋଜ। ଖବର ପାଇ ପୁଲିସ ଟ୍ରକକୁ ଜବତ କରିବା ସହ ମୃତକଙ୍କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇଥିଲା । ବାପା ଜୟଦେବଙ୍କ ଏତଲା ମୁତାବକ ଫାଣ୍ଡି ଅଧିକାରୀ ଚରଣ ନାୟକ ମାମଲା ରୁଜୁ କରି ଶବକୁ ହସ୍ତାନ୍ତର କରିଛନ୍ତି ।

# ବର୍ଷିଆନ ସାମ୍ୟବାଦୀ ନେତ୍ରୀ ବାୟାଣୀ ନାୟକଙ୍କ ସ୍ମୃତିସଭା

ନୀଳଗିରି, ୧୫।୫ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଞ୍ଚଳ କମିଟି ତରଫରୁ ବର୍ଷିଆନ ସାମ୍ୟବାଦୀ ନେତ୍ରୀ ବାୟାଣୀ ନାୟକଙ୍କ ଉଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଶୋକ ସଭା ରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଭାଗ ନେଇ ପ୍ରକାଶ କଲେ କି ବାୟାଣୀ ନାୟକ ବ୍ରିଟିଶ ଶାସନ ଅଧିନସ୍ଥ ମୋଗଲ ବନ୍ଦୀ ଅଞ୍ଚଳ ରେ ଜନ୍ମ ଗ୍ରହଣ କରି ନୀଳଗିରି ଗଡଜାତ ରାଜ୍ୟ ରେ ଏକ ସର୍ବରକ୍ଷକାର ପରିବାର ରେ ବିବାହ କରିଥିଲେ। ସେ ଏକାଧାରରେ ସୁ ଗୃହିଣୀର କାର୍ଯ୍ୟ ତୁଲାଇବା ସହିତ ସମାଜ ସେବା କାର୍ଯ୍ୟରେ ଅଗ୍ରଣୀ ଭାବେ ନିଜକୁ ନିୟୋଜିତ କରିଥିଲେ । ବାମପନ୍ଥୀ ଚିନ୍ତାଧାରା ରେ ଅନୁପ୍ରାଣିତ ହୋଇ ସାମ୍ପ୍ରଦାୟିକ ଭିଡ଼ ହତ୍ୟା କୁ ବିରୋଧ କରି ପୁଲିସର ଆକ୍ରୋଶର ଶିକାର ହୋଇ ବିଚାର ବନ୍ଦୀ ଭାବରେ ୩ ମାସ ଧରି ନୀଳଗିରି ଜେଲ ରେ ରହିବା ଓ ଜେଲ ରୁ ବାହାରିବା ପରେ ନିଜେ ସମାଜ ସେବା ସହିତ ଜଡିତ ହେବା ସହିତ ନିଜର ପୁତ୍ର ଓ ପୁତ୍ରବଧୂ ମାନଙ୍କୁ ସେହି ମାର୍ଗ ଅବଲମ୍ବନ କରିବା ପାଇଁ ଉତ୍ସାହିତ କରିଥିଲେ । ସେହି ମହିୟସୀ ନାରୀ ଗତ ମେ ମାସ ୯ ତାରିଖ ୧୦୩ ବର୍ଷ ବୟସରେ ତାଙ୍କ ବାସଭବନ ଗୁହାଳିଆ ଗ୍ରାମ ରେ ହୃଦ ଯନ୍ତ୍ରଣା ଅନୁଭବ କରି ସ୍ୱର୍ଗଗାମୀ ହୋଇଥିଲେ । ତାଙ୍କର ଅମର ଆତ୍ମାର ସଦ୍ଗତି କାମନା କରି ଏକ ଶୋକ ସଭା ନୀଳଗିରିର ବନମାଳୀ ଭବନରେ ଅନୁଷ୍ଠିତ ହୋଇଥିଲା । ଏହି ଶୋକ ସଭା ରେ ସଭାପତିତ୍ୱ କରିଥିଲେ ୮୮ ବର୍ଷୀୟ ବୟୋଜ୍ୟେଷ୍ଠ ସାଥି ସୀତାରାମ ଦାସ। ଏହି ଶୋକ ସଭାରେ ଜୋନ ସମ୍ପାଦକ ବିଜୟ ସ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବରିଷ୍ଠ କମ୍ୟୁନିଷ୍ଟ ନେତା ବିକ୍ରମ କେଶରୀ ମିଶ୍ର, ରବୀନ୍ଦ୍ର ନାୟକ, ଆଦିବାସୀ ନେତା ଭାସ୍କର ଦାସ, ନାଗେନ୍ଦ୍ର ଦଳେଇ, ଲମ୍ବୋଦର ବେହେରା, ଚାଷୀ ନେତା ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ କର୍ମୀ ସମର୍ଥକ ଉପସ୍ଥିତ ଥିଲେ।

# ବନ୍ଧୁକ ଦେଖାଇ ଲୁଟିନେଲେ ଦୁର୍ବୃତ୍ତ

ସିମୁଳିଆ, ୧୫।୫ (ସମିସ): ସିମୁଳିଆ ଅଞ୍ଚଳରେ ଚୋରୀ ଡକାୟତି ଓ ହତ୍ୟା ବୃଦ୍ଧି ପାଉଥିବା ବେଳେ ଗତ ବୁଧବାର ସନ୍ଧ୍ୟା ସମୟରେ ଏକ ଘରେ ବଡ଼ ଧରଣର ଡକାୟତି ହୋଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ରଘୁନାଥପୁର ଗ୍ରାମର ସେକ ଗଜୁଦ୍ଦିନଙ୍କ ସ୍ତ୍ରୀ ସମି ବିବି ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ବୁଧବାର ସନ୍ଧ୍ୟା ସମୟରେ ପରିବାରର ପୁରୁଷ ଲୋକ ଘରେ କେହି ନ ଥିବା ସମୟରେ ଆଠରୁ ନଅ ଜଣ ମୁହଁରେ କଳାପଟି ପିନ୍ଧି ବନ୍ଧୁକ ଧରି ଘରକୁ ପ୍ରବେଶ କରିଥିଲେ। ସମିବିବି ଓ ଶାଶୁଙ୍କୁ ମାଡପିଟ କରି ମୋବାଇଲ ଛଡାଇ ନେଇଥିଲେ। ପରେ ବନ୍ଧୁକ ଦେଖାଇବାରୁ ଜୀବନ ବିକଳରେ ଘରେ ଥିବା ନିଜର ୩ଲକ୍ଷ ଟଙ୍କାର ଉଦ୍ଧ୍ୱର୍ ସୁନାଗହଣା ଦେଇ ଦେଇଥିଲେ। ସେହି ସମୟରେ ସ୍ୱାମୀ ସେକ ଗଜୁଦ୍ଦିନ ନମାଜ ପଢ଼ି ଘରକୁ ଫେରିଥିଲେ। ଘର ଫାଟକ ନିକଟରେ ଦୁର୍ବୃତ୍ତମାନେ ଘୋଷାଡି ଘୋଷାଡି ଘରକୁ ନେଇଯାଇଥିଲେ। ଟଙ୍କା ଦେବାକୁ କହି ବନ୍ଧୁକ ଦେଖାଇ ଆକ୍ରମଣ କରିଥିଲେ। ମାଡ଼ ମାରିବା ପରେ ଜୀବନ ବିକଳରେ ସେକ ଗଜୁଦ୍ଦିନ ବ୍ୟବସାୟ ଟଙ୍କା ୩ ଲକ୍ଷ ୨୦ହଜାର ଟଙ୍କା ଓ ଚିରି ଯାଇଥିବା ୪୦ହଜାର ଟଙ୍କା ନେଇଯାଇଥିଲେ। ଦୁର୍ବୃତ୍ତମାନେ ଚାଲିଯିବା ପରେ ଚିତ୍କାର କରିବାରୁ ଘଟଣା ସ୍ଥଳରେ ଲୋକେ ଆସିଯାଇଥିଲେ ମାତ୍ର ସେତେବେଳକୁ ଦୁର୍ବୃତ୍ତମାନେ ସବୁ ଲୁଟି ପଳେଇ ଯାଇଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାଯାଇଛି।

# ଦେଶୀ ମଦ ସହ ବାଇକ ଜବତ, ୩ ଗିରଫ

ଚନ୍ଦନେଶ୍ୱର, ୧୫।୫ (ସମିସ) : ଭୋଗରାଇ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଅଚାନକ ଚଢାଉ କରାଯାଇ ୧୧୬ ଲିଟର ଦେଶୀ ମଦ ସହ ଏକ ବାଇକ ଜବତ କରାଯାଇଛି। ଏହି ବେଆଇନ ମଦ କାରବାରରେ ସଂପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଭୋଗରାଇ ଅବକାରୀ ସବ୍-ଇନ୍ସପେକ୍ଟର ସୁନୀଲ କୁମାର ମାଝୀ ପ୍ରକାଶ କରିଛନ୍ତି। ଗୋଛିଦାତେଘରି ପଞ୍ଚାୟତ ଅଧୀନ କୃଷ୍ଣନଗର ଗାଁର ରାଜେନ୍ଦ୍ର ପଟ୍ଟାୟତଙ୍କ ପୁଅ ସଚ୍ଚିଦାନନ୍ଦ ପଟ୍ଟାୟତ(୨୨) ବାଇକରେ ଦେଶୀ ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ଚଢାଉ କରି ତାଙ୍କୁ ଧରିଥିଲା। ଏହି ସମୟରେ ବ୍ୟବହୃତ ବାଇକକୁ ମଧ୍ୟ ଜବତ କରାଯାଇଥିଲା। ସେହିପରି କୃଷ୍ଣନଗର ଗାଁର ସ୍ୱର୍ଗତ ବଂଶୀଧର ବେହେରାଙ୍କ ପତ୍ନୀ ସାବିତ୍ରୀ ବେହେରା(୪୦)ଙ୍କଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ନିମାତପୁର ପଞ୍ଚାୟତ ଅଧୀନ କୁଟିଳାଡାଙ୍ଗର ଗାଁର ସ୍ୱର୍ଗତ ଗିରିଶ ଚନ୍ଦ୍ର ଘଡାଇଙ୍କ ପୁଅ ତ୍ରିଲୋଚନ ଘଡାଇ(୩୪)ଙ୍କ ଠାରୁ ମଧ୍ୟ ୨୧ ଲିଟର ଦେଶୀ ମଦ ଜବତ ହୋଇଥିଲା। ଅବକାରୀ ବିଭାଗର ଏହି ଚଢାଉରେ ଅବକାରୀ ଏଏସଆଇ ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ସହ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

# ପଶ୍ଚିମବଙ୍ଗକୁ ଚାଲାଣ ବେଳେ ଗୋରୁ ଉଦ୍ଧାର

ଜଳେଶ୍ୱର, ୧୫।୫ (ସମିସ): ପଶ୍ଚିମବଙ୍ଗକୁ ଗୋ-ଚାଲାଣ ବେଳେ ଜଳେଶ୍ୱର ନିକଟ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରୁ ଜଳେଶ୍ୱର ଅଂଚଳର ଗୋ-ରକ୍ଷକ ମାନଙ୍କ ଦ୍ୱାରା ଏକ ପିକଅପ ଭ୍ୟାନ ଜବତ କରିବା ସହିତ ଗୋରୁ ଗୁଡିକୁ ଉଦ୍ଧାର କରାଯାଇଛି। ଉଦ୍ଧାର ଗୋରୁ ଗୁଡିକୁ ଶାନ୍ତିଆ ଷ୍ଟାଡିୟମ ମଧ୍ୟରେ ରଖାଯାଇଥିବା ବେଳେ ପିକଅପ ଭ୍ୟାନଟିକୁ ମଧ୍ୟ ଜବତ କରିଛନ୍ତି। ଜବତ ପିକଅପ ଭ୍ୟାନର ନମ୍ବର ଓଡି-୨୨ବି-୭୫୯୦ ଅଟେ। ପଶ୍ଚିମବଙ୍ଗକୁ ଗୋ-ଚାଲାଣ ବନ୍ଦ ହେବାର ନା ଧରୁନାହିଁ। ପ୍ରତିଦିନ ପାର୍ଶଲ ଭ୍ୟାନ, କାର, ପିକଅପ ଭ୍ୟାନ, କଣ୍ଟେନର ଇତ୍ୟାଦି ଗାଡିରେ ବିଭିନ୍ନ ଉପାୟରେ ପଶ୍ଚିମବଙ୍ଗକୁ ଗୋ-ଚାଲାଣ ଲାଗିରହିଛି। ଗୋ ରକ୍ଷକ, ବିଜେପି ଯୁବକ ମାନେ ବିଭିନ୍ନ ସୂତ୍ରରୁ ଖବର ପାଇଁ ଏହି ଗୋଚାଲାଣ ଗାଡି ଗୁଡିକୁ ବହୁ ସମୟରେ ଧରି ଗୋ ଉଦ୍ଧାର କରି ପୋଲିସର ଜିମା ଦେବା ସହିତ ଗୋଶାଳାକୁ ପଠାଉ ଥିଲେ ମଧ୍ୟ ଗୋ ଚାଲାଣ ବନ୍ଦ ହେଉନାହିଁ। ପଶ୍ଚିମବଙ୍ଗରେ ବିଜେପି ସରକାର ଆସିଥିଲେ ମଧ୍ୟ ବିଭିନ୍ନ ଉପାୟରେ ଗୋ-ଚାଲାଣ ଲାଗି ରହିଛି। ପୋଲିସ ଓ ପ୍ରଶାସନ ସବୁ ଜାଣି ଚୁପ ରହିଛି।

# ଶିକ୍ଷକ ସଂଘ (ଓଷ୍ଟା) ତରଫରୁ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୧୫।୫ (ସମିସ): ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜଳେଶ୍ୱର ଓ ରାଇବଣିଆ ମଣ୍ଡଳ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ଚଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପିଏମଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଓଷ୍ଟା ଜଳେଶ୍ୱରର ସଭାପତି ସୁକୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟ ବକ୍ତା ଭାବେ ବିଇଓ ଜଗବନ୍ଧୁ ଜେନା, ବରେଣ୍ୟ ଅତିଥି ଭାବେ ଏବିଇଓ ତଥା ବିଆରସିସି ସୁଶାନ୍ତ କୁମାର ଜେନା, ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଭବିଷ୍ୟତ ଉନ୍ନତି କାମନା କରିଥିଲେ। ସଭା ପ୍ରାରମ୍ଭରେ ପ୍ରାରମ୍ଭିକ ଅଭିଭାଷଣ ଓଷ୍ଟା ଜଳେଶ୍ୱର ସମ୍ପାଦକ ହରେକୃଷ୍ଣ ଜେନା ପ୍ରଦାନ କରିଥିବା ବେଳେ ଉପସଭାପତି ସରୋଜ କୁମାର ପାଣିଗ୍ରାହୀ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ ତଥା ମଂଚ ପରିଚାଳନା କରିଥିଲେ। ଜଳେଶ୍ୱର ବ୍ଲକରେ ଏ୧ ଗ୍ରେଡରେ ଉତ୍ତିର୍ଣ୍ଣ ହୋଇଥିବା ୧୮ଜଣ ଛାତ୍ର ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତୋରୀୟ ତଥା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଛାତ୍ର ଛାତ୍ରୀମାନଙ୍କର ଅଭିଭାବକ ତଥା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ରାଇବଣିଆ ଓଷ୍ଟା ସମ୍ପାଦକ ହରମୋହନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକ୍ସିସ୍ ବ୍ୟାଙ୍କ ମନୋମୁଖୀ ନିଷ୍ପତ୍ତି ବିରୋଧରେ ଅଦାଲତଙ୍କ ସ୍ଥଗିତାଦେଶ

ଭଦ୍ରକ,୧୫।୫(ସମିସ): ଏକ୍ସିସ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଓଡ଼ିଆ କର୍ମଚାରୀ ମାରଣ ନୀତି ବିରୋଧରେ ଅଦାଲତ ରହିତାଦେଶ ଦେଇଛନ୍ତି। କିଛି ବର୍ଷ ହେଲା ଏକ୍ସିସ୍ ବ୍ୟାଙ୍କ କର୍ତ୍ତୃପକ୍ଷ ବରିଷ୍ଠ ଓଡ଼ିଆ ଅଧିକାରୀଙ୍କ ଉପରେ ବିନା କୌଣସି କାରଣରେ ସ୍ୱେଚ୍ଛାକୃତ ଅବସର ଯୋଜନାକୁ ଲଦି ଦେବା ପାଇଁ ଚେଷ୍ଟା ଚଳାଇ ଆସୁଛନ୍ତି। ଯେଉଁମାନେ ଏହି ଯୋଜନାକୁ ବିରୋଧ କରୁଛନ୍ତି, ସେମାନଙ୍କୁ ପ୍ରଦର୍ଶନ ଖରାପ ଦର୍ଶାଇ ଚାକିରିରୁ ବହିଷ୍କାର କରିବାର ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାନୁଯାୟୀ, ଏକ୍ସିସ୍ ବ୍ୟାଙ୍କର ଭଦ୍ରକ କ୍ଲଷ୍ଟର ହେଡ ତଥା ବ୍ୟାଙ୍କ୍‌ର ଉପସଭାପତି ଭାବେ ବ୍ରଜକିଶୋର ମିଶ୍ର ଗତ ୧ ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି। ଶ୍ରୀ ମିଶ୍ର ଗତ ୨୦ ବର୍ଷ ଧରି ଏକ୍ସିସ୍ ବ୍ୟାଙ୍କରେ କାର୍ଯ୍ୟ କରୁଛନ୍ତି। ବିନା ପ୍ରାକ୍ ସୂଚନାରେ, ବ୍ୟାଙ୍କ୍ କର୍ତ୍ତୃପକ୍ଷ ୧୫ ଦିନ ତଳେ, ଶ୍ରୀ ମିଶ୍ରଙ୍କୁ ଭୁବନେଶ୍ୱର ଅଫିସ୍‌କୁ ଡକାଇ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ବାଧ୍ୟ କରିଥିଲେ। ସେ ଅବସର ପାଇଁ ମନା କରିବାରୁ ତାଙ୍କର ବାର୍ଷିକ ପ୍ରଦର୍ଶନ ମାପଦଣ୍ଡ(ପିଏମ୍ଏସ)କୁ ଖରାପ କରାଯାଇ ଚାକିରିରୁ ବହିଷ୍କାର କରିବା ପାଇଁ ଯୋଜନା କରିଥିଲେ। କିନ୍ତୁ ଶ୍ରୀ ମିଶ୍ର ଏହା ବିରୋଧରେ ସ୍ଥାନୀୟ ମୁନସଫ ଅଦାଲତର ଆଶ୍ରୟ ନେଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶ୍ରୀ ମିଶ୍ରଙ୍କୁ କାର୍ଯ୍ୟାନ୍ତର ନକରିବା ଓ ଭଦ୍ରକ କ୍ଲଷ୍ଟର ହେଡ ଭାବେ ପୂର୍ବଭଳି କାର୍ଯ୍ୟ କରିବାପାଇଁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବ୍ୟାଙ୍କର ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ଅଦାଲତଙ୍କ ଏହି ଆଦେଶକୁ କର୍ମଚାରୀ ମହଲରେ ସ୍ୱାଗତ କରାଯାଇଛି। ବ୍ୟାଙ୍କ୍‌ର ଜୋନାଲ ମୁଖ୍ୟ ଭାବେ ସୌରଭ ଦତ ଯୋଗ ଦେବା ପରଠାରୁ, ଏହି ଓଡ଼ିଆ ମାରଣ ନୀତି ଜୋରଦାର ଆରମ୍ଭ ହୋଇଲଏଛକ ଅଭିଯୋଗ ହୋଇଛି; ଯାହାକୁ ନେଇ ବିଭିନ୍ନ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ମଧ୍ୟରେ, ବ୍ୟାଙ୍କ ୬ ଜଣ ବରିଷ୍ଠ ଓଡ଼ିଆ ଅଧିକାରୀଙ୍କୁ ଏହି ସ୍ୱେଚ୍ଛାକୃତ ଅବସର ଯୋଜନାମାଧ୍ୟମରେକାର୍ଯ୍ୟାନ୍ତରକରାଯାଇଛି, ଯେଉଁଥିରେ ବ୍ୟାଙ୍କର ୨ ଓଡ଼ିଆ ସର୍କଲ ହେଡ ମଧ୍ୟଅଛନ୍ତି। ସେମାନଙ୍କ ସ୍ଥାନରେ ପଞ୍ଜାବର୨ ଜଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ବ୍ୟାଙ୍କ୍ ଉଚ୍ଚ କର୍ତ୍ତୃପକ୍ଷ, ତୁରନ୍ତ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

# ମରାମତି ହେଲା ବିଷ୍ଣୁପୁର ବାଇପାସ୍ ରାସ୍ତା



ବାରିକପୁର, ୧୫।୫ (ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଛକଠାରେ ଜାତୀୟ ରାଜପଥ ସଂଯୁକ୍ତ ଅତିରିକ୍ତ ସଂଯୋଗୀକରଣ ରାସ୍ତାଟି ଅନେକ ଦିନ ଧରି ମରାମତି ନହୋଇ ପଡ଼ି ରହିଥିଲା। ଫଳରେ ବିଷ୍ଣୁପୁର ଗ୍ରାମ ସମେତ ଆଖପାଖର ଲୋକେ ଏହି ପଥକୁ ଅତିକ୍ରମ କରି ଜାତୀୟ ରାଜପଥକୁ ଯିବାପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ ଓ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେବାପରେ ଗତ ଅପ୍ରେଲ ୨୫ତାରିଖ ଦୈନିକ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ପ୍ରଶାସନିକ ସ୍ତରରେ ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ରାସ୍ତା ମରାମତି ପାଇଁ ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଦେଶ ମୁତାବକ ଇତିମଧ୍ୟରେ ବାଇପାସ୍ ରାସ୍ତାଟି ମରାମତି ହୋଇଛି। ଏବେ ସ୍ଥାନୀୟ ଲୋକ ମାନଙ୍କ ପାଇଁ ଦୈନନ୍ଦିନ ଯାତାୟାତ ସୁଗମ ହୋଇଛି।

# ଐତିହ୍ୟସମ୍ପନ୍ନ ପୌରାଣିକ ପୀଠ 'ସାବିତ୍ରୀ ଆଡ଼ି' ଚଳଚଞ୍ଚଳ

ବନ୍ତ/ଆଗରପଡ଼ା,୧୫।୫(ସମିସ)

ଆମ ରାଜ୍ୟର କଳା ଓ ସଂସ୍କୃତି ସାରା ଭାରତ ବର୍ଷରେ ସ୍ୱତନ୍ତ୍ର। ପ୍ରତ୍ୟେକ ଜିଲ୍ଲାରେ ଅନେକ ପୀଠ ଅଛି ଯାହା ଆମ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେଥି ମଧ୍ୟରୁ ଭଦ୍ରକ ଜିଲ୍ଲା ଅନ୍ୟତମ। ଏହି ଜିଲ୍ଲା ବହୁ ଐତିହ୍ୟସମ୍ପନ୍ନ ପୀଠର ବାର୍ତ୍ତା ଓ କାହାଣୀକୁ ନିଜ କୋଳରେ ଧରି ଗର୍ବ ଅନୁଭବ କରିବା ସହ ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ସେହି ପୀଠମାନଙ୍କ ମଧ୍ୟରୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୋଟା ସାହିସ୍ଥିତ 'ସାବିତ୍ରୀ ଆଡ଼ି' ବା 'ସାବିତ୍ରୀ ପୀଠ' ଅନ୍ୟତମ। ହଜାର ହଜାର ବିବାହିତା ମହିଳାଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ଏହି ସାବିତ୍ରୀ ଆଡ଼ି।

ଭଦ୍ରକ ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥର ଟିଲୋ ଗ୍ରେନ୍ ଗୋଲାଛକଠାରୁ ଜାମ୍ବବଣି ଛକକୁ ସଂଯୋଗ କରୁଥିବା ରାସ୍ତାରେ ପାଖାପାଖି ୪ କି.ମି. ଗଲେ ରାସ୍ତାର ବାମ ପଟେ ପବିତ୍ର ସାବିତ୍ରୀ ଆଡ଼ି ପୀଠ ପଡ଼ିଥାଏ। ପୀଠଟିର ଚତୁଃପାଶ୍ୱର୍ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବା ବେଳେ, ଉତ୍ତର ପାଶ୍ୱର୍ରେ ସରୁ ସାଗର ନଦୀ ପ୍ରବାହିତ। ପୂର୍ବ ପାଶ୍ୱର୍ରେ ମାତାଙ୍କୁ ଠାବ କରିଥିବା ପୁହାଣ ପରିବାରର ବାସସ୍ଥାନ। ଏହି ପୀଠରେ ମା' ସାବିତ୍ରୀ ଓ ତାଙ୍କ କୋଳରେ ଶୟନାବସ୍ଥାରେ ଥିବା ସ୍ୱାମୀ ସତ୍ୟବାନଙ୍କର କଳା ମୁଗୁନି ପଥରର ମୂର୍ତ୍ତି ସହ ମା' ଦଶ ଭୂଜା ବନ ଦୁର୍ଗାଙ୍କ ମୂର୍ତ୍ତି ମଧ୍ୟ ପୂଜା ପାଆନ୍ତି। ଏହି ମୂର୍ତ୍ତିଗୁଡ଼ିକ ବହୁ ପୁରାତନ ହୋଇଥିଲେ ମଧ୍ୟ ଏହାର ଉପତ୍ତି ସମ୍ବନ୍ଧରେ କୌଣସି ସଠିକ ପ୍ରମାଣ ଆଜି ପର୍ଯ୍ୟନ୍ତ ମିଳପାରିନାହିଁ। ଜନଶୃତି କହେ ଯେ ଏହି ଗ୍ରାମର ହରିହର ପୁହାଣଙ୍କ ବାପା ଭାଗୀରଥି ପୁହାଣ ଏହି ମୂର୍ତ୍ତିଗୁଡ଼ିକୁ ଠାବ କରିଥିଲେ। ଏହି କଥା ପ୍ର.ରିତ ହେବା ପରେ ମିଳିଥିବା ୩ଟି ମୂର୍ତ୍ତିକୁ ପୂଜା କରାଯାଉଥିଲା। ସେହି ମୂର୍ତ୍ତିରେ ଅନନ୍ତ ମାଧବ ମୂର୍ତ୍ତି ମଧ୍ୟ ରହିଥିଲା। ୧୫୫୦ ମସିହା ପୂର୍ବରୁ ଆଗରପଡ଼ାଠାରୁ ୧୨କି.ମି. ଦୂରବର୍ତ୍ତୀ ପୂର୍ବଦକ୍ଷିଣ କୋଣରେ ଅବସ୍ଥିତ ତୋଟା ସାହିର ଠାକୁର ଗଡିଆଠାରେ ଶ୍ରୀଜୀଉଙ୍କ ପୀଠ ପ୍ରତିଷ୍ଠିତ। ଏକଦା ଉକ୍ତ ପୀଠର ଉତ୍ତର ଦିଗରେ ୬ କି.ମି. ଦୂରବର୍ତ୍ତୀ କୋଢିଆମାଳ ଗ୍ରାମର ଜଣେ ତନ୍ତିଆଣୀ ବୁଢି ସେହି ପୀଠ ଦେଇ ପଶ୍ଚିମ ଦିଗରେ ଥିବା ରାମଚନ୍ଦ୍ରପୁର ହାଟକୁ ଲୁଗା ବିକ୍ରି କରିବା ପାଇଁ ଯାଆନ୍ତି, କିନ୍ତୁ କୌଣସି ଏକ ଦିନ ବୁଢିର ଲୁଗା ବିକ୍ରି ନହେବାରୁ ସେ ନିରାଶ ହୋଇ ଘରକୁ ଫେରିବା ସହ ପରିବାର ପ୍ରତିପୋଷଣକୁ





ନେଇ ଭାରାକ୍ରାନ୍ତ ହେଲା। ପୂର୍ବରୁ ଠାକୁର ଗଢିଆ ଠାରେ ଥିବା ଶ୍ରୀ ଜିଉଙ୍କ ଅଲୌକିକ ଶକ୍ତି ବିଷୟରେ ଜାଣି ଥିବାରୁ ବୁଢିଟି ଶ୍ରୀ ଜିଉଙ୍କୁ ଧ୍ୟାନ କରି ତାଙ୍କ ଠାରେ ମାନସିକ କରେ ଯେ ତାର ସବୁ ଲୁଗା ବିକ୍ରି ହୋଇଗଲେ ସେ ଠାକୁରଙ୍କ ପାଖରେ ମୁଢି ମୁଆଁ ଭୋଗ ଲଗାଇବା ସହ ପ୍ରତ୍ୟେହ ସଂଧ୍ୟାରେ ସଂଜ ଦୀପ ଜାଳିବ। ବୁଢୀଟିର ମନସ୍କାମନା ପୂର୍ଣ୍ଣ ହୋଇଥିଲା। ଏହି ଖବର .ରିଆଡ଼େ ବ୍ୟାପିବା ସହ ଆଗରପଡ଼ାର ତତ୍କାଳିନ ମାହାଲ ରାଜବଂଶର ରାଜା ଯଶୋବନ୍ତ ସିଂହଙ୍କଠାରେ ପହଞ୍ଚିଥିଲା। ରାଜା ଅଧାର୍ମିକ ଚେତନାଧାରି ହୋଇଥିବାରୁ ତହିଁପର ଦିନ ହାତୀରେ ବସି ମନ୍ତ୍ରୀ, ସୈନ୍ୟସାମନ୍ତ ନେଇ ଠାକୁର ଗଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ପହ ହାତୀ ସାହାଯ୍ୟରେ ଶ୍ରୀଜୀଉଙ୍କୁ ମାଟିରୁ ଉଠାଇବାପାଇଁ ମାହୁନ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପାଇ ମାହୁନ୍ତ ଶ୍ରୀଜୀଉଙ୍କୁ ମାଟିରୁ ଉଠାଇବାକୁ ଅଗ୍ରସର ହେଉଥିବାବେଳେ ମାଟି ତଳୁ ଏକ ଭୟଙ୍କର ଗର୍ଜନ ବାହାରିବାର ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ପ୍ରଭୁଙ୍କ ନିର୍ଦ୍ଦେଶାନୁସାରେ

## ବିବାହିତା ମହିଳାଙ୍କ ଆଶା ଓ ବିଶ୍ୱାସର ପ୍ରତୀକ

ରାଜା କୋଢିଆମାଳ ଗ୍ରାମର ତନ୍ତିଆଣୀ ବୁଢି ସାହାଯ୍ୟରେ ଶ୍ରୀଜୀଉଙ୍କ ସହ ଅନ୍ୟ ମୂର୍ତ୍ତିଙ୍କୁ ଆଗରପଡ଼ାକୁ ଆଣି ପୂଜା ପାଠ କରିଥିଲେ। ଅନନ୍ତ ମାଧବଙ୍କ ନିର୍ଦ୍ଦେଶାନୁସାରେ ଅନ୍ୟ ୨ ବିଗ୍ରହଙ୍କୁ ମୂଳ ସ୍ଥାନକୁ ଫେରାଇ ଅଣାଯାଇଥିଲା। ସେହିଦିନଠାରୁ ଉକ୍ତ ପୀଠ ସାବିତ୍ରୀ ଆଡ଼ି ନାମରେ ଖ୍ୟାତ ଅର୍ଜନ କରିଥିଲା। ଗ୍ରାମବାସୀ ଖାଲି ସ୍ଥାନରେ ପୂଜା ପାଉଥିବା ମୂର୍ତ୍ତିଙ୍କ ନିମିତ ଏକ ମନ୍ଦିର ନିର୍ମାଣ କରିଥିଲେ। ସାବିତ୍ରୀ ପୂଜା ଦିନ ପୁହାଣ ପରିବାରର ମହିଳାମାନେ ସେଠାରେ ପୂଜାର୍ଚ୍ଚନା କରିବା ସହ ଭୋଗ ଲାଗି ଆଦି କରାଇଥାନ୍ତି। ସାଂସଦଙ୍କ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଇ ଏକ କମ୍ୟୁନିଟି ସେଣ୍ଟର

## ଆଜି ସାବିତ୍ରୀ ବ୍ରତ

ଏଠାରେ ନିର୍ମିତ ହୋଇଛି। ଏଠାରେ ହେଉଥିବା ବାର୍ଷିକ ପୂଜାର୍ଚ୍ଚନା ତୋଟା ସାହି ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। କିନ୍ତୁ ସାବିତ୍ରୀ ବ୍ରତ ଦିନ ଓଡ଼ିଶାର କୋଣ ଅନୁକୋଣରୁ ଭକ୍ତମାନଙ୍କ ସମାଗମ ହୋଇଥାଏ। ଉଠା ଦୋକାନିମାନଙ୍କର ପ୍ରବଳ ଭିଡ଼ ମଧ୍ୟ ଲାଗିଥାଏ। ଓଡ଼ିଶାରେ ଏହି ପୀଠଟି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ମଧ୍ୟ ଏହାର କୌଣସି ନିୟମିତ ଆୟ ନଥିବାରୁ ଗ୍ରାମବାସୀଙ୍କ ସହାୟତା ଓ ହୁଣ୍ଡିରୁ ଆୟୋଜିତ ଅର୍ଥରୁ ମେଳା ଆୟୋଜିତ ଖର୍ଚ୍ଚ ତୁଲାଇବା କଷ୍ଟସାଧ ହୋଇଥାଏ। ପ୍ରସିଦ୍ଧ ଲାଭ କରିଥିବା ଏହି ମେଳା ପାଇଁ ଏଠାରେ କୌଣସି ଭିତ୍ତିଭୂମି ନଥିବା ବେଳେ ଏଠାରେ ଯାତ୍ରୀ ବିଶ୍ରାମାଗାର, ଶୌ÷ଚାଳୟ ଆଦିର ବ୍ୟବସ୍ଥା କରାଯିବା ସହ ଅଧପନ୍ତରିଆ କଲ୍ୟାଣମଣ୍ଡପ ଓ ପୀଠଟିର ଉନ୍ନୟନ ମୂଳକ କାର୍ଯ୍ୟ (ଅସମ୍ପୂର୍ଣ୍ଣ) ସମ୍ପୂର୍ଣ୍ଣ କରାଯାଇ ପାରିଲେ ପୀଠଟି ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦାଙ୍କ ସହ ବୁଦ୍ଧିଜୀବୀ ଦାବି କରିଛନ୍ତି।

**କୋମନା ବ୍ଲକ୍‌ରେ ଶିଶୁ ସୁରକ୍ଷା ଯୋଜନା ବାଟବଣା**

# ପ୍ରଧାନମନ୍ତ୍ରୀ ଆବାସ ଘରେ ଅଙ୍ଗନବାଡ଼ି କେନ୍ଦ୍ର

ନୂଆପଡ଼ା/କୋମନା,୧୫।୫(ସମିସ)



ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ଶିଶୁ ସୁରକ୍ଷା ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଏହି ବ୍ଲକ୍ ଅଧୀନ ଲର୍କି ଗ୍ରାମରେ ଦୀର୍ଘଦିନ ହେବ ସ୍ଥାୟୀ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇପାରି ନ ଥିବାରୁ ଏକ ପ୍ରଧାନମନ୍ତ୍ରୀ ଆବାସ ଘରେ ଚାଲିଥିବା ଭଳି ଘଟଣା ବିଭାଗୀୟ ଅବହେଳାକୁ ପଦାରେ ପକାଇଦେଇଛି। ଗାଁର ୨ ନମ୍ବର ୱାର୍ଡରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ଦୁରାବସ୍ଥା ଆଜି ସମଗ୍ର ଗ୍ରାମବାସୀଙ୍କ ପାଇଁ ଗଭୀର ଚିନ୍ତା ଓ ଦୁଃଖର ବିଷୟ ହୋଇପଡ଼ିଛି। ଯେଉଁ ଅଙ୍ଗନବାଡ଼ି କେନ୍ଦ୍ର ଛୋଟଛୋଟ ଶିଶୁମାନଙ୍କ ଭବିଷ୍ୟତର ଆଧାର ହେବା କଥା, ଯେଉଁଠାରେ ସେମାନେ ଶିକ୍ଷା, ପୋଷଣ ଓ ସୁରକ୍ଷିତ ପରିବେଶ ପାଇବା କଥା, ସେହି କେନ୍ଦ୍ର ଆଜି ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ଚାଲିବାକୁ ବାଧ୍ୟ ହେଉଛି। ଏହା କେବଳ ଗ୍ରାମର ଅବହେଳାର ଚିତ୍ର ନୁହେଁ, ବରଂ ଗ୍ରାମୀଣ ଶିଶୁମାନଙ୍କ ଭବିଷ୍ୟତ ସହ ହେଉଥିବା ଏକ ବଡ଼ ଅନ୍ୟାୟର ପ୍ରମାଣ ଅଟେବୋଲି ଚର୍ଚ୍ଚା ହେଉଛି। ବିଗତ କିଛିବର୍ଷ ହେଲା ଏହି ଅଙ୍ଗନବାଡ଼ି କେନ୍ଦ୍ରଟି ଏକ ଅସ୍ଥାୟୀ ଓ ଅନୁପଯୁକ୍ତ ଘରେ ଚାଲୁଛି। ଗ୍ରାମବାସୀ ଅନେକ ଥର ପ୍ରଶାସନଙ୍କୁ ଏହି ବିଷୟରେ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇନାହିଁ। ପ୍ରାୟ ୩ ବର୍ଷ ଧରି ଗ୍ରାମର ସଚେତନ ଲୋକମାନେ, ମାଆ ଭଉଣୀ, ଅଭିଭାବକ ଓ ସମାଜସେବୀମାନେ ପ୍ରଶାସନ ଓ ସମ୍ବନ୍ଧିତ ବିଭାଗଙ୍କ ନିକଟରେ ନିବେଦନ କରୁଛନ୍ତି। କିନ୍ତୁ ଦୁଃଖର କଥା ହେଲା, ସେମାନଙ୍କର ଅନୁରୋଧ କାଗଜପତ୍ରରେ ସୀମିତ ରହିଯାଇଛି। ଏକ ଅଙ୍ଗନବାଡ଼ି କେନ୍ଦ୍ର ଏକ ଘରେ ଚାଲୁଥିବାରୁ ଖରା ଦିନେ ଗରମ ଘର ଭିତରେ ଅସହ୍ୟ ଉତ୍ତାପ ରହୁଛି, ବର୍ଷା ଦିନରେ ପାଣି ପସିବାର ଭୟ ଥାଏ ଓ ଶୀତ ଦିନରେ ଛୋଟ ଛୋଟ ଶିଶୁମାନେ ବହୁତ କଷ୍ଟ ଭୋଗୁଛନ୍ତି। ଅଙ୍ଗନବାଡ଼ିକୁ ଆସୁଥିବା ଶିଶୁମାନେ ନିରାପଦ ପରିବେଶ ପାଉନାହାନ୍ତି। ଖେଳିବାକୁ ଠିକ୍ ସ୍ଥାନନାହିଁ, ବସିବାକୁ ସଠିକ୍ ବ୍ୟବସ୍ଥା ନାହିଁ ଓ ଶିକ୍ଷାଦାନ ପାଇଁ ଯଥେଷ୍ଟ ସୁବିଧା ମଧ୍ୟ ନାହିଁ। ଏହି ଅବସ୍ଥାରେ ଛୋଟ ଛୋଟ ଶିଶୁମାନଙ୍କ ମନୋବଳ ଭାଙ୍ଗିଯାଉଛି। ସେମାନଙ୍କ ମନରେ ଶିକ୍ଷାପ୍ରତି ଆଗ୍ରହ କମିଯାଉଛି। ଯେଉଁ ବୟସରେ ସେମାନେ ହସି ଖେଳି ଶିଖିବା କଥା, ସେହି ବୟସରେ ସେମାନେ ଅସୁବିଧା ଓ ଅବହେଳାର ଶିକାର ହେଉଛନ୍ତି। ଯଦି ଶୀଘ୍ର ଅଙ୍ଗନାବଡ଼ି କେନ୍ଦ୍ର ପାଇଁ ନୂତନ ଘର ନିର୍ମାଣର ବ୍ୟବସ୍ଥା କରା ନ ଯାଏ, ତେବେ ଗ୍ରାମର ସମସ୍ତ ମାଆ ଭଉଣୀ ଓ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି।

## କଲମପୁର ପାକ୍ସ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର




କଲମପୁର,୧୫।୫(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ପାକ୍ସର ନିଜସ୍ୱ କୋଠା ନ ଥିଲା। ଏହା ୧୯୫୬ ମସିହାରେ ସ୍ଥାପନ ହୋଇଥିବା ବେଳେ ସମୟରେ ମୁଖ୍ୟ ବଜାର ପ୍ରାଙ୍ଗଣରେ ଥିବା ଏକ ଖପର ଘରେ ନିଜର ସେବା ଜାରି ରଖିଥିଲା। ପରେ ବଜାର ପ୍ରାଙ୍ଗଣ ଖପର ଘରରୁ ଆରଏମସିର ଏକ କୋଠାରେ ଏହା ଭଡା ସୂତ୍ରରେ କାର୍ଯ୍ୟକାରୀ ହେଲା।

ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ନିଜସ୍ୱ କୋଠା ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇ ପାରୁ ନ ଥିଲା। ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ବୈଠକରେ କଲମପୁର ପାକ୍ସ ସଭାପତି ଶଙ୍କର୍ଷଣ ବେହେରା ନିଜସ୍ୱ କୋଠାଘର ନିର୍ମାଣ ନିମନ୍ତେ ଆବଶ୍ୟକୀୟ ଅର୍ଥମଞ୍ଜୁର ସକାଶେ ଦାବି ରଖିଥିଲେ। ପର୍ଯ୍ୟାୟ କ୍ରମେ ତାହା ଡିଆରସିଏସଙ୍କ ପ୍ରଚେଷ୍ଟାରେ ଜିଲ୍ଲାପାଳଙ୍କ ଅନୁମୋଦନ ଲାଭ କରିଛି। ଏହି କୋଠା ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଜନ ଉପରେ ନ୍ୟସ୍ତ ରହିଥିବାବେଳେ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରିବାକୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇ ଥିବା ପାକ୍ସ ସଭାପତି ଶ୍ରୀ ବେହେରାଙ୍କଠାରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଏହି କୋଠା ନିର୍ମାଣ ହେଲେ ସୁନ୍ଦର ବାତାବରଣ ସହିତ କୃଷି ଓ କୃଷକଙ୍କ ସେବା କରିବାରେ ସହାୟକ ହେବ ବୋଲି ଆଶା ପୋଷଣ କରାଯାଇଛି।

## ବିକାଶ ଆବାସିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ



ଭବାନୀପାଟଣା,୧୫।୫(ସମିସ): ସିବିଏସଇ ଦ୍ୱାଦଶ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି.ରାମ କୁମାର ଯୋଗ ଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ଶିକ୍ଷାଧିକାରୀ ଡି.ବିଜୟା, ଡି. ପଦ୍ମିନୀ, ପ୍ରିନ୍ସିପାଲ କମ୍ ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତିଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଯୋଗଦେଇଥିଲେ। ପ୍ରକାଶଯୋଗ୍ୟ ଯେ ସିବିଏସଇ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଅନୁଷ୍ଠାନରୁ ବିଜ୍ଞାନରେ ସର୍ବମୋଟ ୧୬୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୯୫% ରୁ ଉର୍ଦ୍ଧ୍ୱ ୨ ଜଣ ୯୦% ପ୍ରତିଶତରୁ ଉର୍ଦ୍ଧ୍ୱ ୮ ଜଣ ୮୦% ରୁ ଉର୍ଦ୍ଧ୍ୱ ୪୧ ଜଣ ଥିବାବେଳେ ୯୯ ଜଣ ୬୦% ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିଳା ନୟନ ୯୫.୬ % ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ମୋଟ ୩୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଜଣ ଛାତ୍ର ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୟଙ୍କ ଅଗ୍ରୱାଲ ସର୍ବାଧିକ ୯୭% ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ଏହି ଅବସରରେ ୮୦% ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ବିକାଶ ଶିକ୍ଷାନୁଷ୍ଠାନର ଗୁଣାତ୍ମକ ଶିକ୍ଷା ଓ ଅଧ୍ୟବସାୟ ଯୋଗୁଁ ବିଦ୍ୟାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ କଳାହାଣ୍ଡି ଜିଲ୍ଲାର ମାନବୃଦ୍ଧି କରିଥିବା ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ ପ୍ରକାଶ କରିଛନ୍ତି।

## ଚଳନା ସ୍କୁଲ ଛାତ୍ରୀଙ୍କ ସଫଳତା

ସିନାପାଲି,୧୫।୫(ସମିସ): ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ବା ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ସିନାପାଲି




ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ଝରଣା ମଶ୍ରା ଓ ରାଶି ପୁଝାରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଉକ୍ତ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଖବର ପ୍ରକାଶ ପାଇଲାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ଶୁକ୍ରବାର ପ୍ରଧାନଶିକ୍ଷକ ପ୍ରଦୀପ ଯୋଷୀଙ୍କ ତତ୍ତ୍ୱାବଧାନରେ ଏକ ସଭା କରାଯାଇ ଉଭୟ ମେଧାବୀ ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ମମିତା ପଟ୍ଟଯୋଷୀ, ଶିକ୍ଷକ ବୈଷ୍ଣବ ମେହେର, କିଶୋର ଚନ୍ଦ୍ର ମେହେର, ଶିକ୍ଷୟିତ୍ରୀ ସୁମିତ୍ରା ମେହେର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗତ କିଛିବର୍ଷ ହେଲା ଲଗାତାର ଭାବରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଏନ୍‌ଏମ୍‌ଏମ୍‌ଏମ୍ ପରୀକ୍ଷାରେ ସଫଳତା ପାଇ ଆସୁଥିବା ନେଇ ସାଧାରଣରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି।

## ନକ୍ସଲ ପ୍ରଭାବିତ ଗାଁର ୧୧୯ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ



ଗୋଲାମୁଣ୍ଡା,୧୫।୫(ସମିସ): ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ଗ୍ରାମ ତଥା ଗ୍ରାମବାସୀଙ୍କ ସାମଗ୍ରୀକ ଉନ୍ନତି ପାଇଁ ଏକ ଯୁଗାନ୍ତକାରୀ ଯୋଜନା ଭାବେ ଉଭା ହୋଇଛି "ଗ୍ରାମୋଦୟ'। ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଏବଂ ସୁବିଧା ସୁଯୋଗ ଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଏହି ସବୁ ଗ୍ରାମର ପ୍ରତିଟି ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାର ଶତ ପ୍ରତିଶତ କରୁଛି। ଶୁକ୍ରବାର କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଅଧୀନ ୪ଟି ପଞ୍ଚାୟତ ଯଥା କେଗାଁ, ନୂଆଗାଁ, ସିନାପାଲୀ ଏବଂ ନକଟିକାନିର ଭିନ୍ନ ୪ଟି ସ୍ଥାନକୁ ବ୍ଲକ୍ ପ୍ରଶାସନ ଯାଇ ସ୍ୱତନ୍ତ୍ର ଭାବେ ରାଜ୍ୟ ସରକାର ଅନୁମୋଦିତ ହୋଇଥିବା ୧୧୯ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଛି। ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଭାବରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରହାସ୍ୟ ବିହାରୀ, ନକଟିକାନୀ ସରପଞ୍ଚ ସାବିତ୍ରୀ ମାଝୀ, କେଗାଁ ସମିତି ସଭ୍ୟ ମଣ୍ଟୁ ସାହୁ, ସିନାପାଲି ସରପଞ୍ଚ ନଉକେଶ୍ୱର ପୁଟେଲ ଓ ସମିତି ସଭ୍ୟ ଲୋଚନ ସାହୁ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ ଓ ସମିତିସଭ୍ୟ ରମେଶ ଶବର ଓ ପିଇଓ ଏଡିଓ ପ୍ରମୁଖ ଯୋଗଦାନ କରିଥିଲେ।

## ନିରଞ୍ଜନ ଛତ୍ରିଆ ବିଜେପି ଜିଲ୍ଲା ଏସ୍‌ସି ମୋର୍ଚ୍ଚା ଉପ ସଭାପତି

ଜୟପାଟଣା,୧୫।୫(ସମିସ): କଳାହାଣ୍ଡି ଜିଲ୍ଲା ବିଜେପି ଏସ୍‌ସି ମୋର୍ଚ୍ଚା ଉପସଭାପତି ହେଲେ ନିରଞ୍ଜନ ଛତ୍ରିଆ। ସେ ଜୟପାଟଣା



ବ୍ଲକ୍ ବିଜେପି ବାନେରର ମଣ୍ଡଳ ପୂର୍ବତନ ସଭାପତି, ମଣ୍ଡଳ ପ୍ରତିନିଧି, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ଏହି ପଦ ପାଇବା ପରେ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଷ୍ଣୁ ନାଏକ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ ଉପସଭାପତି ଭବେନ୍ଦ୍ର କୁମାର୍ ପଣ୍ଡା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଦିଶାରୀ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

**■ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବାତିଲ**

## 'ଶୁଣାଣି ବନ୍ଦ ହୋଇପାରେ; ଚାଷୀଙ୍କ ସ୍ୱର ନୁହେଁ'

କୋକସରା,୧୫।୫(ସମିସ): କୋକସରା ବ୍ଲକ୍‌ରେ ଚାଷୀ ଅସନ୍ତୋଷ ତୀବ୍ର ହେଉଥିବାବେଳେ ପ୍ରଶାସନର ଏକ ନିଷ୍ପତ୍ତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଆସନ୍ତା ୧୮ ତାରିଖରେ କୋକସରା ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରକୁ ହଠାତ୍ ବାତିଲ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଚିଠି ସଂଖ୍ୟା ୧୧୬୯ ଅନୁସାରେ, ଏହି ଶୁଣାଣି ଏବେ କୋକସରା ବଦଳରେ କଳାହାଣ୍ଡି କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଏହାକୁ "ଅନିବାର୍ଯ୍ୟ ପ୍ରଶାସନିକ କାରଣ' ଦର୍ଶାଯାଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଚର୍ଚ୍ଚା ଜୋର ଧରିଛି। ଗତ ସପ୍ତାହେ ହେବ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପର ଚାଷୀମାନେ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇ ଆନ୍ଦୋଳନ ଜାରି ରଖିଛନ୍ତି। ଚାଷୀଙ୍କ ଏହି ପ୍ରତିବାଦ ଓ ଜନ ଆକ୍ରୋଶର ସାମ୍ନା କରିବା ଭୟରେ ପ୍ରଶାସନ ଶେଷ ମୁହୂର୍ତ୍ତରେ ଶିବିର ବାତିଲ କରିଥିବା ସାଧାରଣରେ ଆଲୋଚନା ହେଉଛି। ଶୁଣାଣି ବନ୍ଦ ହୋଇପାରେ, କିନ୍ତୁ ଚାଷୀଙ୍କ ସ୍ୱର ନୁହେଁ' ଏହି ସଂକଳ୍ପ ସହ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ଚାଷୀ ସଂଘ ସଜବାଜ ହେଉଛି। କୋକସରାଠାରେ ସପ୍ତାହେ ହେବ ଜାରି ରହିଥିବା ଗଣଧାରଣା ଏବେ ଜିଲ୍ଲା ମୁଖ୍ୟାଳୟକୁ ସ୍ଥାନାନ୍ତରିତ ହେବାକୁ ଯାଉଛି। ଆସନ୍ତା ୧୯ ତାରିଖରେ ହଜାର ହଜାର ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚାଷୀ ସଂଘ ଚେତାବନୀ ଦେଇ ସାରିଛି। ସୂଚନାଯୋଗ୍ୟ ଯେ, କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ପ୍ରାୟ ୧୫ ହଜାର ଚାଷୀ ରବି ଧାନ ପଞ୍ଜୀକରଣ ସମସ୍ୟା ଯୋଗୁଁ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି। ଗତ ୮ ତାରିଖର କୋକସରାଠାରେ ଚକାବନ୍ଦ ଆନ୍ଦୋଳନ ପରେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ସମାଧାନର ବାଟ ନବାହାରିବା ଚାଷୀଙ୍କୁ ଆହୁରି କ୍ରୋଧିତ କରିଛି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ହଠାତ୍ ବାତିଲ ହେବା ବିଷୟରେ କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ "ଅନିବାର୍ଯ୍ୟ ପ୍ରଶାସନିକ କାରଣରୁ ଜିଲ୍ଲାମୁଖ୍ୟାଳୟ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିବା ପ୍ରକାଶ କରିଥିଲେ।

## ମହୁଲ ପୋଚ ଓ ମଦ ନଷ୍ଟ

କୋକସରା,୧୫।୫(ସମିସ): କୋକସରା ଅବକାରୀ ବିଭାଗ ଓ ଆମପାଣି ଥାନା ପକ୍ଷରୁ ଶୁକ୍ରବାର ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଥିବା କାଦୋମଲି ନାଲାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ କାହାରିକୁ ଧରା ଯାଇ ନ ଥିବାବେଳେ ପ୍ରାୟ ୧୫ ଶହ କେଜି ମହୁଲ ପୋଚ, ୮୦ ଲିଟର ଦେଶୀ ହାତରନ୍ଧା ମଦ ଓ ମଦ ତିଆରି ପାଇଁ ବ୍ୟବହୃତ ହେଉଥିବା ଅନେକ ସାମଗ୍ରୀ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଅବକାରୀ ଥାନା ଓଆଇସି ଗୁପ୍ତେଶ୍ୱର ପୁଟେଲଙ୍କ ସମେତ ଆମପାଣି ଥାନା ଏସ୍‌ଆଇ ଲକ୍ଷ୍ମଣ ଖଡ଼ା, ହୋମଗାର୍ଡ ଚିତ୍ତରଞ୍ଜନ ସିଂ, ଅବକାରୀ କର୍ମଚାରୀ ମହାଦେବ ମାଝୀ ଓ ଆଇଆରବି ଯବାନମାନେ ସାମିଲ ହୋଇଥିଲେ।

## ଭୁବନେଶ୍ୱର ପାଇଁ ଟ୍ରେନ୍ ଘୋଷଣା



କେସିଙ୍ଗା,୧୫।୫(ସମିସ): ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବିପରେ କେସିଙ୍ଗାବାସୀଙ୍କୁ ମିଳିବ ରେଳସେବା। କେସିଙ୍ଗା ଷ୍ଟେସନରୁ ରାଜଧାନୀ ଯିବାପାଇଁ ସିଧାସଳଖ ଟ୍ରେନ ଦୁଇଦିନ ତଳେ ଚାଲିବ ବୋଲି ରେଳ ବିଭାଗ ଘୋଷଣା କରି ସମୟସାରଣୀ ସହିତ କେଉଁ ଷ୍ଟେସନ ହୋଇ ଟ୍ରେନଯିବ ଚିଠି ବାହାରିସାରିଲାଣି। ସେଥିପାଇଁ ସାଂସଦ, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ବିଭିନ୍ନ ସଙ୍ଗଠନକୁ କେସିଙ୍ଗାବାସୀ ଧନ୍ୟବାଦ ଦେଇଛନ୍ତି। ସେପଟେ କେସିଙ୍ଗା ଅଞ୍ଚଳରେ ଅନେକ ସମସ୍ୟା ଭରି ରହିଛି। ଜୁନାଗଡ଼ ଓ ଧର୍ମଗଡ଼ ପାଇଁ ବାଇପାସ୍ ରାସ୍ତା କାମ ଜୋରସୋରରେ ଚାଲିଥିବା ବେଳେ କେସିଙ୍ଗାରେ ବାଇପାସ୍ ରାସ୍ତା ହେବକି ନାହିଁ ଜଣାପଡୁନାହିଁ।

## ପେଟ୍ରୋଲ ପମ୍ପରେ ତେଲ ସଙ୍କଟ




ଥୁଆମୂଳ ରାମପୁର,୧୫।୫(ସମିସ): ଥୁଆମୂଳ ରାମପୁର ବ୍ଲକ୍ ଅଞ୍ଚଳରେ ଦିନକୁ ଦିନ ପେଟ୍ରୋଲ ଓ ଡିଜେଲ ସଙ୍କଟ ଗଭୀର ରୂପ ନେଉଥିବାରୁ ସାଧାରଣ ଜନଜୀବନ ଗୁରୁତ୍ୱର ଭାବେ ପ୍ରଭାବିତ ହେଉଛି। ବ୍ଲକ୍‌ରେ ଥିବା ଥୁଆମୂଳ ରାମପୁର ସଦର ମହକୁମା ସହ ଗୁଣପୁର ଓ କୁମ୍ଭାରକାନୀ ଅଞ୍ଚଳର ପେଟ୍ରୋଲ ପମ୍ପଗୁଡ଼ିକରେ ପୂର୍ବଭଳି ଇନ୍ଧନ ଉପଲବ୍ଧ ନ ହେବାରୁ ଉପଭୋକ୍ତାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅନେକ ସମୟରେ ଦୀର୍ଘ ଅପେକ୍ଷା ପରେ ମଧ୍ୟ ପେଟ୍ରୋଲ କିମ୍ବା ଡିଜେଲ ନ ମିଳୁଥିବାରୁ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଇନ୍ଧନ ସଙ୍କଟର ସବୁଠାରୁ ବଡ ପ୍ରଭାବ ଯାତାୟାତ ବ୍ୟବସ୍ଥା ଉପରେ ପଡ଼ିଛି। ଯାତ୍ରୀବାହୀ ବସ୍‌ଗୁଡ଼ିକ ସମୟମତେ ଚଳାଚଳ କରିପାରୁନଥିବା ବେଳେ କେତେକ ରୁଟରେ ବସ୍ ସେବା ଆଂଶିକ ଭାବେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଲୋକ, ଦୈନିକ ଯାତ୍ରୀ, ରୋଗୀ, ସରକାରୀ ଓ ବେସରକାରୀ କର୍ମଚାରୀମାନେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ୨ ମାସ ନ ପୂରୁଣୁ ଉଠିଗଲାଣି ପିଚୁ

ଧର୍ମଗଡ଼/ ଗୋଲାମୁଣ୍ଡା,୧୫।୫(ସମିସ)




କ୍ଷୁଦ୍ର ଜଳସେଚନ ବିଭାଗ ଧର୍ମଗଡ଼ ଅଧୀନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗୋଲାମୁଣ୍ଡା ବ୍ଲକ୍ କରଞ୍ଜକୋଟ କ୍ଷୁଦ୍ରଜଳ ସେଚନ ପ୍ରକଳ୍ପ ଆରଡ଼ି ରାସ୍ତା ନିର୍ମାଣରେ ଅତିନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ସୂଚନା ମୁତାବକ, ଆର୍ଥିକ ବର୍ଷ ୨୦୨୫-୨୬ର କ୍ୟାପେକ୍ସ ରାସ୍ତା ଯୋଜନା ଅଧୀନରେ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ୧.୦୫ କିମିଦୀର୍ଘ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ସରକାରୀ ପାଣ୍ଠିରୁ ୪୧ ଲକ୍ଷ ୯୦ ହଜାର ୯୨୧ଟଙ୍କା ବ୍ୟୟବରାଦ କରାଯାଇଥିଲା। ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଠିକାଦାର ସିଏଚ୍ ସୁବାଷ ଚନ୍ଦ୍ର ପାତ୍ର ନେଇଥିଲେ। ଗତ ୧୭.୧୨.୨୦୨୫ରେ କାର୍ଯ୍ୟ ଆରମ୍ଭ ହୋଇ ୧୮.୦୩.୨୦୨୬ ରେ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଫଳକରୁ ଜଣାପଡିଛି। ସରକାରୀ ଖାତାରେ କାମ ଶେଷ ହେବାର ମାତ୍ର ଏକ ମାସ ବିତିଛି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଏବେଠାରୁ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିବା ଆରମ୍ଭ କଲାଣି। ସାମାନ୍ୟ ଚାଲିଲେ ବା ଗାଡ଼ି ଗଲେ ପିଚୁ ସ୍ତର ଗୁଣ୍ଡ ହୋଇଯାଉଛି। ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ତତ୍ତ୍ୱାବଧାନ ଅଭାବ ଏବଂ ଠିକାଦାରଙ୍କ ସହ ମିଳିଭଗତ ଯୋଗୁଁ ଅତି ନିମ୍ନମାନର କାମ ହୋଇଛି ବୋଲି ଅଞ୍ଚଳବାସୀ ସିଧାସଳଖ ଅଭିଯୋଗ କରିଛନ୍ତି।ନିମ୍ନମାନର ରାସ୍ତା ଯୋଗୁଁ ଆଗାମୀ ବର୍ଷା ଦିନରେ ଏହା ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହେବାର ଆଶଙ୍କା ଦେଖାଦେଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଘଟଣାର ସରଜମିନ ତଦନ୍ତ କରନ୍ତୁ ଏବଂ ଦୋଷୀ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି।

**■ ପ୍ରଶାସନ କହୁଛି ତେଲ ସଙ୍କଟ ନାହିଁ: ବାସ୍ତବ ଚିତ୍ର ଭିନ୍ନ**

## ମାତ୍ର ୨୦୦ଟଙ୍କାର ତେଲ ମିଳୁଛି ; ଜିଲ୍ଲାପାଳଙ୍କ ଜରୁରୀ ବୈଠକ

ଭବାନୀପାଟଣା,୧୫।୫(ସମିସ): ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ତୈଳ ଓ ରନ୍ଧନ ଗ୍ୟାସ ଯୋଗାଣରେ ସୃଷ୍ଟି ହୋଇଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଶୁକ୍ରବାର ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗାଣ ବିଭାଗୀୟ ଅଧିକାରୀ, ତୈଳ ଯୋଗାଣକାରୀ ସଂସ୍ଥାର ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ମାନେ ଯୋଗଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ ପ୍ରକାଶ କହିଥିଲେ ଯେ ଜିଲ୍ଲାରେ ବର୍ତ୍ତମାନ ୩୯୯.୧୨୬ ଲିଟର ଡିଜେଲ, ୬୫୩.୧୪୯ ଲିଟର ପେଟ୍ରୋଲ ଓ ୫୩୯୦ ରନ୍ଧନ ଗ୍ୟାସ ସିଲିଣ୍ଡର ମହଜୁଦ ଅଛି ବୋଲି କହିଥିଲେ। ସେହିପରି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ନିରବଚ୍ଛିନ୍ନ ଯୋଗାଣ ଓ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦାମରେ ବିକ୍ରୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ-୧୯୫୫ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଗାଣ ଅଧିକାରୀ, ବିଡିଓ ଓ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଜିଲ୍ଲାରେ ତେଲ ସଙ୍କଟର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଜିଲ୍ଲାରେ ଥିବା ୧୧୦ ପେଟ୍ରୋଲ ଟାଙ୍କି ଗୁଡ଼ିକ ମଧ୍ୟରୁ କେତେବେଳେ କେଉଁ ଟାଙ୍କି ତେଲ ଅଭାବରୁ ବନ୍ଦ ହେଉଛି। ପୁଣି ତେଲ ଆସିଲେ ଖୋଲାଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କେତେକ ଟାଙ୍କିରେ ବାଇକ୍ ପାଇଁ ମାତ୍ର ୨୦୦ଟଙ୍କାର ପେଟ୍ରୋଲ ଦିଆଯାଉଛି। ସବୁ ଟାଙ୍କିରେ ପ୍ରବଳ ଭିଡ ଜମୁଛି। ସେପଟେ ପ୍ରଶାସନ କୌଣସି ହାଲତରେ କଳାହାଣ୍ଡି ଜିଲ୍ଲାରେ ପେଟ୍ରୋଲ ଡିଜେଲର ଅଭାବଜନିତ ସଙ୍କଟ ନାହିଁବୋଲି କହୁଛି। ଏନଫୋର୍ସମେଣ୍ଟ ଠିକ୍ ରୂପେ ହେଉନାହିଁ ନା ଏଜେନ୍ସି ମିଛ କହୁଛି ତାହା ଏକ ପ୍ରଶ୍ନ। ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଜିଲ୍ଲାରେ ତେଲ ସଙ୍କଟ ନାହିଁ। କୌଣସି ପ୍ରକାରର ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ। କଳାବଜାରୀ ଉପରେ ନଜର ରହିଛି ଅଭିଯୋଗ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ।

## ଛତିଶଗଡ଼ ବନବିଭାଗ ଅଧିକାରୀଙ୍କ ଗାଈ ଚରାଳିଙ୍କୁ ମାଡ଼

ନୂଆପଡ଼ା,୧୫।୫(ସମିସ): ନୂଆପଡ଼ା ଜିଲ୍ଲା ଉପାନ୍ତ ବୋଡ଼େନ ବ୍ଲକ୍‌ର ଜଣେ ଗାଈ ଚରାଳି ପଡୋଶୀ ଛତିଶଗଡ ସୀମାରେ ଗାଈ ଚରାଉଥିବା ସମୟରେ ଛତିଶଗଡର ବନ ବିଭାଗ କର୍ମଚାରୀମାନେ ନିସ୍ତୁକ ମାଡ଼ମାରିବା ସହ ଅମାନୁଷିକ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଗାଈ ଚରାଳି ଜଣକ ହେଲେ କୁସୁମ ଖୁଣ୍ଟା ଗାଁର ଜଳଧର ବର୍ଗତି। ଦୁଇ ଦିନ ତଳେ ଛତିଶଗଡ଼ ରାଜ୍ୟର ମେନପୁର ବନବିଭାଗର କର୍ମଚାରୀମାନେ ବର୍ବର କାଣ୍ଡ ଭିଆଇଛନ୍ତି। ଘରୁ ଟେକି ନେଇ କୌଣସି ଦୋଷ ନଥିଲେ ମଧ୍ୟ ବିନା ତଦନ୍ତ କରି ଅମାନୁଷିକ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବନ୍ ବିଭାଗ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଘଟଣା ତୀବ୍ର ନିନ୍ଦା କରିଛନ୍ତି। ଓଡ଼ିଶା ସରକାର ଓ ନୂଆପଡା ଜିଲ୍ଲା ପ୍ରଶାସନ ମଧ୍ୟ ଘଟଣା ସତ୍ୟତା ତଦନ୍ତ କରି ଯାହାର ଦୋଷ ଅଛି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି।

## ତୈଳ ସଂକଟ ଜାରି; ପମ୍ପରେ ପେଟ୍ରୋଲ ଅଭାବ

# ପ୍ରଚଣ୍ଡ ଖରାରେ ଘଣ୍ଟା ଘଣ୍ଟା ଲମ୍ବା ଲାଇନ୍

ଭଦ୍ରକ, ୧୫।୫(ସମିସ)

ଭଦ୍ରକ ସହରରେ ପେଟ୍ରୋଲ ବା ତୈଳ ସଙ୍କଟ ଗତ ୨ ଦିନ ହେବ ଜାରି ରହିଛି। ତେବେ ପ୍ରଶାସନ ପକ୍ଷରୁ ଆଜି ସକାଳଠାରୁ ବିଭିନ୍ନ ପେଟ୍ରୋଲ ପମ୍ପ ଯାଞ୍ଚ ଆରମ୍ଭ ହୋଇଛି। ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ଓ ବିଭାଗୀୟ ଅଧିକାରୀ ପୁଲିସ ଉପସ୍ଥିତିରେ ପମ୍ପଗୁଡିକର ଷ୍ଟକ, ଇଣ୍ଡେଣ୍ଟ ଏବଂ ତୈଳ ଆବଶ୍ୟକତା ଆଦିକୁ ଯାଞ୍ଚ କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀ






ଚକ୍ରବର୍ତ୍ତୀ କହିଛନ୍ତି, ଲୋକେ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ କିମ୍ବା ଆବଶ୍ୟକତାଠାରୁ ଅଧିକ ତେଲ କିଣନ୍ତୁ ନାହିଁ। ଯଥା ସମ୍ଭବ ଗାଡି ଚଳାଚଳ କମ କରନ୍ତୁ। ସେହିଭଳି ପେଟ୍ରୋଲ ପମ୍ପଗୁଡିକୁ ଅଧିକ ତେଲ ମଗାଇବାକୁ ଇଣ୍ଡେଣ୍ଟ ଦିଅନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ତୈଳ ସଙ୍କଟ ବେଳେ ପ୍ରଶାସନର ଏହି ଚଢ଼ଉକୁ ପ୍ରହସନ ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି। କାରଣ ପେଟ୍ରୋଲପମ୍ପରେ ପେଟ୍ରୋଲ ଟୋପେ ପାଇବାକୁ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଲୋକେ ଲମ୍ବା ଲାଇନ ଲାଗିଥିବା ଏବଂ ପେଟ୍ରୋଲ ବିନା ଅଧିକାଂଶ ଲୋକଙ୍କ ଗାଡି ବନ୍ଦ ହୋଇଯାଇଥିବା ବେଳେ ପ୍ରଶାସନର ଏହି ଚଢ଼ଉ ଏବଂ ପରାମର୍ଶର କେବଳ ଲୋକ ଦେଖାଣିଆ ବୋଲି କୁହାଯାଉଛି। ଅନ୍ୟପକ୍ଷରେ, ପେଟ୍ରୋଲ ସଂକଟ ଯୋଗୁଁ ଅନେକ ସହରବାସୀ ଇଭି(ଇଲୋକଟ୍ରୋନିକ୍ସ) ୨ଚକିଆ ଯାନ କିଣିବାକୁ ଶୋ ରୁମରେ ଭିଡ ଜମାଇଛନ୍ତି।

**ଅସୁରାଳି:** ଆରଡି ଛକଠାରୁ ଆରଡି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳରେ ତୈଳ ସଙ୍କଟ ଦିନକୁ ଦିନ ଅତି ଜଟିଳ ରୂପ ଧାରଣ କରିବାରେ ଲାଗିଛି। ଏହି ପ୍ରମୁଖ ରାସ୍ତା ମଧ୍ୟରେ ପ୍ରାୟ ୭ଟି ପେଟ୍ରୋଲ ପମ୍ପ ରହିଥିଲେ ହେଁ, ଏବେ କେବଳ ବାହାରବିଲସ୍ଥିତ ପେଟ୍ରୋଲ



ପମ୍ପକୁ ଛାଡ଼ି ଅନ୍ୟ ସମସ୍ତ ପମ୍ପ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଫଳରେ ତେଲ ବୁନ୍ଦାଏ ପାଇଁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତୈଳ ଅଭାବ ଯୋଗୁଁ ଏକମାତ୍ର କାର୍ଯ୍ୟକ୍ଷମ ଥିବା ବାହାରବିଲ ପମ୍ପରେ ଶହ ଶହ ବାଇକ୍ ଓ ସ୍କୁଟିର କିଲୋମିଟର ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ପ୍ରଖର ଖରାରେ ଲୋକମାନଙ୍କର ଘଣ୍ଟା ଘଣ୍ଟା ସମୟ କେବଳ ଲାଇନରେ ଛିଡ଼ା ହେବାରେ ବିତୁଛି। ଏତେ ସମୟ ଅପେକ୍ଷା କରିବା ପରେ ମଧ୍ୟ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ତେଲ ମିଳୁନାହିଁ। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପମ୍ପ କର୍ତ୍ତୃପକ୍ଷ ନିୟମ କରିଛନ୍ତି ଯେ ଦୁଇଚକିଆ ଗାଡ଼ିକୁ ସର୍ବାଧିକ ୨୦୦ ଟଙ୍କା ଏବଂ ଚାରିଚକିଆ ଗାଡ଼ିକୁ ସର୍ବାଧିକ ୫୦୦ ଟଙ୍କାର ପେଟ୍ରୋଲ ଦିଆଯାଉଛି। କେବଳ ପେଟ୍ରୋଲ ନୁହେଁ, ଡିଜେଲର ମଧ୍ୟ ଘୋର ଅଭାବ ଦେଖାଦେଇଥିବାରୁ ଭାରୀ ଯାନବାହନଗୁଡ଼ିକ ଅଧା ରାସ୍ତାରେ ଅଟକି ରହିଛି। ଅପରପକ୍ଷରେ, ଏହି ସଙ୍କଟର ସୁଯୋଗ ନେଇ ଅଞ୍ଚଳରେ କିଛି କଳାବଜାରୀ ମଧ୍ୟ ସକ୍ରିୟ ହୋଇଉଠିଛନ୍ତି।

**ବାରିକପୁର:** ସରକାର, ବିଭାଗୀୟ ମନ୍ତ୍ରୀ ଓ ସଚିବ ରାଜ୍ୟରେ ତେଲର ଅଭାବ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଅଲଗା ଦେଖାଯାଉଛି। ପେଟ୍ରୋଲ ଟାଙ୍କି ଗୁଡିକରେ ନାହିଁନଥିବା ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ତେଲର ଘୋର ଅଭାବ ଥିବା ଏଥିରୁ ଜଣାପଡୁଛି। କିଛି ଟାଙ୍କିରେ ସୀମିତ ଭାବେ ବାଇକ ଗୋଟି ୧୦୦/୨୦୦ଟଙ୍କାରେ ତେଲ ଦିଆଯାଉଥିବା ବେଳେ ଆଉକିଛି ଟାଙ୍କିରେ ଅଧାରୁ ଅଧିକ ସମୟ ପେଟ୍ରୋଲ ମିଳୁ ନଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ୪ଟି ସ୍ଥାନରେ ଥିବା ପେଟ୍ରୋଲ ପମ୍ପଗୁଡିକରେ ପ୍ରାୟ ୫ଦିନ ହେବ ଅଚଳାବସ୍ଥା ଦେଖାଦେଇଛି। କେତେବେଳେ ସକାଳେ କେଉଁଠି ଘଣ୍ଟେ ତେଲ ମିଳୁଛି ପୁଣି କେତେବେଳେ ଦିନ ତମାମ ଟାଙ୍କି ବନ୍ଦ। ସୂଚନା ମୁତାବକ କହରାପୋଖରୀସ୍ଥିତ ଟାଙ୍କିରେ ଆଜି ତେଲ ଟ୍ୟାଙ୍କର ଛିଡା ହୋଇଥିଲେ ସୁଦ୍ଧା ଲୋକମାନେ ପେଟ୍ରୋଲ ଟୋପେ ନପାଇ ନିରାଶ ହୋଇ ଫେରିଥିଲେ। ସେହିଭଳି ରାଢୋସ୍ଥିତ ଟାଙ୍କି ଚାରି



ଦିନ ହେବ ବନ୍ଦ ରହିଛି। ଅନୁରୂପ ଭାବେ ଛତାବର ଓ ଦେଓପଦାଠାରେ ଥିବା ଦୁଇଟି ଟାଙ୍କି ମଧ୍ୟ ସ୍ୱାଭାବିକ ଅବସ୍ଥାକୁ ଫେରିନାହିଁ। କିଛି ଟାଙ୍କି କର୍ତ୍ତୃପକ୍ଷ ସଠିକ ଭାବେ ପମ୍ପ ପରିଚାଳନା କରୁ ନଥିବା ବେଳେ ଆଉ କିଛି ତେଲ ଗଚ୍ଛିତ ରଖି ପେଟ୍ରୋଲ ବିକୁନଥିବା ଅଭିଯୋଗ ହୋଇଛି। ଏକପ୍ରକାର ମନମାନି ଅବସ୍ଥା ଦେଖାଯାଇଛି। ପେଟ୍ରୋଲ ବିନା ହଜାର ହଜାର ଲୋକ ହନ୍ତସନ୍ତ ହେଉଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ଏଯାଏଁ କୌଣସି ଟାଙ୍କିରେ ଯାଞ୍ଚ କରୁନାହାନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ୧୦୦ ଟଙ୍କାର ସୀମିତ ପେଟ୍ରୋଲ

# ବଢୁଛି ଜନଅସନ୍ତୋଷ



ଧାମନଗର,୧୫।୫(ସମିସ): ଧାମନଗର ଅଂଚଳରେ ତୈଳ ଅଭାବକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀ ଓ ବିଭାଗୀୟ ସଚିବ ରାଜ୍ୟରେ ଯଥେଷ୍ଟ ପରିମାଣରେ ତେଲ ମହଜୁଦ ଥିବା ଏବଂ ସରକାରଙ୍କ ପକ୍ଷରୁ କୌଣସି ସୀମିତ ବିତରଣ ନୀତି ଲାଗୁ କରାଯାଇ ନଥିବା କହୁଥିବା ବେଳେ ଧାମନଗରରେ ତାହାର ସଂପୂର୍ଣ୍ଣ ବିପରୀତ ଚିତ୍ର ଦେଖିବାକୁ ମିଳିଛି। ଆଜି ସକାଳୁ ଧାମନଗର ସହରାଞ୍ଚଳର ୨ଟି ପ୍ରମୁଖ ପେଟ୍ରୋଲ ପମ୍ପରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଖବର ଲେଖିବା ବେଳକୁ ଏକ ଏଚ୍ ପି ପେଟ୍ରୋଲ ପମ୍ପରେ ତେଲ ନଥିବା ବେଳେ ଭାରତ ପେଟ୍ରୋଲିୟମ ପମ୍ପରେ ଲମ୍ବା ଲାଇନରେ ଗ୍ରାହକ ଅପେକ୍ଷା କରୁଥିଲେ। ଏଠାରେ ପ୍ରତି ବାଇକକୁ ମାତ୍ର ୧୦୦ ଟଙ୍କାର ପେଟ୍ରୋଲ ଦିଆଯାଉଥିବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏବେ ଦର ଅନୁଯାୟୀ ୧୦୦ ଟଙ୍କାରେ ଏକ ଲିଟରରୁ କମ ପେଟ୍ରୋଲ ମିଳୁଥିବାରୁ ବାଇକ ଚାଳକମାନେ ଦୂର ଯାତ୍ରା କରିବାରେ ସମସ୍ୟାରେ ପଡୁଛନ୍ତି। ବର୍ତ୍ତମାନ ବିବାହ ଓ ଅନ୍ୟାନ୍ୟ ସାମାଜିକ ଉତ୍ସବର ସମୟ ଚାଲିଥିବା ବେଳେ ତୈଳ ସଙ୍କଟ ବାଇକ ଆରୋହୀ ଓ ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତକୁ ପ୍ରଭାବିତ କରିଛି। ଏନେଇ ପେଟ୍ରୋଲ ପମ୍ପ ମାଲିକମାନେ କହିଛନ୍ତି ଯେ ଆବଶ୍ୟକ ପରିମାଣରେ ତେଲ ଆସୁନାହିଁ। ଫଳରେ ସେମାନେ ନିରୁପାୟ ହୋଇ ସୀମିତ ପରିମାଣରେ ତେଲ ବିତରଣ କରୁଛନ୍ତି। ପ୍ରଥମେ ଆମ୍ବୁଲାନ୍ସ ଓ ପୋଲିସ ଗାଡ଼ି ପାଇଁ ତେଲ ସଂରକ୍ଷିତ ରଖିବାକୁ ପଡୁଥିବା ବେଳେ ପରେ ସାଧାରଣ ଗ୍ରାହକଙ୍କୁ ୧୦୦ରୁ ୨୦୦ଟଙ୍କାର ପେଟ୍ରୋଲ ଦିଆଯାଉଛି ବୋଲି ସେମାନେ କହିଛନ୍ତି। ଅସାଧୁ ଖୁଚୁରା ବ୍ୟବସାୟୀଙ୍କଠାରୁ ପେଟ୍ରୋଲ ଓ ଡିଜେଲ ଚଢ଼ା ଦରରେ କିଣିବା ପାଇଁ ବାଧ୍ୟ ହୋଇ ହେଉଛନ୍ତି। ଏ ସମ୍ପର୍କରେ ଧାମନଗର ଯୋଗାଣ ଇନ୍ସପେକ୍ଟର ପ୍ରୀତିଶ ରଞ୍ଜନ ସାମଲ କହିଛନ୍ତି ଯେ ସମସ୍ତ ପରିସ୍ଥିତି ଯାଞ୍ଚ କରାଯାଉଛି। ତେଲ ସଙ୍କଟ ନେଇ ସରକାରଙ୍କ ପକ୍ଷରୁ ୧୦୦ ଟଙ୍କାରେ ତେଲ ବିତରଣ ପାଇଁ କୌଣସି ନୀତି ନିର୍ଦ୍ଧାରଣ କରାଯାଇନାହିଁ। ଏହି ଅଭିଯୋଗ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ପରେ ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ।

## ତିହିଡ଼ି ଥାନାଞ୍ଚଳରେ ଚୋରା ମଦ ବେପାରୀ ସକ୍ରିୟ

ଦୋଳସାହି,୧୫।୫(ସମିସ): ତିହିଡ଼ି ଥାନାଞ୍ଚଳରେ ବ୍ୟାପକ ଭାବରେ ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଉଥିବାରୁ ବିଭିନ୍ନ ଅନୈତିକ ଓ ଅସାମାଜିକ କାର୍ଯ୍ୟକଳାପ ସହ ସାଧାରଣରେ ଅଶାନ୍ତି ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ତିହିଡ଼ି ପୁଲିସ ଓ ଅବକାରୀ ବିଭାଗ ଏହନେଇ ଠୋସ୍ ପଦକ୍ଷେପ ନେଉ ନଥିବାରୁ ଆଲୋଚନାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ତିହିଡ଼ି ଥାନା ତାଳପଦା ପଞ୍ଚାୟତ, କୁବେରା ପଞ୍ଚାୟତ ଓ ଗୁଆମାଳ ପଞ୍ଚାୟତରେ ଏହି ଦେଶୀ ମଦ କାରବାର ଖୁଲମଖୁଲା ହେଉଥିବା ବେଳେ ପୁଲିସ କି ଅବକାରୀ ବିଭାଗ କଠୋର ପଦକ୍ଷେପ ନେଉ ନଥିବା ଯୋଗୁ ଚୋରା ଦେଶୀ ମଦ କାରବାର ବୃଦ୍ଧି ପାଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ରାସ୍ତାରୁ ମୋବାଇଲ ପାଇ ଥାନାରେ ଜିମା ଦେଲେ



ଧାମନଗର, ୧୫।୫(ସମିସ): ମହାନତା ଦେଖାଇଲେ ଯୁବକ। ରାସ୍ତାରୁ ମୋବାଇଲ ପାଇ ଥାନାରେ ଜିମା ଦେଇ ଚର୍ଚ୍ଚାରେ ଯୁବକ। ଆଜିର ସମାଜରେ ହଜିଥିବା ଜିନିଷ ଯଦି କେହି ପାଇଲେ ତାହାକୁ ନିଜ ପାଖରେ ରଖିଦେଉଥିବା ବେଳେ ଏଭଳି ଜଣେ ମାନବିକତାର ଏକ ଉଦାହରଣ ସୃଷ୍ଟି କରିଛନ୍ତି ଧାମନଗର ବ୍ଲକ ନଦୀଗାଁର ଯୁବକ ରାଜେନ୍ଦ୍ର ପାଣି। ଭଦ୍ରକରୁ ଧାମନଗର ଅଭିମୁଖେ ଏନଏଚ-୧୬ରେ ଆସୁଥିବା ବେଳେ ରାସ୍ତାକଡ଼ରେ ପଡ଼ିଥିବା ଏକ ମୋବାଇଲ ଫୋନ ତାଙ୍କ ନଜରକୁ ଆସିଥିଲା। ଫୋନଟି ମୂଲ୍ୟବାନ ହୋଇଥିଲେ ମଧ୍ୟ ରାଜେନ୍ଦ୍ର ଲୋଭର ବଶବର୍ତ୍ତୀ ନହୋଇ ତୁରନ୍ତ ଏହାକୁ ସୁରକ୍ଷିତ ଭାବେ ନିଜ ପାଖରେ ରଖିଥିଲେ। ପରେ ସେ ଧାମନଗର ଥାନାରେ ପହଞ୍ଚି ଏସଆଇ ନାରାୟଣ ନାୟକଙ୍କୁ ମୋବାଇଲ ଫୋନଟି ହସ୍ତାନ୍ତର କରିଛନ୍ତି। ପୁଲିସ ପକ୍ଷରୁ ମଧ୍ୟ ତାଙ୍କ ଏହି ସଚ୍ଚୋଟ କାର୍ଯ୍ୟକୁ ସ୍ୱାଗତ କରାଯାଇଥିବା ଜଣାପଡ଼ିଛି। ରାଜେନ୍ଦ୍ରଙ୍କ ଏହି କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ୫ଟି ଗ୍ରାମରେ ସୁନାମି ମକ୍‌ଡ୍ରିଲ



ବାସୁଦେବପୁର,୧୫।୫(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ବାସୁଦେବପୁର ବ୍ଲକର ୫ଟି ସୁନାମୀ ପ୍ରଭାବିତ ଗ୍ରାମର ଆରମ୍ଭ ହୋଇଛି ମକ୍ ଡ୍ରିଲ। ସୁନାମି ପ୍ରଭାବିତ ଗାଁ ପଡୁଆଁ, ମୂଳଡିହି,କାନ୍ତିପୁର,ନୂଆଗାଁ ଆଡିଆ ଓ ଭାଟପଡାର ଗ୍ରାମବାସୀଙ୍କ ସଚେତନତା ପାଇଁ ସୁନାମି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ମକ୍‌ଡ୍ରିଲରେ ବାସୁଦେବପୁର ଅଗ୍ନିଶମବାହିନୀ ସାମିଲ ହୋଇଥିଲେ। ଜନ ସଚେତନତା ବୃଦ୍ଧି ପାଇଲେ ଧନ ଜୀବନ କ୍ଷୟକ୍ଷତି ରୋକାଯାଇ ପାରିବ ବୋଲି ଆୟୋଜିତ ସଭାରେ ଓଏସଡିଏମଏ ଜେନେରାଲ ମ୍ୟାନେଜର ବେବିତା ମଞ୍ଜରୀ ନାୟକ କହିଥିଲେ। ଜିଲ୍ଲା ଜରୁରିକାଳୀନ ଅଧିକାରୀ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଡିପିଓ ଅମ୍ଲାନ ଅନୁପମ ସେନାପତି, ଏବିଡିଓ ମୃତ୍ୟୁଞ୍ଜୟ ନାୟକ, ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ଜିପିଓ ଅଲେଖ ମଲିକ, ନୋଡାଲ ଏନଜିଓ ସଂପାଦକ ରମାକାନ୍ତ ଡାଙ୍ଗୁଆ, ନୂଆଗାଁ ସରପଞ୍ଚ ରୀନା ସ୍ୱାଇଁ, ସମିତିସଭ୍ୟ ରଘୁନାଥ ମଲିକ, କୁମାରପୁର ସରପଞ୍ଚ ଗାୟତ୍ରୀ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ନାୟକଙ୍କ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




ଅସୁରାଳି,୧୫।୫(ସମିସ): ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଯୁଧିଷ୍ଠିର ନାୟକ ସ୍ମୃତି କମିଟି ପକ୍ଷରୁ ଧୁଷୁରୀଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କମିଟି ଉପଦେଷ୍ଟା ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସ୍ୱର୍ଗତ ନାୟକଙ୍କ ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମ ପାଇଁ ରହିଥିବା ଅତୁଳନୀୟ ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଭାରେ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ସ୍ୱର୍ଗତ ଯୁଧିଷ୍ଠିର ନାୟକଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ସ୍ମରଣ କରିବା ସହ ଦେଶ ଗଠନରେ ତାଙ୍କର ଅବଦାନ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଜେପି ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ତଥା ଭୁବନେଶ୍ୱର ଧଉଳି ଶାନ୍ତିସ୍ତୁପସ୍ଥିତ କଳିଙ୍ଗ ନିପନ ବୁଦ୍ଧ ସଂଘର ଉନ୍ନୟନ ଅଧ୍ୟକ୍ଷ ରବି ମହାରଣା ଏବଂ ଭୁବନେଶ୍ୱରର ବିଶିଷ୍ଟ ସମାଜସେବୀ ଛବି ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ମୃତି କମିଟିର ସଭାପତି ରତିକାନ୍ତ ନାୟକ, ସମ୍ପାଦକ ନିଶିକାନ୍ତ ନାୟକ, ଭୂପେନ୍ଦ୍ର ନାୟକ ଏବଂ ଉପସଭାପତି ପ୍ରଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସଭାରେ ସ୍ଥାନୀୟ ଅଂଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଓ ସଂଗ୍ରାମୀ ଅନୁରାଗୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

**ରାସ୍ତା କାମ ନିମ୍ନମାନର**

## ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ୧୫ ଦିନ ହେଲା କାମ ବନ୍ଦ

ସହିଦ ନଗର, ୧୫।୫(ସମିସ): ଧାମନଗର ବ୍ଲକ ଅଧୀନ ଗଡିଆଳି ପଞ୍ଚାୟତରେ ପୂର୍ତ୍ତ ବିଭାଗ ରାସ୍ତାଠାରୁ କାକୁଡ଼ିଗାଡ଼ିଆ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ଉନ୍ନତୀକରଣ କାମକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ଚାଲିଥିବା ଏହି ରାସ୍ତାକାମ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କାମରେ ନିୟମକୁ ଅଣଦେଖା କରାଯାଇ ମନୋମୁଖୀ ଭାବେ କାମ କରାଯାଉଥିଲା। ଗ୍ରାମବାସୀ



ଏହାକୁ ବିରୋଧ କରିବା ପରେ ପ୍ରାୟ ୧୫ ଦିନ ହେଲା କାମ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। କାମ ସ୍ଥଳରେ କୌଣସି ସୂଚନା ଫଳକ ନଥିବା ବେଳେ କାମର ମୂଲ୍ୟ, ସମୟସୀମା କିମ୍ବା ଠିକାଦାରଙ୍କ ସମ୍ପର୍କିତ ତଥ୍ୟ ମଧ୍ୟ ଉଲ୍ଲେଖ ନଥିବାରୁ ସନ୍ଦେହ ଆହୁରି ବଢ଼ିଛି। ଆହୁରି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ ଠିକାଦାର ମନଇଚ୍ଛା କାମ କରୁଥିବା ବେଳେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହାପ୍ରତି ନିରବ ରହିଛନ୍ତି। ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ସହ ସମ୍ପର୍କ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ପର୍କ ସ୍ଥାପନ ହୋଇପାରି ନଥିଲା। ଆଗକୁ ବର୍ଷା ଦିନ ଆସୁଛି ଠିକ୍ ସମୟରେ କାମ ନା ସରିଲେ ଆହୁରି ଦୁର୍ଦ୍ଦଶା ଭୋଗିବେ ଗ୍ରାମବାସୀ। ଏପରି ସ୍ଥିତିରେ ତୁରନ୍ତ କାମର ଗୁଣବତା ଯାଞ୍ଚ କରି ସ୍ୱଚ୍ଛତାର ସହ କାମ ଆରମ୍ଭ କରିବାକୁ ସଂପୃକ୍ତ ଅଂଚଳବାସୀ ଦାବି କରିଛନ୍ତି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଏସ୍‌ବିଡି ସ୍କୁଲର ସଫଳତା



ଭଦ୍ରକ,୧୫।୫(ସମିସ): ଭଦ୍ରକସ୍ଥିତ ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସବିଡ଼ି. ଇଣ୍ଟର ନ୍ୟାସନାଲ୍ ସ୍କୁଲର ପ୍ରକାଶିତ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଅଭୂତପୂର୍ବ ସଫଳତା ମିଳିଛି। ବିଜ୍ଞାନ ବିଭାଗରେ ପାସ ହାର ୯୬ ପ୍ରତିଶତ ହୋଇଥିବା ବେଳେ ବାଣିଜ୍ୟରେ ଶହେ ପ୍ରତିଶତ ଏବଂ କଳାରେ ୯୯ ପ୍ରତିଶତ ଅଟେ। ବିଜ୍ଞାନ ବିଭାଗରେ ଅମିତ କୁମାର ସାହୁ (୯୬.୮%) ପ୍ରତିଶତ ମାର୍କ ରଖିଥିବାବେଳେ ବିଭୁତି ଭୂଷଣ ପଣ୍ଡା (୯୫.୨%) ପ୍ରତିଶତ ଏବଂ ସ୍ମୃତିରେଖା ଜେନା (୯୫%) ପ୍ରତିଶତ ଯଥାକ୍ରମେ ବାଣିଜ୍ୟ ଓ କଳା ବିଭାଗରେ ବିଦ୍ୟାଳୟର ଟପ୍ପର ହେବା ସଙ୍ଗେ ସଙ୍ଗେ ଜିଲ୍ଲା ଟପ୍ପରର ଗୌରବ ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ୪ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତ ଏବଂ ତତୁର୍ଦ୍ଧ୍ୱର୍ ମାର୍କ ରଖିବାରେ ସଫଳ ହୋଇଥିବା ସମୟରେ ୧୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ଏବଂ ତତୁର୍ଦ୍ଧ ମାର୍କ ରଖିବାରେ ସଫଳ ହୋଇଛନ୍ତି। ସେହିଭଳି ୪୨ ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତ ଏବଂ ତତୁର୍ଦ୍ଧ୍ୱର୍ ମାର୍କ ରଖିବାରେ ଗୌରବ ଅର୍ଜନ କରିଛନ୍ତି। ଏହି ଛାତ୍ରଛାତ୍ରୀଙ୍କର ସଫଳତାରେ ଆନନ୍ଦ ପ୍ରକାଶ କରି ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ୍, ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ୍, ମ୍ୟାଡ଼ାମ ଆଶାବରୀ କର, ପରିଚାଳନା ନିର୍ଦ୍ଦେଶକ ବିଦ୍ୟାଧର ଅଗସ୍ତି, ମ୍ୟାଡ଼ାମ ବନ୍ଦିତା ଦୀକ୍ଷିତ୍, ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଓ ଦେବେନ୍ଦ୍ର ଶତପଥୀ, ଶିକ୍ଷାବିତ୍ ବିପିନ୍ ବିହାରୀ କର, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଭବିଷ୍ୟତର ଉନ୍ନତି କାମନା କରିବା ସହିତ ଏହି ସଫଳତାକୁ ବଜାୟ ରଖିବା ପାଇଁ ଆଶା ପୋଷଣ କରିଛନ୍ତି।

## ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ପ୍ରତିଷ୍ଠା



ବାରିକପୁର,୧୫।୫(ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତଠାରେ ଦୁଗ୍ଧ ସଂଗ୍ରହ ପାଇଁ ଓମଫେଡ ସୋସାଇଟି ଗଠିତ ହୋଇଛି। ଏନେଇ ବାଲି ପୋଖରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଅକ୍ଷୟ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ବୈଠକରେ ଅନେକ ଗୋପାଳକ ଯୋଗଦେଇଥିଲେ। ସେହିପରି ନେରଡା ସରପଞ୍ଚ ଦେବଦାସୀ ଜେନାଙ୍କ ତତ୍ତ୍ୱାବଧାନରେ ଆଖୁଆପଦାଠାରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ଓମଫେଡ ସୋସାଇଟିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପଶୁସମ୍ପଦ ବିଭାଗ କାର୍ଯ୍ୟାଳୟଠାରେ ୨ ହଜାର ଲିଟର ବିଶିଷ୍ଟ ଦୁଗ୍ଧ ଶିତଳୀକରଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ନୂତନ କେନ୍ଦ୍ରକୁ ପଶୁ ଚିକିତ୍ସା ଅଧିକାରୀ ଦେବପ୍ରକାଶ ସାହୁ ଉଦଘାଟନ କରିଛନ୍ତି। ଓମଫେଡର ଜିଲ୍ଲା ସଂଯୋଜକ ମଣୀଭଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ସମସ୍ତ କାର୍ଯ୍ୟକ୍ରମରେ ପଶୁ ଚିକିତ୍ସା ଅଧିକାରୀଙ୍କ ସମେତ, ସହକାରୀ ଅଧିକାରୀ ଦେବାଶିଷ ହୋତା, ସୁବ୍ରତ ରାଉତ ପ୍ରମୁଖ ଗୋପାଳନ ଓ ଦୁଗ୍ଧ ବ୍ୟବସାୟ ସମ୍ପର୍କରେ ମତପ୍ରକାଶ କରିଥିଲେ।

# ଭଦ୍ରକ ରୋଟାରୀ କ୍ଲବ ମିଡ୍ ଟାଉନ୍ ଡିଜିଙ୍କ ପରିଦର୍ଶନ

ଭଦ୍ରକ,୧୫।୫ (ସମିସ)

ଭଦ୍ରକ ରୋଟାରୀ କ୍ଲବ ମିଡ୍‌ଟାଉନର ଡିଜିଙ୍କ ଅଫିସିଆଲ କ୍ଲବ ପରିଦର୍ଶନ କାର୍ଯ୍ୟକ୍ରମ ଆଦ୍ୟାଶା ହୋଟେଲରେ ରୋଟାରିଆନ୍ ସନ୍ଧ୍ୟା ଗୁପ୍ତାଙ୍କ ସଭାପତିତ୍ୱରେ ଯାଇଯାଇଛି। ରୋଟାରିଆନ୍ ମନୋଜ କୁମାର ପାଢୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରୋ.ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ରୋ.ଦେବବ୍ରତ ଭଞ୍ଜ, ନିମନ୍ତ୍ରିତ ଅତିଥି ରୋ.ଅଜୟ କୁମାର ଅଗ୍ରୱାଲ ଓ ଫାଷ୍ଟ ଲେଡି ମଧୁସ୍ମିତା ତ୍ରିପାଠୀ ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ରୋ.ସିଲୁ ଲାଖାନୀ ବିଗତ ଦିନରେ କ୍ଲବର ଅନୁଷ୍ଠିତ କାର୍ଯ୍ୟକ୍ରମର ସଫଳତା ବିଷୟରେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବତନ ରୋଟାରୀ ଜିଲ୍ଲା ୩୨୬୨ର ସଭାପତି ସମାଜସେବୀ ଡ.ଶିଶିର ମିଶ୍ର ସଫଳତା, ସାମାଜିକ ତଥା ସମ୍ପ୍ରତିକ ସେବାରେ କ୍ଲବର ରୋଟାରୀୟନମାନଙ୍କ ସେବା ସମ୍ବନ୍ଧରେ ଅବଗତ କରାଇଥିଲେ। ଏଥିସହ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ କ୍ଲବ ଦ୍ୱାରା ପ୍ରଦତ ୨ଟି ଡାଇଲେସିସ୍ ପରିବର୍ତ୍ତେ ଆଉ ୨ଟି ଅଧିକ ପ୍ରଦାନ କରିବା ପାଇଁ ଉପସ୍ଥାପନ କରିଥିଲେ। ପ୍ରାକ୍ତନ ଜିଲ୍ଲା ଗଭର୍ଣ୍ଣର ରୋ.ଅଜୟ ଅଗ୍ରୱାଲ ତାହା ପୂରଣ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋ.ଦେବବ୍ରତ ଭଞ୍ଜ ଓ ଜିଲ୍ଲା ଗଭର୍ଣ୍ଣର ରୋ.ମନୋଜ ତ୍ରିପାଠୀ କ୍ଲବ କାର୍ଯ୍ୟକ୍ରମ ଓ ସାଧାରଣ ବର୍ଷର ସେବା ପାଇଁ ପ୍ରଶଂସା କରିଥିଲେ। ରୋ.ନିରଞ୍ଜନ ମଲ୍ଲିକ ଓ ରୋ.ପ୍ରୀତି ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲବ ତରଫରୁ ଦକ୍ଷ ପ୍ରଶାସକ ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମକେଶରୀ ଖୁଣ୍ଟିଆ ଓ ଟାଉନଥାନା ଅଧିକାରୀ ପ୍ରଭାଂଶୁଶେଖର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ରାମଚନ୍ଦ୍ର ବିହାରୀଲାଲ ହାଇସ୍କୁଲ ଛାତ୍ର ଜ୍ୟୋତିରଂଜନ ରାଉଳ, ସେଣ୍ଟ ଜାଭିୟର ସ୍କୁଲ ଛାତ୍ରୀ ଆଲିସା ଶତପଥୀ, ହାପିହୋମ ସ୍କୁଲ ଛାତ୍ର ଆର୍ଯ୍ୟନ୍ ଦାସଙ୍କୁ ପ୍ରମାଣପତ୍ର ଓ ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୩ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ରୋ. ଅଶୋକ ବିଶ୍ୱାଳ ପରିଚାଳନା କରିଥିଲେ। ରୋ.ବେଦପ୍ରକାଶ ଗୁପ୍ତା, ଇନ୍ଦ୍ରଜିତ ସିଂ, ଅଶୋକ ଲାଖାନୀ, ପ୍ରମୋଦ ଲାଖାନୀ, ପବିତ୍ରମୋହନ ଖିଲାର, ଶଶି ଲାଖାନୀ, ରାହୁଲ ଖେରିଆ, ଗୌରବ ଅଗ୍ରୱାଲ, ନିମିଶ ପରେଖ ସହଯୋଗ କରିଥିଲେ। ରୋ.ସନାତନ ଜେନା ଧନ୍ୟବାଦ ଦେଇଥିଲେ।



# ବନରକ୍ଷୀ ସହରରେ, ଜଙ୍ଗଲ ମୁକୁଳା

## ବିପର୍ଯ୍ୟସ୍ତ ଅବସ୍ଥାରେ ଗୋଛାବାରୀ ବିଟ୍ ହାଉସ

ନୟାଗଡ଼,୧୫।୫(ସମିସ)



ନୟାଗଡ଼ ବନଖଣ୍ଡରେ ଜଙ୍ଗଲ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି କାରଣରୁ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ବ୍ୟାପକ ବନ୍ୟଜନ୍ତୁ ଶିକାର ହେଉଛି। ନୟାଗଡ଼ ବନଖଣ୍ଡ ଅଧୀନ ଗୋଛାବାରୀ ବିଟ୍ ହାଉସ୍ ତାହାର ଜ୍ୱଳନ୍ତ ଉଦାହରଣ। ଏହି ବିଟ୍ ହାଉସ ଘର ଦୀର୍ଘବର୍ଷ ଧରି ଅପାଙ୍କ୍ତେୟ ଅବସ୍ଥାରେ ପଡ଼ିରହିଛି। ବିଟ୍ ହାଉସର କବାଟ, ଝରକା ନଥିବା ବେଳେ ତାହା ଭୂତକୋଠି ପାଲଟିଛି। ଦୀର୍ଘଦିନ ଧରି ଏହି ବିଟ୍ ହାଉସରେ କୌଣସି ବନରକ୍ଷୀ ନିଯୁକ୍ତି ହେଉନଥିଲେ। ନିକଟତମ କୋସକା ବିଟ୍ ବନରକ୍ଷୀ ଅଥବା ଚାହାଳୀ ବିଟ୍ ବନରକ୍ଷୀ ଏହାର ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିଲେ। ଗତ ୬ ମାସ ହେବ ଏହି ସ୍ଥାନରେ ଶରତ କୁମାର ସାମନ୍ତରାୟ ନାମକ ଜନୈକ ବନରକ୍ଷୀଙ୍କୁ ବିଭାଗ ନିଯୁକ୍ତି ଦେଇଥିବା ସୂଚନା ମିଳିଛି। ୬ ମାସ ମଧ୍ୟରେ ବନରକ୍ଷୀଙ୍କ ପାଦ ଜଙ୍ଗଲରେ ପଡ଼ି ନଥିବା ଅଭିଯୋଗ ହେଉଛି। କାଁ ଭାଁ ବନରକ୍ଷୀ ଉକ୍ତ ଜଙ୍ଗଲ ଆଡ଼େ ବୁଲି ଦେଇ ଆସୁଥିବାବେଳେ ନୟାଗଡ଼ ସହରରେ ଅବସ୍ଥାନ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ବିଭିନ୍ନ ବିଟ୍ ହାଉସ ନୂତନ ଭାବେ ନିର୍ମାଣ କରୁଥିବା ବେଳେ ନୟାଗଡ଼ ବନଖଣ୍ଡ ଅବହେଳାରୁ ଗୋଛାବାରୀ ବିଟ୍ ହାଉସ ଅପାଙ୍କ୍ତେୟ ହୋଇ ପଡ଼ିରହିଛି। ଏହା ଦ୍ୱାରା ଖେଡ଼ପଡ଼ା ସେକ୍ସନ ଅଧୀନରେ ରହିଥିବା ହାତୀମୁଣ୍ଡା ଜଙ୍ଗଲ ଅସୁରକ୍ଷିତ ହୋଇପଡ଼ିଛି। ଦିନ ଦ୍ୱିପହରେ କାଠ ମାଫିଆମାନେ ସାଇକଲ୍ ଓ ବାଇକ୍ ଯୋଗେ ଶାଳ, ଶାଗୁଆନ କାଠ କାଟି ବୋହୁଛନ୍ତି। ପ୍ରତ୍ୟେକ ଦିନ ଜଙ୍ଗଲକୁ ଶଗଡ଼ ଯାଇ ବାଉଁଶ ଚୋରି ହେଉଛି। ନୟାଗଡ଼ ବନାଞ୍ଚଳ ଅଧୀନରେ ରହିଥିବା ହାତୀମୁଣ୍ଡା ଜଙ୍ଗଲ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଗ୍ରାମବାସୀ ଅକ୍ଳାନ୍ତ ପରିଶ୍ରମ କରିବା ସହ ସୁରକ୍ଷା ଦେଇ ଆସୁଛନ୍ତି। ମାତ୍ର ବନକର୍ମଚାରୀଙ୍କ ଅବହେଳାରୁ ଉକ୍ତ ଜଙ୍ଗଲ ଆଜି ଛାରଖାର ହେବାକୁ ବସିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚରେ ଅସନ୍ତୋଷ ସୃଷ୍ଟି ହେଉଥିବା ବେଳେ ଲୋକମାନେ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

### ବୃଦ୍ଧି ପାଉଛି ବନ୍ୟଜନ୍ତୁ ଶିକାର

ନୟାଗଡ଼: ନୟାଗଡ଼ ବନାଞ୍ଚଳ ଅଧୀନ ଖେଡ଼ପଡ଼ା ସେକ୍ସନ ଗୋଛାବାରୀ, କୋସକା ବିଟ ଅଞ୍ଚଳରେ ଶିକାର ବୃଦ୍ଧି ପାଉଛି। ବାର୍‌ହା, କୋଟାରା ଶିକାର ବୃଦ୍ଧି ପାଇବା ସହ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହେଉଛି। ନିୟମିତ ଭାବେ କିଛି ଶିକାରୀ ଜଙ୍ଗଲରେ ଶିକାର କରିବା ସହ ବନ୍ୟଜନ୍ତୁ ମାଂସ ଆଣି ନୟାଗଡ଼ ସହରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ବନକର୍ମଚାରୀମାନେ ସହରରେ ଅବସ୍ଥାନ କରୁଥିବାରୁ ଜଙ୍ଗଲ ମଧ୍ୟରେ ଅବାଧ ଶିକାର ହେଉଥିବା ଅଭିଯୋଗ ହେଉଛି।

# ଏ୧ ପାଇଥିବା ୫୨ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ନୟାଗଡ଼,୧୫।୫(ସମିସ): ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ପରିଷଦର ସୃଜନ ସଭାକକ୍ଷରେ ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ୧ ପାଇଥିବା ସର୍ବମୋଟ ୫୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଡା ସମ୍ବିତ ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍ଗ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବିଶେଷଭାବେ ବିଦ୍ୟାର୍ଥୀମାନେ ନିଜର ଜ୍ଞାନ, ସଂସ୍କାର ଓ କର୍ମ ଦ୍ୱାରା ସମାଜ ତଥା ରାଷ୍ଟ୍ରକୁ ଗୌରବାନ୍ୱିତ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ଜିଲ୍ଲା ଶିକ୍ଷା ବିଭାଗ ଏପ୍ରକାର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଛାତ୍ର ଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହ ନୟାଗଡ଼ ଜିଲ୍ଲାରେ ବିଭିନ୍ନ ସମୟରେ ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କ ତଥ୍ୟ ଉପସ୍ଥାପିତ କରିଥିଲେ। ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କୃଦାସପୁରର ଛାତ୍ର ସରୋଜ କୁମାର ଜେନା ଜିଲ୍ଲାରେ ସର୍ବାଧିକ ନମ୍ବର ରଖି ପ୍ରଥମ ହୋଇଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅନ୍ୟ ସମସ୍ତ ଶିକ୍ଷକଙ୍କୁ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସମ୍ମାନିତ କରାଯାଇଥିଲା। ଜିଲ୍ଲାର ଏ୧ ପାଇଥିବା ୫୨ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଡା ସମ୍ବିତ ପାତ୍ର ପ୍ରତ୍ୟେକ କୃତୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକ, ଖାତା ସହ ଏକ ବ୍ୟାଗ ମଧ୍ୟ ଉପହାର ଭାବେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶରତ ଚନ୍ଦ୍ର ଆଚାର୍ଯ୍ୟ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ ଶିକ୍ଷା ଅଧିକାରୀ ସଂଧାରାଣୀ ରାଉତ।

# କଣ୍ଟିଲୋରେ ମିଳୁନି ପେଟ୍ରୋଲ

କଣ୍ଟିଲୋ,୧୫।୫(ସମିସ): ତୈଳ ସଙ୍କଟର ପ୍ରଭାବ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଛି। କଣ୍ଟିଲୋ ଠାରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ଗୁରୁବାର ସନ୍ଧ୍ୟାରୁ



ବନ୍ଦ ରହିଛି। ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଆଗକୁ ସାବିତ୍ରୀ ଅମାବାସ୍ୟା ଥିବାରୁ ପେଟ୍ରୋଲ, ଡିଜେଲ ପମ୍ପରେ ଉପଲବ୍ଧ ହେଉନଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଏହାର ସୁଯୋଗରେ ପେଟ୍ରୋଲ, ଡିଜେଲ କଳାବଜାର ହେଉଛି। ଆବଶ୍ୟକତା ଦୃଷ୍ଟିରୁ ଲୋକେ ବାଧ୍ୟ ହୋଇ ୧୫୦ ଟଙ୍କାରୁ ଅଧିକ ଦେଇ ମଧ୍ୟ ପେଟ୍ରୋଲ କିଣୁଛନ୍ତି। ତୁରନ୍ତ ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ ତେଲ ଉପଲବ୍ଧ କରିବାକୁ ଦାବି ହେଉଛି।

# ରାମଚରିତ ମାନସ ପାରାୟଣ

ଟାଙ୍ଗୀ,୧୫।୫(ସମିସ):ଟାଙ୍ଗୀ ବ୍ଲକ୍ ମଙ୍ଗଳାଯୋଡ଼ି ଗୋପାଳପୁର ଶାସନ ଶ୍ରୀହନୁମାନ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ସହାୟତାରେ ଗତ ୯ ତାରିଖରେ ଆରମ୍ଭ ହୋଇଥିବା ପଞ୍ଚାର୍ଣ ପାରାୟଣ ରାମଚରିତ ମାନସ ଉଦ୍‌ଯାପିତ ହୋଇଛି। ବ୍ୟାସ ଭାବେ ମହନ୍ତ ଚିତ୍ତରଞ୍ଜନ ଦାଶ, ଧାରକ ଭାବେ ମନୋରଞ୍ଜନ ଦାଶ, ପୁରୋହିତ ଭାବେ ପ୍ରଭାକର ଦାଶ, ସଭାପତି ଭାବେ ତ୍ରିଲୋଚନ ଦାଶ, ମୁଖ୍ୟକର୍ତ୍ତା ଭାବେ ଗଙ୍ଗାଧର ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଦିନ ପାରାୟଣ, ରାମନାଟକ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ପ୍ରଭୁ କୃପା ଲାଭ କରିଥିଲେ।

### ଗଣିଆ କଲେଜରେ ଅଧ୍ୟକ୍ଷାଙ୍କ ମନମାନୀ ଘଟଣା

# ପ୍ରଫେସର ରମେଶଙ୍କୁ ଅଧ୍ୟକ୍ଷ ଦାୟିତ୍ୱ

ନୟାଗଡ଼,୧୫।୫(ସମିସ): ଗଣିଆ ରଘୁନାଥଜିଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସଲିଳା ସେଠୀଙ୍କୁ ବଦଳି ଦାବି କରି ବିଦ୍ୟାଳୟର ୧୨ ଜଣ କର୍ମଚାରୀ ଧାରଣାରେ ବସି ରହିଥିଲେ। ଦୀର୍ଘ ୧୪ ଦିନ ହେବ ସେମାନେ ଧାରଣାରେ ବସିବା ସହିତ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଅଧ୍ୟକ୍ଷା ସେମାନଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ଅଧ୍ୟକ୍ଷାଙ୍କ ନିର୍ଯାତନା ଅସହ୍ୟ ହେବାରୁ ସେମାନେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ। ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷା ଏବଂ କର୍ମଚାରୀଙ୍କୁ ଡାକି ଉଭୟଙ୍କ କଥା ଶୁଣିଥିଲେ। ଏପରିକି କର୍ମଚାରୀ ଅଭିଯୋଗ କରିଥିବା ସମସ୍ତ ବିଷୟ ସମ୍ପର୍କରେ ଜିଲ୍ଲାପାଳ ଅଧ୍ୟକ୍ଷାଙ୍କୁ ପଚାରିଥିଲେ ମଧ୍ୟ ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ପାଇନଥିଲେ। ଶୁକ୍ରବାର ଦିନ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଓ ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ୍ କଲେଜ ପରିସରରେ ପହଞ୍ଚି ଧାରଣାରେ ବସିଥିବା କର୍ମଚାରୀଙ୍କୁ ଉଠାଇବା ସହିତ ଅଧ୍ୟକ୍ଷାଙ୍କୁ ପଦଚ୍ୟୁତ କରାଯାଇଥିବା ପ୍ରକାଶ କରିଥିଲେ। ନୂତନ ଅଧ୍ୟକ୍ଷ ଭାବେ ଦଶପଲ୍ଲା ବିଏସ କଲେଜର ସଂସ୍କୃତ ପ୍ରଫେସର ରମେଶ କୁମାର ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ଉପଜିଲ୍ଲାପାଳ ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ସମସ୍ତଙ୍କୁ ଲିଖିତ ଭାବେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏପରିକି ନୂତନ ଅଧ୍ୟକ୍ଷ ତୁରନ୍ତ ଦାୟିତ୍ୱ ଗ୍ରହଣ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ତହସିଲଦାରଙ୍କଠାରୁ ଏହି ଖବର ଶୁଣିବା ପରେ କର୍ମଚାରୀମାନେ ଧାରଣାରୁ ଉଠିଥିଲେ। ଏହି ଖବର ଜଣାପଡିବା ପରେ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ନୂତନ ଅଧ୍ୟକ୍ଷଙ୍କୁ ସେମାନେ ଶୁଭେଚ୍ଛା ଜଣାଇଛନ୍ତି।

ଅପରାହ୍ନରେ ନୂତନ ଅଧ୍ୟକ୍ଷ ଶ୍ରୀ ଦାଶ ବିଦ୍ୟାଳୟ ପରିସରରେ ପହଞ୍ଚି କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ସୋମବାର ସେ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ, ଅଧ୍ୟକ୍ଷାଙ୍କ ସମର୍ଥନରେ ଆଜି ଛାତ୍ରଛାତ୍ରୀଙ୍କୁ ନେଇ ପ୍ରାୟୋଜିତ ଭାବେ ସମାନ୍ତରାଳନ ଧାରଣା ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ଓ ତହସିଲଦାର ପହଞ୍ଚି ପ୍ରାୟୋଜିତ ଧାରଣାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିବା ସୂଚନା ମିଳିଛି।

# କେବେ ବି ନିଲାମ ହୋଇନି କୋମଣ୍ଡ ରୋହିବାଙ୍କ ଖଣି

## ବେଆଇନ ମାଙ୍କଡ଼ା ଚାଲାଣକୁ ନେଇ ବଢୁଛି ଅଶାନ୍ତି

ଓଡ଼ଗାଁ,୧୫।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ଓ ରୋହିବା ଅଞ୍ଚଳରେ ଥିବା ମାଙ୍କଡ଼ା ପଥର ଖଣି ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି। ମାଙ୍କଡ଼ା ପଥର ବେଆଇନ ଚାଲାଣକୁ କେନ୍ଦ୍ର କରି ଘଟିଥିବା ଅଜିତ ହତ୍ୟାକାଣ୍ଡ ସାମ୍ପ୍ରତିକ ସମୟରେ ରାଜ୍ୟସ୍ତରରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ, ଖଣି ବିଭାଗ ଓ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ବିଭିନ୍ନ ଗଣମାଧ୍ୟମରେ ଏ ନେଇ ବାରମ୍ବାର ଖବର ପ୍ରସାରଣ ହୋଇଛି। ଏହାକୁ ଗୁରୁତ୍ୱ ଦେଇ ଯଦି ଉଚିତ ସମୟରେ ସରକାର ଓ ଖଣି ବିଭାଗ ପଦକ୍ଷେପ ଗ୍ରହଣ ନେଇଥାନ୍ତେ, ତେବେ ଏଭଳି ଘଟଣାକୁ ସହଜରେ ଏଡ଼ାଇ ଦେଇ ପାରିଥାନ୍ତେ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ପ୍ରାୟ ଦୁଇଶହ ବର୍ଷରୁ ଅଧିକ ସମୟ ଧରି କୋମଣ୍ଡ ଓ ରୋହିବା ଅଞ୍ଚଳରୁ ମାଙ୍କଡ଼ା ପଥର ବେଆଇନ ଭାବେ ଉତ୍ତୋଳନ ଓ ଚାଲାଣ ହୋଇଆସୁଛି। ସ୍ଥାନୀୟ ଅଞ୍ଚଳ ସହ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଏହି ପଥରର ବହୁଳ ଚାହିଦା ରହିଥିବାରୁ କିଛି ବ୍ୟବସାୟୀ ଚୋରା ଚାଲାଣକୁ ପେଶା କରି ନେଇଛନ୍ତି। ମଜବୁତ



ଗୃହ ନିର୍ମାଣ ପାଇଁ ଏହି ପଥରକୁ ଲୋକେ ପ୍ରାଥମିକତା ଦେଉଥିବାରୁ ଏହାର ଚାହିଦା କମିନାହିଁ। ବର୍ତ୍ତମାନ ବେଆଇନ ଭାବେ ବିକ୍ରି ହେଉଥିବା ୧ଶହ ଖଣ୍ଡ ମାଙ୍କଡ଼ା ପଥରର ମୂଲ୍ୟ ପ୍ରାୟ ୧୦ ହଜାର ଟଙ୍କା ରହିଥିବା ବେଳେ ଗୋଟିଏ ପଥରର ଦାମ ପ୍ରାୟ ଏକଶହ ଟଙ୍କା ପଡୁଛି। ଏହି ବ୍ୟବସାୟରେ ସ୍ଥାନୀୟ ଶ୍ରମିକ ଠାରୁ ଆରମ୍ଭ କରି ଗାଡ଼ି ମାଲିକ ପର୍ଯ୍ୟନ୍ତ ଅନେକେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ରହି ଜୀବିକା ନିର୍ବାହ କରୁଛନ୍ତି। ସରକାର କିମ୍ବା ଖଣି ବିଭାଗ ଯଦି ବିଧିବଦ୍ଧ ଭାବେ ମାଙ୍କଡ଼ା ପଥର ଉତ୍ତୋଳନ ଓ ବିକ୍ରି ପାଇଁ ବ୍ୟବସ୍ଥା କରନ୍ତେ, ତେବେ ସରକାରୀ ରାଜସ୍ୱ ବୃଦ୍ଧି ପାଇବା ସହିତ ସାଧାରଣ ଲୋକ ମଧ୍ୟ ଉପଯୁକ୍ତ ମୂଲ୍ୟରେ ପଥର ପାଇପାରିବେ। ନଚେତ୍ ଏଭଳି ବେଆଇନ କାରବାର ଆଗାମୀ ଦିନରେ ଆହୁରି ଭୟଙ୍କର ରୂପ ନେବାର ଆଶଙ୍କା ରହିଛି। ଅଞ୍ଚଳବାସୀଙ୍କ ଦାବି, ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆଇନ ସମ୍ମତ ଭାବେ ଖଣି ଚାଳନା କରାଯାଉ, ନତୁବା ସମ୍ପୂର୍ଣ୍ଣ ଭାବେ ବେଆଇନ ଉତ୍ତୋଳନ ଓ ଚାଲାଣକୁ ବନ୍ଦ କରାଯାଉ। ସଚେତନ ମହଲର ମତରେ, କେବଳ କୋମଣ୍ଡ-ରୋହିବା ମାଙ୍କଡ଼ା ପଥର ଖଣି ନୁହେଁ, ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚାଲିଥିବା ଖଣି, ଖାଦାନ ଓ ବାଲି ଚାଲାଣ ଉପରେ ସରକାର କଡ଼ା ନଜର ନରଖିଲେ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ଅଧିକ ଜଟିଳ ହୋଇପାରେ। ଏପରି ଘଟଣାର ପୁନରାବୃତ୍ତିକୁ ରୋକିବା ନିମନ୍ତେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# କିଶୋର ପ୍ରସାଦ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଗଣିଆ,୧୫।୫(ସମିସ): ଗଣିଆ ବ୍ଲକ କିଶୋରପ୍ରସାଦଠାରେ ମହାନଦୀ ପବ୍ଲିକ ସ୍କୁଲ ପ୍ରାୟୋଜିତ କିଶୋରପ୍ରସାଦ ପ୍ରିମିୟର ଲିଗ୍ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ମହାନଦୀ ପବ୍ଲିକ ସ୍କୁଲର ସମ୍ପାଦକ ତଥା ସାମ୍ବାଦିକ ପଙ୍କଜ କୁମାର ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କ୍ରୀଡ଼ା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଚାମ୍ପିଅନ ଏବଂ ରନର୍ସଅପ୍ ଟ୍ରଫିକୁ ଏକ ସୁସଜ୍ଜିତ ଗାଡ଼ିରେ ସାଜସଜ୍ଜା କରି ବିଶାଳ ଶୋଭାଯାତ୍ରାରେ ପଡ଼ିଆ ମଧ୍ୟକୁ ନିଆଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିବା ଜଣାପଡ଼ିଛି। ଆଜି ସକାଳେ ପ୍ରଥମ ମ୍ୟାଚରେ ବ୍ୟାଟିଂ କରି ବି.କେ-୧୧ ଦଳ ୧୦ ଓଭରରେ ୧୫୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ଫାୟାର -୧୧ ଦଳ ୧୦ ଓଭରରେ ୧୩୦ ରନ୍ କରି ମ୍ୟାଚ୍ ହାରି ଯାଇଥିବା ବେଳେ ବି.କେ -୧୧ ବିଜୟ ଲାଭ କରିଥିବା ବେଳେ ଦଳର ରାକେଶ ମଲ୍ଲିକ ୨୮ ବଲରୁ ଧୂଆଁଧାର ୬୮ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅପରାହ୍ନରେ ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୟୁପି-୧୧ ୧୦ ଓଭରରେ ୧୮୦ ରନ୍ ସଂଗ୍ରହ କରିଥିଲେ କରିଥିଲେ। ଜବାବରେ କିଙ୍ଗସ୍ -୧୧ ଦଳ ମାତ୍ର ୮୭ ରନ୍ କରି ମ୍ୟାଚ୍ ହାରି ଯାଇଥିଲେ। ୟୁପି -୧୧ର ଦିଲ୍ଲୀପ କୁମାର ପ୍ରଧାନ ୧୬ ବଲରେ ଧୂଆଁ ଧାର ୬୧ ରନ୍ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ୟୁପି -୧୧ ଦ୍ୱିତୀୟ ଦଳ ଭାବେ ବିଜୟ ଲାଭ କରିଥିଲେ। ଗ୍ରାମର ନବକିଶୋର ସେନାପତି, ଚନ୍ଦନ ରାଉତ, ବିଶ୍ୱରଞ୍ଜନ ବେହେରା ଓ ସୁଶାନ୍ତ କୁମାର ସ୍ୱାଇଁ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଗୌଡ଼ପୁଟ ପୁଅ ଆର୍ଯ୍ୟ ଅନୁରାଗ ଜିଲ୍ଲା ଟପ୍ପର

ଓଡ଼ଗାଁ,୧୫।୫(ସମିସ): ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ସିବିଏସଇ ବୋର୍ଡ ପକ୍ଷରୁ ପ୍ରକାଶିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳରେ ନୟାଗଡ଼ ଜିଲ୍ଲାର ଗୌରବ ବଢ଼ାଇଛନ୍ତି। ଓଡ଼ଗାଁ



ବ୍ଲକ ଗୌଡ଼ପୁଟ ଗ୍ରାମର ଛାତ୍ର ଆର୍ଯ୍ୟ ଅନୁରାଗ ପରିଡ଼ା। ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଏହି ମେଧାବୀ ଛାତ୍ର ୯୬ ପ୍ରତିଶତ ନମ୍ବର ରଖି ନୟାଗଡ଼ ଜିଲ୍ଲାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆର୍ଯ୍ୟ ଅନୁରାଗ ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ନଳିନୀ ଯେନା ଓ ଗୌଡ଼ପୁଟ କ୍ଲଷ୍ଟରର ସିଆରସିସି ଶ୍ରୀଧର ପରିଡାଙ୍କ ପୁତ୍ର। ତାଙ୍କ ଏହି ସଫଳତା ପଛରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ବି. ଜୁମ୍ କେଭି ଏକାଡେମୀ ନୟାଗଡ଼ର ଶିକ୍ଷକଙ୍କ ମାର୍ଗଦର୍ଶନ ସହିତ ପିତାମାତାଙ୍କ ସହଯୋଗ ଓ ଆଶୀର୍ବାଦ ଏବଂ ନିଜର କଠୋର ପରିଶ୍ରମ ଏବଂ ଦୃଢ଼ ସଂକଳ୍ପ ମୁଖ୍ୟ ଭୂମିକା ନେଇଥିବା କୁହାଯାଉଛି। ଆର୍ଯ୍ୟଙ୍କ ଏହି କୃତିତ୍ୱରେ ଗ୍ରାମ, ବ୍ଲକ ଓ ସମଗ୍ର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ନିଜ ପ୍ରତିକ୍ରିୟାରେ ଆର୍ଯ୍ୟ ଅନୁରାଗ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଗୁରୁଜନଙ୍କ ଆଶୀର୍ବାଦ କାମନା କରିଛନ୍ତି।

# ଗ୍ୟାସ୍ ଅଭାବ ବଢ଼ାଇଛି କାଠଚୂଲା ଚାହିଦା

ଭାପୁର,୧୫।୫(ସମିସ)

ପ୍ରାକୃତିକ ଓ ସାମ୍ପ୍ରତିକ ପରିସ୍ଥିତି ଅନେକ ପରିବର୍ତ୍ତନ ଆଣିଥାଏ। କରୋନା ମହାମାରୀ ତାହାର ଏକ ଜ୍ୱଳନ୍ତ ଉଦାହରଣ ଥିଲା। ଏବେ ଉପସାଗରୀୟ ଅଞ୍ଚଳରେ ଇରାନ ଓ ଆମେରିକା, ଇସ୍ରାଏଲ ମଧ୍ୟରେ ଯୁଦ୍ଧ ବିଭୀଷିକା ଅନ୍ୟତମ ଉଦାହରଣ ପାଲଟିବାକୁ ଯାଉଛି। ମଣିଷ ସମାଜ ପୁରୁଣା ସମୟକୁ ଫେରୁଥିବାବେଳେ ପରିସ୍ଥିତି ସହ ତାଳ ଦେଇ ଚାଲିବାକୁ ବାଧ୍ୟ ହେଉଛି। ଯେଉଁ ମଣିଷ ଗ୍ୟାସ, ଇଣ୍ଡକସନ୍ ଚୂଲାଠାରୁ ଆରମ୍ଭ କରି ଅତ୍ୟାଧୁନିକ ବ୍ୟବସ୍ଥାରେ ରୋଷେଇ କରୁଥିଲେ, ସେହି ମଣିଷ ପୁଣି ଶୁଖିଲା କାଠ ସଂଗ୍ରହ କରି ଚୂଲି ଜାଳି ରୋଷେଇ କରିବାକୁ ସଜବାଜ ହେଉଛି। ଇନ୍ଧନ ତୈଳ ଓ ଗ୍ୟାସ ଭାରତ ଆସିବା କଷ୍ଟକର ଏବଂ ଅଭାବ ପରିସ୍ଥିତି ସୃଷ୍ଟି ହେବା ପରେ ଗ୍ରାମାଞ୍ଚଳରେ ପୂର୍ବଭଳି କାଠ ଦ୍ୱାରା ଚୂଲି ରୋଷେଇ ବ୍ୟବସ୍ଥା ଆରମ୍ଭ ହେଉଛି। ସାରା ଦେଶରେ ଗ୍ୟାସ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ସାଧାରଣ ଖାଉଟିଙ୍କୁ ଗ୍ୟାସ ସିଲିଣ୍ଡର ମିଳିବା କଷ୍ଟକର ହୋଇପଡ଼ିଛି। ପୂର୍ବରୁ ୨୫ ଦିନରେ ଗୋଟିଏ ପରିବାର ଗ୍ୟାସ ବୁକିଂ କରିପାରୁଥିବା ସମୟରେ ବର୍ତ୍ତମାନ ଏହା ୪୫ ଦିନରେ ବୁକିଙ୍ଗ ହୋଇ ପାରିବ। ତାହା ପୁଣି ମିଳିବା ନିର୍ଦ୍ଦିଷ୍ଟତା ନାହିଁ। ଏପରି ଅବସ୍ଥାରେ ଗ୍ୟାସ ବିନା ରୋଷେଇ କରିବା କାଠିକର ପାଠ ହୋଇଛି। ଗ୍ୟାସ ଆସିବା ପରଠାରୁ ଗାଁ ଗଣ୍ଡାରେ ଆଉ କାଠଚୂଲା ପ୍ରାୟ ବୁଡ଼ି ଯାଇଥିଲା। ବର୍ତ୍ତମାନ ଗ୍ୟାସ ଅଭାବ ଯୋଗୁଁ ଅନେକ ପରିବାର କାଠରେ ରୋଷେଇ କରିବା ପୁନର୍ବାର ଆରମ୍ଭ କରିଦେଲେଣି। ଏବେକାର ମହିଳା ମାନେ ହାତରେ ମାଟିରେ ଚୂଲି କରିପାରୁ ନଥିବାରୁ ଦୋକାନରୁ ଉଠାଚୁଲି କିଣି ରୋଷେଇ କରୁଛନ୍ତି। ଫଳରେ ଦୋକାନରେ ଯେଉଁ ଉଠା ଚୂଲି ପୂର୍ବରୁ ୧୫୦/୨୦୦ ଟଙ୍କାରେ ମିଳୁଥିଲା ତାହା ଏବେ ୪ ଶହ ଟଙ୍କା ହୋଇଯାଇଛି ଓ ମିଳିବା ମଧ୍ୟ କଷ୍ଟ ହେଉଛି। ଗାଁ ଗହଳିରେ ଅଲୋଡ଼ା ହେଉଥିବା କାଠ ପତର ଏବେ ରୋଷେଇର ପ୍ରମୁଖ ମାଧ୍ୟମ ସାଜିଛି। ଅନେକ ଗ୍ରାମାଞ୍ଚଳରେ ପୂର୍ବ ଭଳି ମହିଳାମାନେ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରୁଥିବା ଦେଖିବାକୁ ମିଳିଲାଣି।



ଅନେକ ସ୍ଥାନରେ ଘଷି ପାରିବା ମଧ୍ୟ ଆରମ୍ଭ ହେଲାଣି। ପୂର୍ବ ସମୟକୁ ଫେରିବା ସ୍ଥିତିରେ ସମାଜ ରହିଥିବା ବେଳେ ଭବିଷ୍ୟତକୁ ନେଇ ଅନେକ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି।



### ବୃଦ୍ଧି ପାଇଛି ଗ୍ୟାସ କଳାବଜାରୀ

ନୟାଗଡ଼,୧୫।୫(ସମିସ): ଜିଲ୍ଲା ପ୍ରଶାସନ ବିଭିନ୍ନ ହୋଟେଲ ଢାବାରେ ଚଢ଼ଉ କରି ଗ୍ୟାସ ସିଲିଣ୍ଡର ଜବତ କରିବା ପରେ ଗ୍ୟାସ କଳାବଜାରୀ ହେବ ନାହିଁ ବୋଲି ଅନୁମାନ କରାଯାଉଥିଲା।

ଏବେ ଜିଲ୍ଲାର ସମସ୍ତ ଢାବା ଓ ହୋଟେଲରେ ବ୍ୟାପକ ପରିମାଣର ଘରୋଇ ଗ୍ୟାସ ବ୍ୟବହାର ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ଉକୁ କୋହଳ କରାଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ସହ ଯୋଗାଣ ବିଭାଗ କାହିଁକି ଚୁପ ବସିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଯାଜପୁରରେ ତୈଳ ସଙ୍କଟ
# ବନ୍ଦ ହୋଇରହିଛି ଅର୍ଦ୍ଧାଧିକ ତେଲ ଟାଙ୍କି



**ବ୍ୟାସନଗର, ୧୫।୫(ସମିସ)**

ରାଜ୍ୟରେ ଦେଖାଦେଇଥିବା ତୈଳ ସଂକଟର ପ୍ରଭାବ ଯାଜପୁରରେ ଦେଖିବାକୁ ମିଳିଛି। ବ୍ୟାସନଗର ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ପେଟ୍ରୋଲ୍ ପମ୍ପରେ ତୈଳ ଅଭାବ ଦେଖିବାକୁ ମିଳିଛି। ଫଳରେ କେତୋଟି ଟାଙ୍କି ବନ୍ଦ ହୋଇଯାଇଥିବା ବେଳେ ଖୋଲାଥିବା ଟାଙ୍କିରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି।

ଗତ ଗୁରୁବାର ରାତିରୁ ବ୍ୟାସନଗର ଅଞ୍ଚଳରେ ତୈଳ ସଂକଟ ଆରମ୍ଭ ହୋଇଯାଇଥିଲା। ସେହି ରାତିରୁ ସହରର ଅନେକ ତେଲ ଟାଙ୍କି ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା। ସହରର ନହକା ଛକରେ ଥିବା ଗଣେଶ ଫୁଏଲ ଷ୍ଟେସନ, ଦଳା ଶଙ୍ଖଚିଲା ରୋଡ୍‌ରେ ଥିବା ଯୋଗେଶ୍ୱରୀ ଫିଲିଂ ଷ୍ଟେସନ ସମେତ ଅନେକ ତେଲ ଟାଙ୍କିରେ ହଠାତ୍ କୃତ୍ରିମ ସଂକଟ ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ରାଜ୍ୟରେ ତୈଳ ଅଭାବ ନ ଥିବା କହୁଥିବା ବେଳେ ହଠାତ୍ ତୈଳ ସଂକଟ ଦେଖାଯିବାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ପ୍ରକୃତରେ ସଂକଟ ନା କଳାବଜାରୀ; ତାହା ତଦନ୍ତ ପରିସରଭୁକ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି। କାହା ନିର୍ଦ୍ଦେଶରେ ଏହି ତେଲ ପମ୍ପ ମାଲିକମାନେ ସାଧାରଣ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିବାକୁ ସାହାସ କରିବା ସହିତ କଳାବଜାରୀ କରି ଅଧିକ ଅର୍ଥ ମୁନାଫା କରିବାକୁ ସାହସ ଜୁଟାଇଲେ ତାହା ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ଏହି ଘଟଣାରେ ଅନ୍ୟ ଜିଲ୍ଲାରେ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରୁଥିବା ବେଳେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଏପରିକି ବ୍ୟାସନଗରରେ ଜିଲ୍ଲା ପ୍ରଶାସନ କଳ ଏକପ୍ରକାର ଚୁପ ରହିବାକୁ ନେଇ ମଧ୍ୟ ସାଧାରଣରେ ଏକ ବିରାଟ ପ୍ରଶ୍ନଚିହ୍ନ ଲାଗିଛି। ଅନେକ ତେଲ ଟାଙ୍କି ସନ୍ଧ୍ୟା ପରେ ତେଲ ଦର ବଢ଼ିବା ପରେ ଖୋଲୁଥିବା ବେଳେ ଏହାକୁ ସାଧାରଣ ଜନତା ଅନେକ ପ୍ରଶ୍ନ ଉଠାଇଛନ୍ତି। ପେଟ୍ରୋଲ ପମ୍ପ ଗୁଡ଼ିକରେ କେତେ ତେଲ ମହଜୁଦ ଅଛି, ତାହାର ଏକ ବୋର୍ଡ ଟାଙ୍କି

## ଖୋଲାଥିବା ଟାଙ୍କିରେ ଅସମ୍ଭାଳ ଭିଡ଼

ସାମ୍ନାରେ ମାରିବାର ନିୟମ ରହିଥିବା ବେଳେ ଅନେକ ତେଲ ଟାଙ୍କି ଏହାକୁ ଖୋଲାକୋଲି ଉଲ୍ଲଙ୍ଘନ କରୁଥିବା ବେଳେ ଜିଲ୍ଲା ଯୋଗାଣ ବିଭାଗ, ଓଜନ ଏବଂ ମାପ ବିଭାଗ ଏବଂ ପ୍ରଶାସନ ଏନେଇ ନିରବଦ୍ରଷ୍ଟା ସାଜିଛନ୍ତି। ଫଳରେ ଯେଉଁ ହାତଗଣତି ଟାଙ୍କିରେ ତେଲ ରହିଛି ସେଠାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ତେଲ ପାଇଁ ଲୋକେ ଲମ୍ବା ଲାଇନ ଲଗାଇବା ସହିତ ଘଣ୍ଟା ଘଣ୍ଟା ଧରି ଖରାରେ ଛିଡା ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ତେଲ ନେଇ ସଂକଟ ଏବଂ ଏପରି ଅବ୍ୟବସ୍ଥା ନେଇ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତିକ୍ରିୟା ନେବାରୁ ସେ ଏନେଇ ଅଭିଯୋଗ ହେବା ପରେ ସିଏସଓ (ଯୋଗାଣ ଅଧିକାରୀ) ଯାଇ ତଦନ୍ତ କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ତେବେ କେଉଁ ଟାଙ୍କିରେ କେତେ ତେଲ ମହଜୁଦ ରହିଛି ସେନେଇ ସୂଚନା ସମସ୍ତ ଟାଙ୍କିରେ ସୂଚନାଫଳକ ଭାବେ ରହିବାକୁ ନିୟମ ଥିଲେ ମଧ୍ୟ ଏହାକୁ ପାଳନ କରାଯାଉନଥିବାକୁ ନେଇ ଶ୍ରୀଯୁକ୍ତ କର ଅସନ୍ତୋଷ ପ୍ରକାଶ କରିଥିଲେ।

## ଭୟରେ ତେଲ ମହଜୁଦ ରଖୁଛନ୍ତି ଲୋକେ



**ଦଶରଥପୁର, ୧୫।୫(ସମିସ):** ଦଶରଥପୁର ବ୍ଲକ ଅଞ୍ଚଳର ପେଟ୍ରୋଲ ପମ୍ପ ଗୁଡିକରେ ପେଟ୍ରୋଲ ଓ ଡିଜେଲ ପାଇଁ ହାହାକାର ସ୍ଥିତି ଦେଖାଦେଇଛି। ଗତ ୧ ମାସ ହେବ ବ୍ଲକରେ ଥିବା ଏଲ୍‌ପିଜି ବିତରକଙ୍କ ଗୋଦାମରେ ଗ୍ୟାସ ଟାଙ୍କି ପାଇଁ ଉପଭୋକ୍ତାଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିବା ବେଳେ ଏବେ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ନେବାକୁ ଚାଲିଛି ପ୍ରତିଯୋଗିତା। ବ୍ଲକର ଖଣ୍ଡରା, ଝୁମ୍ପୁରୀ, କଟିକଟା, କନିକାପଡ଼ା ଓ ମଙ୍ଗଳପୁର ଠାରେ ଥିବା ପେଟ୍ରୋଲ ପମ୍ପ ମାନଙ୍କରେ ବାଇକ୍, ଅଟୋ ଓ ଚାରିଚକିଆ ଯାନ ଗୁଡିକର ଲମ୍ବା ଧାଡ଼ି ପରିଲକ୍ଷିତ ହୋଇଛି। ଆଗକୁ ପେଟ୍ରୋଲ ଓ ଡିଜେଲ ସଙ୍କଟ ଆହୁରି ଅଧିକ ହେବ ଆଶଙ୍କାରେ ଗାଡ଼ି ଚାଳକମାନେ ପେଟ୍ରୋଲ ପମ୍ପରେ ଭିଡ଼ ଲଗାଉଛନ୍ତି। ଗତ କିଛିଦିନ ହେବ ରାଜ୍ୟରେ ଥିବା ତୈଳ ବିତରକ ସଂସ୍ଥା ଗୁଡ଼ିକ ପେଟ୍ରୋଲ ପମ୍ପ ଗୁଡ଼ିକୁ ଆବଶ୍ୟକ ଅନୁସାରେ ତେଲ ନ ଦେବା ଫଳରେ ୨ଦିନ ହେବ ବ୍ଲକରେ ରହିଥିବା ପେଟ୍ରୋଲ ପମ୍ପରେ ପୂର୍ବ ଭଳି ସ୍ୱାଭାବିକ ପେଟ୍ରୋଲ ଓ ଡିଜେଲ ମିଳୁନଥିବାରୁ ଲୋକଙ୍କ ଭିଡକୁ ଦେଖି ବିଭିନ୍ନ ଟାଙ୍କିରେ ୨ ଚକିଆ ଗାଡିକୁ କେଉଁଠି ୧୦୦ ଟଙ୍କା ତ ଆଉ କେଉଁଠି ୨୦୦ ଟଙ୍କାରେ ପେଟ୍ରୋଲ ମିଳୁଥିବା ବେଳେ ତିନିଚକିଆ ଗାଡିକୁ ୫୦୦ ଟଙ୍କା ଓ ଚାରିଚକିଆ ଗାଡିକୁ ୧୦୦୦ ଟଙ୍କାରେ ତେଲ ମିଳୁଛି। ଯାହାକୁ ନେଇ ଏବେ ନିଜ ନିଜର କର୍ମ ସ୍ଥଳକୁ ଯାଉଥିବା ଜନସାଧାରଣ ଛାନିଆ ହୋଇ ଆବଶ୍ୟକତା ପରିବର୍ତ୍ତେ ଅଧିକ ପରିମାଣରେ ଗାଡ଼ି ଟାଙ୍କି ଫୁଲ କରିବାକୁ ପେଟ୍ରୋଲ ପମ୍ପରେ ଭିଡ଼ ଜମାଉଛନ୍ତି। ତେବେ ଆଜି ଖଣ୍ଡରା ଛକ ନିକଟ ପେଟ୍ରୋଲ ପମ୍ପରେ ଦୁଇ ଚକିଆ ଗାଡିକୁ ୫୦ ଟଙ୍କାରେ ପେଟ୍ରୋଲ ମିଳିଥିବା ଦେଖିବାକୁ ମିଳିଥିଲା। ସେହିପରି କଟିକଟା, ଝୁମ୍ପୁରୀ, କନିକାପଡ଼ା ଓ ମଙ୍ଗଳପୁର ବଜାରରେ ରହିଥିବା ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ପାଇଁ ଲଗାତାର ଭାବେ ୩ଦିନ ହେବ ପେଟ୍ରୋଲ ଓ ଡିଜେଲ ପାଇଁ ହାହା କାର ସ୍ଥିତି ପରିଲକ୍ଷିତ ହୋଇଥିଲେ ମଧ୍ୟ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏହାର ସୁଯୋଗରେ କିଛି ଘରୋଇ ପରିବହନଯୁକ୍ତ ଅଟୋ ଓ ୪ଚକିଆ ଗାଡି ମାଲିକ ମନଇଚ୍ଛା ଗାଡି ଭଡ଼ା ବୃଦ୍ଧି କରିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି।

## ଶିଳ୍ପାଞ୍ଚଳରେ ତେଲ ମିଳୁନି

**ଦାନଗଦି, ୧୫।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ପେଟ୍ରୋଲ ଓ ଡିଜେଲ ଅଭାବ ଦେଖାଦେଇଛି। ଯାହାଫଳରେ ମାଲବାହୀ ଗାଡ଼ି ଓ କାରଖାନାକୁ ଯାତାୟତ କରୁଥିବା ଯାନବାହନ ସବୁ ଚଳାଚଳ କରିବାରେ ବାଧା ସୃଷ୍ଟି ହୋଇଛି। ଶିଳ୍ପାଞ୍ଚର ଡୁବୁରୀ, ଶଗଡ଼ଗୁଳା, ଟମକା, ପଙ୍କପାଳ ବଙ୍ଗଳା, ରାବଣା, ମାନପୁର, ଟେଲିବାହାଳୀ, ଫାୟାର ଷ୍ଟେସନ ରୋଡ୍, କୁସୁନପୁର, ଦାନଗଦି ବଜାରକୁ ମିଶାଇ ପ୍ରାୟ ୨୦ଟି ପେଟ୍ରୋଲପମ୍ପ ରହିଛି। ସେ ମଧ୍ୟରୁ କାଁ ଭାଁ କେତୋଟି ପମ୍ପକୁ ବାଦଦେଲେ ଅଧିକାଂଶ ପମ୍ପରେ ଆଉ ତେଲ ମିଳୁନାହିଁ। ଯେଉଁଠି ତେଲ ମିଳୁଛି ଶହ ଶହ ବାଇକ୍ ଓ କାର୍ ସବୁ ଲମ୍ବା ଲାଇନ ଲାଗିଛନ୍ତି। ବାଇକ ବାଲାଙ୍କୁ ଗାଡ଼ି ପିଛା ୫୦/୧୦୦ ଟଙ୍କାର ତେଲ ଦିଆଯାଉଛି। କାର୍ ବାଲାଙ୍କୁ ୫୦୦ ଟଙ୍କାର ତେଲ ଦିଆଯାଉଛି। ତେବେ ଏଭଳି ପରିସ୍ଥିତିରେ ଶିଳ୍ପାଞ୍ଚଳର ବିଭିନ୍ନ କଳ କାରଖାନାକୁ ଯାଉଥିବା ଶ୍ରମିକ ଓ କର୍ମଚାରୀ ମାନେ ଏଭଳି ପରିସ୍ଥିତି ଲାଗିରହିଲେ ସେମାନଙ୍କ ଡ୍ୟୁଟି ବନ୍ଦ କରିବାକୁ ବାଧ ହେବେ। ଏଣୁ ତୁରନ୍ତ ତୈଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ସଦର ଅଞ୍ଚଳରେ ପେଟ୍ରୋଲ ପମ୍ପ ବନ୍ଦ

**ବରୁଆଁ, ୧୫।୫(ସମିସ):** ଯାଜପୁର ସଦର ଅଞ୍ଚଳରେ ଥିବା ୪ ଗୋଟି ପେଟ୍ରୋଲ ପମ୍ପ ମଧ୍ୟରୁ କେବଳ କବିରପୁର ସ୍ଥିତ ଇଣ୍ଡିଆନ ପେଟ୍ରୋଲ ପମ୍ପ ବାଇକ୍ ପିଛା ୧୦୦ ଟଙ୍କା ପେଟ୍ରୋଲ ଦେଉଥିବା ବେଳେ ଅନ୍ୟ ୩ ଗୋଟି ପେଟ୍ରୋଲ ପମ୍ପ ବନ୍ଦ ଥିବା ଦେଖିବାକୁ ମିଳୁଛି। ଏପରିକି ବରୁଆଁ ଛକରେ ଥିବା 'ଯଯାତି କେଶରୀ କିଶାନ ସେବା କେନ୍ଦ୍ର' ନାମରେ ନାମିତ ଥିବା ବେଳେ ବହୁ କୃଷକ ପେଟ୍ରୋଲ, ଡିଜେଲ୍ ନପାଇ ନିରାଶ ହୋଇ ଫେରି ଯାଇଥିଲେ। ବର୍ତ୍ତମାନ ପନିପରିବା ଚାଷରେ ପାଣି ପମ୍ପ ଦ୍ୱାରା ପାଣି ଯୋଗାଣ ବନ୍ଦ୍ ଥିବା ବେଳେ ଡିଜେଲ୍ ନପାଇ ବିଲରେ ଟ୍ରାକ୍ଟର ଗୁଡ଼ିକ ଅଟକି ରହିଛି। ବର୍ତ୍ତମାନ ଓଡ଼ିଶାରେ ସାବିତ୍ରୀ ବ୍ରତ ଥିବାରୁ ଝିଅଘରକୁ ସାବିତ୍ରୀ ଭାର ଯିବା ପ୍ରାୟତ ବନ୍ଦ ରହିଛି। ଅନ୍ୟପକ୍ଷେ ରାଜ୍ୟ ସରକାର ଓ ପେଟ୍ରୋଲ ପମ୍ପ ମାଲିକ ସଂଘ ଗଣମାଧ୍ୟମ ଜରିଆରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଗଚ୍ଛିତ ଥିବା ପ୍ରକାଶ କରି ସାଧାରଣ ଲୋକଙ୍କୁ ନିରାଶ କରୁଛନ୍ତି।

## ଅଟୋ ବାଇକ ଧକ୍କାରେ ୨ ଆହତ

**ପାଣିକୋଇଲି, ୧୫।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ରାଇସ ମିଲ ନିକଟରେ ଶୁକ୍ରବାର ରାତ୍ରିରେ ଏକ ଅଟୋ ପଛରେ ବାଇକ ଧକ୍କା ହେବାରୁ ଚାଳକ ସମେତ ସହଯାତ୍ରୀ ଆହତ ହୋଇଥିଲେ। ଯାଜପୁର ସିମିଳିଆ ଅଞ୍ଚଳର ବାଇକ୍ ଚାଳକ ଅଜୟ ଧଳ ଓ ସହଯାତ୍ରୀ ବଳରାମ ନାୟକ ଏକ ବାଇକ (ଓଡି୩୪ଏକ୍ସ ୭୯୪୭) ଯୋଗେ ଯାଜପୁରରୋଡ୍‌ରୁ ଘର ଅଭିମୁଖେ ଆସୁଥିବା ବେଳେ ରାଇସମିଲ ନିକଟରେ ଅଟୋପଛରେ ଧକ୍କା ଦେଇଥିଲେ। ଖବରପାଇ ରାଜପଥ ପାଟ୍ରୋଲିଂ ଓ ପୁଲିସ ପହଞ୍ଚି ବାଇକକୁ ଜବତ କରି ତଦନ୍ତ ଜାରି ରଖିଛି। ଆହତ ଅଜୟ ଓ ବଳରାମକୁ ଉଦ୍ଧାର କରି ଏକ ଘରୋଇ ଚିକତ୍ସାଳୟରେ ଚିକତ୍ସିତ କରିଥିବା ସୂଚନା ମିଳିଛି।

## ଲୁଗା ଦୋକାନରୁ ଶିଶୁ ଶ୍ରମିକ ଉଦ୍ଧାର

**ପାଣିକୋଇଲି, ୧୫।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ରଗଡ଼ି ରାସ୍ତାର ପତରପଦା ମୌଜାରେ ଦୋକାନ କରିଥିବା ସାଇଶ୍ରୀ କଲେକ୍ସନ ଲୁଗା ଦେକାନରୁ ଜଣେ ନାବାଳିକା ଶ୍ରମିକକୁ ଉଦ୍ଧାର କରାଯାଇଛି। ଲୁଗା ଦେକାନରେ ଶିଶୁ ଶ୍ରମିକ ନିଯୁକ୍ତି ଖବର ପାଇ ସିଡବ୍ଲୁସି ପକ୍ଷରୁ ଜ୍ୟୋତିର୍ମୟୀ ମିଶ୍ର ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ନାବଳିକା ଶିଶୁ ଶ୍ରମିକ କାମ କରୁଥବା ଦେଖି ତାକୁ ଉଦ୍ଧାର କରି ପାଣିକୋଇଲି ପୁଲିସ ଜିମା ଦେଇଥିଲେ। ପରେ ତାକୁ ଯାଜପୁର ନେଇଯାଇଥିଲେ। ଶିଶୁ ଶ୍ରମିକ କାମ କରୁଥିଲେ ଚଢ଼ଉ ଜାରି ରହିବ ବୋଲି ଜ୍ୟୋତିର୍ମୟୀ ସୂଚନା ଦେଇଛନ୍ତି।

## ବାଲିଘାଟରେ ଚଢ଼ଉ; ୩ ଗାଡ଼ି ଜବତ



**ଯଖପୁରା, ୧୫।୫(ସମିସ):** ଦାନଗଦି ତହସିଲ ଅନ୍ତର୍ଗତ ପଙ୍କପାଳ ବାଲିଘାଟ ଉପରେ ଲଘୁ ଖଣିଜ ଅଧିକାରୀ ଚଢ଼ଉ କରିଥିବା ଜଣାପଡ଼ିଛି। ଚଢ଼ଉ କରି ତିନୋଟି ବାଲି ଭର୍ତ୍ତି ଗାଡ଼ିକୁ ଜବତ କରି ଦୁଇଟି ଗାଡ଼ି ଯାହା ନମ୍ବର ଓଡି୨୨ ଏଇ ୦୫୯୭, ଓଡି୨୨ୱାଇ ୫୨୧୬ ଯଖପୁରା ଥାନା ଓ ଅନ୍ୟ ଗୋଟିଏ ଗାଡ଼ିକୁ ଯାଜପୁର ରୋଡ ଥାନା ଅଧୀନରେ ଜିମା ଦେଇଛନ୍ତି। ବିନା କାଗଜପତ୍ରରେ ବାଲି ପରିବହନ କରୁଥିବା ଗାଡିକୁ ଲଘୁ ଖଣିଜ ଅଧିକାରୀ ଚଢ଼ଉ କରି ହେଉଥିବାର ଦେଖିବାକୁ ମିଳିଛି। ଅନେକ ଗାଡ଼ି ଅଫିସରଙ୍କୁ ଦେଖି ଛତ୍ରଭଙ୍ଗ ଦେଇଥିଲେ। ପ୍ରତିଦିନ ଅନେକ ଗାଡି ବିନା ଟିପି ଫର୍ମରେ ବାଲି ପରିବହନ କରୁଛନ୍ତି। ବାଲି ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ବିକ୍ରି ହେଉଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି। ତା' ସହିତ ବାଲି ପରିବହନ କରୁଥିବା ଗାଡ଼ି ସବୁ ଧାର୍ଯ୍ୟ ଠାରୁ ଢେର ଅଧିକ ବାଲି ପରିବହନ କରୁଛନ୍ତି। ଫଳରେ ସାଧାରଣ ରାସ୍ତା ବିପର୍ଯ୍ୟସ୍ତ ହେଉଛି।

## ଟ୍ରକ୍- ଟ୍ରାକ୍ଟର ଧକ୍କା; ଚାଳକ ଗୁରୁତର

**ପାଣିକୋଇଲି, ୧୫।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟରାଜପଥର ନୂଆପଦା ଛକ ନିକଟରେ ଏକ ଟ୍ରାକ୍ଟର ଓ ଟ୍ରକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଟ୍ରାକ୍ଟର ଚାଳକ ଗୁରୁତର ଭାବେ ଆହତ ହୋଇ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ଗ୍ରାମର ଗଙ୍ଗାଧର ଜେନା ଏକ ଟ୍ରାକ୍ଟର ଯୋଗେଁ



ଯାଜପୁର ରୋଡ୍ ଅଭିମୁଖେ ରଙ୍ଗରୁଟରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ଦ୍ରୁତଗାମୀ ୧୬ ଚକିଆ ଟ୍ରକ୍ (ଓଡି ୩୪ କ୍ୟୁ୯୪୫୩) ଟ୍ରାକ୍ଟରକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଟ୍ରାକ୍ଟରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯିବା ସହିତ ଚାଳକ ଗଙ୍ଗାଧର ଗୁରୁତର ଭାବେ ଆହତ ହୋଇଥିଲେ। ପରେ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଗଙ୍ଗାଧରଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ଟ୍ରକ୍ ଓ ଟ୍ରାକ୍ଟରକୁ ଜବତ କରିଛି।

## ଅସୁସ୍ଥ ନାବାଳିକାଙ୍କୁ କାନ୍ଧରେ ବୋହିଲେ ଅତିରିକ୍ତ ଥାନାଧିକାରିଣୀ



**ବିଞ୍ଝାରପୁର, ୧୫।୫(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ପୁଲିସର କାର୍ଯ୍ୟକଳାପକୁ ନେଇ ସମାଲୋଚନା ହେଉଥିବା ବେଳେ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନାର ଜଣେ ମହିଳା ପୁଲିସ ଅଧିକାରିଣୀଙ୍କ ମାନବିକତା ଏବେ ସର୍ବତ୍ର ପ୍ରଶଂସା ସାଉଁଟୁଛି। ବିଞ୍ଝାରପୁର ଥାନାର ଅତିରିକ୍ତ ଥାନାଧିକାରିଣୀ ପାର୍ବତୀ ମଲ୍ଲିକ ଜଣେ ଅସୁସ୍ଥ ନାବାଳିକାଙ୍କୁ ନିଜ କାନ୍ଧରେ ବୋହି ମେଡିକାଲରେ ପହଞ୍ଚାଇ ମାନବିକତାର ପରିଚୟ ଦେଇଛନ୍ତି। ସୂଚନା ଅନୁସାରେ, ଗୁରୁବାର ମଧ୍ୟାହ୍ନ ସମୟରେ ଅତିରିକ୍ତ ଥାନାଧିକାରିଣୀ ପାର୍ବତୀ ମଲ୍ଲିକ ଥାନାରେ କାର୍ଯ୍ୟରତ ଥିବା ବେଳେ ଖବର ପାଇଥିଲେ ଯେ ମଇଁଦା ଅଞ୍ଚଳରେ ଜଣେ ନାବାଳିକା ପ୍ରଚଣ୍ଡ ଖରାରେ ଅଂଶୁଘାତର ଶିକାର ହୋଇ ଅଚେତ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ିଛନ୍ତି। ଖବର ପାଇବା ପରେ ସେ ବିଳମ୍ବ ନକରି ନିଜ ସ୍କୁଟିରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପହଞ୍ଚି ନାବାଳିକାଙ୍କୁ ଏକ ଅଟୋ ଯୋଗେ ବିଞ୍ଝାରପୁର ମେଡିକାଲକୁ ଆଣିଥିଲେ। ମେଡିକାଲରେ ପହଞ୍ଚିବା ପରେ ସେ ନିଜେ ନାବାଳିକାଙ୍କୁ କାନ୍ଧରେ ବୋହି ଭିତରକୁ ନେଇ ଚିକିତ୍ସାର ବ୍ୟବସ୍ଥା କରିଥିଲେ। ଚିକିତ୍ସା ପରେ ନାବାଳିକା ଏବେ ସୁସ୍ଥ ଥିବା ଜଣାପଡ଼ିଛି। ପରେ ପୁଲିସ ପକ୍ଷରୁ ନାବାଳିକାଙ୍କ ପରିବାରକୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକେ ମେଡିକାଲରେ ପହଞ୍ଚିଥିଲେ। ଅସୁସ୍ଥ ନାବାଳିକା ଜଣଙ୍କ ତଳବନ୍ଦ ଅଞ୍ଚଳର ସନ୍ତୋଷ ସ୍ୱାଇଁଙ୍କ ୧୭ ବର୍ଷୀୟା ଝିଅ ସାଗରିକା ପ୍ରିୟଦର୍ଶିନୀ ସ୍ୱାଇଁ ବୋଲି ଜଣାପଡ଼ିଛି। କୌଣସି କାମରେ ସେ ମଇଁଦା ଆସିଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅଂଶୁଘାତର ଶିକାର ହୋଇଥିଲେ। ଅତିରିକ୍ତ ଥାନାଧିକାରିଣୀ ପାର୍ବତୀ ମଲ୍ଲିକଙ୍କ ଏଭଳି ମାନବିକ ପଦକ୍ଷେପକୁ ସାଧାରଣ ଲୋକ ଓ ବିଭିନ୍ନ ମହଲରୁ ଭୂରିଭୂରି ପ୍ରଶଂସା କରାଯାଉଛି।

## ଚନ୍ଦନେଶ୍ୱର ମନ୍ଦିରରେ ଥାଳଉଠା ପର୍ବ



**କୁଆଖିଆ, ୧୫।୫(ସମିସ):** ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ଅନ୍ତର୍ଗତ ଡିହ କୁରାଂଶ ଗ୍ରାମରେ ପ୍ରଭୁ ଚନ୍ଦନେଶ୍ୱରଙ୍କ ପୀଠରେ ଶିବ ପାର୍ବତୀ ବିବାହ ଉତ୍ସବ ପାଇଁ ଥାଳଉଠା ପର୍ବ ଅନୁଷ୍ଠିତ ହୋଇଯାଇଛି। ବର ପିତାମାତା ଭାବେ ପ୍ରଭାତ କୁମାର ଦାସ ଓ ଡିମ୍ପଲ୍ ପ୍ରିୟା ଦାସ ଏବଂ କନ୍ୟା ପିତାମାତା ଭାବେ ଆଲୋକ ରଥ ଓ ଲିଲି ପ୍ରଭା ରଥ ଅଂଶଗ୍ରହଣ କରିଥିଲେ। ଗ୍ରାମର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଘଣ୍ଟ ବାଦ୍ୟ ପରିବେଷଣ, ଚନ୍ଦନେଶ୍ୱର କୀର୍ତ୍ତନ ମଣ୍ଡଳୀ ଦ୍ୱାରା କୀର୍ତ୍ତନ ପରିବେଷିତ ହୋଇ ହୋଇ ବେଢ଼ା ପରିକ୍ରମା ପରେ ଥାଳ ଉଠା ପର୍ବ ଶେଷ ହୋଇଥିଲା। ପଣ୍ଡିତ ପ୍ରଫୁଲ୍ଲ ପଣ୍ଡା, ମାନସ ରଞ୍ଜନ ପଣ୍ଡା, ସୁଦର୍ଶନ ଦାସ, ସୁଧାଂଶୁ ପଣ୍ଡା, ପବିତ୍ର ପଣ୍ଡା ପ୍ରମୋଦ ପଣ୍ଡା, ପୁରୁଷୋତ୍ତମ ପଣ୍ଡା, ଅତୁଲ୍ୟ ପଣ୍ଡା, ପରିଚାଳନା କମିଟି ପକ୍ଷରୁ ଉପସଭାପତି ଭଗବାନ ଦାଶ, ସହସମ୍ପାଦକ ଅଜୟ ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀଧର ରାଉତ, ଅଫିସ ସମ୍ପାଦକ ଦଇତାରୀ ଜେନା, ସାଂଗଠନିକ ସମ୍ପାଦକ ନିହାର ରଞ୍ଜନ ଆଚାର୍ଯ୍ୟ, ନିର୍ମଳ ରାଉତ, ପ୍ରଦୀପ ପଣ୍ଡା, କାହ୍ନୁ ରାଉତ, କାର୍ତ୍ତିକ ସାହୁ, ଏକାଦଶୀ ରାଉତ, ରାଜା ଶାଆନ୍ତ, ଲକି ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଜୁନ ୧୮, ୧୯, ୨୦ ତାରିଖରେ ବିବାହ ଉତ୍ସବ ପାଳନ କରାଯିବ ବୋଲି ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

## ସ୍ନାୟୁବିକ ରୋଗରେ ପୀଡ଼ିତ ପତ୍ନୀ
## ୭ ବର୍ଷ ହେଲା ସେବା କରୁଛନ୍ତି ସ୍ୱାମୀ

**କୟାଁଗୋଲା, ୧୫।୫(ସମିସ)**

ଦିନେ ଯମରାଜଙ୍କ ପାଖରୁ ନିଜ ସ୍ୱାମୀଙ୍କ ଜୀବନ ଫେରାଇ ଆଣିଥିଲେ ବୋଲି ଆଜି ସାବିତ୍ରୀ ସବୁ ସଧବା ନାରୀଙ୍କ ଆଦର୍ଶ ପାଲଟିଛନ୍ତି। କିନ୍ତୁ ଏମିତି ଜଣେ ଭିନ୍ନ ସାବିତ୍ରୀ ଅଛନ୍ତି, ଯିଏ ନିଜ ପତ୍ନୀଙ୍କୁ ସୁସ୍ଥ କରିବା ପାଇଁ ଦୀର୍ଘ ୭ ବର୍ଷ ହେଲା ଦିନରାତି ଏକ କରିଦେଇଛନ୍ତି। ୭ ବର୍ଷ ହେଲା ସ୍ନାୟୁବିକ ରୋଗରେ ପୀଡ଼ିତ ପତ୍ନୀଙ୍କ ସେବା ଏକା ଏକା କରିଚାଲିଛନ୍ତି।

ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବିରିପଟା ଶାସନ ଗାଁର ବିରଞ୍ଚି ନାରାୟଣ ଶତପଥୀ (୪୪) ରାଜମିସ୍ତ୍ରି କାମ କରନ୍ତି। ୧୩ ବର୍ଷ ତଳେ ସେ ଶାନ୍ତିଲତାଙ୍କୁ ବିବାହ କରିଥିଲେ। ବିବାହର ୬ବର୍ଷ ପରେ ଶାନ୍ତିଲତାଙ୍କ ମେରୁଦଣ୍ଡରେ ବ୍ୟଥା ହେବା ସହ ପ୍ରବଳ ବିନ୍ଧାବିନ୍ଧି କଲା ଓ ଗୋଡ କାଲୁଆ ଗୋଦରା ହୋଇଗଲା। ଉଠିବା ବସିବା ଏପରିକି ନିଜର ନିତ୍ୟକର୍ମ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଲା। ଘରେ ଟୁଆଁଟୁଇଁ ଭଳି ବିରଞ୍ଚି ଓ ଶାନ୍ତିଲତା। ଡିହ ବାଡ଼ି ଖଣ୍ଡକ ଛାଡିଦେଲେ ଜମି ଗୋଟେ ନାହିଁ। ମିଳିଥିବା ୧ଲକ୍ଷ ୩୦ ହଜାର ଟଙ୍କାରେ ଛାତ ପକ୍କା ଘର ଖଣ୍ଡିଏ କରିଛନ୍ତି। ଘର ପାଇଁ ହାତଉର୍ଦ୍ଧ୍ୱାରି କିଛି କରିଥଲେ ମଧ୍ୟ ଗୃହ ସମ୍ପୂର୍ଣ୍ଣ ହୋଇନି। ପ୍ରଥମେ ପତ୍ନୀ ଶାନ୍ତିଲତାଙ୍କୁ ଯାଜପୁର; ପରେ କଟକ ନେଇ ଚିକିତ୍ସା କରାଇଲେ। ବର୍ଷ ବର୍ଷ ଧରି ଚିକିତ୍ସା କରିବା ସତ୍ତ୍ୱେ ଶାନ୍ତିଲତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଲା ନାହିଁ। ଦିନ ମଜୁରିଆ ବିରଞ୍ଚି ମାସକୁ ୧୫ରୁ ୨୦ ଦିନ କାମକୁ ଯାଇ ଯାହା ମଜୁରି ପାଆନ୍ତି। ସେଥିରେ ଦୁଇ ପ୍ରାଣୀ ଦୁଇ ଓଳି ଖାନ୍ତି। ବଳକା ପଇସାରେ ଶାନ୍ତିଲତାଙ୍କ ଔଷଧ ଆସେ। ପୀଡ଼ିତା ପତ୍ନୀଙ୍କୁ ଗାଧୁଆପାଧୁଆ ଶୌଚାଦି କର୍ମ ପାଇଁ ଟେକି ଟେକି ଗାଧୁଆ ଘରକୁ ନେବା, ପୋଷାକ ପିନ୍ଧାଇବା ଓ ରୋଷେଇ ସମେତ

### ଭିନ୍ନ ଜଣେ ସାବିତ୍ରୀ



ଘରର ଯାବତୀୟ କାମ କରୁଥିବା ଜଣେ ସ୍ୱାମୀଙ୍କୁ ପୁରୁଷ ସାବିତ୍ରୀ ବୋଲି ପରିଚୟ ଦେଇଛନ୍ତି ଗାଁ ଲୋକେ। ଅସୁସ୍ଥ ପତ୍ନୀଙ୍କ ସେବା, ଚିକିତ୍ସା ପାଇଁ ଦିନରାତି ଏକ କରି ଲାଗିଛନ୍ତି ବିରଞ୍ଚି। ମନରେ ସାମାନ୍ୟ ବିରକ୍ତି ଭାବ କି ଅନୁଶୋଚନା ନାହିଁ। ଅର୍ଥାଭାବ ତାଙ୍କର ମନୋବଳ ଭାଙ୍ଗି ଦେଉଛି ସତ; କିନ୍ତୁ ମନରେ ଦୃଢ଼ତା ଅଛି ଦିନେ ପତ୍ନୀଙ୍କୁ ସିଏ ସୁସ୍ଥ କରିଦେବେ। ତେବେ ପତ୍ନୀ ଶାନ୍ତିଲତାଙ୍କ ଚିକିତ୍ସା ଓ ଭତ୍ତା ଖଣ୍ଡିଏ ପାଇବା ପାଇଁ ପ୍ରଶାସନ ବ୍ୟବସ୍ଥା କଲେ ଏହି ଦମ୍ପତି ଲାଭ ପାଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।

## ଟ୍ରକ୍ ପଛରେ ସ୍କୁଟି ଧକ୍କା, ଜଣେ ଆହତ

**ପାଣିକୋଇଲି, ୧୫।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଆଜି ସକାଳେ ଏକ ସ୍କୁଟି ଆରୋହୀ ଭୁବନେଶ୍ୱରରୁ ଭଦ୍ରକ ଆସୁଥିବା ସମୟରେ ଏକ ଗାଡ଼ି ପଛରେ ଧକ୍କା ହେବା ଫଳରେ ଚାଳକ ଗୁରୁତର ହୋଇଛି। ପ୍ରକାଶଯେ ଭୁବନେଶ୍ୱର ଅଞ୍ଚଳର ପ୍ରତ୍ୟୁଷ କୁମାର ବେହେରା ଏକ ସ୍କୁଟି (ଓଡି ୦୨ସିଏଫ ୫୬୧୭) ଯୋଗେ ଆସୁଥବା ବେଳେ ନିକଟରେ ଗାଡ଼ି ପଛରେ ଧକ୍କା ହୋଇଥିଲା। ଫଳରେ ସେ ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ଆହତକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ରୋଡ ମେଡିକାଲକୁ ପଠାଇଥିଲେ। ସେଠାରୁ ଏକ ଭୁବନେଶ୍ୱରର ଘରୋଇ ଚିକିତ୍ସାଳୟକୁ ପଠାଇଥିଲେ। ପୁଲିସ ପହଞ୍ଚି ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

● ସ୍ୱଦେଶୀ ଜାଗରଣ ମଞ୍ଚର ସାମ୍ବାଦିକ ସମ୍ମିଳନୀ

# ପେଟ୍ରୋଲ, ଡିଜେଲ ବ୍ୟବହାର ହ୍ରାସ ପାଇଁ ଆହ୍ୱାନ

କୋରାପୁଟ,୧୫।୫(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ଯାନବାହାନ ବ୍ୟବହାର ହ୍ରାସ କରିବା, ବିଦେଶ ଯାତ୍ରା ହ୍ରାସ କରିବା, ସୁନା କିଣିବା ଏଡାଇବା, ଖାଇବା ତେଲ ବ୍ୟବହାର ହ୍ରାସ କରିବା ଏବଂ ବିଦେଶୀ ବ୍ରାଣ୍ଡେଡ୍ ସାମଗ୍ରୀ କିଣିବା ଏଡାଇବା ପାଇଁ ପ୍ରଧାନ ମନ୍ତ୍ରୀ କରିଥିବା ଆହ୍ୱାନକୁ ସ୍ୱାଗତ କରିଛି। ସ୍ଥାନୀୟ ଅତିଥି ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡିଶା ପଶ୍ଚିମର ପ୍ରାନ୍ତ ସଂଯୋଜକ ମନୋରଞ୍ଜନ ରାଉତରାୟ କହିଛନ୍ତି ଯେ ମଞ୍ଚ ଦେଶବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱାଗତ ଏବଂ ସମର୍ଥନ କରୁଛି, ବିଶେଷକରି ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହା ଦେଶର ବିଦେଶୀ ରାଷ୍ଟ୍ର ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହା ବ୍ୟତୀତ,




ଏହା କେବଳ ବିଦେଶୀ ମୁଦ୍ରା ସଞ୍ଚୟ କରିବ ନାହିଁ ବରଂ ଦେଶର ଅର୍ଥନୀତିକୁ ମଧ୍ୟ ବୃଦ୍ଧି କରିବ। ଏହା ଏହି ସାମଗ୍ରୀଗୁଡ଼ିକର ଯୋଗାଣ ପ୍ରତିବନ୍ଧକ ଯୋଗୁଁ ସୃଷ୍ଟି ହେଉଥିବା ଅଭାବକୁ ପ୍ରଭାବଶାଳୀ ଭାବରେ ସମାଧାନ କରିପାରିବ। ସେ କହିଛନ୍ତି ଯେ ସ୍ୱଦେଶୀ ଜାଗରଣ ମଞ୍ଚ ବିଶ୍ୱାସ କରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରାମର୍ଶିତ ପଦକ୍ଷେପଗୁଡ଼ିକୁ ଗ୍ରହଣ କରି ଆମେ ପେଟ୍ରୋଲିୟମ ଉତ୍ପାଦର ବ୍ୟବହାର ହ୍ରାସ କରିବାରେ ସଫଳ ହେବୁ। ଆମେ ସ୍ୱଚ୍ଛ ଶକ୍ତି ଏବଂ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେଲେ, ଆମେ କେବଳ ଅଶୋଧିତ ତୈଳ ଉତ୍ପାଦନ ଏବଂ ରପ୍ତାନି କରୁଥିବା ଦେଶଗୁଡ଼ିକ ଉପରେ ଆମର ନିର୍ଭରଶୀଳତାକୁ ହ୍ରାସ କରିପାରିବୁ ନାହିଁ, ବରଂ ସୌର ଏବଂ ପବନ ଶକ୍ତି ଉପକରଣ ଏବଂ ବୈଦ୍ୟୁତିକ ଯାନ ଉପାଦାନ ପାଇଁ ଚୀନ୍ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକ ଉପରେ ମଧ୍ୟ ନିର୍ଭରଶୀଳତାକୁ ହ୍ରାସ କରିପାରିବୁ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ଡ. ରବି ନାରାୟଣ ମିଶ୍ର, ପ୍ରାନ୍ତ ପୂର୍ଣ୍ଣକାଳୀକ ଅଭୟ ପ୍ରସାଦ ଜେନା, କୋରାପୁଟ ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀ ଓ ପ୍ରିୟରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ବେଆଇନ ବାଲି ଚାଲାଣ

# ୫ ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ



ଜୟପୁର,୧୫।୫(ସମିସ) : ଜୟପୁର ସଦର ଥାନା ପୁଲିସ ପକ୍ଷରୁ ଆଜି ଭୋରରୁ ପାଟ୍ରୋଲିଂ ଚାଲିଥିବା ବେଳେ ସଲପା ଗ୍ରାମ ନିକଟସ୍ଥ କୋଲବ ନଦୀରୁ ବେଆଇନ ବାଲି ଉଠାଯାଇ ଚାଲାଣ କରାଯାଉଥିବା ବେଳେ ଦୁଇଟି ନମ୍ବର ବିହୀନ ଟ୍ରାକ୍ଟର ସମେତ ସମୁଦାୟ ୫ଟି ଟ୍ରାକ୍ଟରକୁ ଜବତ ଏବଂ ଉକ୍ତ ଟ୍ରାକ୍ଟର ଡ୍ରାଇଭର ମାନଙ୍କୁ ବେଆଇନ ଭାବେ ସରକାରୀ ଖଣିଜ ସମ୍ପଦ ଲୁଟ ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଆଜି ଭୋରରୁ ଜୟପୁର ସଦରଥାନାର ଏଏସଏଆଇ ବ୍ୟୋମକେଶ ଧାଙ୍ଗଡାମାଝିଙ୍କ ନେତୃତ୍ୱରେ ଭୋରରୁ ସଦରଥାନା ଅଞ୍ଚଳରେ ପେଟ୍ରୋଲିଂ ଆରମ୍ଭ କରାଯାଇ ଚାଲୁ ରହିଥିବା ବେଳେ ପୂର୍ବାହ୍ନ ପ୍ରାୟ ସାଢେ ୮ ସମୟରେ ପୁଲିସ ଗାଡିକୁ ନେଇ କୋଲବ ନଦୀରୁ ବାଲି ଆଣୁଥିବା ଟ୍ରାକ୍ଟର (ଓଡି ୧୦ଏକ୍ସ-୭୫୭୯) ରାସ୍ତା ପାଶ୍ୱର୍ରେ ବାଲିକୁ ଅନ୍‌ଲୋଡିଂ କରିଦେଇଥିଲା। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବାଲି ଚାଲାଣର କାଗଜପତ୍ର ଡ୍ରାଇଭରଙ୍କୁ ମାଗିଥିଲେ। କିନ୍ତୁ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ପାରିନଥିଲେ। ଶେଷରେ ପୁଲିସ ଉକ୍ତ ଟ୍ରାକ୍ଟରକୁ ଜବତ କରିଥିବା ବେଳେ ଡ୍ରାଇଭର ସ୍ଥାନୀୟ ଡୁମୁରିଆଗୁଡାର ବାସିନ୍ଦା ଚୈତନ୍ୟ ଗାଦବା (୪୦)କୁ ଗିରଫ କରିଛନ୍ତି। ସେହିପରି ଉକ୍ତ କୋଲାବ ନଦୀ ଘାଟରୁ ସଲପା ଗ୍ରାମ ରାସ୍ତା ଦେଇ ବେଆଇନ ଚାଲାଣ ହେଉଥବା ଦୁଇଟି ନମ୍ବର ବିହୀନ ଟ୍ରାକ୍ଟର ସମେତ ଅନ୍ୟ ଦୁଇଟି ଟ୍ରାକ୍ଟର (ଓଡି୧୦ପି ୭୮୬୨) ଏବଂ (ଓଡି ୧୦କେ-୧୭୬୧) ଜବତ କରିଛନ୍ତି। ଉକ୍ତ ବେଆଇନ ଚାଲାଣ ହେଉଥିବା ଟ୍ରାକ୍ଟର ଡ୍ରାଇଭର ସଦରଥାନା ରନ୍ଧାରିଗୁଡାର ବାସିନ୍ଦା ସିମାଞ୍ଚଳ ମାଝି (୩୦), ସଲପା ଗ୍ରାମର ଜଗନ୍ନାଥ ସମରଥ (୪୦), ଖଡପା ଗ୍ରାମର ନବୀନ ଗୌଡ (୩୦), ବୋରିଗୁମ୍ମା ଥାନା କୁମ୍ଭାରଗୁଡା ଗ୍ରାମର ହରିହର ଗାଦବା (୪୫)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ବାଲି ଗୁଡିକକୁ ରାଜ୍ୟ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ନୂତନ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ଯୋଗଦାନ



ନବରଙ୍ଗପୁର,୧୫।୫(ସମିସ): ଜିଲ୍ଲା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ବନାଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା ନବରଙ୍ଗପୁରରୁ ବଦଳି ହୋଇ ଯାଇଥିବା ବେଳେ ତାଙ୍କ ସ୍ଥାନରେ ସୁନ୍ଦରଗଡରୁ ଆସିଥିବା ଆଇଏଫ୍‌ଏସ ଅଧିକାରୀ ଉଦୟ ସୁବୁଦ୍ଧି ନୂତନ ଜିଲ୍ଲା ବନ ଖଣ୍ଡ ଅଧିକାରୀ ଭାବରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ବେହେରାଙ୍କ କାର୍ଯ୍ୟକାଳ ମଧ୍ୟରେ ଜିଲ୍ଲାରେ ଜଙ୍ଗଲ ସୁରକ୍ଷା, ବନୀକରଣ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସଚେତନତା ଦିଗରେ ଅନେକ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ନୂତନ ଜିଲ୍ଲା ବନାଧିକାରୀ ଭାବେ ଯୋଗଦେଇଥିବା ଉଦୟ ସୁବୁଦ୍ଧି ପୂର୍ବରୁ ସୁନ୍ଦରଗଡରେ କାର୍ଯ୍ୟରତ ଥିଲେ। ଆଜି ସେ ନବରଙ୍ଗପୁର ଜିଲ୍ଲା ବନ ବିଭାଗ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରି ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ପରିଚୟ ହୋଇଥିଲେ। ସେ ସମସ୍ତଙ୍କ ସହଯୋଗ କାମନା କରିବା ସହ ଜିଲ୍ଲାରେ ଜଙ୍ଗଲ ଓ ପରିବେଶ ସୁରକ୍ଷାକୁ ଅଧିକ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି। ଏହି ଅବସରରେ ଉପସ୍ଥିତ ଥିଲେ ଏସଇଏଫ୍ ସୁଭାଷ ଚନ୍ଦ୍ର ଖୁଣ୍ଟିଆ , ଦିବ୍ୟ ମାଧୁରୀ ସେଠୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଥିଲେ ନବରଙ୍ଗପୁର ରେଞ୍ଜର ଗୋପୀନାଥ ସାହୁ, କୋଡିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଉମରକୋଟ ରେଞ୍ଜର ଦେବସ୍ମିତା ସାହୁ, ଝରିଗାଁ ରେଞ୍ଜର ଗୋବିନ୍ଦ ନାୟକ, ଡାବୁଗାଁ ରେଞ୍ଜର ରାମଚନ୍ଦ୍ର ଭତରା, ରାଇଘର ରେଞ୍ଜର ମହମ୍ମଦ ସମ୍ମତ ପ୍ରମୁଖ ଉପସ୍ଥିତ ଥିଲେ।

# କଏନ୍ ଓ ନୋଟ୍ ଏକ୍ସଚେଞ୍ଜ ମେଳା

ଉମରକୋଟ,୧୫।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଠାରେ ମୁଦ୍ରା ଏବଂ ନୋଟ୍ ବିନିମୟ ମେଳା ଅନୁଷ୍ଠିତ ହୋଇଥିଲା। ବଡ଼ ବଡ଼ ପ୍ରଦର୍ଶନୀ ସମୟରେ ଆରବିଆଇ ପକ୍ଷରୁ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇ ଥାଏ। କେବଳ ମେଳା ନୁହେଁ, ଯେକୌଣସି ବ୍ୟାଙ୍କର ଚେଷ୍ଟ ଶାଖା କୁ ଯାଇ ମଧ୍ୟ ଚିରା ନୋଟ୍ ବଦଳାଇ ପାରିବେ। ଯଦି ଆପଣଙ୍କ ପାଖରେ ଚିରା, ମଇଳା କିମ୍ବା ଟେପ୍ ଲଗା ହୋଇଥିବା ନୋଟ୍ ଅଛି, ତେବେ ତାହାକୁ ବଦଳାଇ ସେହି ମୂଲ୍ୟର ନୂଆ ନୋଟ୍ ନେଇପାରିବେ। ବହୁ ସମୟରେ ଲୋକଙ୍କ



ପାଖରେ ଜମା ହୋଇଥିବା ଖୁଚୁରା ପଇସା (କୋଏନ ) ଦେଇ ନୋଟ୍ ନେବା ପାଇଁ ବ୍ୟାଙ୍କଗୁଡ଼ିକ ଏହି ମେଳା କରିଥାନ୍ତି। ଆର ବି ଆଇ କୌଣସି ପୁରୁଣା କଏନ୍ କିଣେ ନାହିଁ। ଏଥିପାଇଁ (ମୁଦ୍ରା ପ୍ରଦର୍ଶନୀ) ହୋଇଥାଏ। ଷ୍ଟେଟ୍ ବ୍ୟାଙ୍କ୍ ବା ଅନ୍ୟ ସହରରେ ସମୟ ସମୟରେ ଜିଲ୍ଲାପାଳ ମାନଙ୍କ ଦ୍ୱାରା ଏହା ଆୟୋଜିତ ହୁଏ। ପୁରୁଣା କଏନ୍ ବିକ୍ରି ନାଁରେ ଅନେକସମୟରେଅନଲାଇନ୍‌ଠକେଇହୋଇଥାଏ।ବର୍ତ୍ତମାନରଖବରଅନୁଯାୟୀ,ଆପଣ ନିଜ ନିକଟସ୍ଥ ଏସବିଆଇ କିମ୍ବା କୌଣସି ସରକାରୀ ବ୍ୟାଙ୍କ ଶାଖାକୁ ଯାଇ ସେମାନଙ୍କର ଟଙ୍କା ବିନିମୟ ସୁବିଧା ବିଷୟରେ ପଚାରି ବୁଝିପାରିବେ। ବ୍ୟାଙ୍କଗୁଡ଼ିକ ସାଧାରଣତଃ କାର୍ଯ୍ୟ ଦିବସରେ ଏହି ସୁବିଧା ପ୍ରଦାନ କରନ୍ତି। ଏହି କାର୍ଯ୍ୟକ୍ରମରେ ଆରବିଆଇ ଅଧିକାରୀ ଉମାକାନ୍ତ ନାୟକ ଏବଂ ଏସବିଆଇ ଅଧିକାରୀ ମୁଖ୍ୟ ପରିଚାଳକ ପ୍ରଫୁଲ କୁମାର ବେହେରା ଓ କ୍ୟାସ୍ ଅଧିକାରୀ ଅଭିଷେକ ଶତପଥି ପ୍ରମୁଖ ଯୋଗ ଦେଇଥିଲେ।

ମାଲକାନଗିରିରେ ଡିଜେଲ-ପେଟ୍ରୋଲ ସଙ୍କଟ

# ତେଲ ଟାଙ୍କିରେ ଲମ୍ବା ଲାଇନ



ମାଲକାନଗିରି, ୧୫।୫(ସମିସ) : ମାଲକାନଗିରି ଜିଲ୍ଲାରେ ଏବେ ଡିଜେଲ ଓ ପେଟ୍ରୋଲ ସଙ୍କଟ ଗଭୀର ରୂପ ନେଇଛି। ଜିଲ୍ଲାର ଅନେକ ତେଲ ଟାଙ୍କିରେ ଇନ୍ଧନ ମହଜୁଦ ନଥିବା ବେଳେ କିଛି ସ୍ଥାନରେ ସୀମିତ ପରିମାଣରେ ତେଲ ମିଳୁଥିବାରୁ ଗ୍ରାହାକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ବିଶେଷ କରି ଡିଜେଲ ଅଭାବରେ ପରିବହନ ବ୍ୟବସ୍ଥା, ବଡ ଗାଡି ଚଳାଚଳ ଓ ବିଭିନ୍ନ ଯନ୍ତ୍ରପାତିରେ ନିର୍ଭର କାର୍ଯ୍ୟକୁ ପ୍ରଭାବିତ ହୋଇଛି। ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପରେ ସକାଳୁ ହିଁ ଲୋକମାନେ ତେଲ ପାଇଁ ଭିଡ଼ ଜମାଉଥିବା ଦେଖାଯାଇଛି। ଅନେକ ସ୍ଥାନରେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ରହିଲେ ମଧ ଗ୍ରାହାକମାନେ ପର୍ଯ୍ୟାପ୍ତ ଡିଜେଲ କିମ୍ବା ପେଟ୍ରୋଲ ପାଇପାରୁ ନାହାନ୍ତି। ଏଥିପାଇଁ ସାଧାରଣ ଲୋକଙ୍କ ସହ ବ୍ୟବସାୟୀ ଓ ଗାଡି ଚାଳକମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ବିଶେଷ କରି ଟ୍ରକ, ବସ ଓ ଅନ୍ୟାନ୍ୟ ଭାରୀ ଯାନ ଚଳାଚଳ ପାଇଁ ଡିଜେଲ ଅତ୍ୟାବଶ୍ୟକ ହୋଇଥିବା ବେଳେ ଆବଶ୍ୟକ ପରିମାଣରେ ଡିଜେଲ ମିଳୁନଥିବାରୁ ପରିବହନ ବ୍ୟବସ୍ଥା ଅସ୍ଥିର ହୋଇପଡ଼ିଛି। ଏହାର ପ୍ରଭାବ ନିର୍ମାଣ କାର୍ଯ୍ୟ, କୃଷି କାମ ଓ ଛୋଟ ବଡ ବ୍ୟବସାୟ ଉପରେ ମଧ ପଡୁଛି। ତେବେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବରେ ଇନ୍ଧନ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ବେଳେ ନିୟମିତ ଭାବେ ତେଲ ଟ୍ୟାଙ୍କର ଜିଲ୍ଲାକୁ ପହଞ୍ଚୁନଥିବାରୁ ଏପରି ସଙ୍କଟ ଉପୁଜିଥିବା କୁହାଯାଉଛି। ଜିଲ୍ଲାରେ ମୋଟ ୨୭ଟି ତେଲ ଟାଙ୍କି ରହିଥିବା ବେଳେ ଏଥିରୁ ୨ଟି କାର୍ଯ୍ୟକ୍ଷମ ହୋଇନାହି। ଜିଲ୍ଲାରେ ପ୍ରତିଦିନ ପ୍ରାୟ ୧ଲକ୍ଷ ୫୦ ହଜାର ଲିଟର ତେଲର ଆବଶ୍ୟକତା ରହିଥିବା ବେଳେ ବର୍ତ୍ତମାନ ପ୍ରତି ୩ ଦିନ ବ୍ୟବଧାନରେ ଏହି ତେଲ ଟାଙ୍କିକୁ ତେଲ ଗାଡି ପାରାଦୀପ ତେଲ ଡିପୋରୁ ଆସି ପହଞ୍ଚୁଛି। ଫଳରେ ତେଲର ଅଭାବ ପରିଲିଖିତ ହେଉଛି। ଏହାର ସୁଯୋଗ ନେଇ କିଛି କଳା ବେପାରୀ ସକ୍ରିୟ ହୋଇପଡ଼ିଛନ୍ତି। ଅଭିଯୋଗ ଅନୁଯାୟୀ, କିଛି ବ୍ୟବସାୟୀ ବିଭିନ୍ନ ପେଟ୍ରୋଲ ପମ୍ପରୁ ଡ୍ରମ ଯୋଗେ ଡିଜେଲ ଓ ପେଟ୍ରୋଲ କିଣି ଗ୍ରାମାଞ୍ଚଳରେ ଚଢା ଦରରେ ବିକ୍ରି କରୁଛନ୍ତି। ଫଳରେ ସାଧାରଣ ଲୋକ ଦୁଇଗୁଣା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାରେ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ଡିଜେଲ ଓ ପେଟ୍ରୋଲ ଯୋଗାଣ ସୁନିଶ୍ଚିତ କରିବା ସହ କଳାବଜାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ଲୋକ ଦାବି କରିଛନ୍ତି। ତେବେ ଏନେଇ ଆମେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ପାରାଦୀପ ତେଲ ଡିପୋ ରୁ ସଠିକ ଭାବେ ତେଲ ବୋଝେଇ ଗାଡି ଆସି ପାରୁନି। ଅଧିକ ପରିମାଣର ତେଲ ଆସୁ ନଥିବା ବେଳେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଆମେ ଦୃଷ୍ଟି ଦେଉଛୁ। ବର୍ତ୍ତମାନ ସ୍ଥିତିରେ ଜିଲ୍ଲାରେ ପ୍ରାୟ ୧୦ଟି ଟାଙ୍କିରେ ତେଲ ନାହି। ସେହି ଟାଙ୍କି ଗୁଡିକରେ ତେଲ ଗାଡି ଆସି ପହଞ୍ଚି ଯିବ। ଅନ୍ୟ ଯେଉଁ ଟାଙ୍କିରେ ତେଲ ଅଛି ସେଠାରେ ଯେପରି ସମସ୍ତ ଗ୍ରାହକଙ୍କୁ ତେଲ ମିଳିବ ସେନେଇ ଏକ ନିର୍ଦ୍ଦିଷ୍ଟ ପରିମାଣର ତେଲ ସମସ୍ତଙ୍କୁ ପ୍ରଦାନ କରାଯାଉଛି। ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ଲିଟର ତେଲ ଅଛି, ପୂର୍ବ ପରି ତେଲ ଡିପୋରୁ ଅଧିକ ପରିମାଣର ତେଲ ମିଳୁ ନଥିବାରୁ ଏହି ପରିସ୍ଥିତି ଉପୁଜିଛି। ତେବେ କଳା ବଜାରୀ ପାଇଁ ସେଭଳି କୌଣସି ଅଭିଯୋଗ ନଥିବା ବେଳେ ଏନେଇ ନଜର ରଖାଯାଇଛି, କଳା ବ୍ୟବସାୟୀର ସୁରାକ ମିଳିଲେ ଉଚିତ ପଦକ୍ଷେପ ନିଆଯିବ।

# ବିଜୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନାରାୟଣପାଟଣା,୧୫।୫(ସମିସ):

ନାରାୟଣପାଟଣା ଅନ୍ତର୍ଗତ ଶିରିଗୁଡା ଯୁବଗୋଷ୍ଠୀ ଦ୍ୱାରା ଆୟୋଜିତ ବିଜୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ଝିନ ହିକକା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବିଜୁ ଜନତା ଦଳର ସଭାପତି ପ୍ରହ୍ଲାଦ ଖସ୍ଲା, କୁମ୍ଭାରୀ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ବୁଟୁ ଶିରିକା, ସମସ୍ତ ଯୁବ ଗୋଷ୍ଠୀ, ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଥିବା ଗତି ଗୁଡା ଓ ତେନ୍ତୁଳି ପଦର ଟିମ୍ ସମସ୍ତ ଖେଳାଳି ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ଟିମ୍‌ର ଖେଳାଳିମାନେ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ଶେଷରେ ଗତିଗୁଡା ଟିମ୍ ତେନ୍ତୁଳି ପଦର ଟିମ୍‌କୁ ହରାଇ ବିଜୟ ହାସଲ କରିଥିଲା। ବିଜୁ ବାବୁଙ୍କ ନାମରେ ଟୁର୍ଣ୍ଣାମେଣ୍ଟଟି ଆୟୋଜନ କରିଥିବାରୁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବା ଶିରିଗୁଡା ଗ୍ରାମର ଯୁବଗୋଷ୍ଠୀଙ୍କୁ ବିଜୁ ଜନତା ଦଳ ତରଫରୁ ଝିନ ହିକକା ଓ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ ଧନ୍ୟବାଦ ଜଣେଇ ଥିଲେ। ଶେଷରେ ଅତିଥିମାନେ ବିଜୟ ହାସଲ କରିଥିବା ଗତି ଗୁଡା ଟିମ୍ କୁ ଟ୍ରଫି ସହ ୧୫୦୦୦ ଟଙ୍କା ଓ ପରାଜୟ ହୋଇଥିବା ତେନ୍ତୁଳି ପଦର ଟିମ୍ କୁ ଟ୍ରଫି ସହ ୧୧୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିରିଗୁଡା ଗ୍ରାମର ଯୁବଗୋଷ୍ଠୀ ଉପସ୍ଥିତ ହୋଇଥିବା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଦେଇଥିଲେ।



# ସାନଭାଇର ଟ୍ରାକ୍ଟର ଧକ୍କାରେ ବଡ଼ ମୃତ

କୋଷାଗୁମୁଡ଼ା, ୧୫।୫(ସମିସ): ଆଜି ସକାଳ ୭ଟାରେ ସମୟରେ ଆଉଁଳି ଗ୍ରାମର ଭଇଁସା ବେଡା ଛକ ନିକଟରେ ସତ୍ୟ ନାରାୟଣ ବିଶୋଇ(୪୩)ଙ୍କୁ ତାଙ୍କ ସାନଭାଇ ଲଳିତ ବିଶୋଇ(୪୦)ଙ୍କ ମହେନ୍ଦ୍ରା ଟ୍ରାକ୍ଟର ନମ୍ବର ସି ଜି୧୭-ଏଲ, ଡି,୬୪୫୮ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଡ୍ରାଇଭର ମଙ୍ଗଳରାମ ବିଶୋଇଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଏପରି ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଥିବା ବେଳେ ଲଳିତ ବିଶୋଇ କୋଷାଗୁମୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି କୋଷାଗୁମୁଡ଼ା ଥାନାଧିକାରୀ ବଙ୍ଗୀ ମାଝୀ, ଏଏସଆଇ ଚନ୍ଦ୍ର ଶେଖର ହଜାରୀଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଏପଟେ ଏଏସ ଆଇ ଶ୍ରୀ ହଜାରୀ ୮୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ମୃତ ଶରୀର ବ୍ୟବଚ୍ଛେଦ କରି ଆଜି ଅପରାହ୍ନ ସାଢେ ୩ଟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ବାଦାମ ବିକ୍ରେତାଙ୍କ ଆତ୍ମହତ୍ୟା

ଜୟପୁର,୧୫।୫(ସମିସ): ଜୟପୁର ଟାଉନଥାନା ହାଇଦ୍ରାବାଦ ଲାଇରେ ଭଡା ଗୃହରେ ରହୁଥିବା ତଥା ଠେଲାଗଡିରେ ବାଦମ ବିକ୍ରି କରୁଥିବା ବ୍ୟବସାୟୀ ଯୁବକ ମାଲୁ ଖାନ(୪୫) ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନ ବିହାର ରାଜ୍ୟର ବାସିନ୍ଦା ମୃତକଙ୍କ ଝୁଲନ୍ତା ଶବ ନେଇ ସାହି ବାସିନ୍ଦା ଟାଉନଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଟାଉନଥାନା ପୁଲିସ ଦୀର୍ଘ ସମୟରେ ପରେ ମଧ୍ୟାହ୍ନରେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଝୁଲନ୍ତା ଶବ ଜବତ କରିଥିବା ବେଳେ ଶବ ବ୍ୟବଚ୍ଛେଦ ନିମନ୍ତେ ଚିକିତ୍ସାଳୟକୁ ପଠାଇଥିଲେ। ମୃତକଙ୍କ ଭାଇ ପୋଡଶୀ ରାଜ୍ୟ ଜଗଦଲପୁରରେ ରହୁଥିବା ଯୋଗୁଁ ତାଙ୍କୁ ସୂଚନା ଦିଆଯାଇଥିଲା। ଏହିପରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ସୁବାଶ ଷଡଙ୍ଗୀ ସୂଚନା ଦେଇଛନ୍ତି ।

ମନ୍ଥର ଗତିରେ ବ୍ରିଜ ନିର୍ମାଣକୁ ନେଇ ବଢୁଛି ଅସନ୍ତୋଷ

# ମାଲକାନଗିରିରେ ମିଶିବେ ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ

ବୈପାରୀଗୁଡ଼ା,୧୫।୫(ସମିସ): ପାଞ୍ଚ ବର୍ଷ ବିତିଲା । ତଥାପି ସରିନି ୧୪ କୋଟି ଟଙ୍କାର ତେନ୍ତୁଳିଗୁମ୍ମା ବ୍ରିଜ୍ ନିର୍ମାଣ କାର୍ଯ୍ୟ। ଏନେଇ ବଢୁଛି ଅସନ୍ତୋଷ । ମାଲକାନଗିରି ଜିଲ୍ଲାରେ ମିଶିବେ ପାଇଁ ଚେତାବନୀ ଦେଇଛନ୍ତି ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ। ଅପରପକ୍ଷେ ୮ ମାସ ମଧ୍ୟରେ ପୋଲ କାର୍ଯ୍ୟ ସରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋରାପୁଟ ଜିଲ୍ଲାପାଳ। ସମସ୍ୟାରେ ବୁଡିରହି ନିଜ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି ବୈପାରୀଗୁଡା ବ୍ଲକର ସଂଗ୍ରାମ ମାଟି ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ପୀଠ ତେନ୍ତୁଳିଗୁମ୍ମାର ଲୋକେ। ଏହି ପଞ୍ଚାୟତର ସବୁଠୁ ବଡ଼ ଦୁର୍ଭାଗ୍ୟ ହେଉଛି ବୈପାରିଗୁଡା ସଦର ମହକୁମା ଯାଏ ପହଞ୍ଚିବା ପାଇଁ ସିଧାସଳଖ ରାସ୍ତାଟିଏ ନାହିଁ। ବ୍ଲକ ସଦର ମହକୁମା ଯାଏ ଆସିବା ପାଇଁ ପଞ୍ଚାୟତବାସୀଙ୍କୁ ମାଲକାନଗିରି ଜିଲ୍ଲା ଗବିନ୍ଦପାଲୀ ଦେଇ ପ୍ରାୟ ୭୦ କିଲୋମିଟର ବାଟ ଆସିବାକୁ ପଡ଼ିଥାଏ। ଫଳରେ ଦିନକର କାମ ପାଇଁ ସେମାନଙ୍କୁ ତିନିଦିନ ନଷ୍ଟ କରିବାକୁ ପଡ଼ିଥାଏ। ତେନ୍ତୁଳିଗୁମ୍ମା ଠାରୁ ଦଣ୍ଡାବାଡି ଦେଇ ବୈପାରିଗୁଡା ଯାଏ ରାସ୍ତାଟିଏ ନିର୍ମାଣ କରିବା ପାଇଁ ବହୁବାର ଦାବି ପରେ ଗତ ୨୦୨୧ ମସିହାରେ ୧୪ କୋଟି ଟଙ୍କା ବ୍ୟୟରେ ବିଜୁ ସେତୁ ଯୋଜନାରେ ବ୍ରିଜ କାର୍ଯ୍ୟ ଆରମ୍ଭ ହେଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ। ପ୍ରଶାସନର ଉଦାସୀନତା ହେତୁ ଏହି ପୋଲ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ। ତେନ୍ତୁଳିଗୁମ୍ମା ସମେତ ଆଖପାଖ ଗ୍ରାମ ଗୁଡ଼ିକର ବହୁବିଦ୍ଧ ସମସ୍ୟା ରହିଥିଲେ ମଧ୍ୟ ସେଥିପ୍ରତି କାହାର ନଜର ନାହିଁ। ସାବରୀ ନଦୀ ଆରୋପଟେ ଥିବା ସାତ ଖଣ୍ଡ ଗାଁ ଲୋକେ ନିତି ସଂଘର୍ଷ କରୁଛନ୍ତି । ଏଠାରେ ଭରା ନଈ ପାର ହେବା ପାଇଁ ଦେଶୀ ଡ଼ଙ୍ଗା ଏକ ମାତ୍ର ଭରସା । ଜୀବନଙ୍କୁ ବାଜି ଲଗାଇ ବିପଦ ସଂକୁଳ ଅବସ୍ଥାରେ ଭଙ୍ଗା ଡ଼ଙ୍ଗା ରେ ନଦୀ ପାର ହେଉଛନ୍ତି । ଭଙ୍ଗା ଡ଼ଙ୍ଗାରେ ପାଣି ଭରିଯାଉଛି। ତଥାପି ବାଧ ହୋଇ ନଦୀ ପାର ହେବାକୁ ପଡୁଛି ବୋଲି କହିଛନ୍ତି ସାତ ଖଣ୍ଡଗାଁ ଲୋକେ। ଏନେଇ ଗତ କିଛି ଦିନ ପୂର୍ବେ ସ୍ଥାନୀୟ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜାନ ତେନ୍ତୁଳିଗୁମ୍ମା ପୋଲ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ସ୍ଥାନୀୟ ପୂର୍ବତନ ସରପଞ୍ଚ ବୁଦ୍ରା ନାୟକ, ଭେଜିନିଗୁଡା ୱାର୍ଡ ମେମ୍ବର କାଶୀନାଥ ଚଲାଣ, ସ୍ଥାନୀୟ ବୁଦ୍ଧିଜୀବୀ ତିଲୋକ ନାୟକ, ଅର୍ଜୁନ ସଗରିଆ ଭଳି ସାତ ଖଣ୍ଡ ଗାଁ ଲୋକେ ଅଭିଯୋଗ କରିଛନ୍ତି ଯେ, ପୋଲ ନିର୍ମାଣରେ କୋରାପୁଟ ଜିଲ୍ଲା ପ୍ରଶାସନର ଅପାରୋଗତା ଜଳଜଳ ଦେଖାଯାଉଛି। ଅତି ଶୀଘ୍ର ପୋଲ ନିର୍ମାଣ ନ ହେଲେ ତେନ୍ତୁଳିଗୁମ୍ମାବାସୀ ମାଲକାନଗିରି ଜିଲ୍ଲାରେ ମିଶିବେ ବୋଲି ତେନ୍ତୁଳିଗୁମ୍ମା ଗସ୍ତରେ ଆସିଥିବା କୋରାପୁଟ ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି। କାରଣ ସେପଟେ ତେନ୍ତୁଳିଗୁମ୍ମାବାସୀଙ୍କୁ ମାଲକାନଗିରି ପାଖ ଏବଂ ସୁବିଧା ହେବ। ଏନେଇ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସମସ୍ୟା ବିଷୟରେ ବୁଝିଛନ୍ତି ଏବଂ ଆସନ୍ତା ଜାନୁଆରୀ ମାସ ସୁଦ୍ଧା ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ଗାଁ ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି । ପୋଲ ନିର୍ମାଣ ହେଲେ ନଦୀ ଆରୋପଟେ ଥିବା ୬ ଖଣ୍ଡ ଗାଁ ତଥା ଭେଜିନିଗୁଡା, ମାଛାଗୁଡା, ମାଟିଗୁଡା, କଣ୍ଟା ବାଉଁସିଆଗୁଡା, ମାଙ୍କଡପାଣି ଆଦି ଗାଁରେ ରାସ୍ତା, ପାଣି ବିଜୁଳି ଭଳି ମୌଳିକ ସୁବିଧା ପହଞ୍ଚିବ । ନିଶ୍ଚିତ ଭାବେ ସହିଦ ମାଟିର ଉନ୍ନତି ହେବ ବୋଲି ଜିଲ୍ଲାପାଳ କହିଛନ୍ତି।



# ଉମରକୋଟ ପେଟ୍ରୋଲ ପମ୍ପ୍‌ରେ ଲମ୍ବା ଲାଇନ୍



ଉମରକୋଟ୧୫।୫(ସମିସ): ଉମରକୋଟ ସହରରେ ବର୍ତ୍ତମାନ ପେଟ୍ରୋଲ ପମ୍ପ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ପେଟ୍ରୋଲ ଓ ଡିଜେର ସଙ୍କଟ ଏବେ ଚରମ ସୀମାରେ ପହଞ୍ଚିଛି। ରୋଷେଇ ଗ୍ୟାସ ପାଇଁ ଲୋକେ ଧାଡି ଲଗାଇବା ପରେ ଏବେ ପେଟ୍ରୋଲ ନେବା ପାଇଁ ଚାଲିଛି ପ୍ରତିଯୋଗିତା। ଲମ୍ବା ଧାଡିରେ ଦୀର୍ଘ ସମୟ ଧରି ଛିଡା ହୋଇ ଲୋକେ ତେଲ ପକାଉଛନ୍ତି। ସହରର ଅଧିକାଂଶ ପେଟ୍ରୋଲ ପମ୍ପରେ ତେଲ ସରିବାକୁ ବସିଲାଣି। ଏଭଳି ସ୍ଥିତିରେ ଯେଉଁ କେତେକ ପେଟ୍ରୋଲ ପମ୍ପ ଖୋଲା ରହିଛି, ସେଠାରେ ଗ୍ରାହକଙ୍କର ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ଉମରକୋଟ ସହରର ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ ଦେଖିବାକୁ ମିଳିଛି। ଲୋକଙ୍କୁ ପ୍ରାୟ ଘଣ୍ଟା ଘଣ୍ଟା କାଳ ଲମ୍ବା ଲାଇନ୍‌ରେ ଛିଡ଼ା ହେବାକୁ ପଡୁଛି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଯାଇ ଲୋକଙ୍କୁ ତେଲ ମିଳୁଛି। ଆଗକୁ ପେଟ୍ରୋଲ ମିଳିବ କି ନାହିଁ ଗ୍ରାହକମାନେ ସେହି ଆଶଙ୍କାରେ ଥିବାରୁ ପେଟ୍ରୋଲ ନେବା ପାଇଁ ଲମ୍ବା ଲାଇନ୍‌ରେ ରହୁଛନ୍ତି। ଆଗ ଭଳି ନିଜ ଇଚ୍ଛାରେ ତେଲ ମିଳୁନି। ଅଶୋଧିତ ତୈଳ ଦର ବୃଦ୍ଧି ହେତୁ ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦରରେ ପରିବର୍ତ୍ତନ ଦେଖାଯିବା ଏକ ଚିନ୍ତାର ବିଷୟ। ଡିଜେଲ ଦର ବଢ଼ିଲେ ଟ୍ରକ୍ ଏବଂ ଅନ୍ୟାନ୍ୟ ପରିବହନ ଗାଡ଼ିର ଭଡ଼ା ବୃଦ୍ଧି ପାଏ। ପରିବହନ ଖର୍ଚ୍ଚ ବଢ଼ିବା ଯୋଗୁଁ ବଜାରରେ ଫଳ, ପନିପରିବା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଇଥାଏ। ତେଲ ଦର ବୃଦ୍ଧି ସିଧାସଳଖ ଭାବେ ସାଧାରଣ ଜନତାଙ୍କ ପକେଟ୍ ଉପରେ ଚାପ ପକାଇଥାଏ ଏବଂ ବଜାରରେ ସାମଗ୍ରିକ ମହଙ୍ଗା ମାଡ଼ ଦେଖାଯାଏ।

## ସାବିତ୍ରୀ ବ୍ରତ ପାଇଁ ବଜାରରେ ପ୍ରବଳ ଭିଡ଼

# ଫଳ, ଲୁଗା ସହ ପୂଜା ସରଞ୍ଜାମ ଦର ଆକାଶ ଛୁଆଁ

**ବାରିପଦା, ୧୫।୫(ସମିସ)**



ପବିତ୍ର ସାବିତ୍ରୀ ବ୍ରତ ପାଇଁ ପୂଜା ସାମଗ୍ରୀ କିଣିବା ପାଇଁ ବାରିପଦା ସହର ବଜାରରେ ଭିଡ଼ ଲାଗିଛି। ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ କାମନା କରି ପ୍ରତ୍ୟେକ ଓଡ଼ିଆ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି। ମନ୍ଦିରଠାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ପୂଜାର୍ଚ୍ଚନା ହୋଇଥାଏ। ମହିଳାମାନେ ନୂଆ ଲୁଗା ପରିଧାନ କରି ଭଳିକି ଭଳି ଫଳ ଓ ପୂଜା ସରଞ୍ଜାମ ଧରି ଓଷା କରି ବ୍ରତ ପାଳନ କରିଥା'ନ୍ତି। ଓଡ଼ିଆମାନଙ୍କ ଭାବନା ସହିତ ଜଡ଼ିତ ଏହି ସାବିତ୍ରୀ ଓଷା ପାଇଁ ବ୍ୟବସାୟୀ ବର୍ଷ ତମାମର ବ୍ୟବସାୟ କରିବା ପାଇଁ ଦର ଆକାଶ ଛୁଆଁ କରିଛନ୍ତି। ବଜାରରେ ଫଳ ଦର ଶୁଣି ସତ୍ୟବାନଙ୍କ ପକେଟକୁ ବାଧୁଛି।

ଓଡ଼ିଆ ସଂସ୍କୃତି ଯେତେ ବଦଳିଲେ ବି ଆମ ଓଷା, ପୂଜାବିଧି, ପରମ୍ପରା କେବେ ବଦଳି ପାରିବନାହିଁ। ତେଣୁ ପ୍ରତିଟି ଓଡ଼ିଆଙ୍କ ଘରେ ଏହାର ସ୍ୱତନ୍ତ୍ରତା ରହିଛି। ଯାହାକୁ ନେଇ ସାବିତ୍ରୀ ବ୍ରତ ପାଇଁ ବଜାର ଚଳଚଞ୍ଚଳ ସହ ବାରିପଦା ସହରର ପୂଜା ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଗୁଳୁଗୁଳି ପାଗ ମଧ୍ୟରେ ଘରକୁ ପୂଜା ସରଞ୍ଜାମ ସହ ଭଳିକି ଭଳି ଫଳ ନେବା ପାଇଁ ବଜାରର ପ୍ରତିଟି ଦୋକାନରେ ଲମ୍ବା ଲାଇନ ଲାଗିଥିଲା। ପୂଜାର ଆବଶ୍ୟକତାକୁ ଦୃଷ୍ଟି ରଖି ପୂଜା ବଜାରରେ ଫଳ ଓ ପୂଜା ସରଞ୍ଜାମର ଦରଦାମ ଆକାଶଛୁଆଁ ରହିଥିଲା। ସାଧାରଣତଃ ଅନ୍ୟ ଦିନ ତୁଳନାରେ ପୂଜା ପାଇଁ ସାମଗ୍ରୀ ଦର ଅଧିକ ରହିଥିଲା। ପୂର୍ବ ତୁଳନାରେ ଫଳର ଦର ଦୁଇଗୁଣା ହୋଇଛି। ତରଭୁଜ, କଦଳୀ, ନଡ଼ିଆ, ଲିଚୁ, ସେଓ, କମଳା, ନାସପାତି, ଅଙ୍ଗୁର ଆଦି ବ୍ୟବସାୟୀ ଚଢ଼ା ଦରରେ ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି। ସେଓ କିଲୋ ପ୍ରତି ୧୫୦ରୁ ଆରମ୍ଭ କରି ୪୦୦ ଟଙ୍କାରୁ ଊର୍ଦ୍ଧ୍ୱ, କମଳା କିଲୋ ପ୍ରତି ୧୫୦ରୁ ଆରମ୍ଭ କରି ୪୫୦ ଟଙ୍କା, ଅଙ୍ଗୁର କିଲୋ ପ୍ରତି ୧୬୦ରୁ ଆରମ୍ଭ କରି ୧୨୦୦ ଟଙ୍କା, ଖଜୁରୀ ୧୦୦ରୁ ଆରମ୍ଭ କରି ୧୦୦୦ ଟଙ୍କା, ନାଶପାତି କିଲୋ ପ୍ରତି ୧୩୦ରୁ ଆରମ୍ଭ କରି ୪୮୦ ଟଙ୍କା, କଦଳୀ ଡର୍ଜନ ୬୦ରୁ ଆରମ୍ଭ କରି ୧୪୦ ଟଙ୍କା, ପିଜୁଳି କିଲୋ ପ୍ରତି ୮୦ ଟଙ୍କାରୁ ଆରମ୍ଭ କରି ୧୫୦ ଟଙ୍କା, ସପୁରୀ କିଲୋ ପ୍ରତି ୬୦ରୁ ଆରମ୍ଭ କରି ୧୨୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପେଟ୍ରୋଲ ଡିଜେଲ ସଙ୍କଟ ପାଇଁ ଏଥର ଫଳ ବଜାରରେ ନିଆଁ ଲାଗିଛି। ପ୍ରାୟ ସପ୍ତାହ ହେବ ଧୀରେ ଧୀରେ ଗ୍ରାହକଙ୍କ ଗହଳି ଜମୁଥିବାବେଳେ କିଣାକିଣି ଆରମ୍ଭ କରିଦେଲେଣି। ବିଭିନ୍ନ ଫଳର ଦର ବୃଦ୍ଧି କରାଯାଇଥିଲେ ବି ବାରିପଦା ସହରର କଚେରୀ ମାର୍କେଟ, ଟ୍ରାଫିକ ଛକ, ବିଜୁ ପଟ୍ଟନାୟକ ଗୋଲେଇ, ଲାଲ ବଜାର ଆଦି ମାର୍କେଟରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏଥିସହିତ ପୂଜା ନିମନ୍ତେ ପ୍ରତି ଘରଣୀଙ୍କ ନୂଆ ଶାଢ଼ୀର ଆବଶ୍ୟକତା ଥିବାବେଳେ ଲୁଗା ଦୋକାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ସେହିପରି ପୂଜା ନିମିତ୍ତ ଆବଶ୍ୟକ ସରଞ୍ଜାମ ଆଦି ଦର ମଧ୍ୟ ଆକାଶଛୁଆଁ ରହିଛି। ତେବେ ପୂଜା ପାଇଁ ଚାହିଦା ଦେଖି କିଣା ଦର ପୂର୍ବଠାରୁ ଅଧିକ ଥିବାରୁ ଚଢ଼ା ଦରରେ ବିକିବାକୁ ବାଧ ହେଉଛୁ। ଆଗକୁ ଦର ପୂର୍ବ ଭଳି କମ୍ ରହିବ ବୋଲି ବ୍ୟବସାୟୀ କହିଛନ୍ତି। ଦରଦାମ ବୃଦ୍ଧି ହୋଇଥିବା ସତ୍ତ୍ୱେ ଗ୍ରାହକ ଅଧିକ ଦରରେ ସାମଗ୍ରୀ କିଣିବାକୁ ବାଧ ହୋଇଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚର ନୂତନ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ



**ବାରିପଦା, ୧୫।୫(ସମିସ):** ସ୍ଥାନୀୟ ଛଉ ପଡ଼ିଆ ସଂଲଗ୍ନରେ ସରକାରୀ ଅନୁଦାନରେ ନିର୍ମିତ ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ସମ୍ମିଳନୀ କକ୍ଷ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ମଞ୍ଚ ସଭାପତି ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ସୀମା ଦାସ, ୧ନଂ ୱାର୍ଡ କାଉନସିଲର ସୁକେଶିନୀ ସେଠୀ, ପରିବେଶବିତ ଡ ବିଜୟ ଅଗ୍ରୱାଲ, ଉପସଭାପତି କଳ୍ପନା ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଡ ଶ୍ୟାମସୁନ୍ଦର ଦାସ ଓ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବେଦ ଧ୍ୱନି ମଧ୍ୟରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ସାଧାରଣ ସମ୍ପାଦକ ମଞ୍ଚ ପରିଚାଳନା କରି ବହୁପ୍ରତିକ୍ଷିତ ସମିଳନୀ କକ୍ଷ ହସ୍ତାନ୍ତର ପାଇଁ ନଗରପାଳଙ୍କ ସହିତ ପୌର ପରିଷଦର ସମସ୍ତ କାଉନସିଲରଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ।

ସକାଳେ ଗୃହ ପ୍ରବେଶ ଯଜ୍ଞ ଆରମ୍ଭ ହୋଇ ରାସଗୋବିନ୍ଦପୁରର ବରିଷ୍ଠ ନାଗରିକ ବିନୋଦ ବିହାରୀ ଦାସ ଓ ତାଙ୍କ ସାଥୀଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ ସମାପନ ହୋଇଥିଲା। ପୂଜାର୍ଚ୍ଚନା ସମୟରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ହରିହର ଦାସ ସ୍ୱରଚିତ ଭକ୍ତିପୁଷ୍ପ ଓ ବିବିଧ ପ୍ରସଙ୍ଗ ପୁସ୍ତକ ଉପସ୍ଥିତ ସଦସ୍ୟଙ୍କୁ ଭେଟି ଦେଇଥିଲେ। ସଭ୍ୟ କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଭ୍ୟ ଡ. ସୁଶାନ୍ତ ପାତ୍ର, ମୁରଲୀଧର ପାତ୍ର, ଶୋଭନା ଆଚାର୍ଯ୍ୟ, ବାସନ୍ତୀଲତା ମହାପାତ୍ର, କୈବଲ୍ୟ ମହାପାତ୍ର, ବରେନ୍ଦ୍ର ମହାନ୍ତି, ଦେବାଶିଷ ଦାସ, ଜଗନ୍ନାଥ ମିଶ୍ର, ସୁଧାମୟୀ ଦାସ, ସବିତା ମିଶ୍ର, ପ୍ରଦୀପ୍ତ ଦାସ, ହେମନ୍ତ ଦାସ, ରମାକାନ୍ତ ମହାନ୍ତ, ସ୍ୱରୂପ ବସା, ସରୋଜ ମିଶ୍ର, ଶ୍ୟାମ ଚନ୍ଦ୍ର ଜିତବାବୁ, ଭାଗବତ ପଣ୍ଡା, ପଦ୍ମନାଭ ସାହୁ ଓ ମନୋଜ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଆଇଆର୍‌କୁ ନେଇ କଂଗ୍ରେସର ବୈଠକ




**ବଡ଼ସାହି, ୧୫।୫(ସମିସ):** କେନ୍ଦ୍ର ସରକାରଙ୍କ ଏସ୍‌ଆଇଆରକୁ ନେଇ ବଡ଼ସାହି କଂଗ୍ରେସ ଦଳ ପକ୍ଷରୁ ଏକ ସଚେତନତା ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ଶଶାଙ୍କଶେଖର କର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରକାଶ କରମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ବଳା, ପ୍ରତାପ ଚନ୍ଦ୍ର ଗାୟା, ସୁମନ୍ତ ସାହୁ, ଭବାନୀ ବାରିକ, ବଳରାମ ଟୁଡୁ, ପ୍ରତାପ ମହାନ୍ତ, ସନ୍ତୋଷ ମହାନ୍ତ, ରବୀନ୍ଦ୍ର ମହାନ୍ତ, ସନ୍ତୋଷ ବେହେରା, ମଳୟ ବେହେରା, ସେକ୍ ମୁକ୍ତାର ଓ ସତ୍ୟଜିତ ବେହେରା, ବାରିପଦା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମ, ପୂର୍ଣ୍ଣଚନ୍ଦ୍ର ହାଁସଦା, ଚନ୍ଦ୍ରଶେଖର ବଳା, ନାରୀନେତ୍ରୀ ପାର୍ବତୀ ସିଂ, ଶଶଧର ଅରକ୍ଷିତ ମହାପାତ୍ର, ପ୍ରଭାକର ବାରିକ, ନୃସିଂହ ହାତୀ, ରବିନାରାୟଣ ମହାନ୍ତ, ପଙ୍କଜ ଦାସପଟ୍ଟନାୟକ, ବାସୁଦେବ ମିଶ୍ର, ଦେବାଶିଷ ପଣ୍ଡା ଓ ନଟବର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଦଳକୁ ସୁସଂଗଠିତ କରିବା ପାଇଁ ନିଜ ନିଜର ମତ ଓ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

ବର୍ତ୍ତମାନ ସମୟରେ କେନ୍ଦ୍ର ସରକାର ସେମାନଙ୍କୁ ସୁହାଇଲା ଭଳି ଯେଉଁ ଏସ୍‌ଆଇଆର ବିଭିନ୍ନ ରାଜ୍ୟରେ ଲଗାଇ ଲୋକଙ୍କୁ ସେମାନଙ୍କ ଭୋଟ ଦେବା ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରୁଛନ୍ତି; ସେଥିରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି, ସେ ସମ୍ପର୍କରେ ବରିଷ୍ଠ ନେତା ଶ୍ରୀ କର ମହାପାତ୍ର ଉପସ୍ଥିତ କର୍ମକର୍ତ୍ତାଙ୍କୁ ସଚେତନ କରିଥିଲେ। ଏ ଅବସରରେ ଶ୍ରୀକର ମହାପାତ୍ରଙ୍କୁ ବଡସାହି ନିର୍ବାଚନମଣ୍ଡଳୀ ସ୍ତରୀୟ ବିଏଲଏ-୧ ଭାବେ ଚୟନ କରାଯାଇଥିବାବେଳେ ବଡ଼ସାହି ବ୍ଲକରେ ଥିବା ୧୦୩ଟି ବୁଥ ପାଇଁ ବିଏଲଏ-୨ ଚୟନ କରାଯାଇ ସେମାନଙ୍କ କାମ ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଏହାବ୍ୟତୀତ ଡବଲ ଇଞ୍ଜିନ ସରକାରରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଦରଦାମ ବୃଦ୍ଧି, ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ହତ୍ୟା, ଲୋକଙ୍କୁ ମିଛ ପ୍ରତିଶ୍ରୁତି ଓ ପ୍ରତାରଣା କରିବା, ବେକାରୀ, ନିଯୁକ୍ତି ପ୍ରସଙ୍ଗ, ମହିଳା, ଚାଷୀ, ଯୁବକ ଓ ସରକାରୀ ଚାକିରିଆ ସମସ୍ତେ ନିଜକୁ ଅସୁରକ୍ଷିତ ମଣିବା ଓ ଭୋଟ ଚୋରି ଆଦି ପ୍ରସଙ୍ଗକୁ ନେଇ କଂଗ୍ରେସ ତୃଣମୂଳ ସ୍ତରରେ ଲୋକଙ୍କ ନିକଟକୁ ଯିବା ସହିତ ବିଭିନ୍ନ ସମସ୍ୟାକୁ ନେଇ ରାଜରାସ୍ତାରେ ଲଢିବା ପାଇଁ ଉପସ୍ଥିତ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ।

## ନାସକମ୍ ସିଏକ୍ସଓ କନେକ୍ଟରେ ମୟୂରଭଞ୍ଜର ପ୍ରତିନିଧିତ୍ୱ

# ଷ୍ଟାର୍ଟଅପ୍ ଇକୋସିଷ୍ଟମ ଓ ଆଇଟି ପ୍ରତିଭା ବିକାଶ ଉପରେ ଆଲୋଚନା

**ବାରିପଦା, ୧୫।୫(ସମିସ):** କୋଲକାତାସ୍ଥ ନୋଭୋଟେଲ ହୋଟେଲ ଆଣ୍ଡ ରେସିଡେନ୍ସିରେ ଅନୁଷ୍ଠିତ ସମ୍ମାନଜନକ ନାସକମ୍ ସିଏକ୍ସଓ କନେକ୍ଟ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ସ୍ୱତନ୍ତ୍ର ନେଟୱର୍କିଂ ଓ ପାରସ୍ପରିକ ଆଲୋଚନାରେ ପଶ୍ଚିମବଙ୍ଗ ଓ ଓଡ଼ିଶାର ପ୍ରମୁଖ ଆଇଟି ଉଦ୍ୟୋଗୀ, ଶିଳ୍ପ ନେତୃତ୍ୱ, ନାସକମ୍ ସଦସ୍ୟ କମ୍ପାନୀ ନାସକମ୍ ସଭାପତି ରାଜେଶ ନାମ୍ବିଆର ସହଯୋଗ ଦେଇଥିଲେ। ଉତ୍ତର ଓଡ଼ିଶା ତଥା ମୟୂରଭଞ୍ଜର ପ୍ରତିନିଧିତ୍ୱ କରି ଉଦ୍ୟୋଗୀ ଓ ଶିଳ୍ପ ପ୍ରତିନିଧି ଇଂ ସୌମ୍ୟରଞ୍ଜନ ମିଶ୍ର ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ସୁଦୃଢ଼ କରି ମୟୂରଭଞ୍ଜରେ ଏକ ସ୍ଥାୟୀ ଷ୍ଟାର୍ଟଅପ୍ ଓ ଇନୋଭେସନ ଇକୋସିଷ୍ଟମର ବିକାଶ ସମ୍ପର୍କରେ ରାଜେଶ ନାମ୍ବିଆରଙ୍କ ସହ ଅର୍ଥପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ସେ ଆକାଂକ୍ଷା ଆଇଟି ହବ୍ ମାଧ୍ୟମରେ ଜାରି ରହିଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏହାଏକ ଉଦୀୟମାନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ଯେଉଁଠାରେ ବର୍ତ୍ତମାନ ପ୍ରାୟ ୯୦ ଜଣ ଆଇଟି ସ୍ନାତକଙ୍କୁ ବୈଷୟିକ କ୍ଷେତ୍ର ପାଇଁ ଶିଳ୍ପ-ଉପଯୋଗୀ ପେସାଦାର ଭାବେ ପ୍ରଶିକ୍ଷଣ ଦିଆଯାଉଛି। ଜିଲ୍ଲା ପ୍ରଶାସନ ଓ ଆଇଟିଡିଏ ବାରିପଦାର ସହଯୋଗରେ ବାରିପଦାରୁ କାର୍ଯ୍ୟକାରୀ ହେଉଥିବା ଏହି ପଦକ୍ଷେପକୁ ନାସକମ୍ ସଭାପତି ପ୍ରଶଂସା କରିଥିଲେ। ଭାରତର ଅନ୍ୟତମ ବୃହତ୍ତମ ଆଦିବାସୀ ବହୁଳ ଜିଲ୍ଲାରେ ଏଭଳି ପ୍ରଭାବଶାଳୀ କାର୍ଯ୍ୟ କରାଯାଉଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ।

ଏହି ଆଲୋଚନାରେ ମୟୂରଭଞ୍ଜ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ଭୂମିକା ଉପରେ ମଧ୍ୟ ଧ୍ୟାନ ଦିଆଯାଇଥିଲା। ଯାହା ଅଞ୍ଚଳରେ ଉଦ୍ୟୋଗୀତା, ଷ୍ଟାର୍ଟଅପ୍, ଶିଳ୍ପ ଅଭିବୃଦ୍ଧି ଓ ନବସୃଜନଭିତ୍ତିକ ବିକାଶକୁ ପ୍ରୋତ୍ସାହିତ କରୁଛି। ମୟୂରଭଞ୍ଜରେ ଗଢ଼ି ଉଠୁଥିବା ଏହି ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ନାସକମ୍ ପକ୍ଷରୁ ମାର୍ଗଦର୍ଶନ ଓ ପ୍ରତିଷ୍ଠାନିକ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ନାମ୍ବିଆର ପ୍ରତିଶ୍ରୁତି ଦେଇଛନ୍ତି। ନାସକମ୍ ସିଏକ୍ସଓ କନେକ୍ଟ ଭଳି ଏକ ଜାତୀୟ ସ୍ତରର ଶିଳ୍ପ ମଞ୍ଚରେ ମୟୂରଭଞ୍ଜର ଅଂଶଗ୍ରହଣକୁ ଭାରତର ବିକାଶଶୀଳ ଡିଜିଟାଲ୍ ଅର୍ଥନୀତି ଓ ଷ୍ଟାର୍ଟଅପ୍ ପରିବେଶ ସହିତ ଜିଲ୍ଲାକୁ ଯୋଡ଼ିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ଏହି କାର୍ଯ୍ୟକ୍ରମରେ ଆଇଟି ଓ ପ୍ରଯୁକ୍ତିବିଦ୍ୟା ଶିଳ୍ପର ଅନେକ ପ୍ରମୁଖ ସିଏକ୍ସଓ, ପ୍ରତିଷ୍ଠାତା, ନେତୃବୃନ୍ଦ ଯୋଗ ଦେଇଥିଲେ। ଯାହା ଆଞ୍ଚଳିକ ନବସୃଜନ ପାଇଁ ନେଟୱର୍କିଂ, ସହଯୋଗ ଓ ଭବିଷ୍ୟତର ସୁଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ସାବ୍ୟସ୍ତ ହୋଇଛି।

## କିସ୍ ଆବାସିକ ବିଦ୍ୟାଳୟରେ 'ଆର୍ଟ ଅଫ୍ ଗିଭିଂ' ସପ୍ତାହ



**ବାରିପଦା, ୧୫।୫(ସମିସ):** କିସ୍ ଓ କିଟ୍ ଅନୁଷ୍ଠାନର ପ୍ରତଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା କ୍ରମେ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ କିସ୍ ଆବାସିକ ବିଦ୍ୟାଳୟ ପକ୍ଷରୁ ଆର୍ଟ ଅଫ ଗିଭିଂ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗଣେଶ ମିଶ୍ରଙ୍କ ପୌରୋହିତ୍ୟରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବାଙ୍କିଶୋଳ ପଞ୍ଚାୟତର ବଡବିଲ ଗ୍ରାମକୁ ଯାଇ ସେଠାରେ ଶହେରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷିତ ହେବା ସହ ସମାଜର ମଙ୍ଗଳ ପାଇଁ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଉପସ୍ଥିତ ପିଲାଙ୍କୁ ଖାତା, କଲମ, ଶୁଖିଲା ଖାଦ୍ୟ ଆଦି ବଣ୍ଟନ କରାଯାଇଥିଲା। ପରେ ସାଧନା ଛକ ଓ ବିଦ୍ୟାଳୟ ନିକଟରେ ସାଧାରଣ ଜନସାଧାରଣଙ୍କ ପାଇଁ ଦହି ସର୍ବତ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଉକ୍ତ ସମାଜଧର୍ମୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ, ଲୋକ ସମ୍ପର୍କ ଅଧିକାରୀ ସତ୍ୟଜିତ ସୋମ, ନୋଡାଲ ଅଫିସର ସତ୍ୟବ୍ରତ ଦାଶ, ମେଡିକାଲ ଅଫିସର ଡା. ଅତୁଲ କୁଣ୍ଡୁ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଆସନ୍ତା ୧୭ ତାରିଖ ଦିନ ଆର୍ଟ ଅଫ୍ ଗିଭିଂ ଦିବସ ଉପଲକ୍ଷେ ବାରିପଦା ମୁର୍ଗାବାଡ଼ିଠାରେ ସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ସାତକୋଶିଆ ଚିକିତ୍ସାଳୟ ପରିସରରୁ ଜବରଦଖଲ ଉଚ୍ଛେଦ ପାଇଁ ବୈଠକ

**ମହୁଲଡିହା, ୧୫।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ପ୍ରାଥମିକ ଚିକିତ୍ସାଳୟରେ ଜବରଦଖଲ ଉଚ୍ଛେଦ କରିବା ପାଇଁ ପଞ୍ଚାୟତରେ ସରପଞ୍ଚ ଚାନ୍ଦମଣି ଜାରିକାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ କରଞ୍ଜିଆ ପୂର୍ତ୍ତ ବିଭାଗ ପକ୍ଷରୁ ସାତକୋଶିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ କୋଟି ଟଙ୍କା ଅନୁଦାନରେ ନୂତନ ଘର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସାତକୋଶିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅପେକ୍ଷା ଅଧିକ ଜମି ରହିଛି। ମାତ୍ର ଚିକିତ୍ସାଳୟରେ ଚାକିରି କରୁଥିବା ଜଣେ କର୍ମଚାରୀ ୩୦ ବର୍ଷରୁ ଊର୍ଦ୍ଧ୍ୱ ଜବରଦଖଲରେ ଘର କରି ରହୁଛନ୍ତି। ନୂତନ କୋଠା ବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦର ଆବଶ୍ୟକତା ରହିଛି। ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ପାର୍ଶ୍ୱରେ ପଞ୍ଚାୟତ ଓ ବନ ବିଭାଗ କାର୍ଯ୍ୟାଳୟକୁ ଲାଗି ମଝିରେ ରହିଛି ଚିକିତ୍ସାଳୟ। ଏହି ଚିକିତ୍ସାଳୟ ମୟୂରଭଞ୍ଜ ଜିଲ୍ଲାର ସମ୍ପୂର୍ଣ୍ଣ ଆଦିବାସୀ ବହୁଳ ଠାକୁରମୁଣ୍ଡା ବ୍ଲକର ସୀମାନ୍ତରେ ଥିବାରୁ ଠାକୁରମୁଣ୍ଡା ବ୍ଲକର



୫ଟି ପଞ୍ଚାୟତ ସହ ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ପଡ଼ୋଶୀ ଆନନ୍ଦପୁର ବ୍ଲକର ଗୟଳମୁଣ୍ଡା, ପଣସଡିହା, ମନୋହରପୁର, କୋଡ଼ପଡ଼ା, ବାଉଁଶଗଡ଼ ଆଦି ୫ଟି ପଞ୍ଚାୟତର ଶହ ଶହ ଲୋକ ନିର୍ଭର କରନ୍ତି। ଏ ଖବର ଦୈନିକ ଖବରକାଗଜ 'ସକାଳ'ରେ ୨୦୨୩ ଅକ୍ଟୋବର ୨୦ରେ ପ୍ରକାଶିତ ହୋଇଥିଲା। ମାତ୍ର ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇନାହାନ୍ତି। ଏଣୁ ସରକାରଙ୍କୁ ପୁନର୍ବାର ଅବଗତ କରିବା ପାଇଁ ଏହି ବୈଠକରେ ସବିଶେଷ ଆଲୋଚନା କରି ଲୋକଙ୍କ ମତାମତ ଆଧାରରେ ଜବରଦଖଲ ଉଚ୍ଛେଦ ପାଇଁ ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ଦରଖାସ୍ତ କରିବା ପାଇଁ ସ୍ଥିର ହୋଇଛି। ବୈଠକ ପରେ ଜନସାଧାରଣ ଅଧିକୃତ ଜାଗା ବୁଲି ଦେଖିଥିଲେ। ଡା. ଶାଶ୍ୱତ କୁମାର ନାୟକଙ୍କୁ ପଚାରିବାରୁ ତାଙ୍କର ଧାରଣା ନାହିଁ ବୋଲି କହିଛନ୍ତି। ଜବରଦଖଲକାରୀ କର୍ମଚାରୀ ତପନ ମୁଖିଙ୍କ ମତାମତ ନେବାରୁ ସେ ଦୀର୍ଘଦିନରୁ ଘର କରି ରହିଆସୁଥିବା ସ୍ୱୀକାର କରିଛନ୍ତି। ଏଣୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ତୁରନ୍ତ ଜବରଦଖଲ ଉଚ୍ଛେଦ କରି ନୂତନ କୋଠା ନିର୍ମାଣ କରିବାକୁ ଦାବି ହୋଇଛି।

## ୯ ଛେଳି ଉଠାଇନେଲେ ଦୁର୍ବୃତ୍ତ

**କୁଆମରା, ୧୫।୫(ସମିସ):** ଖୁଣ୍ଟା ଥାନା ଗୋପବନ୍ଧୁନଗର ବ୍ଲକ ସାଇଁକୁଳାସ୍ଥ ଚକ ବ୍ରାହ୍ମଣ ସାହିର ସିଦ୍ଧାନ୍ତ ବେହେରାଙ୍କ ଘର ସମ୍ମୁଖ ଗୁହାଳ ଘରେ ବନ୍ଧା ହୋଇଥିବା ୧୧ଟି ଛେଳିରୁ ଦୁର୍ବୃତ୍ତମାନେ ଗତକାଲି ରାତିରେ ୯ଟି ଛେଳି ଉଠାଇ ନେଇଛନ୍ତି। ପରିବାର ଲୋକ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଚୋରି ହୋଇଥିବା ଛେଳିର ମୂଲ୍ୟ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ସିଦ୍ଧାନ୍ତଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସିବିଆଇ ଅଫିସର ପରିଚୟ ଦେଇ ଠକେଇ

**ରାଇରଙ୍ଗପୁର/କରଞ୍ଜିଆ, ୧୫।୫ (ସମିସ):** ସାଇବର ଅପରାଧୀ ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ଠକି ନେଇଛନ୍ତି। ଏ ନେଇ ଚିତ୍ରପୋଷି ଗ୍ରାମର ପ୍ରଶାନ୍ତରାଣୀ ନାଏକ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ନିଜକୁ ସିବିଆଇ କର୍ମଚାରୀ ପରିଚୟ ଦେଇଥିଲେ। ସୁପ୍ରିମକୋର୍ଟରେ ଆପଣଙ୍କ ନାମରେ କେଶ ହୋଇଛି। କେଶ ବନ୍ଦ ନ କଲେ ସରକାରୀ ଚାକିରି ପଳାଇବ ବୋଲି ଧମକ ଦେଇଥିଲେ। ଯାହାକୁ ନେଇ ତାଙ୍କୁ ଟଙ୍କା ମାଗିଥିଲେ। ସେ ମଧ୍ୟ ଏ କଥାକୁ ବିଶ୍ୱାସ କରି ପର୍ଯ୍ୟାୟକ୍ରମେ ୨୮, ୦୦୦ ଟଙ୍କା ଦେଇଥିଲେ। ଏହାପରେ ସେ ଠକେଇର ଶିକାର ନେଇ ଜାଣିବା ପରେ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ସାବିତ୍ରୀ ବ୍ରତ ପାଇଁ ଫଳ ଦର ଆକାଶ ଛୁଆଁ

**ଖୁଣ୍ଟ, ୧୫।୫(ସମିସ):** ରାତି ପାହିଲେ ସଧବା ମହିଳାଙ୍କ ଶ୍ରେଷ୍ଠ ବ୍ରତ ସାବିତ୍ରୀ ଓଷା ବା ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଏହି ବ୍ରତ ପାଳନ କରିବେ। ପ୍ରଚଳିତ ବିଧି ଅନୁଯାୟୀ ଏହିଦିନ ମହିଳାମାନେ ନବବସ୍ତ୍ର ପରିଧାନ କରି ବିଭିନ୍ନ ଫଳମୂଳ ନେଇ ମନ୍ଦିର ଅଥବା ପୂଜାସ୍ଥଳୀକୁ ଯାଇ ମା' ସାବିତ୍ରୀଙ୍କ ନିକଟରେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ପୂଜାର୍ଚ୍ଚନା କରିବା ସହିତ କେବଳ ଫଳମୂଳ ସେବନ କରନ୍ତି। ତେବେ



ସାବିତ୍ରୀ ଲାଗି ଅନ୍ୟାନ୍ୟ ଅଞ୍ଚଳ ଭଳି ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟ ବଜାରରେ ଶାଢ଼ୀ, ଚୁଡ଼ିଠାରୁ ଆରମ୍ଭ କରି ଫଳ ବଜାର ସବୁଠି ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ତେବେ ପୂର୍ବ ବର୍ଷ ଅପେକ୍ଷା ଫଳ ଦାମ୍ ଏ ବର୍ଷ ଆକାଶଛୁଆଁ ହୋଇଥିବାରୁ ସତ୍ୟବାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ନଡ଼ିଆ ଗୋଟିଏର ଦାମ୍ ୩୦ରୁ ୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି କଦଳୀ ଡଜନ ପିଛା ୬୦ରୁ ୮୦ ଟଙ୍କା, ଲିଚୁ କିଲୋ ୨୫୦ରୁ ୩୦୦ ଟଙ୍କା, ଅଙ୍ଗୁର କିଲୋ ୨୦୦ରୁ ୨୨୦ ଟଙ୍କା, ଆମ୍ବ କିଲୋ ୮୦ରୁ ୧୦୦ ଟଙ୍କା, ସେଓ କିଲୋ ୨୫୦ରୁ ୨୮୦ ଟଙ୍କା, ସପେଟା କିଲୋ ପ୍ରତି ୨୦୦ରୁ ୨୫୦ ଟଙ୍କାରେ ବିକ୍ରି ହେଉଥିବା ଜାଣିବାକୁ ମିଳିଛି।

## ବେତନଟୀ ବ୍ଲକ୍‌ରେ ପାନୀୟଜଳ ସଙ୍କଟ

# ଗ୍ରାମ୍ୟ ଜଳଯୋଗାଣ ଜିଲ୍ଲା ଅଧିକାରୀଙ୍କ ପ୍ରଭାବିତ ଅଞ୍ଚଳ ପରିଦର୍ଶନ

**ବେତନଟୀ, ୧୫।୫(ସମିସ)**

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଦୀର୍ଘଦିନ ଧରି ଲାଗି ରହିଥିବା ପାନୀୟଜଳ ସଙ୍କଟ ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ଜ୍ଞାନେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ ଆଜି ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗ୍ରୀଷ୍ମଦିନରେ ଜଳ ସଙ୍କଟ ତୀବ୍ର ହେଉଥିବାରୁ ସ୍ଥାନୀୟ ଗ୍ରାମବାସୀ ଓ ମିଡ଼ିଆ ଆସୋସିଏସନର ବାରମ୍ବାର ଦାବି ପରେ ଏହି ପରିଦର୍ଶନ କରାଯାଇଛି।

ବେତନଟୀ ବ୍ଲକରେ ୨୪ଟି ପଞ୍ଚାୟତ ଥିବା ସତ୍ତ୍ୱେ ବେତନଟୀ ବଜାର, ଆଖପାଖ ବସ୍ତି ଓ ବେତନଟୀ ପଞ୍ଚାୟତ ଅନ୍ତର୍ଗତ ଶଗଡ଼ଭଙ୍ଗା ଗ୍ରାମରେ ପାନୀୟଜଳ ସଙ୍କଟ ବର୍ଷ ସାରା ଲାଗି ରହିଛି। ଗ୍ରୀଷ୍ମଋତୁରେ ଏହି ସମସ୍ୟା ଆହୁରି ଉତ୍କଟ ହୋଇଛି। କେତେକ ଅଞ୍ଚଳରେ ପାନୀୟଜଳ ପ୍ରକଳ୍ପ ଥିଲେ ମଧ୍ୟ ଷ୍ଟାଣ୍ଡପୋଷ୍ଟ ଓ ପାଇପ୍ ଲାଇନ୍ ପହଞ୍ଚି ନ ଥିବା ଅଭିଯୋଗ ହୋଇଆସୁଛି। ଆଉ କେତେକ ସ୍ଥାନରେ ପାଇପ୍ ବିଛାଯାଇଥିଲେ ମଧ୍ୟ ପାଣି ଆସୁ ନ ଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ବେତନଟୀ ମିଡ଼ିଆ ଆସୋସିଏସନ୍ ପକ୍ଷରୁ ଏହି ସମସ୍ୟା ନେଇ ଲଗାତର ଖବର ପ୍ରକାଶ



ପାଇବା ସହ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମାଜସେବୀ ଅଜିତ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ବେତନଟୀ ବିଡିଓ ମୁନା ସେଠୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗତ ବୁଧବାର ଦିନ ଶ୍ରୀ ସାହୁ ଓ ମିଡ଼ିଆ ଆସୋସିଏସନ୍ ସଦସ୍ୟ ବାରିପଦାସ୍ଥ ନିର୍ବାହୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାୟକଙ୍କୁ ସାକ୍ଷାତ କରି ଏହି ଜଳ ସଙ୍କଟ ଦୂରୀକରଣ ପାଇଁ ପୁନଃ ଦାବି କରିଥିଲେ। ଏ ପରିପ୍ରେକ୍ଷୀରେ ଗୁରୁବାର ଦିନ ନିର୍ବାହୀ ଯନ୍ତ୍ରୀ ଶ୍ରୀ ନାୟକ ସହକାରୀ ନିର୍ବାହୀ ଯନ୍ତ୍ରୀ ଉଦୟନାଥ ହେମ୍ବ୍ରମ୍, କନିଷ୍ଠ ଯନ୍ତ୍ରୀ ଶ୍ୟାମସୁନ୍ଦର ବେଶ୍ରା ଓ ଯଦୁନାଥ ହାଁସଦାଙ୍କ ସହ ବେତନଟୀ ଆସି ଜଳ ସଙ୍କଟ ଥିବା ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଟିମ୍ ବେତନଟୀ ହାଟ ଛକ, ବନ ସାହି, ଆନନ୍ଦ ବଜାର, କଙ୍କାଳିଆ ଛକ, କାଳିକା ଛକ ଓ ଇନ୍ଦିରା ନଗର ବସ୍ତି ଇତ୍ୟାଦି ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପାନୀୟଜଳ ପ୍ରକଳ୍ପରୁ କିପରି ପାଣି ଏହି ଅଞ୍ଚଳକୁ ପହଞ୍ଚାଯିବ, ସେ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ଶଗଡ଼ଭଙ୍ଗା ଗ୍ରାମରେ ମିଡ଼ିଆ ଆସୋସିଏସନ୍ ଓ ସମାଜସେବୀ ଅଜିତ ସାହୁଙ୍କ ମିଳିତ ଉଦ୍ୟମରେ ନଳକୂପ ମରାମତି ଓ ପରିତ୍ୟକ୍ତ କୂଅରେ ବ୍ଲିଚିଂ ପାଉଡର ପକାଯାଇ ପାଣି ବିଶୁଦ୍ଧ କରାଯାଇଛି। ଗ୍ରାମବାସୀଙ୍କୁ ପାଇପ୍ ପାଣି ଯୋଗାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଆମ୍ବଗାଡ଼ିଆ ପଞ୍ଚାୟତର ପୁରୁଣାପାଣି ଗ୍ରାମର ତଳସାହିର ଅଚଳ ନଳକୂପ ମଧ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ମରାମତି କରାଯାଇଛି। ଏହି ପରିଦର୍ଶନ ସମୟରେ ବେତନଟୀ ବ୍ଲକ ମିଡ଼ିଆ ଆସୋସିଏସନ୍ ସଦସ୍ୟ ଧରଣୀଧର ମହାନ୍ତି, ହରିଶ୍ଚନ୍ଦ୍ର ସାମଲ, ଭବାନୀଶଙ୍କର ପରିଡ଼ା, ପ୍ରକାଶ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ଅଜିତ ସାହୁ ମଧ୍ୟ ସ୍ଥାନୀୟ ସମସ୍ୟା ବିଷୟରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ବେତନଟୀ ଅଞ୍ଚଳର ଏହି ଉତ୍କଟ ପାନୀୟଜଳ ସଙ୍କଟ ଦୂରୀକରଣ ପାଇଁ ପ୍ରଶାସନିକ ସ୍ତରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପରେ ଅଧିକାରୀ ସ୍ଥାନୀୟ ଲୋକଙ୍କ ଅସୁବିଧା ବୁଝିବା ସହ ସମାଧାନ ପାଇଁ ଆଶ୍ୱାସନା ଦେଇଛନ୍ତି। ପ୍ରତିଶ୍ରୁତି କାର୍ଯ୍ୟକାରୀ ହେବା ସହ ଦୀର୍ଘକାଳୀନ ସମାଧାନ ପାଇଁ ସରକାରୀ ଯୋଜନାର ଯଥୋଚିତ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସ୍ଥାନୀୟ ଲୋକ ମତ ରଖିଛନ୍ତି।



# ହାଇକୋର୍ଟରେ କଟକ ସହର ସମସ୍ୟା

## ଏସ୍‌ସିବିରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଟ୍ରମା କେୟାର ସେଣ୍ଟର

**କଟକ, ୧୫।୫(ସମିସ):** ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଆଗାମୀ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ବିକଳ୍ପ ଟ୍ରମା କେୟାର ସେଣ୍ଟରର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି କାର୍ଯ୍ୟ ଶେଷ ହେବା ମାତ୍ରେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୋଲି ଏସସିବି ଅଧୀକ୍ଷକ ହାଇକୋର୍ଟଙ୍କୁ ଜଣାଇଛନ୍ତି। ଅଗ୍ନିକାଣ୍ଡରେ ନଷ୍ଟ ହୋଇଥିବା ପୁରୁଣା ଟ୍ରମା କେୟାର ଆଇସିୟୁର ମରାମତି ବା ନବୀକରଣ ପାଇଁ ଚଳିତ ମାସ ଶେଷ ସୁଦ୍ଧା ଅନୁମତି ମିଳିବାର ସମ୍ଭାବନା ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଅଦାଲତଙ୍କୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ କରାଇବା ପାଇଁ ଏସସିବି ଅଧୀକ୍ଷକ ଏବଂ ଆର ଆଣ୍ଡ ବି ଡିଭିଜନ-୧ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ଆସନ୍ତା ଜୁଲାଇ ୨୦ ସୁଦ୍ଧା ଏକ ମିଳିତ ଜବାବ ଦାଖଲ କରିବାକୁ କୁହାଯାଇଛି। ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ସତ୍ୟବ୍ରତ ଷ୍ଟାଡିୟମରେ ପ୍ରସ୍ତାବିତ କ୍ଲେ ଜଗିଂ ଟ୍ରାକ୍‌କୁ ନେଇ ଅସନ୍ତୋଷ

**ହାଜର ହେବେ କ୍ରୀଡ଼ା ସଚିବ**

ସତ୍ୟବ୍ରତ ଷ୍ଟାଡିୟମର ନବୀକରଣ କାର୍ଯ୍ୟକୁ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଷ୍ଟାଡିୟମର ପ୍ରସ୍ତାବିତ ଜଗିଂ ଟ୍ରାକ୍‌କୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଷ୍ଟାଡିୟମର ନକ୍ସା ପ୍ରସ୍ତୁତ କରିଥିବା ଆର୍କିଟେକ୍ଟ ମୋନିକା ପ୍ରୀତମ କୋର୍ଟଙ୍କୁ ଜଣାଇଥିଲେ ଯେ, ଏଠାରେ ଆଥଲେଟ୍‌ଙ୍କ ପାଇଁ 'କ୍ଲେ' ବା ମାଟିର ଜଗିଂ ଟ୍ରାକ୍ କରିବାକୁ ପ୍ରସ୍ତାବ ଦିଆଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସିନ୍ଥେଟିକ୍ ଟ୍ରାକ୍ ଥିବାବେଳେ ସତ୍ୟବ୍ରତ ଷ୍ଟାଡିୟମ କ୍ଷେତ୍ରରେ କାହିଁକି ଏଭଳି ପରିବର୍ତ୍ତନ କରାଯାଇଛି, ସେ ନେଇ ହାଇକୋର୍ଟ ବିସ୍ମୟ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିବା ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବଙ୍କୁ ଆସନ୍ତା ଜୁନ ୨୫ର ଶୁଣାଣି ସମୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ରୀଡ଼ା ବିଭାଗ, ଜିଲ୍ଲା ପ୍ରଶାସନ, ସିଏମସି ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ମିଳିତ ଭାବେ ଏହି ପ୍ରସଙ୍ଗରେ ଆଲୋଚନା କରି ଏକ ନିଷ୍ପତ୍ତି ନେବାକୁ କହିଛନ୍ତି ହାଇକୋର୍ଟ।

## ଦୁଇ ମାସରେ ଏସ୍‌ସିବି ଆଉଟଡୋରରେ ୩ ଲକ୍ଷ ୫୦ ହଜାର ରୋଗୀଙ୍କ ଅନ୍‌ଲାଇନ ପଞ୍ଜୀକରଣ

କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକ ବଡ଼ ମେଡିକାଲ କର୍ତ୍ତୃପକ୍ଷ ମାର୍ଚ୍ଚ ଏବଂ ଏପ୍ରିଲ ମାସର ଅନଲାଇନ ଓପିଡି ପଞ୍ଜୀକରଣ ତଥ୍ୟ ପ୍ରଦାନ କରିଛନ୍ତି। ମେଡିକାଲ ଅଧୀକ୍ଷକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏହି ରିପୋର୍ଟ ଅନୁଯାୟୀ ହଜାର ହଜାର ରୋଗୀ ଏହି ସୁବିଧାର ଲାଭ ଉଠାଉଛନ୍ତି। ମାର୍ଚ୍ଚ ମାସରେ ମୋଟ ୧, ୮୬, ୫୧୧ ଜଣ ରୋଗୀ ଅନଲାଇନ ମାଧ୍ୟମରେ ବିଭିନ୍ନ ବିଭାଗ ପାଇଁ ଓପିଡି ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୧, ୩୧୫ ଜଣ ରୋଗୀଙ୍କୁ ଇନଡୋର ବିଭାଗରେ ଭର୍ତ୍ତି କରାଯାଇଥିଲା। ଏପ୍ରିଲ ମାସରେ ୧, ୭୪, ୯୪୨ ଜଣ ରୋଗୀ ଅନଲାଇନରେ ପଞ୍ଜୀକୃତ ହୋଇଥିଲେ। ସେଥିମଧ୍ୟରୁ ୧୦, ୪୯୮ ଜଣ ରୋଗୀଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଆଡମିଶନ କରାଯାଇ ଚିକିତ୍ସା ଯୋଗାଇ ଦିଆଯାଇଛି।

## ଶିଶୁ ଭବନ ପୋଖରୀର ହେବ ସୌନ୍ଦର୍ଯ୍ୟକରଣ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ) ପରିସରରେ ଥିବା ଖୋଲା ପୋଖରୀର ରୂପରେଖ ବଦଳିବାକୁ ଯାଉଛି। ଏହି ପୋଖରୀର ସୌନ୍ଦର୍ଯ୍ୟକରଣ ସହିତ ହସ୍ପିଟାଲ ପରିସରରେ ଯେପରି ଜଳବନ୍ଦୀ ସମସ୍ୟା ସୃଷ୍ଟି ନ ହୁଏ, ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ପୋଖରୀକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେଠାରେ ୱାଟର ଫାଉଣ୍ଟେନ୍ (ଜଳଫୁଆରା) ଏବଂ ଏୟାରେସନ୍ ସିଷ୍ଟମ ସ୍ଥାପନ କରାଯିବ। ଏହି ପ୍ରକଳ୍ପର ବ୍ୟୟ ଅଟକଳ ୭ ଦିନ ମଧ୍ୟରେ ଦାଖଲ କରାଯିବ ବୋଲି ସିଏମସି ପକ୍ଷରୁ କୁହାଯାଇଛି।

## ପାନେଲିଷ୍ଟ ବକ୍ତା ଭାବେ ଟେଟ୍ରାହେଡ୍ରନ ଅଧ୍ୟକ୍ଷ ସମ୍ବର୍ଦ୍ଧିତ



**ଟାଙ୍ଗୀ, ୧୫।୫(ସମିସ):** ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ପାନେଲିଷ୍ଟ ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱରସ୍ଥିତ ନ୍ୟୁଜ ୧୮ ଓଡ଼ିଆ ଦ୍ୱାରା ଆୟୋଜିତ ହୋଇଥିବା ଦକ୍ଷତା ବଡ଼ ନା ଡିଗ୍ରୀ କାର୍ଯ୍ୟକ୍ରମରେ ପାନେଲିଷ୍ଟ ଭାବେ ଶ୍ରୀ ବେହେରାଙ୍କ ବକ୍ତବ୍ୟ ସମସ୍ତଙ୍କ ଆଦୃତ ଲାଭ କରିଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଟାଙ୍ଗୀ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଉତ୍ସାହ ଦେଖିବାକୁ ମିଳିଥିଲା।

## ବର୍ଷେ ପରେ ବି ବସିଲାନି ଟ୍ରାନ୍ସଫର୍ମର

**ଫୁଲନଖରା, ୧୫।୫(ସମିସ):** କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ରାମନଗର ଗ୍ରାମରେ ବିଜୁଳି ସମସ୍ୟା ଏବେ ସୀମା ଟପିଛି। ବାରମ୍ବାର ଦାବି ସତ୍ତ୍ୱେ ନୂତନ ଟ୍ରାନ୍ସଫରମର ବସାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସନ୍ଧ୍ୟା ହେଲେ ଗ୍ରାମରେ ଲୋ-ଭୋଲ୍ଟେଜ୍ ସମସ୍ୟା ଯୋଗୁଁ ଜନଜୀବନ ଅତିଷ୍ଠ ହୋଇପଡ଼ୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନର ବିଜୁଳି ସମସ୍ୟା ସମ୍ପର୍କରେ ସେମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ବର୍ଷ ବିଧାୟକ ନିଜର ଚିଠି ସଂଖ୍ୟା ୭୦/୨୫ ମାଧ୍ୟମରେ ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ୍ ଇଞ୍ଜିନିୟରଙ୍କୁ ଏକ ନୂତନ ଟ୍ରାନ୍ସଫରମର ବସାଇବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବର୍ଷେରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ବିଭାଗୀୟ ଅବହେଳା ଯୋଗୁଁ ଏହି କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ସନ୍ଧ୍ୟା ସମୟରେ ବିଜୁଳିର କମ୍-ବେଶୀ ପ୍ରବାହ ଏବଂ ନିମ୍ନ ଭୋଲ୍ଟେଜ ଯୋଗୁଁ ଘରର ବୈଦ୍ୟୁତିକ ସରଞ୍ଜାମ ଖରାପ ହେବା ସହ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରି କଲେ ମଧ୍ୟ ସେମାନେ କେବଳ ପ୍ରତିଶ୍ରୁତି ଦେଇ ଚୁପ୍ ବସିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀମାନେ ଏବେ ଚରମ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ୧୦ ଦିନ ମଧ୍ୟରେ ଯଦି ନୂତନ ଟ୍ରାନ୍ସଫରମର ବସାଯାଇ ବିଜୁଳି ସମସ୍ୟାର ସମାଧାନ କରା ନ ଯାଏ, ତେବେ ଗ୍ରାମବାସୀ ରାଜପଥକୁ ଓହ୍ଲାଇବେ ବୋଲି ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ନାୟକ ଓ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

> ➤ ରାମନଗରରେ ବିଜୁଳି ସମସ୍ୟା ଉତ୍କଟ
> ➤ ଲୋ-ଭୋଲ୍ଟେଜରେ ଜନଜୀବନ ଅତିଷ୍ଠ








ତାତି ସାଙ୍ଗକୁ ତେଲ ଚିନ୍ତା: ହନ୍ତସନ୍ତ ସହରବାସୀ

**ଆଜି ସାବିତ୍ରୀ ବ୍ରତ**

# ସତ୍ୟବାନଙ୍କ ପାଇଁ ବ୍ରତ ରଖିବେ ସାବିତ୍ରୀ









**କଟକ, ୧୫।୫(ସମିସ)**

ସାବିତ୍ରୀ ବ୍ରତ ପାଇଁ ଆଜି ବଜାରରେ ଭିଡ଼ ପ୍ରବଳ ହୋଇଥିଲା। ଲୋକମାନେ ଏହି ପୂଜା ନିମନ୍ତେ ବିଭିନ୍ନ ପୂଜାସାମଗ୍ରୀ, ଶାଢ଼ୀ ଏବଂ ଫଳ କିଣିବାକୁ ଧାଡି ଲଗାଇଥିଲେ। ଫଳ ଦୋକାନ, ପୂଜା ସାମଗ୍ରୀ ଦୋକାନ ଏବଂ ଶାଢ଼ୀ ଦୋକାନରେ ପାଦ ରଖିବାକୁ ଜାଗା ନଥିଲା। ଏହି ପର୍ବ ପାଳିବାକୁ ସହରବାସୀଙ୍କ ପୂର୍ବ ପ୍ରସ୍ତୁତି ଶେଷ କରିଥିବା ବେଳେ ଆସନ୍ତା କାଲି ସକାଳୁ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ବିବାହିତ ହିନ୍ଦୁ ନାରୀଙ୍କ ପାଇଁ ଏହା ଏକ ବଡ଼ ପର୍ବ। ସତ୍ୟବାନଙ୍କ ପାଇଁ ବ୍ରତ ପାଳିବେ ସାବିତ୍ରୀ। ସହରର ବିଭିନ୍ନ ଶୈବପୀଠ ସହିତ ଅନ୍ୟାନ୍ୟ ଦେବାଳୟରେ ଶ୍ରଦ୍ଧାଳୁ ମହିଳାଙ୍କ ଲାଗିବ ଲମ୍ବା ଧାଡି। ମନ୍ଦିର ଗୁଡ଼ିକରେ ଭୋର ସମୟରୁ ମହିଳାମାନେ ପୂଜାର୍ଚ୍ଚନା କରିବେ। ଦିନ ତମାମ ଉପବାସ ରହି ବିବାହିତ ମହିଳାମାନେ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରି ବ୍ରତ ପରିଧାନ କରି ଓଷା ପାଳନ କରିବେ। ବିବାହିତ ମହିଳାଙ୍କର ଶ୍ରେଷ୍ଠ ବ୍ରତ ହେଉଛି ସାବିତ୍ରୀ। ପୁରାଣ ମତ ଅନୁସାରେ, ଶାଲ୍ୱ ଦେଶର ରାଜା ଦ୍ୟୁମତ ସେନ୍‌ଙ୍କ ପୁତ୍ର ଥିଲେ ସତ୍ୟବାନ। ତାଙ୍କ ପତ୍ନୀ ସାବିତ୍ରୀଙ୍କର ଏକାଗ୍ରତା, ପବିତ୍ରତା ଓ ଧର୍ମ ଆଗରେ ଦିନେ ହାର ମାନିଥିଲେ ମୃତ୍ୟୁର ଦେବତା ଜମରାଜ। ପତ୍ନୀ ସାବିତ୍ରୀଙ୍କ ପାଇଁ ସ୍ୱାମୀ ସତ୍ୟବାନ ପୁର୍ନଜୀବନ ଫେରି ପାଇଥିଲେ। ଏଣୁ ପ୍ରତି ଜ୍ୟେଷ୍ଠ ମାସର ଅମାବାସ୍ୟା ଦିନ ସଧବା ନାରୀ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି।

ସହରର ବିବାହିତ ମହିଳାମାନେ ପୂଜା ସାରି ମଥାରେ ପୂଜା ସିନ୍ଦୂର, ହାତରେ ନୂଆ ଶଙ୍ଖା, ଚୁଡି ଏବଂ ରଙ୍ଗବେରଙ୍ଗର ଶାଢ଼ି ପରିଧାନ କରି ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ତାଙ୍କ ଆଶୀର୍ବାଦ ନେବେ। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରରେ ସାବିତ୍ର ଉତ୍ସବ ପାଳନ କରାଯିବ। ଅନ୍ୟପଟେ କଟକସହରର କିନ୍ନରମାନଙ୍କ ପକ୍ଷରୁ ସାବିତ୍ରୀ ବ୍ରତ ପାଳନ କରାଯିବ। ଏହି ଅବସରରେ ବହୁ କିନ୍ନର କଲେଜଛକଠାରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିବେ ବୋଲି ସୂଚନା ଦେଇଛନ୍ତି। ତେବେ ପୂଜା ନିମନ୍ତେ ଫଳ ଦର ଆକାଶ ଛୁଆଁ ରହିଛି। ସହରରେ ଆମ୍ବ ଦର ଏବେ କିଲୋ ପିଛା ୮୦ରୁ ୯୦ ଟଙ୍କାରେ ପହଞ୍ଚିଛି। ତେବେ ଲିଚୁ ଦର ୧୦୦ ଟଙ୍କା ଛୁଇଁଛି। ସେହିପରି ଏବେ ଗୋଟିଏ କେଜି ସେଓ ପାଇଁ ୧୩୦ ଟଙ୍କା ଓ ଗୋଟିଏ କେଜି ଅଙ୍ଗୁର ପାଇଁ ୧୦୦ ଟଙ୍କା ପକେଟରୁ ଦେବାକୁ ପଡୁଛି। ସେହିପରି କମଳା କିଲୋ ପିଛା ୧୦୦ ଟଙ୍କା ଓ କଦଳୀ ଡଜନ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି।

ଅନ୍ୟପଟେ ଜ୍ୟେଷ୍ଠ ଅମାବାସ୍ୟାରେ ବ୍ରାହ୍ମଣଙ୍କ ଦ୍ୱାରା ଏହି ପୂଜାକର୍ମ ଆରମ୍ଭ କରାଯିବ। ଗୋଟିଏ ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ ହେବ। ଏହା ପରେ ଶିଳପୁଆକୁ ନୂତନ ବସ୍ତ୍ର ଓ ଅଳଙ୍କାର ଦ୍ୱାରା ଯତ୍ନରେ ସଜାଇ ସାବିତ୍ରୀ ଦେବୀ ରୂପେ ସ୍ଥାପନା କରି ଧୂପ, ଦୀପ, ପୁଷ୍ପ ଅର୍ପଣ କରାଯିବ। ପାଚିଲା ଆମ୍ବ, ପଣସ, ସପୁରି, ତାଳସଜ, ନଡ଼ିଆ, କଦଳୀ ପ୍ରଭୃତି ନାନା ଜାତିର ପକ୍ୱଫଳ ଓ ଧୂଆଁମୁଗ ନୈବେଦ୍ୟ ରୂପେ ବଢ଼ାଯିବ। ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରିବେ। ପୁରାଣ କାହାଣୀ ଅନୁସାରେ, ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ।

> ➤ ଫଳ ଦର ଆକାଶଛୁଆଁ
> ➤ ପୂଜା ସାମଗ୍ରୀ କିଣିବାକୁ ବଜାରରେ ଗହଳି

## ଶରୀର ଦାନ ପାଇଁ ଘୋଷଣାପତ୍ର ଦାଖଲ କଲେ ୩୦ ଜଣ




**କଟକ, ୧୫।୫(ସମିସ):** ସମାଜରେ ମରଣୋତ୍ତର ଶରୀରଦାନ ପ୍ରତି ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ୩୦ ଜଣ ବିଶିଷ୍ଟ ବ୍ୟକ୍ତି ସେମାନଙ୍କର ଶରୀରଦାନ ଘୋଷଣାପତ୍ର ପ୍ରଦାନ କରିଛନ୍ତି। 'ଓଡ଼ିଶା ଜୀବନଦାନ ଅଭିଯାନ' ଜରିଆରେ ଏହି ବ୍ୟକ୍ତିମାନେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଆନାଟୋମୀ ବିଭାଗରେ ସେମାନଙ୍କର ଇଚ୍ଛାପତ୍ର ଦାଖଲ କରିଛନ୍ତି। ଘୋଷଣାପତ୍ର ପ୍ରଦାନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପୂର୍ବତନ ମହିଳା କମିଶନର ଲୋପାମୁଦ୍ରା ମହାନ୍ତି, କବି ସଞ୍ଜୟ ମହାନ୍ତି, ଶିକ୍ଷକ ନେତା ସତ୍ୟବାଦୀ ଗେରୁ, ନାଲକୋ କର୍ମଚାରୀ ନେତା କ୍ଷେତ୍ରମୋହନ ଭୋଇ, ଆଇନଜୀବୀ ପ୍ରଭାସିନୀ ନନ୍ଦ ଏବଂ ଶିଳ୍ପପତି ଦିଲ୍ଲୀପ କୁମାର ଦାସମହାପାତ୍ର ପ୍ରମୁଖ ଅନ୍ତର୍ଭୁକ୍ତ। ସେମାନଙ୍କର ଏହି ମହତ ପଦକ୍ଷେପ ଚିକିତ୍ସା ବିଜ୍ଞାନର ଗବେଷଣା ଏବଂ ଶିକ୍ଷାଦାନ କ୍ଷେତ୍ରରେ ବେଶ ସହାୟକ ହେବ। ଜୀବନଦାନ ଅଭିଯାନ ପକ୍ଷରୁ ଦେବେନ୍ଦ୍ର ସୁତାର, କୁଞ୍ଜ ବିହାରୀ ପଣ୍ଡା, ବିଜୟ ଓଝା, କେତନ କୁମାର ମିଶ୍ର, ଚନ୍ଦ୍ରକାନ୍ତ ବେହେରା ଓ ଅବ୍ରହାମ ମଲ୍ଲିକଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ଏସ.ସି.ବି. ଆନାଟୋମୀ ବିଭାଗର ପ୍ରଫେସର ଡାକ୍ତର ମନୋଜ କୁମାର ନାୟକ ଏବଂ ରୂପାରାଣୀ ବାରିକଙ୍କ ନିକଟରେ ଏହି ସମସ୍ତ ଘୋଷଣାପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ମେଡିକାଲ କର୍ତ୍ତୃପକ୍ଷ ଶରୀରଦାନ କରିବାକୁ ଇଚ୍ଛା ପ୍ରକାଶ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ସାଧୁବାଦ ଜଣାଇଛନ୍ତି।

## ୧୦ ନମ୍ବର ୱାର୍ଡରେ ବିଧାୟିକାଙ୍କ ପଦଯାତ୍ରା



**କଟକ, ୧୫।୫(ସମିସ):** କଟକ ମହାନଗର ନିଗମ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ବିଧାୟିକା ସୋଫିଆ ଫିରଦୋସଙ୍କ ପକ୍ଷରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଇଦାନୀବଗିଚା ଛକରୁ ବାହାରିଥିବା ଏହି ପଦଯାତ୍ରା ରେବାବଗିଚା, କାଫଲା ବଜାର, ସିଦ୍ଧେଶ୍ୱର ସାହି ଦେଇ ରାମଗଡ଼ରେ ସମାପ୍ତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ସହ ନିଜ ନିଜ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପଦଯାତ୍ରା କାଳରେ ବିଧାୟିକା ୱାର୍ଡବାସୀଙ୍କ ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ସିଧାସଳଖ କଥା ହୋଇଥିଲେ। ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ସାମଲ, ନୂତନ ଦାସ, ଆସିଫ ଖାନ, ଅଫସନା ବେଗମ, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ପାତ୍ର, ଅଙ୍ଗୁରୀ ବେଗମ, ସଞ୍ଜୟ ଦାସ, ଜଫର ବକ୍ସ, ବସନ୍ତ ନାୟକ ଓ ଯୁଗଳ ସାମଲ ପ୍ରମୁଖ ଉପସ୍ଥିତ ରହି ପଦଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସଙ୍କ ସମେତ ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲୀ ଓ ସୋନୁ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ବହୁ ସଂଖ୍ୟାରେ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## କିଟ୍ ପକ୍ଷରୁ 'ଆର୍ଟ ଅଫ୍ ଗିଭିଙ୍ଗ୍' କାର୍ଯ୍ୟକ୍ରମ




**ନିଶ୍ଚିନ୍ତକୋଇଲି, ୧୫।୫(ସମିସ):** ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆର୍ଟ ଅଫ୍ ଗିଭିଙ୍ଗ୍' ବା 'ଦାନର କଳା' ଅଭିଯାନର ୧୩ତମ ବାର୍ଷିକ ଉତ୍ସବ ଅବ୍ୟବହିତ ପୂର୍ବରୁ ନିଶ୍ଚିନ୍ତକୋଇଲିରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେଣ୍ଟାଳ ପଞ୍ଚାୟତର ତ୍ରିମନ୍ଦିର ପରିସରରେ ଆୟୋଜିତ ଏହି ସଭାରେ ଗ୍ରାମାଞ୍ଚଳର ବହୁ ଛାତ୍ରଛାତ୍ରୀ ଓ ଅଭିଭାବକ ସାମିଲ ହୋଇଥିଲେ। କିଟ୍ ପ୍ରତିଷ୍ଠାନର ଉପଦେଷ୍ଟା ପ୍ରମୋଦ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଡ. ସାମନ୍ତଙ୍କ ସେବାମୂଳକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ମାନସିକ ସନ୍ତୁଳନ ଓ ଶାରୀରିକ ବିକାଶ ପାଇଁ ଏହି ଅବସରରେ ବିଭିନ୍ନ ପ୍ରକାରର କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଗ୍ରାମାଞ୍ଚଳର ପିଲାମାନେ କିଭଳି ସ୍ୱାବଲମ୍ବୀ ହୋଇ ସମାଜରେ ପରିବର୍ତ୍ତନ ଆଣିପାରିବେ, ସେଥିପାଇଁ କିଟ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଦେବାଶିଷ ବେଉରା, ସୁଶାନ୍ତ ନାୟକ ଓ ପ୍ରକାଶ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ସ୍ମୃତିଚାରଣ ସଭା

**କଣ୍ଠାପଡ଼ା, ୧୫।୫(ସମିସ):** କଟକ ଜିଲ୍ଲା କଣ୍ଠାପଡ଼ା ବ୍ଲକ ସୁନ୍ଦରଗ୍ରାମର ବିଶିଷ୍ଟ ଶିକ୍ଷୟିତ୍ରୀ ସ୍ୱର୍ଗତ ମିନାରାଣୀ ବେଉରାଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ଏବଂ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେଉରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନେ ତାଙ୍କର ଅକାଳ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ଶିକ୍ଷାଦାନ ଓ ସାମାଜିକ ଅବଦାନର



ସ୍ମୃତିଚାରଣ କରିଥିଲେ। ଏହି ସାରସ୍ୱତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ହକି ଆସୋସିଏସନ୍‌ର ପ୍ରାକ୍ତନ ସଭାପତି ପ୍ରତାପ ଶତପଥୀ, ସମାଜସେବୀ ପ୍ରଦୀପ ପଟ୍ଟନାୟକ, ସ୍ୱର୍ଗତ ମିନାରାଣୀଙ୍କ ପୁତ୍ର କୁଳଦୀପ ବେଉରା ଏବଂ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ପୋଖରୀରେ ବୁଡ଼ି ଜଣେ ମୃତ



ତେଲକୋଇ, ୧୫।୫(ସମିସ): ତେଲକୋଇ ଥାନା ଅନ୍ତର୍ଗତ ସିରିଗିଡ଼ା ପଞ୍ଚାୟତ ଅଧୀନ କାଳିମା ଗ୍ରାମରେ ଜଣେ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ସେହି ଗ୍ରାମର ଶୁକ୍ରୁ ମୁଣ୍ଡା (୫୮)। ସୂଚନା ଅନୁଯାୟୀ ଶୁକ୍ରୁ ସାହି ନିକଟସ୍ଥ ଏକ ପୋଖରୀକୁ ମଧ୍ୟାହ୍ନ ସମୟରେ ଗାଧୋଇବା ପାଇଁ ଯାଇଥିଲେ। ଯେହେତୁ ନୂତନ ପୋଖରୀ ନିର୍ମାଣ ହୋଇଥିବା ବେଳେ ପାଣି ଅଧିକା ରହିଥିବା କୁହାଯାଉଛି। ତେବେ ସେ ଅସାବଧାନତା ଯୋଗୁଁ ଗୋଡ଼ ଖସି ଯିବାରୁ ଗଭୀର ଜଳରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସ୍ଥାନୀୟ ଲୋକ ପୋଖରୀରେ ଭାସୁଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କରିବା ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଠାରେ ଶବ ବ୍ୟବଚ୍ଛେଦ ଗୃହ ନ ଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡିଛି।

# ନିଖୋଜ ନାବାଳକ ଉଦ୍ଧାର

ଚମ୍ପୁଆ,୧୫।୫(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ ସରାଶପଶି ଗ୍ରାମର ଗତ ୧୧ ତାରିଖରୁ ନିଖୋଜ ଥିବା ୮ ବର୍ଷର ନାବାଳକକୁ ଚମ୍ପୁଆ ପୁଲିସ ବାମେବାରୀ ପଳଶା ଅଞ୍ଚଳରୁ ଆଜି ଉଦ୍ଧାର କରିବାରେ ସଫଳ ହୋଇଛି। ନାବାଳକକୁ ଉଦ୍ଧାର କରି ତାର ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ସ୍ୱରୂପ ରଂଜନ ନାୟକ ସୂଚନା ଦେଇଛନ୍ତି। ନାବାଳକର ମା' ରିନା କାଳନ୍ଦିଙ୍କ ଅଭିଯୋଗକ୍ରମେ ଗତ ୧୧ ତାରିଖ ସକାଳୁ ଉଠି କୋଉଆଡେ ପଳାଇଥିଲା। ପରିବାର ଲୋକେ ନାବାଳକକୁ ନିଜ ବନ୍ଧୁବାନ୍ଧବ ଓ ସାହି ପଡିସାରେ ଖୋଜାଖୋଜି କରି ବିଫଳ ହେବା ପରେ କୌଣସି ସନ୍ଧାନ ନପାଇବାରୁ ଗତ ୧୪ ତାରିଖ ଦିନ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ଆଜି ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ କରି ଥାନା ଅଧିକାରୀ ଶ୍ରୀ ନାୟକ ବାମେବାରୀ ଥାନା ଅନ୍ତର୍ଗତ ପଳଶା ଗ୍ରାମରେ ଉକ୍ତ ନାବାଳକଟି ଥିବା ଖବର ପାଇ ସେଠାରୁ ତାକୁ ଉଦ୍ଧାର କରିଥିଲେ।

# କରଞ୍ଜିଆ ସରପଞ୍ଚଙ୍କ ଇସ୍ତଫା ପରେ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ

ଚମ୍ପୁଆ, ୧୫।୫(ସମିସ): ଉନ୍ନୟନ କାର୍ଯ୍ୟରେ ସରପଞ୍ଚଙ୍କୁ ଅଣଦେଖା ଅଭିଯୋଗରେ ନିଜ ପଦରୁ ଇସ୍ତାଫା ଦେଇଥିବା ଚମ୍ପୁଆ ବ୍ଲକ କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡାଙ୍କ ଇସ୍ତଫା ଶୁକ୍ରବାର ଗୃହୀତ ହୋଇଥିବା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ସୂଚନା ଦେବା ସହିତ ଆଜିଠାରୁ ନାଏବ ସରପଞ୍ଚଙ୍କୁ ପଞ୍ଚାୟତ ଦାୟିତ୍ୱ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି। ଗତ ୮.୫.୨୦୨୬ରେ କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀ ସରପଞ୍ଚ କିମ୍ବା ଲୋକପ୍ରତିନିଧିଙ୍କୁ କୌଣସି ସୂଚନା ନଦେଇ ନିମ୍ନମାନର କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଏବଂ ବିଭିନ୍ନ ପ୍ରସ୍ତାବ, ୱାର୍ଡସଭାକୁ ଅଣଦେଖା କରି କରାଯାଉଥିବା ଅଭିଯୋଗ ନେଇ ଚମ୍ପୁଆ ବିଡିଓ ଓ ଉପଜିଲ୍ଲାପାଳଙ୍କୁ ତାଙ୍କ ଇସ୍ତଫା ପ୍ରଦାନ କରିଥିଲେ। ଆଜି ଜିପି ଆକ୍ଟ ୧୯୬୪ ଅନୁଯାୟୀ ଉପଜିଲ୍ଲାପାଳ ଶ୍ରୀ ପରିଡା ତାଙ୍କ ଇସ୍ତଫା ଗ୍ରହଣ କରିବା ସହିତ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରିଥିବା କହିଛନ୍ତି। ଏପରିକି ପଞ୍ଚାୟତର ଦାୟିତ୍ୱ ଏବେ ନାଏବ ସରପଞ୍ଚଙ୍କୁ ହସ୍ତାନ୍ତର କରାଯିବା ନେଇ ସୂଚନା ଦେଇଛନ୍ତି।

## ବେଆଇନ ବାଲି ଘାଟରେ ଚଢ଼ଉ ପାଇଁ ପଛଘୁଞ୍ଚା

# ପ୍ରଶାସନର ବାଲି ଡମ୍ପ୍ ଉପରେ ପଡୁନି ନଜର

ହାଟଡ଼ିହୀ,୧୫।୫(ସମିସ)



ବେଆଇନ୍ ବାଲି ଘାଟରେ ଚଢ଼ାଉ କରିବାକୁ ଡ଼ରୁଛି କି ଖଣି ବିଭାଗ ? ଏପରି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନରେ ଉଙ୍କି ମାରୁଛି। ହାଟଡ଼ିହୀ ଅଞ୍ଚଳରେ ଅନେକ ବାଲି ଘାଟ ବେଆଇନ ଭାବେ ଚାଲୁଥିବା ବେଳେ ଖଣି ବିଭାଗ କି ପୁଲିସ ପ୍ରଶାସନ କେବେ ଘାଟ ଉପରେ ଚଢ଼ଉ ନକରି କେବଳ ରାସ୍ତାରେ କିଛି ଗାଡ଼ି ଜବତ କରି ବାହାବା ନେଉଛି ବୋଲି ଆଲୋଚନା ହେଉଛି। ଗତ ୨ ତାରିଖ ବିଳମ୍ବିତ ରାତିରେ ଖଣି ବିଭାଗର ଅଧିକାରୀ ମାନେ ବାହାରିପୁର-ଗିରିଗାଁ ରାସ୍ତାରେ ଚଢ଼ଉ କରି ପାଞ୍ଚଟି ହାଇୱା ଜବତ୍ କରିଥିଲେ; କିନ୍ତୁ ହାଇୱା ଜବତସ୍ଥଳରୁ ବେଆଇନ୍ ଭାବେ ଚାଲୁଥିବା ବାଲିଘାଟର ଦୂରତା ମାତ୍ର ପଞ୍ଚଶହ ମିଟର ହୋଇଥିବା ବେଳେ ଏବଂ ସେଠାରେ ସେତେବେଳେ ଦୁଇ ଦୁଇଟି ପକଲିନ୍ ମେସିନ୍, ଦୁଇଟି ଜେସିବି ମେସିନ୍ ଓ ଅନେକ ଟ୍ରକ୍ ଲୋଡ଼ ହେଉଥିବା ବେଳେ ଖଣି ବିଭାଗର ଅଧିକାରୀମାନେ ସେଠାକୁ ନଯିବା ଖଣି ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେଠାରେ ୮ ଦିନ ହେବ ବେଆଇନ୍ ଭାବେ ବାଲି ଉତ୍ତୋଳନ ହେଉଥିବା ବେଳେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ କରାଯାଇଛି; କିନ୍ତୁ ପରବର୍ତ୍ତୀ ସମୟରେ ଖଣି ବିଭାଗ ସେହି ଘାଟରୁ କିଏ ଉଠାଉଥିଲା, କେତେ ପରିମାଣର ବାଲି ଉଠିଛି ତାହାର ତଦନ୍ତ ଏଯାଏଁ କଲାନି। ଯାହାଦ୍ୱାରା ମାଫିଆମାନେ ମାଲେମାଲ୍ ହେଉଥିବା ବେଳେ ବିଚରା ହାଇୱା ମାଲିକମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସେହିପରି ଗିରିଗାଁ ସ୍କୁଲ ସମ୍ମୁଖ ଘାଟ ନିକଟସ୍ଥ ପଡ଼ିଆରେ ଶହ ଶହ ଟ୍ରିପ୍ ବାଲି ଡ଼ମ୍ପ କରାଯାଇ ଗଚ୍ଛିତ ରଖାଯାଇଛି। ଯାହାକୁ କି ରାତିରେ ହାଇୱା, ଟ୍ରାକ୍ଟର ଯୋଗେ ଚାଲାଣ କରାଯାଉଛି। କିନ୍ତୁ ଖଣି ବିଭାଗ କି ପ୍ରଶାସନ ଏହାକୁ ଜବତ୍ କରିବାରେ ସକ୍ଷମ ହେଉନି। ସେହିପରି ଆମ୍ବୋରେ ଚାଲିଥିବା ବେଆଇନ ବାଲିଘାଟକୁ ବନ୍ଦ କରିବାରେ ପ୍ରଶାସନ ବିଫଳ ହୋଇଛି। ସେଠାରେ ଦିନରାତି ଶହ ଶହ ଟ୍ରାକ୍ଟର ବେଆଇନ୍ ବାଲି ଉତ୍ତୋଳନ ଓ ପରିବହନ କରୁଛନ୍ତି। ଏହି ବାଲିଘାଟକୁ ସରକାରୀ ସ୍ତରରେ ଲିଜ୍ ଦିଆଯାଇ ନଥିବା ବେଳେ ଏଠାରୁ ନିୟମିତ ଶହ ଶହ ଟ୍ରାକ୍ଟର ବାଲି ଉତ୍ତୋଳନ କରାଯାଇ ଚୋରା ଚାଲାଣ ହେଉଛି। କିଛିଦିନ ତଳେ ଖଣିବିଭାଗ ଚଢ଼ଉ କରି କିଛି ଟ୍ରାକ୍ଟର ଧରିଥିବା ବେଳେ ଆହୁରି ଅନେକ ଟ୍ରାକ୍ଟର ବିଭିନ୍ନ ସ୍ଥାନରେ ବାଲି ଅନଲୋଡ଼ କରି ଖସିଯିବାରେ ସକ୍ଷମ ହୋଇଥିଲେ। କିନ୍ତୁ ତାପରେ ଖଣି ବିଭାଗ ଚୁପ ହୋଇଯିବାରୁ ଏବେ ଖୁଲାମ୍ ଖୁଲା ବାଲି ଉତ୍ତୋଳନ କରାଯାଉଛି। ପୁଲିସ ପ୍ରଶାସନ ପ୍ରତି ଆଦୌ ଭୟ ନାହିଁ, ସତେ ଯେପରି ବିଭାଗ ତାଙ୍କୁ ବେନିୟମ ବାଲି ଉତ୍ତୋଳନ ପାଇଁ ନିର୍ଦ୍ଦେଶ ଦେଇଛି। ଏଣୁ ଜିଲ୍ଲା ଖଣି ଅଧିକାରୀ ଏଦିଗରେ ପଦକ୍ଷେପ ନେଇ ବେଆଇନ୍ ଘାଟ ଗୁଡ଼ିକ ଉପରେ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି।

## ନିଜ ନିର୍ବାଚନମଣ୍ଡଳୀରେ କାର୍ଯ୍ୟ କରୁଛନ୍ତି ବିଡିଓ

# ନିର୍ବାଚନ କମିସନଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ



ଆନନ୍ଦପୁର, ୧୫।୫ (ସମିସ): ଓଡ଼ିଶାରେ ଏସଆଇଆର କାର୍ଯ୍ୟ ୨ୟ ପର୍ଯ୍ୟାୟରେ ପହଞ୍ଚିଛି। ଜୁଲାଇ ୧ ତାରିଖରୁ ୩ୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେବ। ଏହି ସମୟରେ କୌଣସି ବରିଷ୍ଠ ଅଧିକାରୀ ନିଜ ନିର୍ବାଚନମଣ୍ଡଳୀରେ କାର୍ଯ୍ୟ କରିପାରିବେ ନାହିଁ। ଏନେଇ ନିର୍ବାଚନ କମିସନଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ତେବେ ଘଟଗାଁ ବିଡିଓ ଖଗେଶ୍ୱର ବରାଳ ନିଜ ନିର୍ବାଚନମଣ୍ଡଳୀରେ ରହି ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଯାହା ବେଆଇନ ବୋଲି ବିଜେପି ନେତା ଯଜ୍ଞପ୍ରସାଦ ସାହୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଶ୍ରୀ ସାହୁ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଘଟଗାଁ ବିଡିଓ ବେଆଇନ କାର୍ଯ୍ୟରେ ଲିପ୍ତ ରହି ଏସଆଇଆର୍ କାର୍ଯ୍ୟରେ ବିଡିଓ ଶ୍ରୀ ବରାଳ ବିଭ୍ରାଟ ସୃଷ୍ଟି କରୁଛନ୍ତି। ଭୋଟରମାନଙ୍କୁ ବିଭିନ୍ନ ଉପାୟରେ ନିର୍ଯାତନା ଦେଉଥିବା ଶ୍ରୀ ସାହୁ ଅଭିଯୋଗ କରିଥିଲେ। ଶ୍ରୀ ସାହୁ ନିଜ ଅଭିଯୋଗରେ ଆହୁରି ଦର୍ଶାଇଛନ୍ତି ଯେ ଖଗେଶ୍ୱର ବରାଳ ଘଷିପୁରା ନିର୍ବାଚନ ମଣ୍ଡଳୀ-୨୧ର ଭୋଟର ଅଟନ୍ତି। ତାଙ୍କ ଘର ଘଷିପୁରା ବ୍ଲକ୍ ବାତୋ ପଞ୍ଚାୟତରେ ରହିଛି। ସେ ଯୋଗେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ମତଦାନ କେନ୍ଦ୍ରର ଜଣେ ଭୋଟର। ତାଙ୍କ କ୍ରମିକ ସଂଖ୍ୟା ୪୨୯ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ରାଜ୍ୟ ନିର୍ବାଚନ ଅଧିକାରୀ ଘଟଣା ସମ୍ପର୍କରେ ତୁରନ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ନିର୍ବାଚନ ଅଧିକାରୀ ଚିଠି ନମ୍ବର ୪୦୩ରେ ଘଟଣା ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଠାରୁ ଏହାର ଜବାବ୍ ଲୋଡ଼ିଛନ୍ତି। ଶ୍ରୀ ସାହୁଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ହସ୍ତକ୍ଷେପ ପରେ ବିଡିଓ ଶ୍ରୀ ବରାଳଙ୍କ ଅଡୁଆ ବଢିଛି। ସୂଚନାଯୋଗ୍ୟ, ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠି ନମ୍ବର ୩୧୨୦୦/୩୧.୧୨.୨୦୨୪ରେ ଶ୍ରୀ ବରାଳଙ୍କୁ ଭଦ୍ରକରୁ ଘଟଗାଁକୁ ବିଡିଓ ଭାବେ ବଦଳି କରାଯାଇଥିଲା। ଏନେଇ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି ବୋଲି ପ୍ରକାଶ କରିଛନ୍ତି।

# ଟ୍ରକ୍ ସଙ୍ଘରେ ତାଲା ମରାକୁ ନେଇ ଥାନାର ଦ୍ୱାରସ୍ଥ ସଭାପତି

ଯୋଡା,୧୫।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ାଠାରେ ଥିବା ଯୋଡ଼ା ଟ୍ରକ ମାଲିକ ସଙ୍ଘର ନିର୍ବାଚନକୁ ନେଇ ବିବାଦ ଘନେଇବାରେ ଲାଗିଛି। ଯୋଡ଼ା ଟ୍ରକ ମାଲିକ ସଙ୍ଘର ସମ୍ପାଦକ ଓ ସଭାପତିଙ୍କ ପ୍ରକୋଷ୍ଠରେ ତାଲା ପକାଇବାକୁ ନେଇ ସଙ୍ଘର ସଭାପତି ମାତାପ୍ରସାଦ ଜୟସ୍ୱାଲ ଯୋଡ଼ା ଥାନାର ଦ୍ୱାରସ୍ଥ ହୋଇ ତାଲା ପକାଇଥିବା ବ୍ୟକ୍ତିଙ୍କ ନାଁରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ବର୍ତ୍ତମାନ ଯୋଡା ଟ୍ରକ୍ ମାଲିକ ସଂଘରେ କାର୍ଯ୍ୟକର୍ତ୍ତାଙ୍କ ସମୟ ଅବଧି ଶେଷ ହେବାରୁ ପୁନଃନିର୍ବାଚନ କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନକୁ ସ୍ୱଚ୍ଛ ଓ ସୁଚାରୁରୂପେ କରିବା ପାଇଁ ଗୋଟିଏ ଗୋଷ୍ଠୀ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ସହିତ ବୈଧ ପଞ୍ଜିକୃତ ସଦସ୍ୟ ତାଲିକା ପ୍ରସ୍ତୁତ କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ଗୁରୁବାର ଅପରାହ୍ନ ପ୍ରାୟ ଦୁଇଟା ସମୟରେ ଯୋଡା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ପଶି ସଭାପତି, ସମ୍ପାଦକଙ୍କ କୋଠରୀରେ ଲାଗିଥିବା ନାମଫଳକକୁ ଚିରି ଦେବା ସହିତ ତାଲା ପକାଇ ଦେଇଥିଲେ। ଏହାସହିତ ସଂଘ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଡାକି ଧମକ ଦେଇ ସଂଘର ନିଜସ୍ୱ ହ୍ୱାଟସ ଆପ ଗ୍ରୁପରୁ ବର୍ତ୍ତମାନର ସଭାପତି ଓ ସମ୍ପାଦକଙ୍କୁ ସେଠାରୁ ବାହାର କରି ଦେଇଥିଲେ। ସଂଘର କୋଷାଧ୍ୟକ୍ଷ ରାଜେଶ୍ ରୋଶନ୍ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ରିଜୋଲୁସନ୍ ଖାତାକୁ ନେଇ ଯାଇଥିବା ଶ୍ରୀ ଜୟସ୍ୱାଲ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହିତ ଇ-ମେଲ ମାଧ୍ୟମରେ ବିଭିନ୍ନ ପରିବହନକାରୀ ସଂସ୍ଥା ଓ ଖଣି କମ୍ପାନୀଗୁଡ଼ିକୁ ସଂଘର କାର୍ଯ୍ୟକାଳ ସମ୍ପର୍କରେ ସୂଚନା ଦେଇଥିବା ହେତୁ ସଂଘର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସଭାପତିଙ୍କ ଅଭିଯୋଗକୁ ଆଧାର କରି ଯୋଡା ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି ଯେ କେସ ନଂ ୧୭୩/୨୦୨୬ ରୁଜୁ କରାଯାଇଛି ଓ ତଦନ୍ତ ଚାଲିଛି। ୨୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ସେମାନଙ୍କୁ ସତର୍କ କରାଇ ଛାଡି ଦେଇଥିବା ଶ୍ରୀ ସାମଲ କହିଛନ୍ତି।



ଏ ସମ୍ବନ୍ଧରେ ବର୍ତ୍ତମାନ ସଂଘର ସମ୍ପାଦକ ଦାୟିତ୍ୱରେ ଥିବା ସୁଶାନ୍ତ ବାରିକ କହିଛନ୍ତି ଯେ ଅଗଣତାନ୍ତ୍ରିକ ପଦ୍ଧତିରେ ଜାଣିଶୁଣି ଅନ୍ୟ ଏକ ଗୋଷ୍ଠୀ ବିବାଦକୁ ବଢ଼ାଉଛି। ନିର୍ବାଚନର ପୂର୍ବ ପ୍ରସ୍ତୁତି ମୁତାବକ ସଂଘ ପକ୍ଷରୁ ସଦସ୍ୟ ତାଲିକା ନବୀକରଣ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୨୪୦୦ ସଦସ୍ୟଙ୍କ ମଧ୍ୟରୁ ୧୯୦୦ ସଦସ୍ୟ ସେମାନଙ୍କ କାଗଜପତ୍ର ଦାଖଲ କରିଛନ୍ତି। ଆଉ ୫୦୦ ପଞ୍ଜିକୃତ ସଦସ୍ୟ ଏ ପର୍ଯ୍ୟନ୍ତ ସେମାନଙ୍କର ଆବଶ୍ୟକୀୟ କାଗଜପତ୍ର ଦାଖଲ କରିନାହାନ୍ତି। ଏଣୁ ସଂଘର ସାଧାରଣ ପରିଷଦ ବୈଠକ ହୋଇପାରିନାହିଁ। ତେବେ ସେ ଆହୁରି କହିଛନ୍ତି ଯେ ଏବେ ସଙ୍ଘରେ ଭଲ କାମ ଚାଲିଛି। ଲୋଡିଂ ପଏଣ୍ଟ ସବୁ ଖୋଲିଛି। ଦୈନିକ ଶହ ଶହ ଗାଡି ପରିବହନ କରୁଛି। ୮୦ ପ୍ରତିଶତ ଗାଡି ମାଲିକ ନିର୍ବାଚନ ଚାହୁଁ ନାହାନ୍ତି ତଥାପି ନିର୍ବାଚନ ହେଲେ ଭଲ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ବାଇକ୍ ପାଇଁ ୫୦, କାର୍‌କୁ ୩ ଶହ ଟଙ୍କାର ତେଲ

ହାଟଡିହୀ,୧୫।୫(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରେ ଏବେ ପେଟ୍ରୋଲ, ଡିଜେଲ୍ ବ୍ୟବହାର ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅପିଲ କରିଛନ୍ତି। ଅନ୍ୟପଟେ ପେଟ୍ରୋଲ ଅଭାବ ଖବର ଶୁଣି ହାଟଡିହୀ ବ୍ଲକ୍‌ର ଅନେକ ପେଟ୍ରୋଲ ପମ୍ପରେ ଭିଡ଼ ଜମିଛି। ଅନେକ ସ୍ଥାନରେ ପେଟ୍ରୋଲ ପାଇଁ ଲୋକଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଛି। ଅଧିକାଂଶ ପେଟ୍ରୋଲ ପମ୍ପ ତେଲ ଅଭାବରୁ ଦିନେ ଦୁଇଦିନ ମଧ୍ୟରେ ବନ୍ଦ ହୋଇଯାଇଥିବାରୁ ପମ୍ପ ମାଲିକମାନେ ତେଲ ବିକ୍ରି ଉପରେ କଟକଣା ଲଗାଇଛନ୍ତି। କେଉଁ ପମ୍ପରେ ଲୋକଙ୍କୁ ବାଇକରେ ପକାଇବା ପାଇଁ ୫୦ ଟଙ୍କାର ତ ଆଉ କେଉଁଠି ଶହେ ଟଙ୍କାର ତେଲ ଦିଆଯାଉଛି। ଯାହାକୁ ନେଇ ଲୋକଙ୍କ ଭିତରେ ଛନକା ପଶିଛି। ଛେନାପଦି ଦଳେଇ ପେଟ୍ରୋଲ ପମ୍ପରେ ବାଇକ୍‌ରେ ୫୦ଟଙ୍କାର ଓ କାର୍‌ରେ ୩୦୦ ଟଙ୍କାର ପେଟ୍ରୋଲ ଦିଆଯାଉଛି। ସେହିପରି ବସ୍, ଟ୍ରକରେ ୫୦ ଲିଟର ପର୍ଯ୍ୟନ୍ତ ଡ଼ିଜେଲ ଦେଉଛନ୍ତି କ୍ଷ ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ ହେଉଛି। ହାଟଡିହୀ ପେଟ୍ରୋଲ ପମ୍ପରେ ବାଇକ୍‌ରେ ଦୁଇ ଶହ ଓ କାର୍‌ରେ ଅତିବେଶୀରେ ହଜାରେ ଟଙ୍କାର ପେଟ୍ରୋଲ ଦିଆଯାଉଛି। ଯାହାକି ଗ୍ରାହକଙ୍କ ପାଇଁ ପର୍ଯ୍ୟାପ୍ତ ହେଉନି। ଶନିବାର ସାବିତ୍ରୀ ବ୍ରତ ଥିବାରୁ ଲୋକମାନେ ଦୂର ବନ୍ଧୁ ଘରଙ୍କୁ ଯିବାକୁ ପଡୁଥିବାରୁ ଉପଯୁକ୍ତ ପରିମାଣର ପେଟ୍ରୋଲ କି ଡିଜେଲ ପାଇପାରୁ ନଥିବାରୁ ଏପରି ସମସ୍ୟା ଭୋଗୁଛନ୍ତି। ଏ ସମ୍ପର୍କରେ ପମ୍ପ ପରିଚାଳକ ବସନ୍ତ କୁମାର ରଥଙ୍କୁ ପଚାରିବାରେ ସେ କହିଛନ୍ତି, ମେ' ମାସ ଅଧା ହୋଇନି ଆମର ୭୦% ତେଲ ସରିଲାଣି। ତେଣୁ ମାସଟା ଯାକ ଟାଙ୍କି ଚଳାଇବାକୁ ଆମେ ବାଧ ହୋଇ କମ୍ ପରିମାଣର ତେଲ ଦେଉଛୁ। ଅନ୍ୟତମ ଟାଙ୍କି ମାଲିକ ନିକୁଞ୍ଜ ଓଝା କହିଛନ୍ତି ଯେ ଆମର ଜାନୁଆରୀ ମାସ ଯେତିକି ଟର୍ଗେଟ ଆସିଥିଲା ଏଥର ମଧ ସେତିକି ଆସିଛି। କିନ୍ତୁ ଅନ୍ୟ ମାସଠାରୁ ଏବେ ଅଧିକ ବିକ୍ରି ବଢ଼ି ଯାଇଛି ସେଥିପାଇଁ ବିକ୍ରିର ସୁପରିଚାଳନା ପାଇଁ ଆମେ ବ୍ୟବସ୍ଥା କରିଛୁ।



# ଆନନ୍ଦପୁର ସମବାୟ କର୍ମଚାରୀ ସଂଘର ଦାବିପତ୍ର

ଆନନ୍ଦପୁର, ୧୫।୫ (ସମିସ): ଆନନ୍ଦପୁର ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ସହକାରୀ ନିବନ୍ଧକଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟତଃ ୫% ଅଂଶଧନ ସମିତିକୁ ଫେରସ୍ତ ପାଇଁ ନିର୍ଦ୍ଦେଶ ଥିଲେ ମଧ ଅଦ୍ୟାବଧି ତାହା କାର୍ଯ୍ୟକାରି ହୋଇପାରି ନାହିଁ। କର୍ମଚାରୀଙ୍କର ବର୍ଦ୍ଧିତ ମହଙ୍ଗା ଭତ୍ତା ପାଇବା ପାଇଁ ୧.୦୪.୨୦୧୪ଠାରୁ ନିର୍ଦ୍ଦେଶ ଥିଲେ ମଧ ଅଦ୍ୟାବଧି ପାଇବାରୁ ବଞ୍ଚିତ ଅଛନ୍ତି। ସମିତି ସ୍ତରରେ ପାସ କରାଯାଇ ଯେଉଁ ବଜେଟ ବ୍ୟାଙ୍କକୁ ପ୍ରଦାନ କରାଯାଇଛି ତାହାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ପାତର ଅନ୍ତର କରି କାଳ ବିଳମ୍ବ କରୁଥିବାରୁ ସମିତି କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ସମିତି ଓ ମ୍ୟାନେଜମେଣ୍ଟ କମିଟି କ୍ଷୋଭ ପ୍ରକାଶ କରୁଥିବା ବେଳେ ଏହା ସମିତି କର୍ମଚାରୀଙ୍କ ପ୍ରତି ଅନ୍ୟାୟ ହେଉଛି। ତେଣୁ ଉକ୍ତ ପ୍ରସ୍ତାବକୁ ଗୁରୁତ୍ୱର ସହିତ ଆଲୋଚନା କରାଯାଇ ତାହାର ପ୍ରତିକାର ନିମନ୍ତେ ସଂଘ ପକ୍ଷରୁ ଦାବି ହୋଇଛି। ମୂଳଧନ ବାବଦକୁ ମିଳୁଥିବା ସୁଧ ଅର୍ଥ ସମିତିର ସଭାପତି ଓ ସମ୍ପାଦକ ଜାଣି ପାରୁ ନଥିବା ଚିନ୍ତାର କାରଣ ହୋଇଛି। ସମିତିଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କୁ ବୀମାଭୁକ୍ତ କରାଯିବା ପାଇଁ ବ୍ୟାଙ୍କ ସମ୍ପାଦକଙ୍କୁ ଅଦ୍ୟ ସଭାରେ ଅନୁରୋଧ କରିବା ସହିତ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଛି। ଉକ୍ତ ୫ ଦଫା ଦାବିକୁ ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟକାରୀ କରା ନଗଲେ ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ଆନନ୍ଦପୁର କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ଏହି ଦାବିପତ୍ର ପ୍ରଦାନ ବେଳେ ସଭାପତି ଭଗବାନ ବରାଳ, ଉପସଭାପତି ଅଭିମନ୍ୟୁ ପତି, କାର୍ଯ୍ୟକାରୀ ସଭାପତି ମୀନକେତନ ରାଉଳ, ସମ୍ପାଦକ ଡ଼ଃ ଶରତ କୁମାର ସେଠୀଙ୍କ ସମେତ ଉପଖଣ୍ଡର ସମସ୍ତ ସୋସାଇଟିର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# 'ଅମୃତ ସରୋବର' ଦୁର୍ନୀତିର ତଦନ୍ତ ଦାବି



ହାଟଡ଼ିହୀ,୧୫।୫(ସମିସ)

କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକରେ ମନରେଗା ଯୋଜନାରେ ହୋଇଛି ଦୁର୍ନୀତି। କେତେବେଳେ ଏହି ଯୋଜନାରେ କାର୍ଯ୍ୟ ହୋଇଥିବା ଦର୍ଶାଇ ମିଥ୍ୟା ମଷ୍ଟର ରୋଲ୍ ମାଧ୍ୟମରେ ବିଲ୍ ଉଠାଣ ତ କେତେବେଳେ ମେସିନରେ କାର୍ଯ୍ୟ କରି ଜବ୍‌କାର୍ଡଧାରୀ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ମନରେଗା ଅର୍ଥ ଯାଉଛି। ଏବେ ଅଭିନବ ଉପାୟରେ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ଅର୍ଥ ହଡ଼ପ୍ କରୁଥିବା ଦେଖିବାକୁ ମିଳିଛି। ପୋଖରୀ ଖନନ ହୋଇଥିବା ଦର୍ଶାଇ ଜବକାର୍ଡ ଧାରୀ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଇ ପରେ ଉଠାଇ ନେଉଥିବା ଜଣାଯାଇଛି। ଏହି ବ୍ଲକର ଷଡ଼ଙ୍ଗ ପଞ୍ଚାୟତର ନସିରପୁର ଗ୍ରାମରେ ମନରେଗା ଯୋଜନାର ଲକ୍ଷ୍ମୀ ସାଗର ପୋଖରୀର ପୁନରୁଦ୍ଧାର ନାଁରେ ଏକ ପ୍ରକଳ୍ପର ଖନନ କାର୍ଯ୍ୟ ଜାରି ରହିଛି। ମିଶନ ଅମୃତ ସରୋବର ଅଧିନରେ ଉକ୍ତ ପୋଖରୀର ପୁନଃରୁଦ୍ଧାର ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଯାହାର କାର୍ଯ୍ୟାଦେଶ ନଂ ହେଉଛି ୨୪୦୩୦୦୯୦୨୪/ ଡବ୍ଲୁଏଚ/୧୦୯୭୫୬୮୬। ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚଳିତ ବର୍ଷ ଫେବୃଆରୀ ୫ ତାରିଖରୁ ଆରମ୍ଭ ହୋଇଥିବା ଦର୍ଶାଯାଇଛି। ଭାରତର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ 'ଆଜାଦୀ କା ଅମୃତ ମହୋତ୍ସବ'ର ଏକ ଅଂଶ ଭାବରେ, ଅମୃତ ସରୋବରଗୁଡ଼ିକର ବିକାଶ ଦେଶର ଭବିଷ୍ୟତ ପାଇଁ ଉତ୍ସର୍ଗ କରିବା ଭଳି ମହତ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା। ପୋଖରୀ ଖନନ ସମୟରେ ବାହାରୁଥିବା ମାଟିକୁ ନିକଟରେ ହେଉଥିବା ରେଳ ପ୍ରକଳ୍ପ କିମ୍ବା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବାକୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଥିଲେ ମଧ ତାହା ଏଠାରେ ଅନୁପାଳନ କରାଯାଇନାହିଁ। ଏହି ପ୍ରକଳ୍ପରେ ଏପର୍ଯ୍ୟନ୍ତ ୩୨୭ ଜଣ ଶ୍ରମିକଙ୍କୁ ୨୦୬୭ ଦିନର କାମ କରିଥିବା ଦର୍ଶାଇ ସେମାନଙ୍କ ବ୍ୟାଙ୍କ ଖାତାକୁ ୫ ଲକ୍ଷ ୬୪ ହଜାର ୨୯୧ ଟଙ୍କା ପ୍ରଦାନ କରାଯାଇଛି। ଏପରିକି ଉକ୍ତ ପୋଖରୀରେ ପାଣି ଭର୍ତ୍ତି ହୋଇଥିଲେ ମଧ ଶ୍ରମିକମାନେ କାମ କରୁଥିବା ଦେଖାଇ ସରକାରୀ ଅର୍ଥ ହଡ଼ପ୍ କରାଯାଉଛି। ଖନନ କାର୍ଯ୍ୟ ଆରମ୍ଭର ପୂର୍ବ ଓ କାର୍ଯ୍ୟ ସମୟର ଫଟୋ ଏଯାଏଁ ଅପଲୋଡ୍ ହୋଇ ନଥିବାରୁ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



# ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ଯୁବକ ସମ୍ମାନିତ

ଚମ୍ପୁଆ,୧୫।୫(ସମିସ): ମାନବ ସେବା ହିଁ ମାଧବ ସେବା ଉକ୍ତିକୁ ପ୍ରମାଣିତ କରିଛନ୍ତି ଗମ୍ଭାରିଆ ଗ୍ରାମର ସୁନାସିନ୍ଧୁର ମହାନ୍ତ। ଦୁର୍ଘଟଣାଗ୍ରସ୍ତଙ୍କୁ ରାତିଅଧରେ ନିଜ ଗାଡ଼ିରେ ବସାଇ ଡାକ୍ତରଖାନା ପହଞ୍ଚାଇଥିବା ଏହି ୩୦ ବର୍ଷିୟ ଯୁବକକୁ ଆଜି ଚମ୍ପୁଆ ଥାନା ପରିସରରେ ଆଇଆଇସି ସ୍ୱରୂପ ରଂଜନ ନାୟକ, ଡାକ୍ତର ଧର୍ମପଦ ଦାସ ମହାପାତ୍ରଙ୍କ ଉପସ୍ଥିତିରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ମିଠା ଖୁଆଇ ସମ୍ମାନିତ କରିଛନ୍ତି। ସୁନାସିନ୍ଧୁରଙ୍କ ଏତାଦୃଶ ସେବାକୁ ପ୍ରଶଂଶା କରିଥିଲେ। ସୂଚନା ଅନୁସାରେ ଗତ ୧୨ ତାରିଖ କୃଷ୍ଣପୁର ଅଞ୍ଚଳର ଜଣେ ଯୁବକ ରିମୁଲି ପର୍ଶଳା ଜାତୀୟ ରାଜପଥ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିଲେ। ସୁନାସିନ୍ଧୁର ପର୍ଶଳା ଗ୍ରାମକୁ ବରଗାଡି ନେଇ ବରକୁ ବିବାହ ବେଦିରେ ଛାଡି ନିଜ ଘର ଗମ୍ଭାରିଆକୁ ଉକ୍ତ ବର ଗାଡି ନେଇ ଫେରୁଥିବା ବେଳେ ଯୁବକର ଏହି ଅବସ୍ଥା ଦେଖି ପ୍ରଥମେ ଆମ୍ବୁଲାନ୍ସକୁ ଫୋନ କରିଥିଲେ ମଧ ବିଳମ୍ବ ହେତୁ ପାଖରେ ଥିବା ଗାମୁଛାରେ ଯୁବକର ମୁଣ୍ଡକୁ ବାନ୍ଧିବା ସହିତ ନିଜ ଗାଡିରେ ବସାଇ ଚମ୍ପୁଆ ଡାକ୍ତରଖାନା ପହଞ୍ଚାଇଥିଲେ। ତାଙ୍କର ଏହି ସେବା ପାଇଁ ପୋଲିସ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯିବା ସହିତ ତାଙ୍କ ନାମକୁ ସେବାକାରୀ ଭାବେ ଉପରିସ୍ଥ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯିବ ବୋଲି ଥାନାଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ସୁନାସିନ୍ଧୁର ଗଣୁଆଠାରେ ଜେଏସଡବ୍ଲୁ କମ୍ପାନୀରେ ଫରମ୍ୟାନ ଭାବେ କାର୍ଯ୍ୟ କରୁଥିବା ଜଣାଯାଇଛି। ଏହି ସମ୍ମାନିତ କାର୍ଯ୍ୟକ୍ରମରେ ସବଇନସପେକ୍ଟର ନିରଂଜନ ବେହେରା ଓ ନିତିଶ କୁମାର ବେହେରା ସହିତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।



## କୁନି ଓଡ଼ିଶୀ ନୃତ୍ୟଶିଳ୍ପୀ ଅଙ୍କିତା ସାହୁ ସମ୍ମାନିତ




**ବରଗଡ଼, ୧୫। ୫(ସମିସ):** ବରଗଡ଼ର ଓଡ଼ିଶୀ ନୃତ୍ୟଶିଳ୍ପୀ ଅଙ୍କିତା ସାହୁଙ୍କୁ 'ଓକା ଦେବଦାସୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ଜାତୀୟ ସ୍ତରୀୟ 'ଓଡ଼ିଶୀ ନୃତ୍ୟ ମହୋତ୍ସବ ଓ ବୈଶାଖୀ ଉତ୍ସବ-୨୦୨୬' ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ଏହି ମହୋତ୍ସବ ଆୟୋଜିତ ହୋଇଥିଲା।

## ସର୍ବସାଧାରଣରେ ମଦ୍ୟପାନ ଓ ହଙ୍ଗାମା କରି ୧୨ ଅଟକ

**ବରଗଡ଼, ୧୫।୫(ସମିସ):** ସାର୍ବଜନିକ ସ୍ଥାନରେ ମଦ୍ୟପାନ କରି ହଙ୍ଗାମା ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ ବରଗଡ଼ ପୁଲିସ ପଦକ୍ଷେପ ନେଇଛି। ଟାଉନ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ସମୟରେ ୧୨ ଜଣଙ୍କୁ ଅଟକ ରଖିଥିଲା। ପରେ ସମସ୍ତଙ୍କୁ ଲିଖିତ ପ୍ରତିଶ୍ରୁତି ନେଇ ଛାଡ଼ି ଦେଇଛି।

## ସାହିଲ ସାହୁ ଅତାବିରାର ନୂଆ ତହସିଲଦାର



**ଅତାବିରା, ୧୫।୫(ସମିସ):** ଅତାବିରା ତହସିଲଦାର ଭାବେ ସାହିଲ ସାହୁ ଯୋଗ ଦେଇଛନ୍ତି। ୨୦୨୨ ବ୍ୟାଚର ଏହି ଓଡ଼ିଶା ପ୍ରଶାସନିକ ଅଧିକାରୀ ଗତ ଜାନୁଆରୀ ମାସରେ ବରଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ସେ ବରପାଲି ବ୍ଲକର ବୁରୋମୁଣ୍ଡା ଗ୍ରାମର। ଏଠାରେ ଅବସ୍ଥାପିତ ତହସିଲଦାର କେ ରିଚି କୁମାର ଗତ ୧୮ ତାରିଖ ହାଇକୋର୍ଟ ଯିବା ରାସ୍ତାରେ ସମ୍ବଲପୁର ଜିଲ୍ଲା ବାମୁରଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏଣୁ ସବ୍ ରେଜିଷ୍ଟ୍ରାର ଅଙ୍କିତ ପଣ୍ଡା ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ।

## ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ସରଳୀକରଣ ଦାବି

**ବରଗଡ଼, ୧୫।୫(ସମିସ):** ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ଆନ୍ତଃ ଜିଲ୍ଲା ବଦଳି ପ୍ରକ୍ରିୟାକୁ ସରଳ କରିବାକୁ ପ୍ରାଥମିକ ଶିକ୍ଷକ ବଦଳି ସଂଘ ଦାବି କରିଛନ୍ତି। ଆନ୍ତଃ ଜିଲ୍ଲା ପାରସ୍ପରିକ ବୁଝାମଣା ଭିତ୍ତିରେ ବଦଳି ପାଇଁ ଚାକିରି କାଳରେ



କେବଳ ଥରେ ଆବେଦନ କରିବା ପାଇଁ ସୁଯୋଗ ରହିଛି। ଏହା ଫଳରେ ଜଣେ ପ୍ରାଥମିକ ଶିକ୍ଷକ ପରିସ୍ଥିତି ଅନୁଯାୟୀ ନିଜର ଜିଲ୍ଲାକୁ ବଦଳି କରିପାରୁ ନାହାଁନ୍ତି। ଏଣୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ମାନସିକ ଅଶାନ୍ତିରେ କାଳାତିପାତ କରୁଛନ୍ତି। ଏହି ସମସ୍ୟା ନେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବିକାଶ ଭୋଇ, ବିକ୍ରମ ଷଡଙ୍ଗୀ, ବସନ୍ତ ବାଗ ଓ ସୁଧୀର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜନଗଣନାରେ ଓବିସି କଲମ ଯୋଡ଼ିବାକୁ ଦାବି

**ବରଗଡ଼, ୧୫।୫(ସମିସ):** ଜନଗଣନାରେ ୧୨ ନମ୍ବର ପ୍ରଶ୍ନରେ ଓବିସି କଲମ ଯୋଡିବାକୁ ଓଡ଼ିଶା ରାଜ୍ୟ ଓବିସି ସୁରକ୍ଷା ମଞ୍ଚ ଦାବି କରିଛି। ଏ ନେଇ ରାଷ୍ଟ୍ରପତି ଓ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଞ୍ଚ ଜିଲ୍ଲାପାଳଙ୍କୁ ଏକ ଦାବିତ୍ର ଦେଇଛି। ଠିକ୍ ଜନଗଣନା ନ ହେବାରୁ ଓବିସିମାନଙ୍କ ପାଇଁ



ଯୋଜନା ହୋଇ ପାରୁନାହିଁ ବୋଲି ମଞ୍ଚ ପକ୍ଷରୁ ପଦ୍ମଲୋଚନ ସାହୁ କହିଛନ୍ତି। ଶିକ୍ଷା, ଚାକିରି ଓ ରାଜନୀତିରେ ଓବିସିଙ୍କୁ ସଂରକ୍ଷଣ ମିଳୁନି। ସାଧାରଣ ବର୍ଗ ସହ ଏମାନଙ୍କୁ ଗଣନା କରାଯାଉଛି। ଓବିସିଙ୍କ ସଂଖ୍ୟା ୫୨%ରୁ ଅଧିକ; ହେଲେ ଏମାନେ ସବୁ କ୍ଷେତ୍ରରେ ଅବହେଳିତ ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀପତି ଭୋଇ, ଆଇନଜୀବୀ ଶଶୀ ପ୍ରଧାନ, ବୈଷ୍ଣବ ଚରଣ ତ୍ୟାଗୀ, ଆଇନଜୀବୀ ରବି ପ୍ରଧାନ, ଅନାଥ ନାଏକ, ସଞ୍ଜୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ଔଷଧ ବ୍ୟବସାୟୀଙ୍କ ଅକାଳ ବିୟୋଗ



**ପଦ୍ମପୁର, ୧୫।୫(ସମିସ):** ପଦ୍ମପୁର ଉପଖଣ୍ଡ ବୁକୁରାମୁଣ୍ଡା ଅଞ୍ଚଳର ଓଷଧ ବ୍ୟବସାୟୀ ନୃସିଂହ ମେହେର (୪୨)ଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ପ୍ରାୟ ୧୦ ଦିନ ପୂର୍ବରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାୟପୁରସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସାମାନ୍ୟ ଉନ୍ନତି ପରେ ଘରକୁ ଆସିଥିଲେ। ହଠାତ ରାତିରେ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କ ଦେହାନ୍ତ ହୋଇଥିଲା। ରାୟପୁରରୁ ପୈତୃକ ଗାଁ ବାଜେନମୁଣ୍ଡାରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ଘଟଣାରେ ପତ୍ନୀ ବାସନ୍ତୀ, ଦୁଇ ଝିଅ ବୀଣା ଓ ଜୀନା ଉପସ୍ଥିତ ଥିଲେ। ପୁଅ କାହ୍ନା ମେହେର ମୁଖାଗ୍ନି ଦେଇଥିଲେ।

## ବରଗଡ଼ରେ ପେଟ୍ରୋଲ, ଡିଜେଲ ସଙ୍କଟ

# କେଉଁଠି ଲମ୍ବା ଲାଇନ୍ ତ କେଉଁଠି ବନ୍ଦ

ବରଗଡ଼, ୧୫।୫(ସମିସ)







ରାଜ୍ୟ ଓ କେନ୍ଦ୍ର ବିଜେପି ସରକାରଙ୍କ ଦୂରଦୃଷ୍ଟି ଅଭାବ ଓ ଅପାରଗତା କାରଣରୁ କୃଷି ବହୁଳ ବରଗଡ଼ ଜିଲ୍ଲାରେ ଡିଜେଲ ପେଟ୍ରୋଲ ଓ ଜାଳେଣି ଗ୍ୟାସର ଅଭାବ ଦେଖା ଦେଲାଣି। ସମଗ୍ର ଭାରତ ବର୍ଷରେ ବରଗଡ଼ ଜିଲ୍ଲା ଭାତ ହାଣ୍ଡି ଭାବେ ପରିଚିତ। ବର୍ତ୍ତମାନ ଚାଷୀଙ୍କ ଫସଲ ଅମଳ ସମୟ। ତେବେ ଟ୍ରାକ୍ଟର ଓ ହର୍ଭେଷ୍ଟର ମାଧ୍ୟମରେ ଚାଷୀ ନିଜ ଉତ୍ପାଦିତ ଶସ୍ୟ ବିପଣନ କରୁଥିବା ବେଳେ ଡିଜେଲ ଓ ପେଟ୍ରୋଲର ଅଭାବ ସିଧା ସଳଖ ଚାଷୀଙ୍କ ଫସଲ ଅମଳ ଉପରେ ମାଡ ପଡ଼ିଛି। ପର୍ଯ୍ୟାପ୍ତ ପରିମାଣରେ ଡିଜେଲ ଓ ପେଟ୍ରୋଲ ମିଳୁନି। ଚାଷୀଙ୍କ ଖେତରେ ଫସଲ ବିନା ଅମଳରେ ରହିଯିବା ଆଶଙ୍କାକୁ ଏଡ଼ାଇ ଦିଆ ଯାଇ ନ ପାରେ। ଠିକ୍ ସେହିପରି ନିତ୍ୟ ବ୍ୟବହାର୍ଯ୍ୟ ପେଟ୍ରୋଲ ଓ ଜାଳେଣି ଗ୍ୟାସର ଅଭାବ ସାଧାରଣ ଜନତାଙ୍କ ଉପରେ ପ୍ରଭାବ ପଡ଼ିଛି। ୩ ମାସ ପୂର୍ବରୁ ଆନ୍ତର୍ଜାତିକ ବଜାରରେ ଡିଜେଲ, ପେଟ୍ରୋଲ ଓ ଜାଳେଣି ଗ୍ୟାସର ଅଭାବ ପରିଲକ୍ଷିତ ହୋଇଥିଲା। କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟର ନିର୍ବାଚନକୁ ଦୃଷ୍ଟିରେ ରଖି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ନିର୍ବାଚନ ବୈତରଣୀ ପାର ହେବା ପାଇଁ ବହାସ୍ଫୋଟ ମାରି ଡିଜେଲ ଓ ପେଟ୍ରୋଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଥିବା ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଥିଲେ। ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍ ଜନ ସାଧାରଣଙ୍କୁ ସମ୍ବୋଧନ କରି ଡିଜେଲ, ପେଟ୍ରୋଲ ଓ ଜାଳେଣି ଗ୍ୟାସର ଅଭାବ ହେବରୁ ବ୍ୟବହାର କମ୍ କରିବା ପାଇଁ ନିବେଦନ କରିଛନ୍ତି। ଏକ ପ୍ରକାର କଟକଣା ଜାରି କରିବା ଫଳରେ ସାଧାରଣ ଜନତା ହନ୍ତସନ୍ତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବିଜେଡି କେନ୍ଦ୍ରର ବିଜେପି ସରକାରକୁ କଟୁ ସମାଲୋଚନା କରିଛି। ସରକାରଙ୍କ ବିଫଳତା ଓ ଅପାରଗତାକୁ ନେଇ ବିଜେଡି ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି।

**ପାଇକମାଳ:** ପାଇକମାଳ ବ୍ଲକର ପାଇକମାଳ ଓ ମାଣ୍ଡୋସିଲ ଅଞ୍ଚଳରେ ଦୀର୍ଘଦିନ ଧରି ପେଟ୍ରୋଲ ଓ ଡିଜେଲ ଅଭାବ ଦେଖା ଦେଇଛି। ଏଣୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଇନ୍ଧନ ସଙ୍କଟ ଯୋଗୁଁ ଦୈନିକ ଯାତାୟାତରୁ ଆରମ୍ଭ କରି ଚାଷ କାମ ପର୍ଯ୍ୟନ୍ତ ପ୍ରାୟ ସମସ୍ତ କ୍ଷେତ୍ର ପ୍ରଭାବିତ ହେଉଛି। ବିଶେଷକରି ଗ୍ରାମାଞ୍ଚଳରେ ରହୁଥିବା ଲୋକ ଓ ଚାଷୀ ଏହି ସମସ୍ୟାରେ ଅଧିକ ହଇରାଣ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପାଇକମାଳ ଓ ମାଣ୍ଡୋସିଲ ଅଞ୍ଚଳରେ ପେଟ୍ରୋଲ ପମ୍ପରେ ନିୟମିତ ଭାବେ ପେଟ୍ରୋଲ ଓ ଡିଜେଲ ମିଳୁନାହିଁ। କେତେକ ସମୟରେ ପମ୍ପ ଖୋଲା ଥିଲେ ମଧ୍ୟ ତେଲ ନ ଥିବାରୁ ଗ୍ରାହକ ନିରାଶ ହୋଇ ଫେରୁଛନ୍ତି। ବିଶେଷକରି ମାଣ୍ଡୋସିଲ ଅଞ୍ଚଳରେ ପାଖାପାଖି ଏକ ମାସ ଧରି ଏହି ସମସ୍ୟା ଜାରି ରହିଛି। ଲୋକଙ୍କ ଅସୁବିଧା ଦିନକୁ ଦିନ ବଢ଼ିବାରେ ଲାଗିଛି। ଇନ୍ଧନ ଅଭାବର ସବୁଠାରୁ ବେଶି ପ୍ରଭାବ ଯାତାୟାତ ବ୍ୟବସ୍ଥା ଉପରେ ପଡ଼ିଛି। ପ୍ରତିଦିନ କାମ ପାଇଁ ବାଇକ୍ ଓ ଚାରିଚକିଆ ଯାନ ବ୍ୟବହାର କରୁଥିବା ଲୋକ ତେଲ ନ ମିଳିବାରୁ ଅନେକ ସମୟ ରାସ୍ତା ମଝିରେ ଅସୁବିଧାରେ ପଡୁଛନ୍ତି। ଅନେକଙ୍କ ଗାଡ଼ି ରାସ୍ତାରେ ତେଲ ସରିଯାଇ ବନ୍ଦ ହୋଇଯାଉଛି। ସେମାନଙ୍କୁ ପ୍ରଚଣ୍ଡ ଖରାରେ ଦୀର୍ଘ ଦୂର ପର୍ଯ୍ୟନ୍ତ ଚାଲି ଚାଲି ତେଲ ଖୋଜିବାକୁ ପଡୁଛି। କେତେକ ସ୍ଥାନରେ ଲୋକ ବୋତଲ କିମ୍ବା ଜାରିକେନ ନେଇ ଦୂର ପେଟ୍ରୋଲ ପମ୍ପକୁ ଯାଉଛନ୍ତି। ମାଣ୍ଡୋସିଲ ଅଞ୍ଚଳର ଲୋକଙ୍କୁ ପେଟ୍ରୋଲ ପାଇଁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ପାଇକମାଳ କିମ୍ବା ୧୦ କିଲୋମିଟର ଦୂରର ସାଇପଲା ଅଞ୍ଚଳକୁ ଯିବାକୁ ପଡୁଛି; କିନ୍ତୁ ସେଠାରେ ମଧ୍ୟ ପ୍ରାୟତଃ ତେଲ ମିଳୁ ନ ଥିବାରୁ ଲୋକ ଖାଲି ହାତରେ ଫେରୁଛନ୍ତି। ଏହି ପରିସ୍ଥିତି ଦୈନନ୍ଦିନ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଅନ୍ୟପଟେ ଡିଜେଲ ଅଭାବ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଏବେ ରବି ଫସଲ ଅମଳ ସମୟ। ଟ୍ରାକ୍ଟର, ପମ୍ପସେଟ୍ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଚଳାଇବା ପାଇଁ ଡିଜେଲ ଆବଶ୍ୟକ ହେଉଛି; କିନ୍ତୁ ପର୍ଯ୍ୟାପ୍ତ ଡିଜେଲ ନ ମିଳିବାରୁ ଚାଷ କାମ ଓ ଧାନ କାଟିବା କାମ ପ୍ରଭାବିତ ହେଉଛି। ଅନେକ ଚାଷୀ କହିଛନ୍ତି ଯେ, ଡିଜେଲ ଅଭାବ ଯୋଗୁଁ ଚାଷ କାମ ସରିପାରୁନି। ସେମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାର ଆଶଙ୍କାରେ ଅଛନ୍ତି। କେତେକ ପେଟ୍ରୋଲ ପମ୍ପରେ ଡିଜେଲ ଉପଲବ୍ଧ ଥିଲେ ମଧ୍ୟ ଚାଷୀମାନଙ୍କୁ ସୀମିତ ପରିମାଣରେ ତେଲ ଦିଆଯାଉଛି। ଅନେକ ସ୍ଥାନରେ ଜଣେ ଗ୍ରାହକଙ୍କୁ ମାତ୍ର ୨୦ ଲିଟର ପର୍ଯ୍ୟନ୍ତ ଡିଜେଲ ଦିଆଯାଉଥିବାରୁ ଚାଷୀ ଅଧିକ ସମସ୍ୟାରେ ପଡୁଛନ୍ତି। ଦୂରଦୂରାନ୍ତରୁ ଆସି ମଧ୍ୟ ଆବଶ୍ୟକ ପରିମାଣର ଡିଜେଲ ନ ମିଳିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏହା ସହ କେତେକ ସ୍ଥାନରେ ଅଧିକ ଦରରେ ପେଟ୍ରୋଲ ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ସ୍ଥାନୀୟ ଭାବେ କିଛି ଲୋକ ବୋତଲରେ ପେଟ୍ରୋଲ ଆଣି ଲିଟର ପିଛା ପ୍ରାୟ ୨୦ ଟଙ୍କା ଅଧିକ ଦରରେ ବିକ୍ରି କରୁଛନ୍ତି। ଲୋକମାନେ ମଧ୍ୟ ବାଧ୍ୟ ହୋଇ ଅଧିକ ଦରରେ ତେଲ କିଣୁଛନ୍ତି। ଇନ୍ଧନ ସଙ୍କଟ ଯୋଗୁଁ ବ୍ୟବସାୟ, ଯାତାୟାତ ଓ ଦୈନନ୍ଦିନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ସାଧାରଣ ଲୋକଙ୍କ ସହ ଚାଷୀ ମଧ୍ୟ ଗଭୀର ଚିନ୍ତାରେ ପଡ଼ିଛନ୍ତି।

## ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ଅଭିଯୋଗ

**ବରଗଡ଼, ୧୫।୫(ସମିସ):** ଜବରଦଖଲ ଉଚ୍ଛେଦକୁ ନେଇ ହେଉଥିବା ପାତରଅନ୍ତର ନୀତି ବିରୋଧରେ ପୁଣି ବରଗଡ଼ ନାଗରିକ ମଞ୍ଚ ସ୍ୱର ଉଠାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି।



ତୁରନ୍ତ ହସ୍ତକ୍ଷେପ କରିବାକୁ ଅପିଲ କରାଯାଇଛି। ଗତ ୩୦ରେ ନାଗରିକ ମଞ୍ଚ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଇଥିଲା। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରଖିଥିଲା। ଏହା ମଧ୍ୟରୁ ଗୋଟିଏ ଦାବି ସରକାରୀ ଓକିଲ ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଛି। ତେଣୁ ଅନ୍ୟ ଦାବିଗୁଡିକୁ ଶୀଘ୍ର ପୂରଣ କରିବା ପାଇଁ ନାଗରିକ ମଞ୍ଚ ସ୍ୱର ଉତ୍ତୋଳନ କରିଛି। ବହୁ ପ୍ରତୀକ୍ଷିତ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜିରା ବ୍ରିଜ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ସହ ଜବରଦଖଲ ଉଚ୍ଛେଦ ଶୀଘ୍ର କରିବା, ବରଗଡ଼ ସହରରେ ଉଚ୍ଛେଦ ହୋଇଥିବା ଛୋଟ ଦୋକାନୀ, ଚା, ଜଳଖିଆ, ଉଠା ଦୋକାନୀଙ୍କୁ ତୁରନ୍ତ ଥଇଥାନ କରିବା ଓ ସହରରେ ଟ୍ରାଫିକ ସମସ୍ୟା, ପାର୍କିଂ ସମସ୍ୟାର ସମାଧାନ କରିବା, ସରକାରୀ ବନ୍ଧକଟା ଗୁଡିକୁ ଜବରଦଖଲ ମୁକ୍ତ କରିବା, ଗୋପାଳ ଗୋଶାଳା ଟ୍ରଷ୍ଟ ଦ୍ୱାରା ଜବର ଦଖଲ ହୋଇଥିବା ସରକାରୀ ଜମିକୁ ଉଚ୍ଛେଦ କରିବା, ଗୋଶାଳାର ଆକାଉଣ୍ଟ ଅଡିଟ କରିବା, ଏହାର କାର୍ଯ୍ୟକାରୀ କମିଟିକୁ ପୁନର୍ଗଠିତ କରିବା ପାଇଁ ବରଗଡ଼ ନାଗରିକ ମଞ୍ଚ, ସମଲେଶ୍ୱରୀ ସଂଘ ଓ ଅନ୍ୟ ସାମାଜିକ ସଂଗଠନର ମିଳିତ ଉଦ୍ୟମରେ ଏହି ଦାବି ପତ୍ର ପ୍ରଦାନ କରାଯାଇଛି। ବରଗଡ଼ ନାଗରିକ ମଞ୍ଚର ସଭାପତି ତଥା ଆଇନଜୀବୀ ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି। ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ସରାଫ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମୀର ପ୍ରଧାନ, ବିରେନ ପଧାନ, କିଶୋର ସାହୁ, ଶୟନ ପଣ୍ଡା, ଟିଂକୁ ନନ୍ଦ, ଭବାନୀ ସାହୁ, ନିତ୍ୟାନନ୍ଦ ବାଗ, ମନୋହର ପ୍ରଧାନ, ଆଇନଜୀବୀ ମାମଲୁ ମହାପାତ୍ର, ସୁଶାନ୍ତ ସାହୁ, ଶିବାନନ୍ଦ ମଟାରୀ, ଦୀନେଶ ଶର୍ମା, ଜିଭି ରାଓ, ଗଙ୍ଗା ପୂଝାରୀ, ଲିଙ୍ଗରାଜ ପୁରୋହିତ, ସଚି ପଣ୍ଡା, ଜୀବନ ଲାଲ ଚୌଧୁରୀ, ମୁକୁନ୍ଦ ତାଣ୍ଡି, ବାସୁଦେବ ବୁଢ଼େକ, ବିମଲ ଶିକା, ପ୍ରମୋଦ ବେହେରା ଉପସ୍ଥିତ ଥିଲେ।

## ଭେଡେନ ତହସିଲଦାରଙ୍କ ସହ ଆଲୋଚନା



**ଥୁଆପାଲି, ୧୫।୫(ସମିସ):** ରାଜ୍ୟ କିଶାନ କଂଗ୍ରେସ ସଭାପତି ଅଭୟ ସାହୁ ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ବରଗଡ଼ ଜିଲ୍ଲା କଂଗ୍ରେସ କମିଟିର ସଭାପତି ହରଦୀପ୍ ସିଂ, ବରଗଡ଼ ଜିଲ୍ଲା କିଶାନ କଂଗ୍ରେସ ସଭାପତି ଗୁଣମଣି ସାହୁ, ଭେଡେନ ବ୍ଲକ କିଶାନ କଂଗ୍ରେସ ସଭାପତି ଦୋଳଗୋବିନ୍ଦ ବେହେରା, ଭେଡେନ ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା କଂଗ୍ରେସ ସମ୍ପାଦକ ଭବାନୀ ପାଢ଼ୀ, ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସଭାପତି ପାଣ୍ଡବ କର୍ଣ୍ଣ, ଜିଲ୍ଲା ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସଭାପତି ଦିଲୀପ ଦାସ, ଭେଡେନ ୩ ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ଗୋପାଳ ବାଗ, ମାଧବ ସାହୁ, ରସିକ ସାହୁ, ଜାପାନୀ ସାହୁ, ସଞ୍ଜୟ ନନ୍ଦ, ଚିନ୍ତାମଣି ମେହେର, ଏକାଦଶିଆ ହଟେଇ, ବୀରସେନ ଖମାରୀ, ଲକ୍ଷ୍ମୀନାରାୟଣ ପାଢ଼ୀ, ଅନନ୍ତ ତାଣ୍ଡି, କ୍ଷୀରସିନ୍ଧୁ ଡାଙ୍ଗ ବଲରାମ ଭୁଏଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବିଜ୍ଞାନ ଓ ଗଣିତ ପରୀକ୍ଷାଗାର ପାଇଁ ଶିଳାନ୍ୟାସ



**ବରଗଡ଼ ୧୫।୫( ସମିସ):** ପୌର ପରିଷଦ ଅଧୀନ ରାଣା ପ୍ରତାପ ସ୍କୁଲଠାରେ ୨୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବିଜ୍ଞାନ ଓ ଗଣିତ ପରୀକ୍ଷାଗାର ଭବନ ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏହି ଶିଳାନ୍ୟାସ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ସଂଘର ସମ୍ପାଦକ ସର୍ଦ୍ଦାର ପ୍ରୀତମ ସିଂ, ବିଜୁ ଖମାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମିନୀ ଗଡ଼ତିଆ, ପୁରାତନ ଛାତ୍ର ସୁକୁମାର ଦାଶ, କପିଳେଶ୍ୱର ବାଗ, ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ବାଙ୍କା ବିହାରୀ ସାହୁ, ପ୍ରଦୀପ ସାହୁ, ଗଣେଶ ବିଶି, ଗିରିଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରୁ ୭ ଗିରଫ

**ପଦ୍ମପୁର, ୧୫। ୫(ସମିସ):** ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଞ୍ଚଳରେ ଚାଲିଥିବା ବେଆଇନ ଜୁଆ ଖେଳ ବିରୋଧରେ ପୁଲିସ ପଦକ୍ଷେପ ନେଇଛି। ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବରଙ୍କ ତତ୍ତ୍ୱାବଧାନ ଏବଂ ଜଗଦଲପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗୁଣ୍ଡିଚାଡିହି ଗ୍ରାମ ନିକଟସ୍ଥ ଏକ ମହୁଲ ଗଛ ମୂଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ଉ କରଥିଲା। ଏହି ମାମଲାରେ ପୁଲିସ ୭



ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ସରକଣ୍ଡାର ଲୋକେଶ ନାୟକ (୩୯), କେନ୍ଦୁଡାହର ଦଳେଶ ଗଡ଼ସେନା (୩୬), ରେମଡ଼ାରବାଲମୁକୁନ୍ଦ ନାଗରିଆ (୫୦), ବସନାର ମଦନ ଅଗ୍ରୱାଲ (୬୫), ସରାଇପାଲିର ସଞ୍ଜୟ ଅଗ୍ରୱାଲ (୫୯) ଏବଂ ଯଶପାଲ ସିଂ (୪୦), କେଶରପୁରର ଜବାହର ଚୌଧୁରୀ (୪୪)। ତେବେ ସୋନୁ ଏବଂ ସଞ୍ଜୟ ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ଜଣାପଡ଼ିଛି। ଏମାନଙ୍କଠାରୁ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା, ୩ଟି ମୋଟରସାଇକେଲ, ୨ଟି କାର୍, ୧୧ଟି ଫୋନ, ଗୋଟିଏ ସୁନା ଚେନ୍, ସୁନା ମୁଦି ଏବଂ ରୁପା ଅଳଙ୍କାର, ୧୫୦ଟି ତାସ୍ ପେପର, ଷ୍ଟିଲ୍ ବାକ୍ସ, ଗୁଣି ବ୍ୟାଗ୍ ଓ ବ୍ୟାଟେରୀ ଜବତ ହୋଇଛି। ଏଏସଆଇ ନରେନ୍ଦ୍ର ପଣ୍ଡା ଚଢଉର ନେତୃତ୍ୱ ନେଇଥିଲେ।

## ଡୁଡୁକୀଦାଦର ମହିମା ମଠରେ ଅଖଣ୍ଡ ବ୍ରହ୍ମ ଯଜ୍ଞ



**ଝାରବନ୍ଧ, ୧୫।୫(ସମିସ):** ଝାରବନ୍ଧ ବ୍ଲକ ଡୁଡୁକୀଦାଦର ଗ୍ରାମସ୍ଥିତ ମହିମା ମଠରେ ବିଶ୍ୱ ଶାନ୍ତି ଓ ଜୀବଜଗତର ମଙ୍ଗଳ କାମନା କରି ଅଖଣ୍ଡ ବ୍ରହ୍ମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ବାବା ବଳରାମ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ଶିକ୍ଷକ ଏକାଦଶ ତରଫରୁ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ପଦ୍ମପୁର, ୧୫।୫(ସମିସ):** ନିକଟରେ ପ୍ରକାଶିତ ଦଶମ ବୋର୍ଡ଼ ପରୀକ୍ଷାରେ ସଫଳତା ହାସଲ କରି ବରଗଡ଼ ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଥିବା ପଦ୍ମପୁର ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଦୀପଶିଖା ଗଡ଼ତିଆଙ୍କୁ ଶିକ୍ଷକ ଏକାଦଶ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଡିବ୍ସ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରିତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଏବଂ ଦ୍ୱାଦଶ ପ୍ରଧାନ ଓ ଚୈତନ୍ୟ ଭୋଇ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରୀଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟ କିଶୋର ପଣ୍ଡା ଓ ରମଣୀ ବିଶ୍ୱାଳ ପରିଚାଳନା କରିଥିଲେ। ଅଭିଭାବକ ନରେନ୍ଦ୍ର ପ୍ରଧାନ ଓ ମମତା ଗଡ଼ତିଆଙ୍କ ସହ ଶିକ୍ଷକ କିଶୋର ପାତ୍ର, ବିରେନ୍ଦ୍ର ପ୍ରଧାନ, ରାକେଶ, ରଜତ, ସୁଶାନ୍ତ ଓ ମୋହନ ଉପସ୍ଥିତ ଥିଲେ। ଶେଷରେ ରଜତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଧୀର ସ୍ମାରକୀ ସର୍ବଭାରତୀୟ ଫୁଟବଲ୍ ଉଦ୍‌ଘାଟିତ

# ସେମିଫାଇନାଲରେ ବାଙ୍କୁରା ଏକାଡେମୀ

ବରଗଡ଼, ୧୫।୫(ସମିସ)



ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍‌ରେ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ସୁଧୀର ସ୍ମାରକୀ ଫ୍ଲଡ୍ ଲାଇଟ୍ ନାଇଟ୍ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। କଲିକତାର ବାଙ୍କୁରା ଫୁଟବଲ୍ ଏକାଡେମୀ ଓ ରାଞ୍ଚିର ବ୍ଲାକ ଟାଇଗର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଙ୍କୁରା ୧-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ରେଫରି ଭାବେ ଶଶିକାନ୍ତ ଦାସିଆ ପରିଚାଳନା କରିଥିଲେ। ପଞ୍ଚାନନ ପାତ୍ର ଓ ଶୁଭମ୍ ପାତ୍ର ସହଯୋଗ କରିଥିଲେ। ଆଦିତ୍ୟ ନାୟକ ଚତୁର୍ଥ ରେଫରି ଥିଲେ। ଦୁର୍ଗା ମାଧବ ନାୟକ ମ୍ୟାଚ୍ କମିଶନର ଥିବାବେଳେ ସୁରେଶ ଦାଶ ମ୍ୟାଚ୍ ଆସେସର ଅଛନ୍ତି। ସେହିଭଳି ଦ୍ୱିତୀୟ ମ୍ୟାଚ୍ କୁଚିଣ୍ଡା ବିଏଫସି ଓ ବରଗଡ଼ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ଜିଲ୍ଲା କ୍ରୀଡା ସଂସଦ କ୍ରୀଡା ସମ୍ପାଦକ ହରଦୀପ ସିଂ, ଯୁବ ନେତା ଜିତୁ ଭୋଇ, ପ୍ରାକ୍ତନ ଖେଳାଳି ପ୍ରମାନନ୍ଦ ପଟେଲ, ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସୁବ୍ରତ ପୁରୋହିତ ପରିଚାଳନା କରିଥଲେ। ପ୍ରଶାନ୍ତ ବେହେରା ଓ ରୋଶନ ଖାନ୍ ସହଯୋଗ କରିଥିଲେ। ଚାମ୍ପିୟନ୍ ଦଳକୁ ୧ ଲକ୍ଷ ଟଙ୍କା ସହ ଟ୍ରଫି, ଉପ ବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ।

ସୁଧୀର ମିଶ୍ରଙ୍କ ପତ୍ନୀ ପଦ୍ମଜା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଫାଓ ଉପ-ସଭାପତି ରବି ପଣ୍ଡା, ଜିଲ୍ଲା କ୍ରୀଡା ସଂସଦ ଉପ-ସଭାପତି ଯୁଗଳ ପ୍ରସାଦ ସିଂହ, ସମ୍ପାଦକ କିଶୋର ମିଶ୍ର, ପୂର୍ବତନ ସମ୍ପାଦକ ଅରୁଣ ମହାନ୍ତି, ପୂର୍ବତନ ଫୁଟବଲର୍ ପ୍ରେମାନନ୍ଦ ପଟେଲ, ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ।

କ୍ଲବ୍ ସଭାପତି ପ୍ରେମନାଥ ଗିରି ଅଧ୍ୟକ୍ଷତା କରିଥିବା ବେଳେ କ୍ରୀଡା ସଂଗଠକ ସଚ୍ଚିଦାନନ୍ଦ ପଣ୍ଡା ସଂଯୋଜନା କରିଥିଲେ। କ୍ରୀଡ଼ା ପ୍ରଶାସକ ସଚ୍ଚିଦାନନ୍ଦ ପଣ୍ଡା ସଭା ପରିଚାଳନା କରିଥିଲେ। ଶ୍ରଦ୍ଧାରଞ୍ଜନ ମିଶ୍ର, ସେକ ସବଦର୍, ସୁରେଶ ଦାଶ, ପ୍ରଦୀପ ପ୍ରଧାନ, ଅକ୍ଷୟ ଯୋଶୀ, ଅମୀୟ ଶର୍ମା, ସନିପଲ୍ ନାୟକ, ପ୍ରତାପ ଦାଶ, ପ୍ରଶାନ୍ତ ଜେନା, ରୁଦ୍ର ପ୍ରଧାନ, ରମାକାନ୍ତ ଦାଶ, ବିକାଶ ବିଶ୍ୱାଳ, ଦୀପକ ପ୍ରଧାନ, ମୋହନ ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭେଡେନ ବ୍ଲକ୍ କୃଷକ ସଙ୍ଗଠନର ବୈଠକ

**ଭେଡେନ, ୧୫।୫(ସମିସ):** ଭେଡେନ ମାର୍କେଟଠାରେ ଭେଡେନ ବ୍ଲକ କୃଷକ ସଙ୍ଗଠନର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ପନ୍ନ ଭୋଇ ସଭାପତିତ୍ୱ କରିଥିଲେ। ଗତ ଋତୁର ସହରାଟିକ୍ରା ମାର୍କେଟରେ ଚାଷୀଙ୍କ ଏ ପର୍ଯ୍ୟନ୍ତ ଧାନ ବିକ୍ରି ନ ହେବା, ଜିଲ୍ଲାପାଳ ଅଫିସ ସମ୍ମୁଖରେ ଚାଲିଥିବା ଆନ୍ଦୋଳନକୁ ୭୦ ଦିନ ପୂରିଥିଲେ ସୁଦ୍ଧା ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ଚଳିତ ଋତୁରେ ପ୍ରାୟ ସବୁ ଚାଷୀଙ୍କ ଜମି ପରିମାଣରେ କମ୍ ଟୋକନ ଆସିଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏହାର ଫଳ ସ୍ୱରୂପ ମଙ୍ଗଳବାର ଜିଲ୍ଲାପାଳଙ୍କ ଅଫିସ ଘେରଉ କରିବାକୁ ସଙ୍ଗଠନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମ୍ପାଦକ ସୁଦାମ ପାତ୍ର, ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଆଇନ ପରାମର୍ଶଦାତା ନରେନ୍ଦ୍ର ଭୋଇ ଉଦ୍‌ବୋଧନ ଦେଇଥିଲେ। ଚୂଡ଼ାମଣି ଛନ୍ଦ, ବିଜୟ ଲହରିଆ, ବିଜନ ପାଢ଼ୀ, ନରେଶ ସାହୁ, କୁନା ପଧାନ, ନବୀନ ପଧାନ, ବିକାଶ ମାଝୀ, ଗଙ୍ଗା ପାତ୍ର, ସମ୍ପଦ ସାହୁ, ମୋତିଲାଲ ମହାକୁର, ସୁବ୍ରତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ମନ୍ତ୍ରୀଙ୍କ ରାତିଅଧିଆ ଗସ୍ତ ଓ ସମୀକ୍ଷା ବୈଠକକୁ ବିଧାୟିକାଙ୍କ ପ୍ରଶ୍ନ**

# ସମୀକ୍ଷା ବୈଠକ ନାଁରେ ଦଳୀୟ ବୈଠକ ଅଭିଯୋଗ

ଯାଜପୁର, ୧୫।୫(ସମିସ): ଗତକାଲି ଠାରୁ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଦୁଇଦିନିଆ ଗସ୍ତରେ ଯାଜପୁର ଆସିଛନ୍ତି। ଗତକାଲି ଅପରାହ୍ନରେ ଯାଜପୁରରେ ପହଞ୍ଚି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଅଫିସରେ ସମୀକ୍ଷା କରିଥିଲେ। କିନ୍ତୁ ମନ୍ତ୍ରୀଙ୍କ ଏହି ସମୀକ୍ଷା ବୈଠକକୁ ନେଇ ବିବାଦ ଦେଖାଦେଇଛି। କୌଣସି ମନ୍ତ୍ରୀ ସରକାରୀ ଗସ୍ତରେ ଜିଲ୍ଲାକୁ ଆସିବା ବେଳେ ଜିଲ୍ଲାର ସମସ୍ତ ବିଧାୟକ ଓ ବିଧାୟିକାଙ୍କୁ ନିମନ୍ତ୍ରଣ କରିବାକୁ ନିୟମ ରହିଥିଲେ ମଧ୍ୟ ଯାଜପୁର ଜିଲ୍ଲାର ବିଜୁ ଜନତା ଦଳର ବିଧାୟକ ଓ ବିଧାୟିକାମାନଙ୍କୁ ଏଥିପାଇଁ କୌଣସି ଅବଗତ କରାଯାଇନଥିବା ଅଭିଯୋଗ ହୋଇଛି। ଓଲଟି ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ବିଜେପିର ଦଳୀୟ କର୍ମୀ ଓ କୁଜି ନେତା ମାନେ ସାମିଲ ହେବା ଘଟଣାକୁ ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରଶ୍ନ ଉଠାଇଛନ୍ତି।



ଦ୍ୱିତୀୟ ଦିନରେ ସେ ଆଜି ପ୍ରଥମେ ଦଶରଥପୁର ବ୍ଲକ ସିଦ୍ଧେଶ୍ୱର ସ୍ଥିତ ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନରେ ଯାଇ ସ୍ଥିତିର ସମୀକ୍ଷା କରିଥିଲେ। ପ୍ରକଳ୍ପର ବିଭିନ୍ନ ଅଂଶ ବୁଲି ଦେଖିବା ସହ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ପରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ସୁଫଳ କିପରି ମିଳିବ ସେ ସମ୍ପର୍କରେ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ସୂଚନା ନ ଦେଇ ଓଲଟି ପୂର୍ବ ସରକାରଙ୍କୁ ସମାଲୋଚନା କରିଥିଲେ ମନ୍ତ୍ରୀ। ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିଛନ୍ତି ଯାଜପୁର ବିଧାୟିକା ସୁଜାତା ସାହୁ। ଗତ ଦୁଇ ବର୍ଷ ଧରି ବିଜେପି ସରକାରକୁ ଆସିଲାଣି, ଯଦି ପ୍ରକଳ୍ପରେ ତ୍ରୁଟି ରହିଛି ତେବେ ସେହି ତ୍ରୁଟିକୁ କିଭଳି ସୁଧାର ଅଣାଯିବ ସେ ନେଇ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ ଜିଲ୍ଲାକୁ ସମୀକ୍ଷା ବୈଠକରେ ଆସୁଥିବା ବେଳେ ଲୁଚି ଲୁଚି କାହିଁକି ଆସୁଛନ୍ତି। ସମସ୍ତ ବିଧାୟକଙ୍କୁ କାହିଁକି ଏଥିପାଇଁ ଅବଗତ କରାଯାଉନାହିଁ। ଏହା ସମୀକ୍ଷା ବୈଠକ ନା ଦଳୀୟ ବୈଠକ ବୋଲି ପ୍ରଶ୍ନ କରିବା ସହିତ ବୈତରଣୀର ଉପର ମୁଣ୍ଡରେ ବାଲି ମାଫିଆ ମାନେ ବାଲି ଚାଲାଣ କରୁଥିବାରୁ ନଦୀରେ ପାଣି ଛଡାଯାଉନାହିଁ। ଫଳରେ ସିଦ୍ଧେଶ୍ୱର ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣି ଆସିପାରୁନାହିଁ। କିନ୍ତୁ ମାଫିଆଙ୍କୁ ସୁରକ୍ଷା ଦେବାକୁ ଯାଇ ମନ୍ତ୍ରୀ ପୂର୍ବ ସରକାର ଉପରେ ଦେଉଥିବା ଅଭିଯୋଗ କରିଛନ୍ତି ବିଧାୟିକା। ଜିଲ୍ଲାପାଳ ଅଫିସ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କଲେ ବିଧାୟକ, ମନ୍ତ୍ରୀ

କବାଟବନ୍ଧ, ୧୫।୫(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଉଲକ୍ଷ୍ମୀ ପଞ୍ଚାୟତ ବାଲିକୁଦିଆ ଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପକୁ ପରିଦର୍ଶନ କରିଛନ୍ତି ବିଧାୟକ, ମନ୍ତ୍ରୀ ଏବଂ ଜିଲ୍ଲା ପ୍ରଶାସନ। ସୋମବାର ଅପରାହ୍ନରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗୀୟ ମନ୍ତ୍ରୀ ରବି ନାୟକ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଜାଣିବା ସହିତ କମ୍ପାନୀ ଉପରେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ପ୍ରାୟ ୧୧୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟଅଟକଳ ହୋଇଥିବା ଏହି ପ୍ରକଳ୍ପ ୫ ବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିଲାନାହିଁ।



୨୦୨୦ ମସିହାରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଧର୍ମଶାଳା ବ୍ଲକର ୪୫ ଗୋଟି ପଞ୍ଚାୟତର ୪୦, ୬୭୫ ପରିବାରକୁ ଶୁଦ୍ଧ ପାନୀୟ ଜଳ ପାଇପରେ ସୁବିଧା ପାଇବେ। ପୂର୍ବରୁ ପ୍ରକଳ୍ପର ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରକାଶ କରିଥିବା କମ୍ପାନୀ କର୍ତ୍ତୃପକ୍ଷ କିନ୍ତୁ କାମ ଶେଷ ପାଇଁ ଆଉ ପ୍ରାୟ ୬ ମାସ ସମୟ ଲାଗିବ ବୋଲି କହିଥିଲେ। ଦୁଇ ବର୍ଷ ପୂର୍ବରୁ ଅର୍ଥାତ ୨୦୨୪ ମସିହାରେ ସରିବା କାର୍ଯ୍ୟ ଅଦ୍ୟାବଧି କାହିଁକି ସରିନାହିଁ ବୋଲି ବିଧାୟକ କମ୍ପାନୀକୁ ପ୍ରଶ୍ନ କରିବା ସହିତ କମ୍ପାନୀ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ କାମ ସାରି ଜଳ ଯୋଗାଣ ପାଇଁ ତାଗିଦ୍ କରିଥିଲେ। ପ୍ରକଳ୍ପ ଅଞ୍ଚଳରେ ରହିଥିବା କିଛି ପଞ୍ଚାୟତକୁ ପ୍ରଥମ ପର୍ଯ୍ୟାୟରେ ଶୀଘ୍ର ଜଳ ଯୋଗାଣ ପାଇଁ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବାରମ୍ବାର ସମୀକ୍ଷା ବୈଠକରେ ମେଗା କେବଳ ହଁ ହଁରେ ସମୟ ଗଡ଼ାଇ ଚାଲୁଥିବା ବେଳେ ଏଥର ଆଉ ଛଡ଼ାଯିବ ନାହିଁ ବୋଲି କହିବା ସହିତ ଆବଶ୍ୟକ ହେଲେ ମେଗା କମ୍ପାନୀ ନାମରେ ମାମଲା ମଧ୍ୟ ରୁଜୁ କରାଯିବ ବୋଲି ଚେତାବନୀ ଦେଇଥିଲେ। ପୂର୍ବରୁ ମଧ୍ୟ ତତ୍କାଳୀନ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ୨୦୨୫ ମସିହା ଜୁଲାଇ ୨୧ ତାରିଖରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଦୁଇ ମାସରେ ପ୍ରକଳ୍ପ ଚାଲୁହେବ ବୋଲି ସମାନ କଥା କହି ଧୁଆଁ ଭୁଲାଇଥିଲେ। କମ୍ପାନୀର ଏଭଳି ଟାଳଟୁଳ ନୀତିକୁ ନେଇ ଉଭୟ ମନ୍ତ୍ରୀ ଏବଂ ବିଧାୟକ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ପ୍ରକଳ୍ପ ପରିଦର୍ଶନ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅମ୍ବର କୁମାର କର, ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଧର୍ମଶାଳା ବିଡିଓ, ସହକାରୀ ଯନ୍ତ୍ରୀ ସୁକିନ୍ଦା, ଧର୍ମଶାଳା, ଯାଜପୁର, ଜିଲ୍ଲା ବିଜେପି ସଭାପତି ଦେବକାନ୍ତି ପ୍ରଧାନ, ବିଜେପି ନେତା ଗୌତମ ରାୟଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ସରକାରୀ ଯୋଜନା ବଣ୍ଟନ



ଧର୍ମଶାଳା, ୧୫।୫(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଆଜି ପଞ୍ଚାୟତିରାଜ ମନ୍ତ୍ରୀ ଓ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ହିତାଧିକାରୀମାନଙ୍କୁ ସରକାରୀ ଯୋଜନା ପ୍ରଦାନ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ଓ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ସମସ୍ତ ଗରିବ ଭୂମିହିନ ମାନଙ୍କୁ ଜମିପଟ୍ଟା ପ୍ରଦାନ କରାଯିବା ସହ ଅନ୍ତ୍ୟୋଦୟ ଗୃହ ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୪ ଗୋଟି ପଞ୍ଚାୟତରୁ ୯୭୬ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଆବାସର କାର୍ଯ୍ୟାଦେଶ, ୫୮୮ ଜଣଙ୍କୁ ରାସନ କାର୍ଡ, ୬୬୭ ଜଣ ହିତାଧିକାରୀଙ୍କୁ ଭତ୍ତା ଓ ୧୧୮ ଜଣ ଭୂମିହିନଙ୍କୁ ଜମିପଟ୍ଟା ପ୍ରଦାନ କରିଥିଲେ। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ ଭରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ରସୁଲପୁର ବିଡିଓ ସଦାନନ୍ଦ ଦାସ, ଧର୍ମଶାଳା ତହସିଲଦାର ସମୀର ଦାସ, ବିଜେପି ଜିଲ୍ଲାସଭାପତି ଦେବକାନ୍ତି ପ୍ରଧାନ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ସୁଚିସ୍ମିତା ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନ ସମେତ ଯୁବ ସଂଗଠକ ରାଜେଶ ପାଳ, ଦେବରାଜ ମିଶ୍ର, ପ୍ରଦୀପ ପରିଡ଼ା, ଜିତେନ୍ଦ୍ର ରାଉତ, ଅଭିଷେକ ରାଉତ, ବ୍ରହ୍ମାନି ପଣ୍ଡିତ, ଆଲୋକ ଲେଙ୍କା, ତପନ ମାହୁନ୍ତ, ଉପେନ୍ଦ୍ର କର ଓ ସବ୍ୟସାଚୀ ସୁନ୍ଦରରାୟ ପ୍ରମୁଖ ପରିଚାଳନା କରିବାରେ ସହାୟତା କରିଥିଲେ। ଏହି ଅବସରରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାସ୍ତରରେ ଏ-୧ ରଖିଥିବା ୯ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ୧୦୪ ଜଣ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ତିନିଚକିଆ ଇ-ସ୍କୁଟର ବଣ୍ଟନ କରାଯାଇଥିଲା।

# ସୂକ୍ଷ୍ମ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ଦଶରଥପୁର, ୧୫।୫(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ଚମ୍ପେଇପାଳ ପଞ୍ଚାୟତ ବୈକୁଣ୍ଠପୁର ଗ୍ରାମରେ ଥାନଲ ଦୟା ରିହାବିଲିଷ୍ଟେସନ ଟ୍ରଷ୍ଟ ପକ୍ଷରୁ ମାଇକ୍ରୋ ଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ରସାନନ୍ଦ ଦାସ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସ୍ଥାର ଜିଲ୍ଲା ସଂଯୋଜକ କ୍ରିଷ୍ଣା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମବାସୀ ଓ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିବା ବେଳେ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ତମ ପ୍ରଶିକ୍ଷଣ ସହିତ ଶିକ୍ଷାର୍ଥୀଙ୍କ ଗୁରୁତ୍ୱ ପ୍ରଦାନ, ଅଧାରୁ ପାଠପଢ଼ା ଛାଡିଥିବା ପିଲାମାନଙ୍କୁ ପୁନର୍ବାର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ବିଷୟରେ ଆଲୋଚନା ହୋଇଥିଲା। ଏହି ପ୍ରଶିକ୍ଷଣ କେନ୍ଦ୍ର ଗାଁର ଶିକ୍ଷା ବିକାଶରେ ଏକ ଭଲ ପଦକ୍ଷେପ ବୋଲି ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମାଧବ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ରମାକାନ୍ତ ଦାସଙ୍କ ସମେତ ଶିକ୍ଷାକେନ୍ଦ୍ରର ପ୍ରଶିକ୍ଷିକା ଝରଣା ଦାସ ସାମିଲ ହୋଇଥିଲେ।




**● ମାଣ୍ଡୁକା ପାହାଡ଼ରେ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ମାମଲା**

# ମୁଖ୍ୟଶାସନ ସଚିବଙ୍କୁ ଜରିମାନା କଲା ଏନ୍‌ଜିଟି

**ଡିଡିଏମ୍, ତହସିଲଦାର, ଲିଜ୍‌ଧାରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ନିର୍ଦ୍ଦେଶ**

ଯାଜପୁର, ୧୫।୫(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦର୍ପଣୀ ତହସିଲ ମାଣ୍ଡୁକା ପାହାଡ଼ରେ ଚାଲିଥିବା ବେଆଇନ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ମାମଲାରେ ଏନ୍‌ଜିଟିଙ୍କ କଠୋର ଆଭିମୁଖ୍ୟ ଦେଖିବାକୁ ମିଳିଛି। ଏହି ପାହାଡ଼ରେ ବାରମ୍ବାର ବେଆଇନ ଖନନ ନେଇ ସ୍ଥାନୀୟ ଗ୍ରାମବାସୀ ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ ପକ୍ଷରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଆବେଦନକୁ ଏନ୍‌ଜିଟି ଗ୍ରହଣ କରି ମୁଖ୍ୟ ଶାସନ ସଚିବ, ଯାଜପୁର ଜିଲ୍ଲାପାଳ, ଡିଡିଏମ, ଦର୍ପଣ ତହସିଲଦାର, ବନ ବିଭାଗ, ପ୍ରଦୂଷଣ ବିଭାଗ, ସିଆ କର୍ତ୍ତୁପକ୍ଷ, ଓର୍‌ସାକ ଏବଂ ଲିଜଧାରୀଙ୍କୁ ପକ୍ଷ କରାଯାଇଥିଲା। ଏହି ବେଆଇନ ଖନନ ସମ୍ପର୍କରେ ଏନ୍‌ଜିଟି ବାରମ୍ବାର ତଥ୍ୟ ପ୍ରଦାନ କରିବାକୁ ନୋଟିସ୍ ଦେଇଥିଲେ ମଧ୍ୟ ପକ୍ଷ ମାନେ ସଠିକ୍ ସମୟରେ ତଥ୍ୟ ନ ଦେବା ଏବଂ ଭ୍ରମାତ୍ମକ ତଥ୍ୟ ଦେଇଥିବା ନେଇ କ୍ଷୁବ୍ଧ ହୋଇଛନ୍ତି। ଏଥିପାଇଁ ବେଆଇନ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ସମ୍ପର୍କରେ ଆଗାମୀ ୪ ସପ୍ତାହ ମଧ୍ୟରେ ସାନି ତଥ୍ୟ ପ୍ରଦାନ କରିବାକୁ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହିତ ମୁଖ୍ୟ ଶାସନ ସଚିବ, ଡିଡିଏମ୍, ଦର୍ପଣ ତହସିଲଦାର ଏବଂ ଲିଜଧାରୀ ହରପ୍ରସାଦ ସେନାପତିଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜରିମାନା ଅର୍ଥ ଏନ୍‌ଜିଟିର କୋଲକତା ବେଞ୍ଚରେ ଆସନ୍ତା ୪ ସପ୍ତାହ ମଧ୍ୟରେ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାର ପରବର୍ତ୍ତି ଶୁଣାଣି ଅଗଷ୍ଟ ୭ ତାରିଖକୁ ରହିଥିବା ଜଣାପଡ଼ିଛି। ଏହି ମାମଲାକୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଏବଂ ଆଶୁତୋଷ ପାଢ଼ି ପରିଚାଳନା କରୁଥିଲେ।

# ଖରାବେଳେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ

ଧର୍ମଶାଳା, ୧୫।୫(ସମିସ): ଧର୍ମଶାଳା ବ୍ଲକ ଜାରକା ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ ମନମୁଖୀ କାର୍ଯ୍ୟ ପାଇଁ ଗ୍ରାହକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଖରା ଦିନ ଉଦଉଦିଆ ଖରା ବେଳେ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ ସେବା ଠପ୍ ହୋଇ ଯାଇଥିବା କାରଣରୁ ଲୋକେ ଗରମରେ ଛଟପଟ ହୋଇଥିଲେ। ସୂଚନା ଅନୁଯାୟୀ ଶୁକ୍ରବାର ଦିନ ପ୍ରାୟ ଦିନ ୧୨.୩୦ରୁ ୨. ୩୦ ପର୍ଯ୍ୟନ୍ତ ଜାରକାରୁ କାଏମାକୁ ସଂଯୋଗ କରୁଥିବା ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ହଜାର ହଜାର ଲୋକ ଗରମ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ବର୍ଷା, ପବନ, ଘଡ଼ଘଡ଼ି କିମ୍ବା ବିଜୁଳି ପାଇଁ କୌଣସି ବିଭ୍ରାଟ ନଥିବା ସତ୍ତ୍ୱେ ଖରା ଉତ୍ତାପ ଜୋର ରହିଥିବା ବେଳେ ବିଦ୍ୟୁତ୍ କଟିବାର କାରଣ କିଛି ଜଣା ପଡ଼ି ନଥିଲା। ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ବି ସେମାନଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିବା କାରଣରୁ କୌଣସି କାରଣ ଜଣା ପଡ଼ି ନଥିଲା। ଏହି ସମୟରେ ଜାରକା ଡିଭିଜନ ଏସଡିଓ ସନ୍ତୋଷ ପରିଡ଼ାଙ୍କୁ ଏ ବିଷୟରେ ପଚାରିବାରୁ ସେ ଜାଣିନାହାନ୍ତି, କହିପାରିବେ ନାହିଁ ବୋଲି କହିଥିଲେ ଏବଂ କଷ୍ଟମର କେୟାରଙ୍କୁ ପଚାରି ବୁଝିବାକୁ କହିଥିଲେ। ବିନା କାରଣରେ ବିଦ୍ୟୁତ୍ ସେବା ବନ୍ଦ ହେଲେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିବା ବେଳେ ଜାରକା ଏସ୍‌ଡିଓ ମହୋଦୟ କାହା ସାହସ ଓ ଇଙ୍ଗିତରେ ବାରମ୍ବାର ବିଦ୍ୟୁତ୍ ସେବା ବନ୍ଦ କରୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ଉପରେ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି।

# ଗୋଟିଏ ରାତିରେ ୪ ଜଣଙ୍କ ଘରୁ ଚୋରି

ବରୁଆଁ, ୧୫।୫(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଏରବାଙ୍କ ପଞ୍ଚାୟତର ୪ ଜଣଙ୍କ ଘରୁ ଚୋରି ହୋଇଥିବା ଜଣାପଡ଼ିଛି। ଏହି ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ପାଣ୍ଡବ ଜେନାଙ୍କ ଘରୁ ଗତ ରାତି ପ୍ରାୟ ୩ଟା ସମୟରେ ଚୋରମାନେ ଘରେ ପଶି ଆଲମିରା ଓ ବାକ୍ସ ଭାଙ୍ଗି ନଗଦ ୮୦ ହଜାର ଟଙ୍କା ସମେତ ଏକ ଗୋଟି ୧୫ ଗ୍ରାମ ଓଜନର ସୁନା ରାଣୀହାର, ୧୨ ଗ୍ରାମ ଓଜନର ଦୁଇଟି ସୁନା ଚେନ୍, ୨ ହଳ ସୁନା କାନ ଫୁଲ, ୪ ଗୋଟି ସୁନା ମୁଦି, ଗୋଟିଏ ରୂପା ଅଣ୍ଟା ବିଛା, ଗୋଟିଏ ମୋବାଇଲ୍, ବହୁ ଦାମୀ ଶାଢ଼ି ଚୋରି ହୋଇଥିବା ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଚୋରମାନେ ଯିବାବେଳେ ଘରର ବାହାର ପଟୁ ବନ୍ଦ କରି ପଳାଇ ଯାଇଥିଲେ। ଅନ୍ୟଟି ସେହି ଗ୍ରାମର ପ୍ରଦୀପ ମଲିକଙ୍କ ଘରେ ଥିବା ଆଟାଚ୍ ଓ ବାକ୍ସ ଭାଙ୍ଗି ନଗଦ ୫ ହଜାର ଟଙ୍କା, ୩ ଗୋଟି ହାତ ଘଣ୍ଟା, ଏଟିଏମ୍ କାର୍ଡ, ଆଧାର କାର୍ଡ, ସାର୍ଟିଫିକେଟ ସମେତ ବହୁ ଜରୁରୀ କାଗଜପତ୍ର ଚୋରି ହୋଇଥିବା ବେଳେ ଏରବାଙ୍କ ଗ୍ରାମର ମାନସ ଜେନାଙ୍କ ଘରୁ ଆଲମିରା ଭାଙ୍ଗି ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ହାର, ଗୋଟିଏ ସୁନା ବ୍ରେସ୍‌ଲେଟ୍, ଗୋଟିଏ ସୁନା ଲକେଟ୍, ସମୁଦାୟ ସୁନା ଗହଣାର ଓଜନ ପ୍ରାୟ ୮ ଭରି ଓ ନଗଦ ୩୫୦୦ ଟଙ୍କା ଚୋରି ହୋଇଥିବା ସଦର ଥାନା ଅଭିଯୋଗ ହୋଇଛି। ସଦର ଥାନା ପକ୍ଷରୁ ପୃଥକ୍ ପୃଥକ୍ ଭାବେ କେସ ନମ୍ବର୍ ୧୮୧/୨୬ ଓ ୧୮୦/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିବା ସଦର ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ସର୍ବୋଚ୍ଚ ନ୍ୟାୟାଳୟରେ ବିଶେଷ ଲୋକ ଅଦାଲତ

ଯାଜପୁର, ୧୫।୫(ସମିସ): ସହଭାଗୀ ନ୍ୟାୟ ଏବଂ ଲୋକଙ୍କ ନିକଟରେ ନ୍ୟାୟିକ ସେବା ପରିକଳ୍ପନାକୁ ଆଗକୁ ବଢ଼ାଇବା ପାଇଁ 'ଦେଶବ୍ୟାପୀ ମଧ୍ୟସ୍ଥତାଭିତ୍ତିକ ବିଚାର ଏବଂ ବିବାଦର ସଦ୍‌ଭାବନାପୂର୍ଣ୍ଣ ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପଦକ୍ଷେପ 'ସମାଧାନ ସମାରୋହ'କୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଆୟୋଜନ କରୁଛନ୍ତି। ଏହା ୨୧ ଏପ୍ରିଲ ୨୦୨୬ରୁ ଆରମ୍ଭ ହୋଇ ୨୧, ୨୨ ଏବଂ ୨୩ ଅଗଷ୍ଟ ୨୦୨୬ରେ ଏକ ବିଶେଷ ଲୋକ ଅଦାଲତ ଅନୁଷ୍ଠିତ ହେବା ସହିତ ସମାପ୍ତ ହେବ। ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଚାରାଧୀନ ମାମଲାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ସୁଗମ କରିବା। ଏହି ପଦକ୍ଷେପ ଅଧୀନରେ ବିବାଦର ପ୍ରଭାବଶାଳୀ ସମାଧାନରେ ସମସ୍ତ ଅଧିବକ୍ତା, ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ, ଯାଜପୁର ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

# ବିଞ୍ଝାରପୁର ଅଞ୍ଚଳରୁ ଲୀନ ହେବାକୁ ବସିଲାଣି ଖରସ୍ରୋତା

ବିଞ୍ଝାରପୁର, ୧୩।୫(ସମିସ): ବିଞ୍ଝାରପୁର ଅଞ୍ଚଳର ଜୀବନରେଖା ଭାବେ ପରିଚିତ ଖରସ୍ରୋତା ନଦୀ ଏବେ ଗଭୀର ସଙ୍କଟ ମଧ୍ୟରେ ଗତି କରୁଛି। ବର୍ଷ ବର୍ଷ ଧରି ଏହି ନଦୀର ପାଣି ଚାଷ କାମ, ପରିବେଶ ଓ ଲୋକଜୀବନକୁ ସମୃଦ୍ଧ କରିଆସୁଥିବା ବେଳେ ବର୍ତ୍ତମାନ ବେଆଇନ ଭାବେ ମାଟି ଓ ବାଲି ଉତ୍ତୋଳନ ଯୋଗୁଁ ନଦୀର ସ୍ୱାଭାବିକ ରୂପ ଧ୍ୱଂସ ହେବାକୁ ବସିଛି। ଦିନରାତି ଟ୍ରାକ୍ଟର ଓ ହାଇୱା ମାଧ୍ୟମରେ ବାଲି ଓ ମାଟି ବାହାରକୁ ଚାଲାଣ ହେଉଥିବା ଦୃଶ୍ୟ ସାଧାରଣ ଲୋକଙ୍କୁ ଚିନ୍ତିତ କରିଛି। ଅଭିଯୋଗ ହେଉଛି, ନଦୀରୁ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବାଲି ଓ ମାଟି ଉଠାଯାଇ ବାହାର ଜିଲ୍ଲାକୁ ପ୍ରେରଣ କରାଯାଉଛି। ଏହାର ପ୍ରଭାବରେ ନଦୀ ପଥ ପରିବର୍ତ୍ତନ ହେଉଥିବା ସହ ବର୍ଷା ଦିନରେ ବନ୍ୟା ଆଶଙ୍କା ବଢ଼ିବାର ସମ୍ଭାବନା ଦେଖାଦେଇଛି। ଅନେକ ସ୍ଥାନରେ ନଦୀ କୂଳ ଭାଙ୍ଗିବା ଆରମ୍ଭ ହୋଇଥିବା ବେଳେ ଚାଷଜମି ନଷ୍ଟ ହେଉଛି, ଭୂଗର୍ଭ ଜଳସ୍ତର କମୁଛି ଏବଂ ଜଳଜୀବୀ ପ୍ରାଣୀମାନେ ମଧ୍ୟ ବିପଦରେ ପଡ଼ୁଛନ୍ତି।



ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ, ଏହା କେବଳ ପରିବେଶର ପ୍ରଶ୍ନ ନୁହେଁ, ଆସନ୍ତା ପିଢ଼ିର ଭବିଷ୍ୟତ ସହ ଜଡ଼ିତ ଏକ ଗୁରୁତର ବିଷୟ। ତଥାପି ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନେଇଯାଉନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ୁଛି। ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ, ବେଆଇନ ଖନନକୁ ତୁରନ୍ତ ବନ୍ଦ କରାଯାଇ ନଦୀକୁ ସୁରକ୍ଷା ଦିଆଯାଉ। ପୁଲିସ, ତହସିଲ ପ୍ରଶାସନ ଓ ସମ୍ପୃକ୍ତ ବିଭାଗମାନେ ଏହା ଉପରେ କଡ଼ା ନଜର ରଖି ଆଇନ ଅନୁଯାୟୀ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହି ସମସ୍ୟା କୌଣସି ଗୋଟିଏ ଦଳ କିମ୍ବା ବ୍ୟକ୍ତିର ନୁହେଁ, ବରଂ ସମଗ୍ର ଅଞ୍ଚଳର ସମସ୍ୟା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ସମସ୍ତ ରାଜନୈତିକ ଦଳ, ସମାଜସେବୀ ସଂଗଠନ ଓ ସାଧାରଣ ଜନତା ଏକତ୍ର ହୋଇ ଖରସ୍ରୋତା ନଦୀ ସୁରକ୍ଷା ପାଇଁ ଆଗକୁ ଆସିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। 'ନଦୀ ବଞ୍ଚିଲେ ପରିବେଶ ବଞ୍ଚିବ, ଚାଷ ବଞ୍ଚିବ ଏବଂ ମଣିଷର ଜୀବନ ବଞ୍ଚିବ' ବୋଲି ସଚେତନ ମହଲ ମତ ଦେଇଛନ୍ତି। ସମୟ ଥିବା ବେଳେ ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ବେଆଇନ ମାଟି ଓ ବାଲି ଉତ୍ତୋଳନ ବନ୍ଦ କରି ଖରସ୍ରୋତା ନଦୀକୁ ସୁରକ୍ଷା ଦେବାକୁ ବିଞ୍ଝାରପୁରବାସୀ ଦାବି କରିଛନ୍ତି।

# ଶ୍ରୀବିରଜା ସେବା ସମିତିର ଶୋକସଭା

ଯାଜପୁର, ୧୫।୫(ସମିସ): ଶ୍ରୀବିରଜା ସେବା ସମିତିର ବରିଷ୍ଠ ସଭ୍ୟ ତଥା ସମିତିର ଆଇନ ପରାମର୍ଶଦାତା ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସେ ଯାଜପୁର କୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଭାବେ ସୁନାମ ଅର୍ଜନ କରିଥିଲେ। ତାହା ସହିତ ଶ୍ରୀବିରଜା ସେବା ସମିତିର ବିଭିନ୍ନ କାର୍ଯ୍ୟରେ ସମ୍ପୃକ୍ତି ରହିବା ସହିତ ମନ୍ଦିରର ପଣ୍ଡିତ ସଭାର ସଭ୍ୟ ହିସାବରେ ମନ୍ଦିର ଉନ୍ନତିମୂଳକ କାର୍ଯ୍ୟ କରିବାରେ ସହାୟକ ହେଉଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀବିରଜା ସେବା ସମିତି ପକ୍ଷରୁ ବିରଜା ମନ୍ଦିର ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଏହି ସ୍ମୃତିସଭାରେ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, କୋଷାଧ୍ୟକ୍ଷ ହରିହର ବେହେରା, ସଭ୍ୟ କହ୍ନାଇ ଚରଣ ମହାନ୍ତି, କୃଷ୍ଣଚନ୍ଦ୍ର ମିଶ୍ର, ମିହିର ରଞ୍ଜନ ନାୟକ, ବ୍ରହ୍ମାନନ୍ଦ ସ୍ୱାଇଁ, ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ଗଦାଧର ରାଉତ, ନୃସିଂହ ଚରଣ ଜେନା, ରାମଚନ୍ଦ୍ର ବେହୁରିଆ, ଭରତ ଚନ୍ଦ୍ର ସାହୁ, ବିରଜା ପ୍ରସାଦ ପାଣି, ଦେବୀ ପ୍ରସାଦ ପାଣି, ମଳୟ କୁମାର ପଣ୍ଡା, ସୁଧାରଞ୍ଜନ ପଣ୍ଡା ପ୍ରଭୃତି ସଭ୍ୟମାନେ ଯୋଗଦେଇଥିଲେ।

# ଶ୍ରମିକଙ୍କ ଜୀବନବୀମା ବାଧ୍ୟତାମୂଳକ କରିବା ଦାବି

ବ୍ୟାସନଗର, ୧୫।୫(ସମିସ): ନୀଳାଞ୍ଚଳ ଇସ୍ପାତ ନିଗମ ଲିମିଟେଡ୍‌ରେ କାର୍ଯ୍ୟରତ ଇଞ୍ଜିନିଅରଙ୍କ ମୃତ୍ୟୁ ପରେ ନୀଳାଞ୍ଚଳ ମିଳିତ ମଞ୍ଚ ଶ୍ରମିକ ସଙ୍ଘ ଉଦ୍ୟମକ୍ରମେ ଟାଟା ଷ୍ଟିଲ କ୍ଷତିପୂରଣ ସହ ଜୀବନବୀମା ପ୍ରଦାନ କରିଛି। କିନ୍ତୁ ଖଣି ଠାରୁ ଶିଳ୍ପରେ କାର୍ଯ୍ୟରତ ଶ୍ରମିକଗଣଙ୍କ ଭବିଷ୍ୟତ ପାଇଁ ଜୀବନବୀମା ଏକ ପ୍ରକାର ସ୍ୱପ୍ନ ହୋଇ ରହିଯାଇଛି। ଯାହାକୁ ନେଇ ସିଭିଲ ସୋସାଇଟି ଏବଂ ଏସ୍‌ସି ଏସ୍‌ଟି ଜଏଣ୍ଟ ଆକ୍ସନ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଜୀବନବୀମାକୁ ବାଧ୍ୟତା ମୂଳକ କରିବାକୁ ଦାବି କରାଯାଇଛି।



ସୂଚନାଯୋଗ୍ୟ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ମାଳ ମାଳ ଶିଳ୍ପ ସଂସ୍ଥା ଗଢିଉଠିଛି। ରାଜ୍ୟ ଠାରୁ ରାଜ୍ୟ ବାହାର ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଶ୍ରମିକ ନିୟୋଜିତ ହୋଇ କାର୍ଯ୍ୟକରୁଥିବା ଦେଖିବାକୁ ମିଳୁଛି। ଶ୍ରମିକବର୍ଗଙ୍କ ଝାଳ ବୁହା ପରିଶ୍ରମରେ ଶିଳ୍ପ ସଂସ୍ଥା ଗୁଡିକ ପ୍ରତିବର୍ଷ ଲାଭାଂଶ ପାଇ ଆସୁଥିବା ବେଳେ ଶ୍ରମିକମାନଙ୍କ ଅଧିକାର ପ୍ରତି ଶିଳ୍ପ ସଂସ୍ଥା ଗୁଡିକ ଆଖିବୁଜି ଦେଉଥିବା ଅନୁମେୟ ହେଉଛି। ଶ୍ରମିକମାନଙ୍କ ପାଇଁ ସାମାନ୍ୟ ଜୀବନ ବୀମାଟିଏ କରିବାକୁ ଶିଳ୍ପ ସଂସ୍ଥା ଗୁଡିକ ଧ୍ୟାନ ଦେଉନଥିବା ଅଭିଯୋଗ ଆଣି ସିଭିଲ ସୋସାଇଟି ଯାଜପୁରର ସମ୍ପାଦକ ବିଶ୍ୱନାଥ ପାତ୍ର ଏବଂ ଏସ୍‌ଟି ଏସସି ଜଏଣ୍ଟ ଆକ୍ସନ କମିଟି ଯାଜପୁରର ଦୁଷ୍ମନ୍ତ ଜେନାଙ୍କ ମିଳିତ ଆହ୍ୱାନ କ୍ରମେ ଯାଜପୁରରୋଡ୍‌ର ଉତ୍ସବ ପ୍ୟାଲେସଠାରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ବିଶ୍ୱନାଥ ପାତ୍ର, ଦୁଷ୍ମନ୍ତ ଜେନାଙ୍କ ସହ ଆମ୍ବେଦକର ଫାଉଣ୍ଡେସନର କାର୍ତ୍ତିକ ମଲ୍ଲିକ, ବାବନ ମଲ୍ଲିକ, ବିଜୟ ଉପାଧ୍ୟାୟ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତେକ ଶ୍ରମିକଙ୍କ ଭବିଷ୍ୟତ, ପରିବାରର ସୁରକ୍ଷା ପାଇଁ ଜୀବନବୀମାକୁ ବାଧ୍ୟତା ମୂଳକ କରିବାକୁ ଉକ୍ତ ସଂଗଠନ ଗୁଡିକ ପକ୍ଷରୁ ଦାବି ହୋଇଛି। ନୀଳାଞ୍ଚଳ ମିଳିତ ମଞ୍ଚ ଶ୍ରମିକ ସଙ୍ଘ ସଂଘର୍ଷରେ ଟାଟା ଷ୍ଟିଲ ଯେଉଁ ଭଳି ସହାୟତା ରାଶି ପ୍ରଦାନ କରୁଛି ସେହିଭଳି ସମସ୍ତ ଶ୍ରମିକଙ୍କ ପାଇଁ ଖଣି ଠାରୁ ଶିଳ୍ପ ପର୍ଯ୍ୟନ୍ତ ଉତ୍ତରଦାୟୀ ହେବାକୁ ଦାବି କରାଯାଇଛି।

# ଛିଣ୍ଡା ଖରସ୍ରୋତା ପୁନଃରୁଦ୍ଧାର କାର୍ଯ୍ୟରେ ଅନିୟମିତତା

କୁଆଖିଆ, ୧୫।୫(ସମିସ)

ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ାଠାରୁ ଖଣ୍ଡିତର ପର୍ଯ୍ୟନ୍ତ ୧୩ କିମି ବିଶିଷ୍ଟ ଛିଣ୍ଡା ଖରସ୍ରୋତା ନଦୀ ପୁନଃରୁଦ୍ଧାର କାର୍ଯ୍ୟରେ ଅନିୟମିତତା ଦେଖାଦେଇଛି। ସୂଚନା ଅନୁଯାଇ ଏହି ନଦୀର ଦଳ ସଫେଇ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ଦଳ ସଫେଇ ନାଁରେ ବିଭାଗ ପକ୍ଷରୁ ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ ହୋଇଯାଇଥିବା ଜଣାପଡ଼ିଛି। ଏହାକୁ ନେଇ ନଦୀ କୂଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି କାର୍ଯ୍ୟ ଚଣ୍ଡିଖୋଲ ଡ୍ରେନେଜ ବିଭାଗ ତତ୍ତ୍ୱାବଧାନରେ କରାଯାଉଥିବା ବେଳେ ଠିକାଦାର ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମନମାନିରେ ହେଉଥିବା ଜଣାପଡ଼ିଛି। କୋରେଇ ନିର୍ବାଚନ ମଣ୍ଡଳୀର ଟିକରପଡ଼ା, ଗନ୍ଧଣ, ବଡ଼କଳ ଭୋଟକା, ଧର୍ମଶାଳା ନିର୍ବାଚନ ମଣ୍ଡଳୀର ରାହାମ୍ବା ନଥୁଆବର, ରସୁଲପୁର, ଶ୍ରୀବନ୍ତପୁର ଆଦି ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମର ଜନସାଧାରଣ ଏହି ନଦୀ ଦ୍ୱାରା ଉପକୃତ ହେବାର ଲକ୍ଷ୍ୟ ଥିଲେ ହେଁ ନିମ୍ନମାନର କାମକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଛି। କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମରେ ନଦୀର ଉପରମୁଣ୍ଡ ଟିକରପଡ଼ାଠାରେ ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ଗେଟ୍ ଦେଇ ନଦୀ ଜଳ ନିଷ୍କାସନ ହେଲେ ନଦୀକୂଳବାସୀଙ୍କ ଜଳ ସମସ୍ୟା ଦୂର ହେବା ସହ ଅନ୍ୟ ସୁବିଧା ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏସବୁ ସତ୍ତ୍ୱେ ଦଳପୂର୍ଣ୍ଣ ନଦୀ ଗର୍ଭକୁ ସଫେଇ ନକରି ଠିକାଦାର ପାରିକଇଁଚି ନିକଟରେ ସୁରକ୍ଷା କାନ୍ଥ ନିର୍ମାଣ କାର୍ଯ୍ୟ କରୁଛନ୍ତି। କିନ୍ତୁ ନଦୀ ଗର୍ଭକୁ ସଫେଇ ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ୨.୯୦ କୋଟି ବ୍ୟୟବରାଦ କରାଯାଇଛି। ଉକ୍ତ ଅର୍ଥରେ ନଦୀଗର୍ଭରେ ୧୧ କିମି ଲମ୍ବ ଓ ୧୦ ମିଟର ଚଉଡ଼ା ଅଞ୍ଚଳରୁ ବିଲାତି ଦଳ ସଫେଇ କାର୍ଯ୍ୟ ବାବଦକୁ ବିଭାଗ ପକ୍ଷରୁ ଦେଢ଼ କୋଟି ଟଙ୍କା ବିଲ୍ ପ୍ରଦାନ କରାଯାଇ ସାରିଲାଣି। କିନ୍ତୁ ଉକ୍ତ ଅର୍ଥରେ ଠିକାଦାରଙ୍କ ପକ୍ଷରୁ ବିପଦପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା କାନ୍ଥ, ଗାଧୁଆଘାଟ, କଂକ୍ରିଟ ଚଟାଣ ଆଦି ନିର୍ମାଣ ହୋଇପାରିନି। ଠିକାଦାର ନଦୀର ଉଭୟ ପାର୍ଶ୍ୱରୁ ଜେସିବି ମେସିନ ସହାୟତାରେ ବିଲାତି ଦଳକୁ କେତେକ ଜାଗାରେ ବାହାର କରି ମାତ୍ର ନଦୀ ଗର୍ଭରେ ଥିବା ଜଳପୂର୍ଣ୍ଣ ସ୍ଥାନରୁ ଦଳକୁ ଛାଡି ଦେଇଥିବା ଦେଖାଯାଇଛି। ଡ୍ରେନେଜ ବିଭାଗ ପକ୍ଷରୁ ବ୍ୟୟ ବରାଦ ହୋଇଥିବା ଅର୍ଥର ଠିକ୍ ବିନିଯୋଗ କରା ନ ଗଲେ ସ୍ଥାନୀୟ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ ହେବ ବୋଲି ଆଲୋଚନା ହେଉଛି।



## ଜାତୀୟ ମେଧାବୃତ୍ତି ପରୀକ୍ଷାରେ ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଫଳତା



ଟାଙ୍ଗୀ, ୧୫।୫ (ସମିସ) : ଓଡ଼ିଶା ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ ଦ୍ୱାରା ପରିଚାଳିତ ଜାତୀୟ ମେଧାବୃତ୍ତି ପରୀକ୍ଷା (ଏନଏମଏମଏସ) ଫଳ ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ ଟାଙ୍ଗୀ ବ୍ଲକ୍ ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଲିଟୁ ବେହେରା ଓ ଛାତ୍ରୀ ଦେବସ୍ମିତା ଦଳାଇ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ଛାତ୍ର ଲିଟୁ ବେହେରା ମଙ୍ଗଳାଯୋଡି କୈଳାସ ବେହେରାଙ୍କ ପୁତ୍ର ହୋଇଥିବା ବେଳେ, ଛାତ୍ରୀ ଦେବସ୍ମିତା ଦଳାଇ ମଙ୍ଗଳାଯୋଡି ତ୍ରିନାଥ ଦଳାଇଙ୍କ କନ୍ୟା ଅଟନ୍ତି। ଆଜି ବିଦ୍ୟାଳୟ ପରିବାର ତରଫରୁ ଉଭୟ ଛାତ୍ରଛାତ୍ରୀଙ୍କୁ ଫୁଲ ତୋଡା, ଚକୋଲେଟ୍ ଓ କଲମ ଦେଇ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସଲିଳ କୁମାର ସ୍ୱାଇଁ ଓ ପ୍ରସନ୍ନ କୁମାର ମଙ୍ଗରାଜ ଉଭୟ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଛାତ୍ର ଲିଟୁ ବେହେରାଙ୍କ ପିତା କୈଳାସ ବେହେରା ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଲିପ୍ତା କୁମାରୀ ଜେନା, ବିଦ୍ୟାଳୟ ପରିଚାଳନା ସଭା ସଭାପତି ନିଧିଆ ରାଉତ,ଶିକ୍ଷକ ଅମିତ୍ କୁମାର ଚକ୍ରବର୍ତ୍ତୀ, ପ୍ରତିମା ସାହୁ, ମାଧବ ମହାରଣା, ପ୍ରଶାନ୍ତ କୁମାର ସାହୁ, ମିନାକ୍ଷୀ ବେହେରା, ସତ୍ୟ ନାରାୟଣ ପଣ୍ଡା ଓ ଚିନ୍ମୟ ଚିନ୍ତନ ବାରିକ ଉଭୟ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଅନ୍ତର୍ଜାତୀୟ ସେବିକା ଦିବସ ଉଦ୍‌ଯାପିତ




ଖୋର୍ଦ୍ଧା,୧୫।୫(ସମିସ): ସ୍ଥାନୀୟ ଖୋର୍ଦ୍ଧା ସ୍କୁଲ ଏବଂ କଲେଜ୍ ଅଫ୍ ନର୍ସିଂ ପରିସରରେ ୩ଦିନ ଧରି ଚାଲିଥିବା ଆନ୍ତର୍ଜାତୀୟ ସେବିକା ଦିବସ ଉଦଯାପିତ ହୋଇଛି। ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପଠାଣି ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ତିଲୋତମା ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି ପ୍ରଥମ ବର୍ଷ ର ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟବକ୍ତା ରମେଶ କେ.ଏଚ୍., ସମ୍ମାନିତ ଅତିଥିଭାବେ ଏଡିପିଏଚ୍‌ସିଓ ରବୀନ୍ଦ୍ର କୁମାର ପରମାଣିକ, ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷା ସାରଥୀ ନାୟକ ପ୍ରମୁଖ ଯୋଗଦେଇ ସେବିକା ଦିବସର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଦିବସର ଅନ୍ତିମ ଦିବସରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଚ, ଗୀତ, ସଙ୍ଗୀତ, ରଙ୍ଗୋଲି, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଟ୍ରଷ୍ଟି ଉପମା ସାହୁଙ୍କ ସମେତ ସମସ୍ତ କର୍ମକର୍ତା, ଶିକ୍ଷକଶିକ୍ଷୟତ୍ରୀମାନେ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ। ସ୍ୱର୍ଣ୍ଣପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ।

## ଓଲସିଂହ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ପ୍ରସ୍ତୁତି




ନିରାକାରପୁର, ୧୫।୫ (ସମିସ): ଖୋର୍ଦ୍ଧା ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ତଥା ଜିଲ୍ଲାର ଦ୍ୱିତୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଭାବେ ପରିଚିତ 'ଓଲସିଂହ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟ'ର ଶତବାର୍ଷିକୀ ଉତ୍ସବ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଭବ୍ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ସଭାପତିତ୍ୱ କରି ଆଗାମୀ ଶତବାର୍ଷିକୀ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିଥି ଭାବେ ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ବିଶିଷ୍ଟ ସାମ୍ବାଦିକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଫେସର ବ୍ରହ୍ମାନନ୍ଦ ମହାନ୍ତି ଏବଂ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ଯୋଗ ଦେଇ ବିଦ୍ୟାଳୟର ଶିକ୍ଷାଦାନ ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ଭୋଳ, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ଦେବରାଜ ବରିସଲ, ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଉତ୍ସବର ରୂପରେଖ ସମ୍ପର୍କରେ ମତାମତ ରଖିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ପ୍ରେମାଞ୍ଜଳୀ ଦେବୀ, ପୂର୍ବତନ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ପରିଡ଼ା ଏବଂ ପୂର୍ବତନ ସରପଞ୍ଚ ସାନୁଜ ବରାଳ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତୁଲ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ପ୍ରତ୍ୟେକ ବ୍ଲକ୍‌ରେ ହେବ ଆଦର୍ଶ ପୁଷ୍କରିଣୀ

ଖୋର୍ଦ୍ଧା,୧୫।୫(ସମିସ): ଖୋର୍ଦ୍ଧା ଡିଷ୍ଟ୍ରିକ ଡେଭଲପମେଣ୍ଟ କୋଡିନେସନ୍ ଆଣ୍ଡ ମନଟରିଙ୍ଗ କମିଟି (ଡିଡିସିଏମସିଏମ/ଦିସା) ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅପରାଜିତା ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାପାଳ ଅମ୍ରିତରତ୍ତୁରାଜ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀଙ୍କ ପ୍ରତିନିଧି ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଉପସ୍ଥିତଥିଲେ। ବ୍ଲକ୍, ଗ୍ରାମାଂଚଳରେ ଲାଇବ୍ରେରୀ ଖୋଲିବା ଏବଂ ବ୍ଲକ୍ ପ୍ରଶାସନ ଦ୍ୱାରା ନିରନ୍ତର କାର୍ଯ୍ୟକ୍ଷମ କରାଇବା ସହ ପ୍ରତ୍ୟେକ ବ୍ଲକରେ ଅମୃତ ସରୋବର ଯୋଜନାରେ ସାଂସଦ ଓ ବିଧାୟକଙ୍କ ପାଣ୍ଠିକୁ ନେଇ ସମ୍ମିଳିତ ପାଣ୍ଠିରେ ୫ଟି ଆଦର୍ଶ ପୁଷ୍କରିଣୀ/ପୋଖରୀ କାର୍ଯ୍ୟକ୍ଷମ କରିବାକୁ ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାସହ ଅଗ୍ରାଧିକାର ଭିତିରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାକୁ ସାଂସଦ କହିଥିଲେ। ସାଂସଦ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସହ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୨୫-୨୬ ବର୍ଷରେ ୨୭ ପ୍ରକଳ୍ପ ଟେଣ୍ଡର ହେବାକୁ ଥିବାବେଳେ ଏଥିପାଇଁ ୭୧ କୋଟି ବ୍ୟୟ ଅଟକଳ ର ମଞ୍ଜୁରୀ ମିଳିଛି। ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ତାପଙ୍ଗ ଏବଂ ନିରାକାରପୁର ହାଓ୍ୱଡା-ଚେନ୍ନାଇ ମେନ ଲାଇନ୍ ବାଇପାସ୍ କାର୍ଯ୍ୟ ନିମନ୍ତେ ଅତିକମ୍ ଜମି ଅଧିଗ୍ରହଣ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ। ୨୦୨୬-୨୭ ବର୍ଷରେ ଚିଲିକା, ଖୋର୍ଦ୍ଧା ଓ ଜଟଣୀ ବ୍ଲକ୍ ପାଇଁ ୧୫ ଗୋଟି ନୂଆ ଓ ପୁନଃ ଉଦ୍ଧାର ସଡ଼କ କାର୍ଯ୍ୟ ସହ ସରଦେଇପୁରରୁ ନିମାପଡ଼ା ନିମ୍ନ ମାନର ରାସ୍ତା କାର୍ଯ୍ୟ ଅଭିଯୋଗକୁ ସମୀକ୍ଷା କରିଥିଲେ।

ପ୍ରଧାନ ମନ୍ତ୍ରୀ ଆବାସ (ଗ୍ରାମୀଣ) ଗୃହ ଯୋଜନା ରେ ଜିଲ୍ଲାରେ ୭୩୬ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ୫୮୧ ଗୃହ କାର୍ଯ୍ୟ ଶେଷ ଓ ୧୫୫ ଗୋଟି ଗୃହର କାର୍ଯ୍ୟ ଚାଲୁ ରହିଛି ବୋଲି ସମୀକ୍ଷାରୁ ସୂଚନା ମିଳିଛି। ଅନ୍ତଃଦ୍ୱୟ ଗୃହ ଯୋଜନା ରେ ୬୪୯୬ ମଞ୍ଜୁରୀ କରାଯାଇଥିବା ସ୍ଥଳେ ୬୪୫୭ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି ଓ ୩୩୨୬ ଗୃହ କାର୍ଯ୍ୟ ଶେଷ ହୋଇଛି। ଜଟଣୀ ଅଂଚଳରେ ଭେଣ୍ଡିଂ ଜୋନ କାର୍ଯ୍ୟର ସମୀକ୍ଷା, ବେଗୁନିଆ ମେଗା ଉଠା ଜଳସେଚନ ପ୍ରକଳ୍ପ ସାଂସଦ ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ସର୍ଭେରେ ୯୦୦୫୫ ମଧ୍ୟରୁ ୨୪୨୪୩ ଅଟୋ ଡିଲିସନ୍ ହୋଇଥିବା ବେଳେ ୬୫୮୧୨ ଗୃହକୁ ଭାରତ ସରକାରଙ୍କଠାରୁ ନିର୍ଦ୍ଦେଶ ଆସିଲେ କ୍ଷେତ୍ର ସର୍ଭେ କରାଯିବ ବୋଲି କୁହାଯାଇଛି।

ପ୍ରଧାନ ମନ୍ତ୍ରୀ ଆବାସ (ସହରାଞ୍ଚଳ) ୧.୦, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ)୨.୦ ରେ ୨୦୨୬-୨୭ ନିମନ୍ତେ ୧୨୩୭(ବିଏଲସି) ଏବଂ୧୮୪୫ (ଏଏଚପି) ମିଳିଛି। ଭୁବନେଶ୍ୱର ମହାନଗର ନିଗମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୧.୦ରେ ୧୨୬୬ ମଞ୍ଜୁରୀ ମିଳିଥିବାବେଳେ ୧୦୯୨ ହିଧାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେହିପରି ମନରେଗା ଯୋଜନାରେ ଆର୍ଥିକ ସଫଳତା ୬୪.୪୯ ଶତକଡା ଓ ଶ୍ରମ ପ୍ରକଳ୍ପ ସଫଳତାରେ ୯୩.୮୫ଶତକଡା ସଫଳତା ମିଳିଛି। ମନରେଗା ଓ ଭିବି - ଜୀ ରାମ ଜି ଯୋଜନା ର ଅଗ୍ରଗତି ସମ୍ପର୍କରେ ସାଂସଦ ସମୀକ୍ଷା କରିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟ, ରାମେଶ୍ୱର ରୁ ଟାଙ୍ଗୀ ୧୨୦ କି.ମି. ୮୩୦୬ କୋଟି ସଡ଼କ ପଥ ପ୍ରକଳ୍ପ କାର୍ଯ୍ୟକୁ ମଇ ୩୧ ତାରିଖ ସୁଦ୍ଧା ଭିତି ପ୍ରସ୍ତର ସ୍ଥାପନ କରିବାକୁ ସାଂସଦ ଜାତୀୟ ରାଜ ମାର୍ଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ (ସିଏଲଆଇପି) ମେଗାଲିଫ୍ଟ, ୪, ୫ ର ସମସ୍ତ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସାଂସଦ ସମୀକ୍ଷା କରିଥିଲେ। କୃଷି, ଫସଲ ବୀମା ଯୋଜନା, ମାଟି ସ୍ୱାସ୍ଥ୍ୟ କାର୍ଡ, ବସୁନ୍ଧରା ଯୋଜନା, ଟିପିସିଓଡିଏଲ କାର୍ଯ୍ୟ ସମୀକ୍ଷା ଜନଜାତି ବିଜୁଳି ଯୋଜନା, ବିଜିଜେଓ୍ୱାଇ, ଓଡିଏସ୍‌ଏସ୍‌ପି,ଏସ୍‌ଡିଏମ୍‌ଏଫ୍, ପିଏମ୍ ସୂର୍ଯ୍ୟ ଘର, ୟୁ ଏଲ ଏ ବିଜୁଳି ଯୋଜନା ସହ ଡୁଡା ଯୋଜନ ଅଧୀନ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ବୋରୋ ୱେଲ୍, ଜଳ ସେଚନ, ପ୍ରାଚୀ ଜଳସେଚନ ଖଣ୍ଡ ଅଧୀନ କୁଆଖାଇ, ପାଣ୍ଡରା, ଦୟା, କୁଶଭଦ୍ରା ଓ ଗଙ୍ଗୁଆ ପ୍ରକଳ୍ପ ର ଅଗ୍ରଗତି, ଡ୍ରେନେଜ୍ ଡିଭିଜନ, ସାଂସଦ ପାଣ୍ଠି ୨୦୨୪-୨୫ ଏବଂ ୨୦୨୫-୨୬ କୁ ମଧ୍ୟ ସାଂସଦ ସମୀକ୍ଷା କରି ଉକ୍ତ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ଭୁବେଶ୍ୱରସ୍ଥିତ ଖଣ୍ଡ ୧, ୨, ୩, କରି ସାଂସଦ ଶ୍ରୀମତୀ ଷଡଙ୍ଗୀ ଜଟଣୀ, ତାରିଣୀ ନଗର, ନାରାୟଣୀ ବିଦ୍ୟାପୀଠ, ନିଳାଦ୍ରୀ ପ୍ରାସାଦ, କାଳିଜାଇ ମନ୍ଦିର, ଗମ୍ଭାରୀ ମୁଣ୍ଡା ଆଦି ଅଂଚଳରେ ବିଦ୍ୟୁତ୍ ସେବା ତ୍ୱରାନ୍ୱିତ କରିବା ପାଇଁ ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପିଏମ (ଅଜୟ) ଅନୁସୂଚିତ ଜାତି ବିଜୁଳି ଯୋଜନା, ପିଏମ (ଯେଜିୟୁଏ) ଅନୁସୂଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପ ଜିଲ୍ଲାପାଳ ଖୋର୍ଦ୍ଧା ଓ ଭୁବନେଶ୍ୱର, ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟ ମେଣ୍ଟ ଅଧିକ୍ଷଣ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।




ଜିଲ୍ଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି ବୈଠକ

- ପ୍ରଧାନ ମନ୍ତ୍ରୀ ଆବାସ (ଗ୍ରାମୀଣ) ଗୃହ ଯୋଜନା ରେ ଜିଲ୍ଲାରେ ସରିଛି ୫୮୧ ଗୃହ କାର୍ଯ୍ୟ
- ଅନ୍ତ୍ୟୋଦୟ ଗୃହ ଯୋଜନା ରେ ୬୪୫୭ ହିତାଧିକାରୀଙ୍କୁ ମିଳିଛି ପ୍ରଥମ କିସ୍ତି, ସରିଛି ୩୩୨୬ ଗୃହ କାର୍ଯ୍ୟ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ସର୍ଭେରେ ୯୦୦୫୫ ମଧ୍ୟରୁ ୨୪୨୪୩ ଟି ଅଟୋ ଡିଲିସନ୍ ହୋଇଛି
- ମନରେଗା ଯୋଜନାରେ ଆର୍ଥିକ ସଫଳତା ୬୪.୪୯ ଶତକଡା ଓ ଶ୍ରମ ପ୍ରକଳ୍ପ ରେ ୯୩.୮୫ଶତକଡା ମିଳିଛି ସଫଳତା

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ବାଲୁଗାଁ,୧୫।୫(ସମିସ) : ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ବେଳେ ଶୁକ୍ରବାର ବାଲୁଗାଁ ପୁଲିସ ଚଢ଼ଉ କରି ଏକ ବାଲି ବୋଝଇ ହାଇୱା ଗାଡିକୁ ଜବତ କରିବା ସହ ସମ୍ପୃକ୍ତ ଗାଡି ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଜଣଙ୍କ ହେଲେ ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ପ୍ରଦିପ କୁମାର ନାୟକ। ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ତତ୍ୱାବଧାନରେ ଏ ଏସ ଆଇ ମନୋରଞ୍ଜନ ସ୍ୱାଇଁ ପୋଲିସ ଟିମ ସହ ଚୋରା ଚାଲାଣକାରୀଙ୍କ ଉପରେ କଡା ନଜର ରଖିଥିଲେ। ଶୁକ୍ରବାର ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ବେଳେ ଖବର ପାଇ ପୋଲିସ ପାଟ୍ରୋଲିଂ ଟିମ ସରଳାପଦର ଛକ ନିକଟରେ ଚଢଉ କରି ଏକ ବାଲି ବୋଝେଇ ହାଇୱା ଗାଡିକୁ ଜବତ କରିବା ସହ ଗାଡି ଚାଳକ ପ୍ରଦିପକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୁଚନା ମିଳିଛି।

## ଦେଶୀ ମଦ ସହ ସ୍କୁଟି ଜବତ, ଜଣେ ଗିରଫ

ବାଣପୁର,୧୫।୫(ସମିସ): ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ ଶୁକ୍ରବାର ସକାଳେ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବ୍ୟକ୍ତି ବାଣପୁର ଥାନା ଅନ୍ତର୍ଗତ ବେରୁଆଁବାଡି ଗ୍ରାମ ଠାରୁ ହଳଦା ଗ୍ରାମ ରାସ୍ତା ଦେଇ ଏକ ସ୍କୁଟି ଗାଡି ଯୋଗେ ଚାରି ଗୋଟି ବସ୍ତା ନେଇ ଆସୁଥିବା ବେଳେ ପୋଲିସ ସନ୍ଦେହ କରି ଗାଡିକୁ ଅଟକାଇ ତଲାସିବାରେ ଉକ୍ତ ବସ୍ତାରେ ୨୪୦ ପ୍ୟାକେଟ ତଥା ୧୨୦ ଲିଟର ବେଆଇନ ଦେଶୀ ମଦ ପାଇ ମଦ ସହ ଚୋରା ଚାଲାଣରେ ବ୍ୟବହୃତ ସ୍କୁଟି ଗାଡିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ବାଣପୁର ଥାନା ଅଧିନ ବଡସିରେଇପୁର ଗ୍ରାମର ଭଗବାନ ଦାସ (୪୨)କୁ ଗିରଫ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ବାଣପୁର ଥାନାରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ଭଗବାନକୁ କୋର୍ଟ ଚାଲାଣ କରିଛନ୍ତି।

## ଏସ୍‌ପିଙ୍କୁ ଭେଟିଲା ଓମ୍‌ସା ଜିଲ୍ଲା ଟିମ୍

**● ଡିଏମ୍‌ଓଙ୍କୁ ଆକ୍ରମଣ ଘଟଣା**

ଖୋର୍ଦ୍ଧା,୧୫।୫(ସମିସ): ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ଗତକାଲି ବକେୟା ଦରମା ଦାବିରେ ଧାରଣା ଦେଇଥିବାବେଳେ ସେମାନଙ୍କୁ ବୁଝାଇବାକୁ ଆସିଥିବା ଜିଲ୍ଲା ଚିକିତ୍ସା ଅଧିକାରୀ (ଡିଏମ୍‌ଓ) ଡା. ଶ୍ୟାମାପ୍ରସନ୍ନ ମିତ୍ରଙ୍କୁ ବାହାର ଗୁଣ୍ଡା ଡାକି ଆକ୍ରମଣ କରିବା ଘଟଣାକୁ ଓମସା ଜିଲ୍ଲା ଟିମ୍ ପକ୍ଷରୁ ନିନ୍ଦା କରାଯାଇଛି। ଆଜି ଏନେଇ ଓମସା ଜିଲ୍ଲା ଟିମ୍ ର ଏକ ପ୍ରତିନିଧିମଣ୍ଡଳୀ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତିଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଡିଏମ୍‌ଓ ଙ୍କ ସହ ହୋଇଥିବା ଏଭଳି ଘଟଣା ଅସହନୀୟ। ଯଦି ଏହାର କଡ଼ା କାର୍ଯ୍ୟାନୁଷ୍ଠାନ ନିଆନଯାଏ, ତେବେ ସମସ୍ତ ଡାକ୍ତର ସମ୍ପୂର୍ଣ୍ଣ ଅସହଯୋଗ ଆନ୍ଦୋଳନରେ ଯୋଗଦେବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉକି, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥା ଜରିଆରେ ନିୟୋଜିତ ଥିବା ସୁରକ୍ଷା କର୍ମୀମାନେ ଗତ ଅପ୍ରେଲ ମାସର ଦରମା ଦାବିରେ ଧାରଣା ଦେଇଥିଲା। ଖବରପାଇ ଧାରଣାସ୍ଥଳକୁ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ମିତ୍ର ପହଁଚି ବିନା ସୂଚନାରେ ଧାରଣା ଦେଇଥିବା ସୁରକ୍ଷା କର୍ମୀଙ୍କୁ ବୁଝାସୁଝା କରିବା ସମୟରେ ବାହାରୁ ଆସିଥିବା କିଛି ଗୁଣ୍ଡା ଡା. ମିତ୍ରଙ୍କୁ ଧକ୍କା ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରିଥିଲେ। ଏନେଇ ସେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସିଡିଏମ୍‌ଓ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ସିଡିଏମ୍‌ଓ ଜିଲ୍ଲା ବୈଠକରୁ ଉଠି ତୁରନ୍ତ ଚିକିତ୍ସାଳୟରେ ପହଁଚି ଘଟଣାର ତଦାରଖ କରିଥିଲେ। ଓଡ଼ିଶା ମେଡିକେୟାର ଆକ୍ଟ ୨୦୦୮ ଅନୁଯାୟୀ ଆଦର୍ଶ ଥାନାରେ ଏନେଇ ଅଭିଯୋଗ କରାଯାଇଛି। ଅଭିଯୋଗ ଉପରେ ପୁଲିସ ୨୭୩/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ତେବେ ଘଟଣାକୁ ୨୪ ଘଂଟା ପରେ ବି ପୁଲିସ କାହାରିକୁ ଗିରଫ ନରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେଣୁ ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ଆଜି ଓମସା ଟିମ୍ ଅତିରିକ୍ତ ଏସ୍‌ପି ମହାନ୍ତିଙ୍କୁ ଭେଟିଛି। ଭାଇରାଲ ଭିଡିଓ ଓ ସିସିଟିଭି ଫୁଟେଜ୍‌କୁ ଯାଂଚ କରାଯାଇ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଶ୍ରୀ ମହାନ୍ତି ପ୍ରତିଶୃତି ଦେଇଥିଲେ। ଏହି ଟିମ୍‌ରେ ଜିଲ୍ଲା ସମ୍ପାଦକ ଡା. ସରୋଜ ରଞ୍ଜନ ନାୟକ, ଡା. ହରପ୍ରସନ୍ନ ତ୍ରିପାଠୀ, ଡା. ଅଜୟ ସିଂ, ଡା. ଶୁଭ୍ରାଂଶୁ କୁମାର ସାହୁ, ଡା. ପ୍ରିୟରଞ୍ଜନ ସାହୁ, ଡା. ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଡା. ଜୟରାମ ପାଢୀ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ ଡାକ୍ତର ସାମିଲ ହୋଇଥିଲେ।



## ଖୋର୍ଦ୍ଧାରେ ପୁଲିସ ମିତ୍ର ଅଭିଯାନ

ଖୋର୍ଦ୍ଧା,୧୫।୫(ସମିସ): ଖୋର୍ଦ୍ଧା ପୁଲିସ ପକ୍ଷରୁ ଖୋର୍ଦ୍ଧା ପୁଲିସ ମିତ୍ର ନାମକ ଏକ ନୂତନ ପଦକ୍ଷେପର ଶୁଭାରମ୍ଭ କରାଯାଇଛି। ଆଜି ଅପରାହ୍ନରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କେନ୍ଦ୍ରାଂଚଳ ଆଇଜି ଡା. ସତ୍ୟଜିତ ନାୟକ ଯୋଗଦେଇ ଏହି ଶୁଭାରମ୍ଭ କରିଛନ୍ତି। ଏହା ସହ ଏହାର ଲୋଗୋ ଓ ନାଗରିକ ସହାୟତା ମଂଚ କୁ ମଧ୍ୟ ଉନ୍ମୋଚନ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜବୁତ ହେବା ସହ ସମୁଦାୟ ଭିତିକ ପୁଲିସିଂକୁ ପ୍ରୋତ୍ସାହନ ମିଳିବ ବୋଲି ଆଇଜି ଡା. ନାୟକ କହିଛନ୍ତି। ଏହି ବ୍ୟବସ୍ଥା ମାଧ୍ୟମରେ ନାଗରିକମାନେ ସହଜ ଓ ତ୍ୱରିତ ଭାବରେ ପୁଲିସ ସେବା ପାଇପାରିବେ। ପ୍ରଯୁକ୍ତି ଆଧାରିତ ଏହି ପ୍ଲାଟଫର୍ମ ଦ୍ୱାରା ଅଭିଯୋଗ ପଞ୍ଜୀକରଣ, ଜରୁରୀ ସହାୟତା, ମୋବାଇଲ ଚୋରି ସମ୍ପର୍କିତ ଅଭିଯୋଗ, ବରିଷ୍ଠ ନାଗରିକ ସହାୟତା, ଥାନା ଲୋକେସନ ସେବା, ମତାମତ ପ୍ରଦାନ ପ୍ରଭୃତି ସୁବିଧା ମିଳିବ। ଏହି ଅବସରରେ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା କହିଥିଲେ ଯେ, ଶାନ୍ତି ଓ ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଓ ସଚେତନତା ସୃଷ୍ଟିରେ ସାଧାରଣ ଲୋକଙ୍କ ସକ୍ରିୟ ସହଭାଗିତା ଅତ୍ୟନ୍ତ ଆବଶ୍ୟକ। ସେ ସମସ୍ତଙ୍କୁ ପୁଲିସ ମିତ୍ର ପଦକ୍ଷେପ ସହ ଯୋଡି ହୋଇ ଏକ ସୁରକ୍ଷିତ ସମାଜ ଗଠନ ରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଂଚଳ ଆଇଜି ଡା. ନାୟକ ଏସ୍‌ପି ଶ୍ରୀ ଶର୍ମାଙ୍କ ସମେତ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ଓ ଅନାଦି ସେଠୀ, ଡିଏସ୍‌ପି ଅନୀଲ ମହାନ୍ତି, ସସ୍ମିତା ରଣା, ସ୍ମିତାମଞ୍ଜରୀ ମଲ୍ଲିକ, ଅତିରିକ୍ତ ଏସ୍‌ପି ତଥା ଏସ୍‌ଡିପିଓ ଖୋର୍ଦ୍ଧା ନିହାର ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ, ଶିଳ୍ପାଂଚଳ ଥାନା ଅଧିକାରୀ ଉମେଶ ସାହୁ, ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସମେତ ସମସ୍ତ ମୁଖ୍ୟାଳୟ ର ସମସ୍ତ ପୁଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ଖୋର୍ଦ୍ଧା ରୋଡ ମଣ୍ଡଳ ପକ୍ଷରୁ ରେଳ ସେବା ପୁରସ୍କାର ସମାରୋହ



ଜଟଣୀ, ୧୫।୫ (ସମିସ): ଖୋର୍ଦ୍ଧା ରୋଡ଼ ମଣ୍ଡଳ ପକ୍ଷରୁ ୭୦ତମ ରେଳ ସେବା ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି । ଏଥିରେ ୬୦ ଜଣ ରେଳ କର୍ମଚାରୀଙ୍କୁ 'ରେଳ ସେବା ପୁରସ୍କାର୨୦୨୫'ରେ ସମ୍ମାନିତ କରାଗଲା । ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ କର୍ମଚାରୀମାନଙ୍କ ନିଷ୍ଠାପର ଉଦ୍ୟମ, ଉତ୍ସର୍ଗୀକୃତ ମନୋଭାବ ଏବଂ କଠିନ ପରିଶ୍ରମକୁ ସମ୍ମାନ ଜଣାଇ ରେତଙ୍ଗ କଲୋନୀସ୍ଥିତ ରେଳବାଇ କଲ୍ୟାଣ ମଣ୍ଡପଠାରେ "୭୦ତମ ରେଳ ସେବା ପୁରସ୍କାର-୨୦୨୫' ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମଣ୍ଡଳର ୬୦ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅଭୁତପୂର୍ବ ସେବା ପାଇଁ ଖୋର୍ଦ୍ଧା ରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଏହି ସମାରୋହରେ ପୁରସ୍କାର ବିଜେତାମାନଙ୍କୁ ଉତ୍ସାହିତ କରିବା ପାଇଁ ଖୋର୍ଦ୍ଧା ରୋଡ଼ ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାପତି ପ୍ରିୟଙ୍କା ଜୀଭିରାଜ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଭାଷଣ ପ୍ରଦାନ କରି ଶ୍ରୀ ଡି. ସୁନୀଲ ସମସ୍ତ ପୁରସ୍କାର ବିଜେତା କର୍ମଚାରୀମାନଙ୍କୁ ସେମାନଙ୍କର ଦୃଢ଼ ସଂକଳ୍ପ, ନିଷ୍ଠା ଏବଂ ମଣ୍ଡଳ ପାଇଁ ସ୍ଥିର କରାଯାଇଥିବା ଲକ୍ଷ୍ୟ ହାସଲ କରିବା ଦିଗରେ ଅସାଧାରଣ ପ୍ରତିବଦ୍ଧତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ପ୍ରକାଶ କରିଥିଲେ ଯେ, ପୂର୍ବତଟ ରେଳବାଇ ପକ୍ଷରୁ ଆୟୋଜିତ 'ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୫'ରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ୪ଟି ଦକ୍ଷତା ଶିଲ୍ଡ ହାସଲ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ମଣ୍ଡଳର ସଫଳତା ଉପରେ ଆଲୋକପାତ କରି ଶ୍ରୀ ଡି. ସୁନୀଲ କହିଥିଲେ ଯେ, ଖୋର୍ଦ୍ଧା ରୋଡ଼ ମଣ୍ଡଳ ଟର୍ମିନାଲଗୁଡ଼ିକରେ ମାଲ୍ ପରିବହନ ହେଣ୍ଡଲିଂ (ଉଭୟ ମାଲ୍ ବୋଝେଇ ଓ ଖଲାସ କରିବା ପ୍ରଦର୍ଶନକୁ ମିଶାଇ) କ୍ଷେତ୍ରରେ ସମସ୍ତ ମଣ୍ଡଳ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ସହିତ ପ୍ରାରମ୍ଭିକ ମାଲ୍ ବୋଝେଇ କ୍ଷେତ୍ରରେ ଏହି ମଣ୍ଡଳ ଭାରତୀୟ ରେଳବାଇରେ ତୃତୀୟ ସ୍ଥାନ ହାସଲ କରିଥିବା ସେ ସୂଚନା ଦେଇଥିଲେ। ସେ ଆହୁରି ମଧ୍ୟ ଯୋଡ଼ିଥିଲେ ଯେ, ଯାତ୍ରୀବାହୀ ଟ୍ରେନ୍ ସେବା ଏବଂ ଯାତ୍ରୀ ସୁବିଧାର ସମ୍ପ୍ରସାରଣ ସହିତ ୨୦୨୫-୨୬ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି, ଯେଉଁଥିରେ 'ଅମୃତ ଭାରତ ଏକ୍ସପ୍ରେସ' ଭଳି ନୂତନ ଟ୍ରେନ୍ ଚଳାଚଳ, 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଷ୍ଟେସନଗୁଡ଼ିକର ପୁନର୍ବିକାଶ ଏବଂ ସମଗ୍ର ମଣ୍ଡଳରେ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି। ଏହି ସମାରୋହ ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ କୃତୀ ରେଳ କର୍ମଚାରୀମାନଙ୍କୁ "ରେଳ ସେବା ପୁରସ୍କାର-୨୦୨୫" ରେ ସମ୍ମାନିତ କରିବା ସହ ଖୋର୍ଦ୍ଧା ରୋଡ଼ ମଣ୍ଡଳକୁ ଭାରତୀୟ ରେଳବାଇର ଅନ୍ୟତମ ଶ୍ରେଷ୍ଠ ମଣ୍ଡଳ ଭାବେ ଗଢ଼ିତୋଳିବା ପାଇଁ ସମସ୍ତ କର୍ମଚାରୀଙ୍କୁ ଏହିପରି ନିଷ୍ଠାର ସହ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବ ସମୟରେ ରେଳ କର୍ମଚାରୀ, 'ସୃଜନକୁଞ୍ଜ'ର ଶିଶୁ, ଉତ୍କଳ ପବ୍ଲିକ ସ୍କୁଲ ଏବଂ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଖୋର୍ଦ୍ଧା ରୋଡ଼ର ସଦସ୍ୟମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଖୋର୍ଦ୍ଧା ରୋଡ଼ର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଶ୍ରୀ ପନ୍ନା ଭେଙ୍କଟେଶଙ୍କ ଦ୍ୱାରା ସମଗ୍ର କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଥିଲା।

## ଆଜି ସାବିତ୍ରୀ ବ୍ରତ; ଶାଢ଼ି, ଷ୍ଟେସନାରି ଦୋକାନରେ ଭିଡ଼

ଖୋର୍ଦ୍ଧା,୧୫।୫(ସମିସ): ଶନିବାର ସାବିତ୍ରୀ ଅମାବାସ୍ୟା। ଓଡିଆ ମହିଳାମାନଙ୍କ ସବୁଠୁ ବଡ ଓଷା ବା ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଏହି ବ୍ରତ କାହିଁ କେଉଁ କାଳରୁ ପାଳନ କରିଆସୁଛନ୍ତି। ସାବିତ୍ରୀ ବ୍ରତ ପାଇଁ ଏବେ ଘରେ ଘରେ ବିଭିନ୍ନ ସାମଗ୍ରୀ କିଣାବିକାରେ ମାହୋଲ। ତେଣୁ ସାବିତ୍ରୀ ବଜାରରେ ଲାଗିଛି ଭିଡ। ଶାଢ଼ି, ଚୁଡ଼ିଠାରୁ ଆରମ୍ଭ କରି ଫଳ ବଜାର ସବୁଠି ଅସମ୍ଭାଳ ଭିଡ ଜମିଲାଣି। ଧନୀ, ଗରିବ ସବୁ ବର୍ଗର ମହିଳାମାନେ ନିଜ ନିଜର ସମ୍ବଳ ଅନୁସାରେ ସାବିତ୍ରୀ ବଜାରରେ କିଣାକିଣି କରୁଥିବା ଦେଖିବାକୁ ମିଳୁଛି। ତେଣୁ ସହର ର ବିଭିନ୍ନ ମାର୍କେଟ୍, ମଲ୍ ଠାରୁ ଆରମ୍ଭ କରି ଗଳିକନ୍ଦି ର ସାବିତ୍ରୀ ବଜାର ଭିଡ ହୋଇଛି।

## ତେଲ ପାଇଁ ପେଟ୍ରୋଲ ପମ୍ପରେ ଅସମ୍ଭାଳ ଭିଡ଼

ନିରାକାରପୁର,୧୫।୫ (ସମିସ): ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧର ପ୍ରଭାବ ଏବେ ସ୍ଥାନୀୟ ବଜାର ଉପରେ ପଡ଼ିବାରେ ଲାଗିଛି। ବିଶେଷ କରି ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ଘୋର ଅଭାବ ଦେଖାଦେବା ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆଜି ଖୋର୍ଦ୍ଧା ଜିଲ୍ଲାର ୧୬ ନମ୍ବର ଜାତୀୟ ରାଜପଥ ସମେତ ଜଂକିଆ ଓ ନିରାକାରପୁର ଅଞ୍ଚଳରେ ଇନ୍ଧନ ସଙ୍କଟର ଚିତ୍ର ସ୍ପଷ୍ଟ ଦେଖିବାକୁ ମିଳିଛି। ଅଧିକାଂଶ ପେଟ୍ରୋଲ ପମ୍ପରେ ତେଲ ନ ଥିବାରୁ ଗାଡ଼ି ମାଲିକମାନେ ଇତସ୍ତତଃ ହୋଇ ଏଣେତେଣେ ବୁଲୁଥିବାର ଦେଖାଯାଇଥିଲା। ଗାଡ଼ିର ଟାଙ୍କି ଫୁଲ୍ କରିବା ପାଇଁ ଚାଳକମାନେ ଗୋଟିଏ ପମ୍ପରୁ ଅନ୍ୟ ପମ୍ପକୁ ଦୌଡ଼ି ଦୌଡ଼ି ହତାଶ ହେଉଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ସମସ୍ତଙ୍କୁ ଅଳ୍ପ ବହୁତେ ଇନ୍ଧନ ଯୋଗାଇବା ପାଇଁ କିଛି ପମ୍ପ କର୍ତ୍ତୃପକ୍ଷ 'ରେସନିଂ' ବ୍ୟବସ୍ଥା ଆପଣାଇଛନ୍ତି। ନୂତନ ଷ୍ଟକ୍ ଆସିବା ପର୍ଯ୍ୟନ୍ତ ଗୋଟିଏ ଗାଡ଼ିକୁ କେବଳ ଏକ ନିର୍ଦ୍ଦିଷ୍ଟ ପରିମାଣର ତେଲ ଦିଆଯାଉଥିବା ଦେଖିବାକୁ ମିଳିଛି।

# ଆଜି ସାବିତ୍ରୀ ବ୍ରତ: ଫଳଦର ଆକାଶଛୁଆଁ

ଗଁଦିଆ,୧୫ା୫(ସମିସ) : ଶନିବାର ସଧବା ନାରୀମାନେ ପାଳିବେ ସାବିତ୍ରୀ ବ୍ରତ। ହିନ୍ଦୁଧର୍ମର ସଧବା ନାରୀ ଏହି ବ୍ରତ ପାଳିଲେ ସେମାନଙ୍କ ସ୍ୱାମୀଙ୍କ ଆୟୁଷ ବୃଦ୍ଧି ହୋଇଥାଏ। ଲୋକକଥାରେ ବର୍ଣ୍ଣନା କରାଯାଇଛି ସାବିତ୍ରୀ ଜଣେ ସାଧାରଣ ମହିଳା ହୋଇଥିଲେ ବି ନିଜର ସ୍ୱାମୀ ସତ୍ୟବାନଙ୍କ ଜୀବନ ମୃତ୍ୟୁର ଦେବତା ଯମରାଜଙ୍କ ଠାରୁ ଫେରାଇ ଆଣିଥିଲେ। ତେଣୁ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀମାନେ ଏହି ବ୍ରତପାଳନ କରିଥାନ୍ତି। ସାବିତ୍ରୀ ବ୍ରତ ଥିବାରୁ ଫଳ ଦର ଆକାଶ ଛୁଆଁ ହୋଇଛି। ସାବିତ୍ରୀ ବ୍ରତ ଉପଲକ୍ଷେ ସଧବା ମହିଳାମାନେ ସ୍ୱାମୀଙ୍କ ଶୁଭ ମନାସୀ ଏହି ବ୍ରତ ରଖୁଥାନ୍ତି। ଏଥିନିମନ୍ତେ ବ୍ରତଧାରୀମାନେ ସ୍ୱାମୀଙ୍କ ମଙ୍ଗଳକାମନା କରି ଯମ ଦେବତାଙ୍କ ଉଦ୍ଦେଶ୍ୟରେ ନୂଆ ଲୁଗା ପରିଧାନ କରି ବିଭିନ୍ନ ଫଳମୂଳ ପୂଜା କରିଥାନ୍ତି। ତେଣୁ ଏହି ବ୍ରତରେ ବିଶେଷ କରି ଫଳମୂଳ ପୂଜା ହେଉଥିବାରୁ ଏବେ ଗାଁ ରୁ ସହରରେ ବିଭିନ୍ନ କିସମ ଫଳର ପସରା ଖୋଲିଛି। ସହରର ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳ ଗଁଦିଆ ବଜାର ସମେତ ମେଡିକାଲ ଛକ, ବଣିଆପଡ଼ା ଛକ, ବ୍ଲକ୍ ଛକ ଆଦି ସ୍ଥାନରେ ବହୁ ଅସ୍ଥାୟୀ ଫଳ ପସରା ଖୋଲିଛି। ଫଳ ମୂଲ୍ୟ ଚଢ଼ା ଦର ରହିଛି। ନଡ଼ିଆ ୪୦ରୁ ୫୦ଟଙ୍କା, କଦଳୀ ଉଜନ ପିଛା ୬୦ରୁ ୮୦ଟଙ୍କା, ସେଓ କିଲୋପ୍ରତି ୨୫୦ରୁ ୩୦୦ଟଙ୍କା, ଆମ୍ବ କିଲୋପିଛା ୧୦୦ ଟଙ୍କାରୁ ୧୫୦ଟଙ୍କା, ପଣସ ଗୋଟା ୨୦୦ରୁ ୨୫୦, ଲିଚୁ କିଲୋ ପ୍ରତି ୨୦୦ରୁ ୩୦୦ଟଙ୍କା, ସପୁରୀ ଗୋଟା ୫୦ ଟଙ୍କା, ଅଙ୍ଗୁର କିଲୋପ୍ରତି ୧୫୦ରୁ ୨୦୦ଙ୍କା, ଡାଳିମ୍ବ କିଲୋପିଛା ୧୦୦ରୁ ୧୫୦ଟଙ୍କା, ପିଜୁଳି କିଲୋ ପ୍ରତି ୧୦୦ ଟଙ୍କା, କମଳା କିଲୋ ପ୍ରତି ୨୦୦ଟଙ୍କାରୁ ୨୫୦ଟଙ୍କା, ଜାମୁରୋଳ କିଲୋପ୍ରତି ୧୦୦ ଟଙ୍କା, ତରଭୁଜ ୨୦ରୁ ୩୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥିଲା। ମୂଲ୍ୟ ଉଚ୍ଚ ଥିଲେ ମଧ୍ୟ ଲୋକେ ଫଳ ଆଣିବାକୁ ବାଧ ହେଉଛନ୍ତି। ଅସ୍ଥାୟୀ ଫଳ ବିକ୍ରି ଯୋଗୁଁ ସହର ରାସ୍ତାଘାଟ ଜାମ ହୋଇପଡିଥିବା ଦେଖିବାକୁ ମିଳୁଛି। ସାବିତ୍ରୀ ବ୍ରତ ଲାଗି ଦୋକାନରେ ମଧ୍ୟ ପୂଜା ସାମଗ୍ରୀକୁ ପ୍ୟାକେଟରେ ବିକ୍ରି କରାଯାଉଛି।



# ବୃଷ ସଂକ୍ରାନ୍ତିରେ ମା'ଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା

ଢେଙ୍କାନାଳ,୧୫ା୫(ସମିସ) : ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀଙ୍କ ପୀଠରେ ଜ୍ୟେଷ୍ଠ ମାସର ବୃଷ ସଂକ୍ରାନ୍ତି ଥିବାରୁ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ଫୁଲ ହାର ଆଦି ବିଭିନ୍ନ ପ୍ରକାରର ଭୋଗ ଲାଗି ହେବା ପରେ ମଧ୍ୟାହ୍ନରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଆଳତି ପରେ ପହଡ଼ ନୀତି ଅନୁଷ୍ଠିତ ହେବ। ସେହିପରି ମହାବୀର ବଜାରସ୍ଥିତ ହନୁମାନଙ୍କ ମନ୍ଦିରରେ ମଧ୍ୟ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା।



# କାଦୁଅ ପଚପଚ ଏନ୍‌ଏଚ୍ ସର୍ଭିସ୍ ରୋଡ୍

ଖଜୁରିଆକଟା,୧୫ା୫(ସମିସ)

ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ୍ ହିନ୍ଦୋଳ ରୋଡ ବଜାର ମଧ୍ୟରେ ଥିବା ୫୫ ନଂ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ସେହି ରାସ୍ତାଟି ପାଣି କାଦୁଅରେ ଭର୍ତ୍ତି ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରିଛି। ଏଠାରେ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ସହିତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ। ଓଡ଼ାପଡ଼ା ପ୍ରଶାସନ ଓ ରାଜପଥ ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ବର୍ଷା ହେଲେ ଏହି ରାସ୍ତା ଉପରକୁ ୨ରୁ ୩ ଫୁଟ ପାଣି ସହିତ ମାଡ଼ି ଆସି ବନ୍ୟା ପରି ଦେଖିବାକୁ ମିଳିଥାଏ। ରାସ୍ତା କଡ଼ରେ ଥିବା ଡ୍ରେନ୍ ଗୁଡିକ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ନଥିବା ସହିତ ଡ୍ରେନ୍ ଉପରେ ଅନେକ ଫାଙ୍କ ସ୍ଥାନରେ ଘୋଡ଼ଣି ଦିଆ ନଯାଇ ଖୋଲାମେଲା ହୋଇ ପଡ଼ିଛି। ସେହି ଖାଲରେ ମଣିଷ ଓ ଗୋରୁଗାଈ ପଡି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଉଛି। ବଳରାମପ୍ରସାଦ ଉଚ୍ଚବିଦ୍ୟାଳୟ ଠାରୁ ହିନ୍ଦୋଳ ରୋଡ ବଜାର ପର୍ଯ୍ୟନ୍ତ ପ୍ରାୟ ୨ କି ମି ରାସ୍ତା ତ୍ରୁଟିପୂର୍ଣ୍ଣ ହୋଇ ମରଣଯନ୍ତା ପାଲଟିଛି। ରାସ୍ତାର ଉତ୍ତର ପଟର କିଛି ଅଂଶ ଦବି ଯାଇ ଢେଉ ପରି ରହିଛି। ବିଶେଷ କରି ଦୁଇ ଚକିଆ ଯାନ ଯିବା ଆସିବା କରିବା ବେଳେ ଗୋଟିଏ ପଟକୁ ହାଣ୍ଡେଲ ମୋଡିଲେ ଆପେ ଆଉ ଗୋଟିଏ ପଟକୁ ଚାଲି ଯାଇ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥ ଠିକାଦାର ଦୀର୍ଘ ଦିନରୁ ଏହି ସମସ୍ୟା ରହିଛି। ଅଭିଯୋଗ ହେଉଥିଲେ ମଧ୍ୟ ଠିକାଦାର ମରାମତିର ନା ଗନ୍ଧ ଧରୁନାହାନ୍ତି। ଯାହା ଫଳରେ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡ଼ିଛି। ଜାତୀୟ ରାଜପଥ ମରାମତି କରିବା ସମୟରେ ଯେଉଁ ମାଟି ବ୍ୟବହାର କରାଯାଉଛି ପର ମୁହୂର୍ତ୍ତରେ ସେହି ମାଟିକୁ ଠିକାଦାର ସଫା କରୁନଥିବା ଦେଖିବାକୁ ମିଳିଛି। ଫଳରେ ସେହି ମାଟି ଉପରେ ଗାଡ଼ି ମଟର ଚଳାଚଳ କରିବା ସମୟରେ ପ୍ରଚୁର ଧୂଳି ଉଡ଼ି ପରିବେଶ ଦୂଷିତ ହେଉଛି। ଏହି ସବୁ ପ୍ରଶାସନିକ ଅଧିକାରୀମାନେ ଦେଖୁଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନଥିବାରୁ ଠିକାଦାର ବେପରୁଆ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।



# ହିନ୍ଦୋଳରେ ଭତ୍ତା ପ୍ରହସନ: ମୃତ୍ୟୁ ଅପେକ୍ଷାରେ ଆବେଦନକାରୀ

ହିନ୍ଦୋଳ/ଖଜୁରିଆକଟା,୧୫ା୫(ସମିସ) : ବର୍ତ୍ତମାନର ରାଜ୍ୟ ସରକାର ଗତ ସାଧାରଣ ନିର୍ବାଚନ ପୂର୍ବରୁ ସାମାଜିକ ସୁରକ୍ଷା ଯୋଜନାରେ ବିଧବା, ବିକଳାଙ୍ଗ, ବାର୍ଦ୍ଧକ୍ୟଙ୍କୁ ମାସିକ ଭତ୍ତା ତିନିହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଭତ୍ତା ତିନିହଜାରକୁ ବୃଦ୍ଧିକରିବା ତ ଦୂରରକଥା ନିର୍ବାଚନ ପରେ ଗତ ଦୁଇବର୍ଷ ମଧ୍ୟରେ ହିନ୍ଦୋଳ ନିର୍ବାଚନମଣ୍ଡଳୀର ହିନ୍ଦୋଳ ବ୍ଲକରେ ପ୍ରାୟ ୪ ହଜାର, ଓଡ଼ାପଡ଼ା ବ୍ଲକରେ ୧୮୦୦ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରି ମୃତ୍ୟୁ ଅପେକ୍ଷାରେ ଥିଲେ ବି ତାଙ୍କ କଥା ସରକାର ବୁଝୁନାହାନ୍ତି। ସରକାରଙ୍କ ପକ୍ଷରୁ କିଛି ୮୦ ବର୍ଷରୁ ଅଧିକ ବୟସର ଏବଂ ଶତକଡା ୮୦ ଭାଗ ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ମିଳୁଥିଲେ ମଧ୍ୟ ଅନେକ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଆସୁଥିବା ଜଣାପଡ଼ିଛି। ଓଡ଼ାପଡ଼ା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶେଫାଳି ଶ୍ୱେତପଦ୍ମାଙ୍କୁ ପଚାରିବାରେ ସରକାରଙ୍କ ପକ୍ଷରୁ ଭତ୍ତା ଆସିଲେ ଦିଆଯିବ ବୋଲି କୁହନ୍ତି। ସେହିପରି ହିନ୍ଦୋଳ ବ୍ଲକର ୩୫ଟି ପଞ୍ଚାୟତ ଓ ହିନ୍ଦୋଳ ଏନ୍‌ଏସିରେ ମଧ୍ୟ ଆବେଦନକାରୀ ଚାତକ ପରି ଅନାଇ ରହିଛନ୍ତି। ତଥ୍ୟରୁ ଜଣାପଡ଼ିଛି ଯେ ହିନ୍ଦୋଳ ଏନ୍‌ଏସିରେ ୮ଜଣ ବିକଳାଙ୍ଗ, ୧୭ଜଣ ବିଧବା,୧୪୭ଜଣ ବାର୍ଦ୍ଧକ୍ୟ ମୋଟ ୧୭୨ଜଣ ଏବଂ ହିନ୍ଦୋଳ ବ୍ଲକରେ ୩୮୬୦ଜଣ ମଧୁବାବୁ ପେନସନ ବାର୍ଦ୍ଧକ୍ୟ ଭତ୍ତା, ୭୨ଜଣ ସ୍ୱାମୀ ପରିତ୍ୟକ୍ତା, ୭୦ଜଣ ଅବିବାହିତ, ୧୬୦ବିଧବା,୧୮୦ ଦିବ୍ୟାଙ୍ଗ ମୋଟ ୪୩୪୨ଜଣ ଆବେଦନକାରୀ ଥିଲେ ହେଁ ୨୦୨୪ ମସିହାରେ ଆସିଥିଲା ୨ହଜାର ଟାର୍ଗେଟ। ଏପରିକି ୮୦ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ହିତାଧିକାରୀ ୩୫୦୦ଟଙ୍କା ଭତ୍ତା ପାଇନାହାନ୍ତି। ଉଦାହରଣ ସ୍ୱରୂପ ହିନ୍ଦୋଳ ଏନଏସିର କମଳା ବେୱା, କାରନ୍ଦା ପଞ୍ଚାୟତର ଅନ୍ନପୂର୍ଣ୍ଣା ପ୍ରଧାନଙ୍କ ବୟସ ୮୦ ବର୍ଷ ହୋଇଥିବା ବେଳେ ସେ ଜୀବନର ଅନ୍ତିମ ସମୟରେ ଗତି କରୁଛନ୍ତି। ତେବେ ହିନ୍ଦୋଳନ ବ୍ଲକ ଓ ହିନ୍ଦୋଳ ଏନଏସିରେ ଅନେକଙ୍କ ବୟସ ୬୦ ପାର ହୋଇଥିଲେ ହେଁ ଭତ୍ତା ସେମାନଙ୍କପାଇଁ ସାତସପନ ପାଲଟିଛି। ଏ ବବାଦରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୋହିତ ପ୍ରଧାନଙ୍କୁ ପଚାରିବାରୁ ସେ ସରକାରଙ୍କ ପକ୍ଷରୁ ଘୋଷିତ ଥିବା ଟାର୍ଗେଟ ଆସିଲେ ଭତ୍ତା ଦିଆଯିବ ବୋଲି ଉତ୍ତର ଦିଅନ୍ତି। ତେବେ ନିର୍ବାଚନର ସବୁ ମିଥ୍ୟା ପ୍ରତିଶ୍ରୁତି କି ବୋଲି ହିନ୍ଦୋଳବାସୀ ପ୍ରଶ୍ନ କରିଛନ୍ତି।



# ମା' ବାଉତୀ ଠାକୁରାଣୀଙ୍କ ବାର୍ଷିକୋତ୍ସବ



ଢେଙ୍କାନାଳ,୧୫ା୫(ସମିସ) : ସ୍ଥାନୀୟ ମାଣ୍ଡବା ସାହି ତୈଳକ ବୈଶ୍ୟ ସମାଜର ଗ୍ରାମଦେବତୀ ତଥା ଆରାଧ ଦେବୀ ଶ୍ରୀଶ୍ରୀ ମା' ବାଉତୀ ଠାକୁରାଣୀଙ୍କ ବାର୍ଷିକୋତ୍ସବ ଓ ଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଗୁରୁବାର ପ୍ରାତଃ ସମୟରେ କମଗରା ଘାଟରୁ ପୂଜାର୍ଚ୍ଚନା କରାଯାଇ କଳସଯାତ୍ରା ପରେ ସ୍ତମ୍ଭଦ୍ୱରଣ ପୂଜା, ମଣ୍ଡଳ ପୂଜା, ଅଗ୍ନିସ୍ଥାପନ ଓ ଶୁଭାଧିବାସ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପ୍ରାତଃରୁ ସୂର୍ଯ୍ୟପୂଜା, ଗୋ-ପୂଜା, ଶାଳା ପ୍ରବେଶ, ମଣ୍ଡଳ ପୂଜା, ମା'ଙ୍କର ଷୋଡଶଉପଚାର ପୂଜା, ଅଗ୍ନି ସଂସ୍କାର, ଚଣ୍ଡି ଯଜ୍ଞ, ପୂର୍ଣ୍ଣାହୁତି ପରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ମା'ଙ୍କ ପାଖରେ ବିଭିନ୍ନ ଭୋଗ ସହିତ ପଣାଭୋଗ ଲାଗି କରାଯାଇଥିଲା। ଯଜ୍ଞ ପୂଜକ ସିଦ୍ଧେଶ୍ୱର ମିଶ୍ର, କର୍ତ୍ତା ଅମରେନ୍ଦ୍ର ସାହୁ ସମସ୍ତ ପୂଜାକୁ ସୁଚାରୁ ରୂପେସମ୍ପାଦନକରିଥିଲେ। ସଭାପତିଗୋପାଳଚନ୍ଦ୍ରସାହୁଙ୍କତତ୍ତ୍ୱାବଧାନରେସମ୍ପାଦକବିକାଶ କୁମାର ସାହୁ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ଦୁଷ୍ମନ୍ତ ସାହୁ, ଦିଲ୍ଲୀପ କୁମାର ସାହୁଙ୍କ ସମେତ ତୈଳିକ ବୈଶ୍ୟ ସମାଜର ଭାଇମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨ ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ

ପରଜଙ୍ଗ,୧୫ା୫(ସମିସ) : ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ମାଣିକମରା ଗ୍ରାମ ନିକଟସ୍ଥ କୁହ୍ଲୋ ସାହିରୁ ଶୁକ୍ରବାର ଭୋର ସମୟରେ ଚଢ଼ାଉ କରି ଦୁଇଟି ଦେଶୀ ବନ୍ଧୁକ ଜବତ କରିବା ସହିତ ଜଣକୁ ପୋଲିସ ଗିରଫ କରିଛି। କୁହ୍ଲୋ ସାହିର ତଳ ଲାଗୁରି ଓ ସହଯୋଗୀ କୁନା ମୁଣ୍ଡା ଦୀର୍ଘ ଦିନ ଧରି ଗ୍ରାମର ଆଖପାଖ ଅଞ୍ଚଳରେ ବେଆଇନ ବନ୍ୟଜନ୍ତୁ ଶିକାର କରୁଥିବା ପୁଲିସ ଜାଣିବାକୁ ପାଇଥିଲା। ତେବେ ଶୁକ୍ରବାର ଭୋର ସମୟରେ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ, ଉପ ନିରୀକ୍ଷକ ଯୁଗଳ ପ୍ରଧାନଙ୍କ ସମେତ ପୁଲିସ କର୍ମଚାରୀ କୁହ୍ଲୋ ସାହିର ତଳ ଲାଗୁରି ଘରେ ଚଢ଼ଉ କରି ଦୁଇଟି ଦେଶୀ ବନ୍ଧୁକ ଜବତ କରିଥିବା ବେଳେ ତଳ ଲାଗୁରି ତା' ସହଯୋଗୀ କୁନା ମୁଣ୍ଡା ନାମରେ ମାମଲା ରୁଜୁ କରିଛି। ତେବେ ତଳ ଲାଗୁରିକୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ କୁନା ମୁଣ୍ଡା ଫେରାର ହୋଇଯାଇଥିବା ଜଣାଯାଇଛି। ଏହି ଘଟଣାରେ ଅନ୍ୟ ଅପରାଧୀକୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।



# ଅପହଞ୍ଚ ଅଞ୍ଚଳରେ ଆବାସ କାର୍ଯ୍ୟ ନିମ୍ନମାନର

ଢେଙ୍କାନାଳ,୧୫ା୫(ସମିସ): ଗଁଦିଆ ବ୍ଲକ ସୋରିସିଆପଦା ପଞ୍ଚାୟତର ସର ତେନ୍ତୁଳିଆ ଗ୍ରାମ ଅପହଞ୍ଚ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପହଞ୍ଚି କେମିତି ଚାଲିଛି ଆବାସ ଯୋଜନା ଗୃହ ନିର୍ମାଣ ତଦାରଖ ଆମ୍ ଆଦମୀ ପାର୍ଟି ଲୋକସଭା କ୍ଷେତ୍ର ସଭାପତି ପଙ୍କଜ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କରିଥିଲେ। ଗ୍ରାମର ସଅର ବର୍ଗର ବ୍ୟକ୍ତି ଖଗେଶ୍ୱର ବେହେରା ଗତ ୨୦୨୨-୨୩ ମସିହାରେ ଆବାସ ଯୋଜନାରେ ଘର ପାଇଥିଲେ। ନିଜେ ଘର ତିଆରି କରିବାପାଇଁ ସମ୍ବଳ ନଥିବାରୁ ଠିକାଦାର ମାଧ୍ୟମରେ କରାଇଥିଲେ। ମାତ୍ର ଏକ ଲକ୍ଷ ଚାଳିଶ ହଜାର ଟଙ୍କା ପାଇଛନ୍ତି। ଦୁଃଖର ବିଷୟ ଦୁଇ ବର୍ଷ ପୂର୍ବରୁ ହୋଇଥିବା ଘର ଛାତରୁ ପାଣି ଗଳୁଛି। ତଳ ମେଜିଆ ହୋଇପାରିଲାନି, କବାଟ, ଝରକା ମଧ୍ୟ ନାହିଁ। ପଲସ୍ତରା ଓ ରଙ୍ଗ କଥା ପଚାରେ କିଏ। ଏପରି ଗୃହ ଗୁଡିକ ସ୍ଥାନୀୟ ଜନ ପ୍ରତିନିଧି ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଦାରଖ କରିବା ଉଚିତ। ଏଠି ପ୍ରଶ୍ନ ଉଠୁଛି ଯେ ଓଡ଼ିଶାରେ ନେତା, ମନ୍ତ୍ରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ମାନେ ଏହିପରି ଗୃହରେ ରହିପାରିବେ କି? ବିନା କବାଟ ଝରକା ଘରେ ସେମାନେ ରହିପାରିବେ କି। ସେମାନଙ୍କ ଟାଇଲ ଘରେ ଏସି, ସାୱାର ପାଣି, ମାର୍ବଲ ଲାଗିବ। ଅଥଚ ଏହି ଗରିବ ଲୋକଙ୍କୁ ଭଣ୍ଡାଉଛନ୍ତି କାହିଁକି। ଏ ସବୁ ବ୍ୟବସ୍ଥା ସେମାନଙ୍କ ପାଇଁ କରାଯାଉନି କାହିଁକି। ଏପରି ସ୍ଥଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସେହି ବ୍ୟକ୍ତିମାନଙ୍କ ଛାତ ମରାମତି, କବାଟ ଝରକା ଲଗାଇବା, ତଳ ମେଜିଆ ପଲସ୍ତରା ଇତ୍ୟାଦି କରିବାପାଇଁ ଆମ୍ ଆଦମୀ ପାର୍ଟି ଦାବି କରୁଛି। ଏହି କାର୍ଯ୍ୟରେ କୃପାସିନ୍ଧୁ ଦେହୁରୀ, ସନାତନ ଗୁଇଆ, ଅନାମ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ପୋଲ ତଳକୁ ଖସିଲା ପିକ୍‌ଅପ୍; ୩ ଆହତ

ଗଁଦିଆ,୧୫ା୫(ସମିସ) : ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ବେଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୈଦ୍ୟକାଟେଣୀ ପୋଲ ନିକଟରେ ଏକ ପିକ୍‌ଅପ ଭ୍ୟାନ ଭାରସାମ୍ୟ ହରାଇ ବ୍ରିଜ୍ ତଳକୁ ଓଲଟି ପଡ଼ିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ୩ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି।

ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନା ମୁତାବକ, ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଓଡି-୦୬-ଇ-୦୮୭୩ ନମ୍ବର ବିଶିଷ୍ଟ ଏହି ପିକ୍‌ଅପ୍ ଭ୍ୟାନ୍‌ଟି ଶ୍ରମିକମାନଙ୍କୁ ନେଇ ଯାଉଥିବା ବେଳେ ବ୍ରିଜ୍ ଉପରେ ହଠାତ୍ ନିୟନ୍ତ୍ରଣ ହରାଇ ବସିଥିଲା। ଫଳରେ ଗାଡ଼ିଟି ପୋଲ ତଳକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ସମସ୍ତ ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଯାଜପୁର ଜିଲ୍ଲା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଯୋଗୁଁ ଉକ୍ତ ରୁଟ୍‌ରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଖବର ପାଇ ନିହଲପ୍ରସାଦ ଥାନା ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ପରିସ୍ଥିତିକୁ ଆୟତ୍ତ କରିବା ସହ ଗମନାଗମନ ସ୍ୱାଭାବିକ କରିଥିଲେ। ପରେ ପୁଲିସ କ୍ରେନ ସାହାଯ୍ୟରେ ପିକ୍‌ଅପ୍ ଗାଡ଼ିଟିକୁ ଉଦ୍ଧାର କରି ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।



# ହିନ୍ଦୋଳ ଉପଖଣ୍ଡରେ ବଢ଼ି ଚାଲିଛି ଦୁର୍ନୀତି

## ନିଦାବିଷ୍ଟୁ ସାଜିଛନ୍ତି ବିଭାଗୀୟ ଅଧିକାରୀ

ହିନ୍ଦୋଳ,୧୫ା୫(ସମିସ)

ହିନ୍ଦୋଳ ଉପଖଣ୍ଡ ଏକ ବଣପାହାଡ଼ ଘେରା ଉପାନ୍ତ ଅଞ୍ଚଳ। ଏଠି ସାଧାରଣ ଜନତାଙ୍କ ସରଳତାର ସୁଯୋଗ ନେଇ ଉପଖଣ୍ଡରେ ଥିବା ବିଭିନ୍ନ ବିଭାଗର ଅଧିକାରୀମାନେ ନିରୀହ ଜନସାଧାରଣଙ୍କୁ ଶୋଷଣ କରିବାରେ ଲାଗନ୍ତି। ଏ ନେଇ ବାରମ୍ବାର ଜନସାଧାରଣରେ ଅଭିଯୋଗ ହୁଏ। ଏ ସମ୍ପର୍କରେ ମଧ୍ୟ ଗଣମାଧ୍ୟମ ମଧ୍ୟ ବାରମ୍ବାର ଖବର ପ୍ରକାଶ ପାଏ ମାତ୍ର ଏଠି ତଳଠୁ ଉପର ଯାଏ ସମସ୍ତେ ଦୁର୍ନୀତିରେ ସମ୍ପର୍କିତ ବୋଲି ଖବରକୁ ଖାତିର କରନ୍ତି ନାହିଁ ବିଭାଗୀୟ ଅଧିକାରୀ। ବିଭିନ୍ନ ସମସ୍ୟାରେ ସନ୍ତୁଳି ହୁଅନ୍ତି ସାଧାରଣ ଲୋକେ। ଘଟଣାରୁ ଦେଖିବାକୁ ଗଲେ ଗଣମାଧ୍ୟମର କୌଣସି ଖବରକୁ ଖାତିର କରୁନାହାନ୍ତି ପ୍ରଶାସନିକ ଅଧିକାରୀ। ଉପଖଣ୍ଡରେ ମାଳ ମାଳ ସମସ୍ୟା ସମାଧାନ ନହୋଇ ପଡିରହିଥିବା ବେଳେ ସେ ସବୁକୁ ଖବର ମାଧ୍ୟମରେ ପରିବେଷଣ କରିବା ସହ ପ୍ରଶାସନ ଓ ସରକାରଙ୍କ ନିକଟରେ ଉପସ୍ଥାପନା କରୁଛନ୍ତି ଗଣମାଧ୍ୟମ ପ୍ରତିନିଧି ମାନେ। ମାତ୍ର ସମସ୍ୟା ସମାଧାନ ହେବା କି କମିବା ବଦଳରେ ହନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ବିଭିନ୍ନ ବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି। ବିଡମ୍ବନା ଯେ ଖବର ପ୍ରତି ଅଧିକାରୀଙ୍କ ନଜର ରହୁନଥିବା ବେଳେ ବିଭିନ୍ନ ସମସ୍ୟାରେ ସନ୍ତୁଳିତ ହେଉଛନ୍ତି ସାଧାରଣ ଲୋକେ। ଉପଖଣ୍ଡରେ ବିଭିନ୍ନ ସମସ୍ୟା ଭିତରେ ସାଧାରଣ ଜନତା ଅହରହ ହସ୍ତତନ୍ତ ହେଉଥିବା ବେଳେ ଗଣମାଧ୍ୟମ ହିଁ ସେ ସବୁକୁ ସବୁବେଳେ ପ୍ରଶାସନ ଓ ସରକାରଙ୍କ ପାଖରେ ଉପସ୍ଥାପନା କରିବାକୁ ଚେଷ୍ଟା ଜାରିରଖିଛି। ହେଲେ ତାର ସୁଫଳ କିଛି ନାହିଁ ଉପଖଣ୍ଡରେ ଦୁର୍ନୀତି କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଉପଖଣ୍ଡରେ ଦିନକୁ ଦିନ ଦୁର୍ନୀତିର ଚେର ଲମ୍ବିବାରେ ଲାଗିଛି । ଏ ସବୁକୁ ଗଣମାଧ୍ୟମ ବାରମ୍ବାର ଲୋକଲୋଚନକୁ ଆଣିବା ସହିତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବାରମ୍ବାର ଖବର ପ୍ରକାଶ ପାଇଆସୁଛି। ଏପରିକି ହିନ୍ଦୋଳ ଉପଖଣ୍ଡରେ ସମନ୍ୱିତ ଶିଶୁ ବିଭାଗରେ ଅତ୍ୟନ୍ତ ନିମ୍ନମାନର ଛତୁଆ କୋମଳ ମତି ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଦିଆଯାଉଥିବା ଖବର




ବାରମ୍ବାର ପ୍ରକାଶ ପାଇଛି। ହେଲେ ଏହାର କୌଣସି ତଦନ୍ତ ନହୋଇ ପୁନର୍ବାର ସେହି ଗୋଷ୍ଠୀଙ୍କୁ ଛତୁଆ ପ୍ରଦାନ ଦାୟିତ୍ୱ ଦିଆଯାଉଛି। ଉପଖଣ୍ଡର ବନବିଭାଗ ଦ୍ୱାରା ବିଗତ ଦିନରେ ବହୁ ଅନିୟମିତତା ହୋଇ ଆସିଛି। ୧୫ ଟି ପୋଖରୀ ଖୋଳା ନଯାଇ ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ବିଲ କରାଯିବା ଓ ଅଭେନୁୱେ ପ୍ଲାଣ୍ଟେସନ ନାମରେ ପ୍ରକଳ୍ପ ହେଉଥିବା ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ କରାଯାଉଥିବା ନେଇ ଖବର ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନ ହେଉ କି ଜିଲ୍ଲା ପ୍ରଶାସନ ଦ୍ୱାରା କୌଣସି ତଦନ୍ତ ନହେବା ଏବେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ଉଠିଛି ପ୍ରଶ୍ନବାଚୀ। ଏହିପରି ଉପଖଣ୍ଡ ର ବିଭିନ୍ନ ବିଭାଗରେ ହେଉଥିବା ଅନିୟମିତତା ବିଷୟରେ ବାରମ୍ବାର ଖବର ପ୍ରକାଶ ପାଉଛି ହେଲେ ନିଦାବିଷ୍ଟୁ ହୋଇ ପଡିଛନ୍ତି ଉଚ୍ଚପଦସ୍ଥ ଅଧିକାରୀ। ହିନ୍ଦୋଳ ଉପଖଣ୍ଡରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅନେକ ମୌଳିକ ସମସ୍ୟା ରହିଛି। ଏବେ ଉପଖଣ୍ଡରେ ମୁଖ୍ୟ ସମସ୍ୟା ହାତୀ ଆକ୍ରମଣ। ଏଥିରେ ନିରୀହ ଜନସାଧାରଣଙ୍କ ମୃତ୍ୟୁ ହେବା ଓ ହାତୀ ଭୟରେ ଚାଷୀ ତାର କୌଳିକ ବୃତ୍ତି ଛାଡ଼ି ଦେଇଥିବା ବେଳେ ଚଳିତ ବର୍ଷ ହାତୀ ଆକ୍ରମଣରେ ଉପଖଣ୍ଡର ଗୋଟିଏ ବର୍ଷରେ ୫୦ ରୁ ଉର୍ଦ୍ଧ୍ୱ ସାଧାରଣ ଲୋକ ମୃତ୍ୟୁ ହେବା ଖବର ବାରମ୍ବାର ପ୍ରକାଶ ପାଇଆସୁଛି ସେହିପରି ଉପଖଣ୍ଡରେ କାଡ଼ା କେନାଲ ନିର୍ମାଣରେ କୋଟି କୋଟି ଟଙ୍କା ହରିଲୁଟ ହୋଇଛି। ଯାହାକି ବିନା ଟେଣ୍ଡରରେ ନିର୍ମାଣ ହୋଇଥିବା ବେଳେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇଛି। କାର୍ଯ୍ୟସ୍ଥଳକୁ ଗୋଟିଏ ଦିନ ପାଦ ପଡ଼େନି ବିଭାଗୀୟ ଯନ୍ତ୍ରୀଙ୍କର ପରବର୍ତ୍ତୀ ମୁହୂର୍ତ୍ତରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୂତରାରେ କୋଟି କୋଟି ଟଙ୍କା ମିଥ୍ୟା ବିଲ କରାଯାଇଛି। ଏ ନେଇ ଉପଖଣ୍ଡର ଚାଷୀଙ୍କ ଦ୍ୱାରା ବାରମ୍ବାର ଅଭିଯୋଗ ହୋଇଛି। ଗଣମାଧ୍ୟମରେ ମଧ୍ୟ ବାରମ୍ବାର ଖବର ପ୍ରକାଶ ପାଇଆସୁଛି। ହେଲେ ନିଦାବିଷ୍ଟୁ ପାଲଟି ଯାଇଛନ୍ତି ବିଭାଗୀୟ ଅଧିକାରୀ। ଏଠି ପ୍ରଶାସନ ସ୍ଥାଣୁ ହୋଇପଡିଥିବା ଅଭିଯୋଗ ହେଉଥିବା ବେଳେ କେବଳ ନେତା ଓ ବଡ଼ବଡ଼ିଆଙ୍କ ହାତବାରିସୀ ସାଜିଥିବା ମତପ୍ରକାଶ ପାଉଛି।

# ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ ଘଟଣା

## ୪ ଗିରଫ, ମୋଟରସାଇକଲ ଜବତ



ଢେଙ୍କାନାଳ,୧୫ା୫(ସମିସ): ଢେଙ୍କାନାଳ ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ଦେଉଳସାହିରେ ରହୁଥିବା ସୂଚନା ଅଧିକାର କର୍ମୀ ପ୍ରିୟବ୍ରତ ଗଡ଼ନାୟକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ସୂଚନା ଅଧିକାର କର୍ମୀ ପ୍ରିୟବ୍ରତ ଗଡ଼ନାୟକଙ୍କୁ ଗତ ମଙ୍ଗଳବାର ଟାଉନ ଥାନା ୫୫ ନମ୍ବର ଜାତୀୟ ରାଜପଥର ନିରୁପମା ହୋଟେଲ ନିକଟରେ ଚାରିଜଣ ଯୁବକ ମରଣାନ୍ତକ ଆକ୍ରମଣ କରିବା ସହିତ କାରକୁ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ସେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ନେଇ ପୁଲିସ ତରଫରୁ ଟାଉନ ଥାନାରେ ୩୩୮/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଥିଲା। ଏହି ଘଟଣାରେ ପୁଲିସ ତଦନ୍ତ କରି ସଦରଥାନା ଗୁଣ୍ଡିଚାପଡ଼ା ଗ୍ରାମର ଏସ୍ କେ ଧୋନିଙ୍କ ପୁଅ ଏସ୍‌କେ ମୋବେଶ୍ୱର ଓରଫ ଟୁଇଁ (୨୪) ଏବଂ ଏସକେ ମୋଜାହର (୨୫)ଙ୍କ ସହିତ ଟାଉନ ଥାନା ଅନ୍ତର୍ଗତ ଦୁର୍ଗାବଜାରର ସାନୁ ମହାନ୍ତି(୨୬)ଏବଂ ଜଗତସିଂହପୁର ରସାଳପୁରର ଅମିତ କୁମାର ନାଥଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେମାନଙ୍କଠାରୁ ୨ଟି ମୋଟରସାଇକଲ ସହିତ ଆକ୍ରମଣରେ ବ୍ୟବହାର କରାଯାଇଥିବା ଲୁହା ଛଡ଼କୁ ଜବତ କରାଯାଇଛି।

## ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶିତ

# ସ୍ନାତକରେ ମୋନାଲିସା, ସ୍ନାତକୋତ୍ତରରେ ଆକାଶ ଟପ୍ପର

ଅନୁଗୋଳ,୧୫।୫(ସମିସ)

ଚଳିତବର୍ଷର ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପରୀକ୍ଷା ଫଳ ପ୍ରକାଶ ପାଇଛି । ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ତଥା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ପ୍ରୀତିମୟ, ଯୋଗଦେଇ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ । ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ଡ. ସରୋଜ କୁମାର ରଥ ପରୀକ୍ଷା ଫଳ ସମ୍ପର୍କିତ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ପରୀକ୍ଷା ନିୟନ୍ତ୍ରକ କାର୍ଯ୍ୟାଳୟର ଉପଦେଷ୍ଟା ତଥା ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ବିରଞ୍ଚି ନାରାୟଣ ସାମଲ ଉପସ୍ଥିତ ଥିଲେ । ସ୍ନାତକ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କ ମୋଟ ପାସହାର ୯୬.୧୦ ପ୍ରତିଶତ ରହିଥିବା ବେଳେ ଛାତ୍ରୀମାନେ ଛାତ୍ରଙ୍କଠାରୁ ଆଗରେ ରହିଛନ୍ତି । ବିଜ୍ଞାନ ବିଭାଗରେ ପାସହାର






ସର୍ବାଧିକ ୯୭.୫ ପ୍ରତିଶତ ରହିଥିବାବେଳେ ବାଣିଜ୍ୟ ଓ କଳା ବିଭାଗରେ ପାସହାର ଯଥାକ୍ରମେ ୯୬.୧୦ ଓ ୯୫.୭୦ ପ୍ରତିଶତ ।

ବିଜ୍ଞାନ ବିଭାଗର ଭୂତତ୍ତ୍ୱବିଜ୍ଞାନ ସମ୍ମାନ ବିଭାଗର ଛାତ୍ରୀ ମୋନାଲିସା ବେହେରା ସର୍ବାଧିକ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି । ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ହେଲେ ନୃତତ୍ତ୍ୱ ବିଭାଗର ଦିକ୍ଷିପ୍ତା ପ୍ରିୟରଞ୍ଜନ ବାଘା, ଅର୍ଥନୀତି ଅମୃତା ଭୁକ୍ତା, ଶିକ୍ଷା ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଇଂରାଜୀ ସୂର୍ଯ୍ୟାଂଶୀ ଜେନା, ଇତିହାସ ଶିଳ୍ପା ସାହୁ, ଓଡ଼ିଆ ରେଶ୍ମା ସାମଲ, ଦର୍ଶନ ଶାସ୍ତ୍ର ଶୁଭଶ୍ରୀ ବେହେରା, ରାଜନୀତି ବିଜ୍ଞାନ ସ୍ୱାତିକା ସୁଭଦର୍ଶିନୀ ସାହୁ, ସଂସ୍କୃତ ସ୍ମୃତିମୟୀ ବେହେରା, ଉଦ୍ଭିଦ ବିଜ୍ଞାନ ସୁନୟନା ବିଲାଶ, ରସାୟନ ବିଜ୍ଞାନ ତୃପ୍ତିମୟୀ ପ୍ରଧାନ, ଭୂତତ୍ତ୍ୱ ବିଜ୍ଞାନ ଶିଳ୍ପା ସୁନନ୍ଦିତା ସାହୁ, ଗଣିତ ସତ୍ୟବ୍ରତ ସାହୁ, ପଦାର୍ଥ ବିଜ୍ଞାନ ଶ୍ୱେତପଦ୍ମା ସାହୁ, ପ୍ରାଣୀ ବିଜ୍ଞାନ କଳ୍ପନା ବେହେରା, ବାଣିଜ୍ୟ ପ୍ରୀତିପର୍ଣ୍ଣା ସାହୁ । ସ୍ନାତକୋତ୍ତରରେ କୃତୀ ଛାତ୍ରଛାତ୍ରୀଙ୍କ ମୋଟ ପାସହାର ଶତପ୍ରତିଶତ । ଆକାଶ ପାଣି ସର୍ବାଧିକ ନମ୍ବର ରଖି କୃତୀ ଛାତ୍ର ହେବାର ଗୌରବ ଅର୍ଜନ କରିଛନ୍ତି । ଉତ୍ସବରେ ଦୀପାଂଶୁ ଶେଖର ସାହୁ ଓ ରଶ୍ମୀକାନ୍ତ ବାରିକ ଯୋଗ ଦେଇଥିଲେ ।

## ଅନୁଗୋଳରେ ହାତୀ ଆତଙ୍କ

# ସପ୍ତାହକରେ ଗଲାଣି ୪ ମୁଣ୍ଡ; ଗ୍ରାମବାସୀ ଭୟଭୀତ



ଅନୁଗୋଳ,୧୫।୫(ସମିସ): ଜିଲ୍ଲାରେ ଥମୁନି ଗଜରାଜଙ୍କ ତାଣ୍ଡବ । ଅନୁଗୋଳ ବନ୍ତଲା ବନାଞ୍ଚଳରେ ହାତୀ-ମଣିଷ ଲଢ଼େଇ ଏବେ ଭୟଙ୍କର ରୂପ ଧାରଣ କରିଛି । ମାତ୍ର ଏକ ସପ୍ତାହ ମଧ୍ୟରେ ହାତୀ ଆକ୍ରମଣରେ ୪ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଆଜି ପୁଣି ଜଣେ ବୃଦ୍ଧଙ୍କ ଜୀବନ ଯାଇଛି । ସୂଚନା ଅନୁସାରେ, ତଳମୂଳ ଗାଁର ଆରତ ଭୋଇ ବିଳମ୍ବିତ ରାତିରେ ପରିବାର ସହ ଶୋଇଥିବା ବେଳେ ଏକ ଦନ୍ତା ହାତୀ ଘରର କାନ୍ଥ ଭାଙ୍ଗି ତାଙ୍କୁ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଗତକାଲି କୁସୁମପାଟ ଗାଁର ପ୍ରମିଳା ସାହୁଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ପୁଣି ତୁମୁଣି ଗାଁର ବନ୍ଧୁ ବେହେରା ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି । ଲଗାତାର ହେଉଥିବା ଏହି ଆକ୍ରମଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସହ ଭୟର ବାତାବରଣ ଖେଳିଯାଇଛି । ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜନବସତି ମୁହାଁ ହାତୀଙ୍କୁ ରୋକିବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଆଜି ସାବିତ୍ରୀ: ଫଳବଜାର ଓ ପୂଜାସାମଗ୍ରୀ ଦୋକାନରେ ଭିଡ଼

ତାଳଚେର,୧୫।୫(ସମିସ): ରାତି ପାହିଲେ ସାବିତ୍ରୀ ଅମାବାସ୍ୟା । ଏହି ଦିନରେ ସ୍ତ୍ରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ ଓ ମଙ୍ଗଳକାମନା ପାଇଁ ଉପବାସ ରହି ସାବିତ୍ରୀଙ୍କ ବ୍ରତ କରିବେ । ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଫଳମୂଳରେ ମା'ଙ୍କର ପୂଜା କରାଯିବ । ସତ୍ୟବାନ୍‌ଙ୍କ ଠାରୁ ସାବିତ୍ରୀ ସମସ୍ତେ ମାର୍କେଟ ମୁହାଁ ।



ଏଥିନେଇ ଫଳ, ମନୋହରି, ଲୁଗାଦୋକାନ, ପୂଜାସାମଗ୍ରୀ ଦୋକାନ ଗୁଡ଼ିକରେ ପ୍ରବଳ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି । କିଏ ନିଜ ପାଇଁ କିଣୁଛି ତ ଆଉ କିଏ ଝିଅଝିଆଣିଙ୍କ ପାଇଁ କିଣିବାରେ ଲାଗିପଡ଼ିଛନ୍ତି, ଯେଉଁଥିପାଇଁ ଆଜି ବଜାର ସରଗରମ ରହିଛି । ସାବିତ୍ରୀ ପୂଜା ଆଖି ଆଗରେ ରଖି ଫଳ ବେପାରୀଏ ବେଶ ଭଲ ଦି' ପଇସା ରୋଜଗାର କରିବାକୁ ପସରା ଖୋଲାକରି ରଖିଛନ୍ତି । ତାଳଚେର ବଜାରର ଫଳ ସମାଗ୍ରୀ ଦର ଦେଖିଲେ ନଡ଼ିଆ ୨୫ରୁ ୩୦, କଦଳୀ ଡ୍ରଜନ ୫୦ରୁ ୮୦, ତରଭୂଜ କେଜି ୩୦, ସେଓ କେଜି ୨୨୦ରୁ ୩୦୦, କମଳା କେଜି ପ୍ରତି ୨୦୦, ଅଙ୍ଗୁର କେଜି ୧୫୦, ଡାଳିମ୍ବ କେଜି ୨୦୦, ସପୁରୀ ଗୋଟା ୪୦ରୁ ୬୦, ପଣସ ଗୋଟା ୫୦ରୁ ଏକଶହ, ଲିଚୁ କେଜି ୨୦୦, ବାଇଗଣପଲ୍ଲୀ ଆମ୍ବ କେଜି ୮୦ ଓ ଦେଶୀଆମ୍ବ କେଜି ୩୦, ନାସପାତି ୨୦୦, ପିଜୁଳି ୧୦୦, ସେପଟା ଫଳର ଦାମ କେଜି ପ୍ରତି ୧୫୦, ଖଜୁରୀ ପେଣ୍ଡା ୩୦ ଟଙ୍କା ରହିଛି । ତେବେ ସାବିତ୍ର ବ୍ରତ ଦିନ ଏହି ଫଳର ଦର ଆହୁରି ବଢ଼ିବ ବୋଲି ଫଳ ବ୍ୟବସାୟୀମାନେ କହୁଛନ୍ତି । ତେବେ ଏହି ଫଳ ଦୋକାନ ଗୁଡ଼ିକ ଘୋଡ଼ାଶାଳ, ବଡ଼ବଜାର, ଫାଷ୍ଟଗେଟ୍, ବସଷ୍ଟାଣ୍ଡ, ବାଇପାସ୍ ପୋଲ, ହାଟତୋଟା ରୋଡ୍, ଲିଙ୍ଗରାଜ ରୋଡ୍, ଶର୍ମାଛକ, ହାଣ୍ଡିଧୂଆଁ ରେଲୱେ ଗେଟ୍, ହାଣ୍ଡିଧୂଆଁ ଛକ ଇତ୍ୟାଦି ସ୍ଥାନ ମାନଙ୍କରେ ଥିବାବେଳେ ବେଶ୍ ଭିଡ଼ ଦେଖିବାକୁ ମିଳିଛି । ପାଗ ଅନୁକୂଳ ରହିଲେ ବ୍ୟବସାୟ ଭଲ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି । ଦରଦାମ ଉଚ୍ଚଥିଲେ ହେଁ ସାବିତ୍ରୀ ବ୍ରତ ପାଇଁ ଗୃହିଣୀମାନେ ସଙ୍କୋଚ ନକରି କିଣୁଥିବାର ଦେଖାଯାଉଛି । ସେହିପରି ଶାଢ଼ି ଓ ବିଭିନ୍ନ ମନୋହରି ଦୋକାନରେ କିଣାବିକା ଚାଲିଛି । ବିଭିନ୍ନ ସ୍ଥାନରେ ଶଙ୍ଖା, ସିନ୍ଦୂର, ସାଲୁକନା, ଚୂଡ଼ି, ବ୍ରତ, ତୁଳା, କଳାମାଳି, କାଠପାନିଆ, ପାଟଫୁଲି ଆଦି ପୂଜାସାମଗ୍ରୀ ଆଦି ପ୍ୟାକେଟ୍ ।

# ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ



ଅନୁଗୋଳ,୧୫।୫(ସମିସ): ସ୍ଥାନୀୟ ସମଗ୍ରଶିକ୍ଷା ସମ୍ମିଳନୀ କକ୍ଷଠାରେ ଶଯ୍ୟାଶାୟୀ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗୃହଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ସହାୟକ ଉପକରଣ ବଣ୍ଟନ ଓ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ, ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତ କୁମାର ଘୁଟା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତଥା ଡେପୁଟି କଲେକ୍ଟର ମନୀଷ ଏକ୍କା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ଲୋପାମୁଦ୍ରା ପଟ୍ଟନାୟକ, ବନରପାଳ ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି, ଅନୁଗୋଳ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ ଓ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ପ୍ରତ୍ୟକ ବ୍ଲକ୍‌ରୁ ୧୦ ଜଣ ଲେଖାଏଁ ମୋଟ ୮୦ ଜଣ ଶଯ୍ୟାଶାୟୀ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ୮୦ ଜଣ ଅଭିଭାବକ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମ୍ପର୍କିତ ଅଧିସୂଚନା ପ୍ରଦାନ କରିଥିଲେ । ଏହାପରେ ମୁଖ୍ୟ ଅତିଥି ଶ୍ରୀ ଘୁଟା ଶଯ୍ୟାଶାୟୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସହାୟକ ଉପକରଣଗୁଡ଼ିକର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ । ଅଭିଭାବକ, ଶିକ୍ଷକ ଓ ସେବାଦାତାମାନେ ଏହି ଉପକରଣଗୁଡ଼ିକୁ ସ୍ନେହ, ଧୈର୍ଯ୍ୟ ଓ ପ୍ରୋତ୍ସାହନ ସହିତ ବ୍ୟବହାର କରାଇବା ଉଚିତ ବୋଲି କହିଥିଲେ । ଶଯ୍ୟାଶାୟୀ ଶିଶୁମାନଙ୍କ ପାଇଁ ଦକ୍ଷତା ବିକାଶ କ୍ଷେତ୍ରରେ ଏହା ଅତ୍ୟନ୍ତ ଉପଯୋଗୀ ଓ ଅବଶିଷ୍ଟ ଇନ୍ଦ୍ରିୟ ଗୁଡିକର (ସେନ୍ସରୀ) ବିକାଶରେ ସହାୟକ ହେବ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପଟ୍ଟନାୟକ ତାଙ୍କର ଅଭିଭାଷଣରେ ଉକ୍ତ ଉପକରଣଗୁଡିକର ସଫଳ ବ୍ୟବହାର ହେଲେ ହାତ-ଆଖିର ସମନ୍ୱୟ, ଭାଷା ବିକାଶ ଓ ଏକାଗ୍ରତା ବିକାଶ ହେବ ବୋଲି କହିଥିଲେ । ବିଶେଷକରି ସବୁବେଳେ ଶିକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟ ଓ ରୁଚିକୁ ଗୁରୁତ୍ୱ ଦେଇ ନିୟମିତ ଅଭ୍ୟାସ କରାଇବାକୁ ପରାମର୍ଶ ଦେଇଥିଲେ । ଅଭିଭାବକଙ୍କ ସକାରାତ୍ମକ ବ୍ୟବହାର ଓ ପରିବାରର ସହଯୋଗ ଦ୍ୱାରା ଶଯ୍ୟାଶାୟୀ ଶିକ୍ଷାର୍ଥୀମାନେ ମଧ୍ୟ ଆତ୍ମନିର୍ଭର ଓ ସକ୍ଷମ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଏକ୍କା ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅଭିଭାବକଙ୍କୁ ସୂଚନା ପ୍ରଦାନ କରିଥିଲେ । ଏହାପରେ ଅତିଥିମାନଙ୍କ ଦ୍ୱାରା ହିତାଧିକାରୀ ଛାତ୍ରଛାତ୍ରୀଙ୍କୁ ଉପକରଣ ଗୁଡ଼ିକ ବଣ୍ଟନ କରାଯାଇଥିଲା ।

# ସ୍ୱାବଲମ୍ବୀ ହେଲେଣି ୧୦୦ରୁ ଅଧିକ ମହିଳା ଓ ପୁରୁଷ



ଛେଣ୍ଡିପଦା,୧୫।୫(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଅନ୍ତର୍ଗତ ବାଲିପଟା ଗ୍ରାମର ୧୦୦ ରୁ ଅଧିକ ମହିଳା ଓ ପୁରୁଷ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଛତୁ ଚାଷ, ମହୁ ଚାଷ, ମୋବାଇଲ୍, କମ୍ପୁଟର ତାଲିମପ୍ରାପ୍ତ ହୋଇ ପାରିଛନ୍ତି । ସେମାନେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉଛନ୍ତି ଉଦ୍ୟୋଗୀ ହେବାପାଇଁ ସେମାନେ ଦେଖିଥିବା ସ୍ୱପ୍ନ ପୂରଣ ହେଉଛି । ଅନୁଗୋଳ ଜିଲ୍ଲାର ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ତାଲିମ କରାଯାଇ ସେମାନଙ୍କୁ ଗ୍ରାମ ପଞ୍ଚାୟତ ଠାରେ ସରପଞ୍ଚ ସୁଦାମ ପ୍ରଧାନଙ୍କ ଅଧକ୍ଷତାରେ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ତାଲିମପ୍ରାପ୍ତ ସୁମନ୍ତ ସ୍ୱାଇଁ, ରୋଜାଲିନ୍ ସାହୁ ଓ ଗ୍ରାମର ସମାଜସେବୀ ମମତା ଦାସ, ସୁବାସ ଚନ୍ଦ୍ର ସାହୁ ଉପସ୍ଥିତି ଥିଲେ ।

# ମୋହନ ଚରଣ ଦେହୁରୀଙ୍କ ସ୍ମରଣ ସଭା

ଅନୁଗୋଳ,୧୫।୫(ସମିସ): ଅନୁଗୋଳ ଜିଲ୍ଲାର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସଭ୍ୟ ମୋହନ ଚରଣ ଦେହୁରୀଙ୍କ ସ୍ମରଣ ସଭା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲ୍ଲା କମିଟି ପକ୍ଷରୁ ଆଜି ଅପରାହ୍ନରେ ସ୍ଥାନୀୟ ଶିକ୍ଷକପଡାସ୍ଥ ପାର୍ଟି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ଜିଲ୍ଲା ସମ୍ପାଦକ ଭିକାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମରଣ ସଭାର ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ମୋହନ ଚରଣ ଦେହୁରୀ ଜିଲ୍ଲାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସଂଗଠନ ଗଢ଼ିତୋଳିବାରେ ଗଛର ଚେର ଭଳି କାର୍ଯ୍ୟକରି ଯାଇଛନ୍ତି ବୋଲି ପ୍ରକାଶ କରିଥିଲେ । ମୋହନ ଚରଣ ଦେହୁରୀଙ୍କର ଜିଲ୍ଲା ସଂଗଠନ ପ୍ରତି ତାଙ୍କ ଅବଦାନ ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି ପ୍ରକାଶ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ନିରାକାର ପଣ୍ଡା, ଜୟସେନ ମେହେର, ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, କୈଳାସ ସାହୁ, ମନ୍ଦୋଦରୀ ରାଉଳ ପ୍ରମୁଖ ସ୍ମରଣ ସଭାରେ ଉପସ୍ଥିତ ଥିଲେ । ଆନ୍ତର୍ଜାତିକ ସଙ୍ଗୀତ ଗାନ ପରେ ସଭା ଶେଷ ହୋଇଥିଲା ।

# ଆରମ୍ଭ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା

ଅନୁଗୋଳ,୧୫।୫(ସମିସ): ଖୁବ୍ ଶୀଘ୍ର ଆରମ୍ଭ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବା ଏସଆଇଆର୍ । ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଅନୁଯାୟୀ ଏହି ଏସ୍‌ଆଇଆର୍ ପ୍ରକ୍ରିୟା ଅନୁଷ୍ଠିତ ହେବ । ଯେପରିକି ୨୦ ମଇରୁ ୨୯ ମଇ ୨୦୨୬ ମଧ୍ୟରେ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ଅନୁଷ୍ଠିତ ହେବ । ସେହିଭଳି ୩୦ ମଇରୁ ୨୮ ଜୁନ୍ ୨୦୨୬ ମଧ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀ ବା ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବେ ଏବଂ ଫର୍ମ ବଣ୍ଟନ କରିବେ । ୫ ଜୁଲାଇ ୨୦୨୬ ରେ ଖସଡ଼ା ଭୋଟର ତାଲିକା ପ୍ରକାଶ କରାଯିବ । ସେହିଭଳି ଖସଡ଼ା ଭୋଟର ତାଲିକା ପ୍ରକାଶ ପରେ ୫ ଜୁଲାଇ ରୁ ୪ ଅଗଷ୍ଟ ୨୦୨୬ ସମୟସୀମା ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରାଯିବ । ସେହିପରି କରାଯାଇଥିବା ଦାବି କିମ୍ବା ଆପତ୍ତି ନିମନ୍ତେ ୫ ଜୁଲାଇ ରୁ ୨ ସେପ୍ଟେମ୍ବର ୨୦୨୬ ମଧ୍ୟରେ ନୋଟିସ ପ୍ରଦାନ ତଥା ଦାବି ଓ ଆପତ୍ତି ଗୁଡ଼ିକ ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ ଏବଂ ୬ ସେପ୍ଟେମ୍ବର ୨୦୨୬ ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ କରାଯିବ ।

## ମାଟି ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ମାନବିକତା ଭୁଲିଲେ ସମ୍ପର୍କୀୟ, ଶବ ସଂସ୍କାର କଲା ପୁଲିସ



କଣିହାଁ,୧୫।୫(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଅର୍କିଲ ଗ୍ରାମର ମାଟି ତଳୁ ମୃତ ସଂଜୀବ ବେହେରାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ପରେ ମୃତଦେହ ଗ୍ରହଣ କରିବାକୁ ପରିବାର ବର୍ଗ ଓ ଗ୍ରାମବାସୀ ଅରାଜି ହୋଇଥିଲେ । ଦୀର୍ଘ ସମୟ ଧରି ପୁଲିସ ପକ୍ଷରୁ ବୁଝାସୁଝା କରାଯାଇଥିଲେ ମଧ୍ୟ କେହି ମୃତଦେହ ଗ୍ରହଣ କରିବାକୁ ଆଗେଇ ଆସିନଥିଲେ । ଫଳରେ ରେଙ୍ଗାଳି ଆଇଆଇସି ଚଞ୍ଚଳ ନାୟକଙ୍କ ଉଦ୍ୟମରେ ରେଙ୍ଗାଳି ଥାନା ପୁଲିସ ପକ୍ଷରୁ ଶବ ସତ୍କାର କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସମ୍ପର୍କୀୟମାନେ ମାନବିକତା ଭୁଲିଯାଇଥିବାବେଳେ, ପୁଲିସର ଏହି ମାନବିକ ପଦକ୍ଷେପ ସାଧାରଣରେ ପ୍ରଶଂସାର ବିଷୟ ପାଲଟିଛି ।

## ତେଲ ପାଇଁ ହାହାକାର

# ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଧାଡ଼ି, ପୁଲିସ ମୁତୟନ



ଅନୁଗୋଳ,୧୫।୫(ସମିସ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏବେ ତେଲ ସଂକଟକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନୁଗୋଳ ସହରରୁ ବଁଅରପାଳ ମଧ୍ୟରେ ଥିବା ପ୍ରାୟ ୭ଟି ପେଟ୍ରୋଲ ପମ୍ପରେ ତେଲ ଶେଷ ହୋଇଯାଇଥିବା ବେଳେ, ଯେଉଁ କେତେକ ସ୍ଥାନରେ ତେଲ ମିଳୁଛି ସେଠାରେ ଗ୍ରାହକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି । ପରିସ୍ଥିତି ଏଭଳି ଜଟିଳ ହୋଇଛି ଯେ, ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଟାଙ୍କି ମାଲିକଙ୍କୁ ପୁଲିସର ସହାୟତା ନେବାକୁ ପଡୁଛି । ଏହି ସଂକଟକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାରଙ୍କ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସରକାରଙ୍କ ବୈଦେଶିକ ନୀତି ଏବଂ ପରିଚାଳନାଗତ ତ୍ରୁଟି ଯୋଗୁଁ ସାଧାରଣ ଜନତା ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଲୋକେ ଚର୍ଚ୍ଚା କରୁଛନ୍ତି । ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ବଦଳରେ ଜନସାଧାରଣଙ୍କୁ ଏହି ଖରାଦିନେ ନାହିଁ ନଥିବା ହଇରାଣ ହେବାକୁ ପଡୁଛି । ଆଗାମୀ ଦିନରେ ଏହି ସମସ୍ୟା କେଉଁ ରୂପ ନେବ, ତାହାକୁ ନେଇ ସାଧାରଣରେ ଆଶଙ୍କା ସୃଷ୍ଟି ହୋଇଛି ।

## ତାଳଚେରରେ ବନ୍ଦ ପଡ଼ିଛି ଏକାଧିକ ଟାଙ୍କି

ତାଳଚେର ସହର,୧୫।୫(ସମିସ): ତୈଳ ଅଭାବ ସ୍ଥିତି ଏବେ ତାଳଚେର ସହରରେ ମଧ୍ୟ ଦେଖିବାକୁ ମିଳିଛି । ଦୈନିକ ହଜାର ହଜାର ଟ୍ରକ୍ ଦ୍ୱାରା କୋଇଲା ପରିବହନ ହେଉଥିବା ବେଳେ ତେଲ ଅଭାବରୁ ରାସ୍ତାରେ ଛିଡ଼ା ହୋଇ ରହିଛି ଅନେକ ଟ୍ରକ୍ । ରାଜ୍ୟରେ ତୈଳ ସଙ୍କଟ ଲାଗି ରହିଥିବା ବେଳେ ଏହାର ପ୍ରଭାବ ସିଧାସଳଖ ପଡ଼ିଛି ତାଳଚେର ଅଞ୍ଚଳରେ । ତାଳଚେର କୋଇଲା ଖଣି ଅଞ୍ଚଳ ହୋଇଥିବା ବେଳେ ଦୈନିକ ଟନ୍ ଟନ୍ କୋଇଲା ଟ୍ରକ୍ ଯୋଗେ ରାଜ୍ୟ ତଥା ରାଜ୍ୟ ବାହାରର କୋଣ ଅନୁକୋଣକୁ ପରିବହନ ହୋଇଥାଏ । କିନ୍ତୁ ତେଲ ସଙ୍କଟ କାରଣରୁ ଆଜି ଶହ ଶହ ଟ୍ରକ୍ ରାସ୍ତାରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି । ସେହିପରି ତାଳଚେର ବସ୍‌ଷ୍ଟାଣ୍ଡରୁ ମଧ୍ୟ କିଛି ବସ୍ ଆଜି ଗନ୍ତବ୍ୟସ୍ଥଳକୁ ଯାଇ ପାରିନାହିଁ । ଯାହା ଦ୍ୱାରା ଯାତ୍ରୀମାନେ ମଧ୍ୟ ବେଶ୍ ହନ୍ତସନ୍ତ ହେଉଛନ୍ତି । ମଧ୍ୟବିତ୍ତ ପରିବାରର ଲୋକଟିଏ ବାଇକ୍ ଧରି ତହ ତହ ଖରାରେ ତେଲ ଟିକେ ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଛିଡ଼ା ହୋଇ ରହୁଛି । ଯେଉଁଥିପାଇଁ ଅସନ୍ତୋଷ ବ୍ୟକ୍ତ କରିବା ସହ ସରକାରଙ୍କୁ ଭର୍ତ୍ସନା କରିଛନ୍ତି ସାଧାରଣ ଗ୍ରାହକ । ଏପଟେ ଯଦି ତେଲ ସଙ୍କଟର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଟ୍ରକ୍ ଛିଡ଼ା ହୋଇଯିବ ଏବଂ ପରିବହନ ଠପ୍ ହୋଇଯିବ । ତା' ସହିତ ତେଲ ସଙ୍କଟ ସାଙ୍ଗକୁ ଦର୍ ବୃଦ୍ଧି ଯୋଗୁଁ ଆଗାମୀ ଦିନରେ ଭଡ଼ା ବୃଦ୍ଧି ହେବ ଯାହାର ସିଧା ସଳଖ ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡ଼ିବା ନେଇ କହିଛନ୍ତି ତାଳଚେର ଟ୍ରକ୍ ମାଲିକ ସଂଘ ସଭାପତି ଦିଲ୍ଲୀପ କୁମାର ପାଣି । ପୂର୍ବ ସରକାରରେ ଏଭଳି ସ୍ଥିତି କେବେ ଉପୁଜିନଥିଲା । ଚଳିତ ସରକାରରେ ମନ୍ତ୍ରୀ



ମାନଙ୍କ ଦୋମୁହାଁ ନୀତି ଯୋଗୁଁ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ପଟେ ରାଜ୍ୟରେ ତେଲ ପ୍ରଚୁର ପରିମାଣରେ ଥିବା ନେଇ ଯୋଗାଣ ମନ୍ତ୍ରୀଙ୍କ ବୟାନ ଏବଂ ସେହିଦିନ ସନ୍ଧ୍ୟାରୁ ତେଲ ଟାଙ୍କି ସମ୍ମୁଖରେ ତେଲ ପାଇଁ ଭିଡ଼ ଘଟଣା ଯୋଗାଣ ମନ୍ତ୍ରୀଙ୍କ ଅପାରଗତାକୁ ସ୍ପଷ୍ଟ କରୁଥିବା କହି ଭର୍ତ୍ସନା କରିଛନ୍ତି ବିଜେଡି ଯୁବ ନେତା ରାକେଶ ଦାସ । ସେହିପରି ତେଲ ସଙ୍କଟର ପ୍ରଭାବ ବସ ଉପରେ ପଡ଼ିଥିବା ବେଳେ ଆଗାମୀ ଦିନରେ ବସ ବନ୍ଦ ହେବା ନେଇ ଚେତାବନୀ ଦେଇଛନ୍ତି ତାଳଚେର ଘରୋଇ ବସ ମାଲିକ ସଂଘର ସଭାପତି ଶ୍ରୀକାନ୍ତ ପାଣି । ବସ୍‌ଗୁଡ଼ିକୁ ଯେଉଁ ପରିମାଣର ତେଲ ଦରକାର ସେତିକି ତେଲ ମିଳୁନାହିଁ । ତେଣୁ ବାରମ୍ବାର ଟାଙ୍କିରେ ଛିଡ଼ା ହୋଇ ତେଲ ପକାଇବା ପାଇଁ ବସ ଗୁଡ଼ିକ ସକ୍ଷମ ହେଉନାହିଁ । ତେଣୁ ଏଭଳି ସ୍ଥିତି ଲାଗି ରହିଲେ ବସ ଚଳାଇବା ମୁସ୍କିଲ ହେବ ବୋଲି କହିଛନ୍ତି ତାଳଚେର ଘରୋଇ ବସ ମାଲିକ ସଂଘ ସଭାପତି ତଥା ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ଉପସଭାପତି ଶ୍ରୀକାନ୍ତ କୁମାର ପାଣି । ତେବେ ତୈଳ ସଙ୍କଟର ଶୀଘ୍ର ସମାଧାନ ନ ହେଲେ ସାଧାରଣ ଖାଉଟି ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି । ସରକାର ସମସ୍ୟାକୁ ଗୁରୁତର ସହ ନେଇ ଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି ।



# ଭୁବନେଶ୍ୱରରେ ନିଟ୍ ନିଆଁ




- ଗର୍ଜିଲା ଯୁବ କଂଗ୍ରେସ
- ଧର୍ମେନ୍ଦ୍ରଙ୍କ ଗସ୍ତ ପୂର୍ବରୁ ନେତାଙ୍କୁ ଉଠାଇନେଲା ପୁଲିସ୍

ଭୁବନେଶ୍ୱର, ୧୫।୫(ସମିସ): ନିଟ୍ ପେପର ଲିକ୍ ପ୍ରସଙ୍ଗକୁ ନେଇ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟକାଳରେ ଦେଶର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୋଦୀଙ୍କର ଶାସନର ୧୦ ବର୍ଷରେ ୮୯ ଥର ପେପେର ଲିକ୍ ଘଟଣା ଘଟିଛି ଏବଂ ୪୮ ଥର ରିଟେଷ୍ଟ ହୋଇଛି। ଗତ ମେ' ମାସ ୩ ତାରିଖ ୨୦୨୬ରେ ଯେଉଁ ନିଟ୍ ୟୁଜି ପରୀକ୍ଷା ହୋଇଥିଲା ତାହାକୁ ଏନ୍‌ଟିଏ ଅଶିଦ୍ଧ ଘୋଷଣା କରିଛି। ବିରୋଧିଦଳ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟାନ୍ୟ ଅଣବିଜେପି ଦଳର ନେତାମାନଙ୍କ ବକ୍ତବ୍ୟ ଅନୁସାରେ ଗତ ୭ ରୁ ୧୦ ବର୍ଷ ଭିତରେ ପ୍ରାୟ ୨ କୋଟି ଯୁବକ ଯୁବତୀ ଏହି ପେପର ଲିକ୍ ଘଟଣାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଜେପି ସରକାର ଦେଶର ଭବିଷ୍ୟତ ପିଢ଼ିଙ୍କ ସ୍ୱପ୍ନକୁ ଛାରଖାର କରିଦେଉଛନ୍ତି। ସୁତରାଂ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ହେବାର ଯୋଗ୍ୟତା ହରାଇଛନ୍ତି। ମୋଦୀ ସରକାର ପରୀକ୍ଷା ପୂର୍ବରୁ ସବୁବେଳେ ପ୍ରଶ୍ନପତ୍ର ବିକ୍ରି ହେଉଛି। ତେଣୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ଏବଂ ଦେଶର ଭବିଷ୍ୟତ ପିଢ଼ିମାନଙ୍କୁ ଏପରି ଆଚରଣ ନ କରାଯାଉ ବୋଲି ଯୁବ କଂଗ୍ରେସ କହିଛି। ଅନ୍ୟପଟେ ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ରାଜ୍ୟ ଯୁବ କଂଗ୍ରେସ ସଭାପତ ରଞ୍ଜିତ ପାତ୍ର, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲଙ୍କୁ ପୁଲିସ ଉଠାଇ ନେଇ ଅଟକ ରଖିଛି। ପ୍ରଥମେ କ୍ୟାପିଟାଲ ଥାନା ପରେ ମୈତ୍ରିବିହାର ଥାନା ଓ ପରିଶେଷରେ ସେମାନଙ୍କୁ ତମାଣ୍ଡ ଥାନାରେ ଅଟକ ରଖାଯାଇଥିବା ଜଣାପଡ଼ିଛି। ନିଟ୍ ପରୀକ୍ଷା ବାତିଲ ପ୍ରସଙ୍ଗରେ ଯୁବ କଂଗ୍ରେସ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବିରୋଧ କରିବା ପାଇଁ ଯେଉଁ ଆୟୋଜନ କରିଥିଲା, ଭାରତୀୟ ଜନତା ପାର୍ଟି ସରକାର ପୁଲିସ ପ୍ରଶାସନକୁ ଲଗାଇ ତାହାକୁ ଭଣ୍ଡୁର କରିବା ପାଇଁ ଷଡଯନ୍ତ୍ର କରିଥିଲା। ଏଥିରେ ଯୁବ କଂଗ୍ରେସ ଭୟଭୀତ ନୁହେଁ ବୋଲି ଯୁବ କଂଗ୍ରେସ କହିଛି।

## ପ୍ରତିବାଦରେ ଏସ୍‌ଏଫ୍‌ଆଇ ପକ୍ଷରୁ ବିକ୍ଷୋଭ




ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ପରିଚାଳନାରେ ହୋଇଥିବା ବ୍ୟାପକ ଅନିୟମିତତା ଓ ଦୁର୍ନୀତିକୁ ନେଇ ଶୁକ୍ରବାର ଭାରତର ଛାତ୍ର ଫେଡେରେସନ(ଏସ୍‌ଏଫ୍‌ଆଇ) ପକ୍ଷରୁ ଏକ ବିକ୍ଷୋଭ ସଭା କୋଷାଧକ୍ଷ ରାକ୍ଷୀ ସ୍ୱାଇଁଙ୍କ ସଭାପତିତ୍ୱରେ ରାଜଧାନୀଠାରେ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାର ଶୁଦ୍ଧତା ନଷ୍ଟ ହେବା ସହ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଥିବାରୁ ସଂଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସଭାରେ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ କହିଛନ୍ତି ଯେ, ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍‌ଟିଏ) ସମ୍ପୂର୍ଣ୍ଣ ରୂପେ ବିଶ୍ୱାସ ହରାଇ ସାରିଛି। ଏଭଳି ଏକ ଅପାରଗ ସଂସ୍ଥାକୁ ତୁରନ୍ତ ଉଚ୍ଛେଦ କରି ପରୀକ୍ଷା ପରିଚାଳନାର ବିକେନ୍ଦ୍ରୀକରଣ କରାଯିବା ଆବଶ୍ୟକ ବୋଲି କହିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେବା ପାଇଁ ସେ ଦାବୀ କରିଛନ୍ତି। ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରାଜ୍ୟ ଉପଦେଷ୍ଟା ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୁରେନ୍ଦ୍ର କୁମାର ଜେନା କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଆଜିର ଶିକ୍ଷା ବ୍ୟବସ୍ଥାରେ ନିଟ୍ ପରି ପରୀକ୍ଷା ଗରିବ ଓ ମେଧାବୀ ଛାତ୍ରଙ୍କ ପାଇଁ ଏକ ଅଭିଶାପ ସଦୃଶ ହୋଇଛି। ଯେଉଁଠି ପ୍ରଶ୍ନପତ୍ର ବଜାରରେ ନିଲାମ ହେଉଛି। ସେଠି ଜଣେ ସଚ୍ଚୋଟ ପରୀକ୍ଷାର୍ଥୀ ନ୍ୟାୟ ପାଇବାର ଆଶା କରିବା ବୃଥା। ଶିକ୍ଷା ମାଫିଆଙ୍କ କବ୍‌ଜାରୁ ପରୀକ୍ଷା ବ୍ୟବସ୍ଥାକୁ ମୁକ୍ତ କରିବା ସହ ସମ୍ପୃକ୍ତ ପ୍ରଭାବଶାଳୀ ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରାଯାଇଛି। ରାଜ୍ୟ କୋଷାଧକ୍ଷ ରାକ୍ଷୀ ସ୍ୱାଇଁ ଚେତାବନୀ ଦେଇ କହିଛନ୍ତି ଯେ, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ଅଭାବ ଏବଂ ପ୍ରଶ୍ନପତ୍ର ପ୍ରଘଟ ହେବାକୁ ସଂଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସଂଗଠନ ପକ୍ଷରୁ ପ୍ରସ୍ତାବରେ ନିଟ୍ ପ୍ରଶ୍ନପତ୍ର ପ୍ରଘଟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କୁ କଠୋର ଶାସ୍ତି, ଅପାରଗ 'ଜାତୀୟ ପରୀକ୍ଷଣ ସଂସ୍ଥା' (ଏନ୍‌ଟିଏ)କୁ ତୁରନ୍ତ ଉଚ୍ଛେଦ କରାଯାଉ। ସରକାର ଯଦି ତୁରନ୍ତ ଦାବି ପୂରଣ ନକରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ସମଗ୍ର ରାଜ୍ୟରେ ବ୍ୟାପକ ରୂପ ଧାରଣ କରିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ ସଭାରେ ରାଜ୍ୟ କମିଟି ସଦସ୍ୟ ମାନସ ରଞ୍ଜନ ଦଳବେହେରା, ମୋନାଲିସା ମହାରଣା, ଦିନେଶ ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟି ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସମେତ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପ୍ରାର୍ଥୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି।

## ଜମିବାଡ଼ି ବିବାଦରୁ ଭାଇକୁ ମରଣାନ୍ତକ ଆକ୍ରମଣ



ଭୁବନେଶ୍ୱର, ୧୫।୫ (ସମିସ): ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଭାଇକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଶୁକ୍ରବାର ଅଭିଯୁକ୍ତ ଭାଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାମ ବିବେକାନନ୍ଦ ପରିଡ଼ା ଓ ତାଙ୍କ ଘର ନାଗେଶ୍ୱର ଟାଙ୍ଗୀ ଅଞ୍ଚଳରେ। ଏନେଇ ବିଜୟାନନ୍ଦ ପରିଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ପରିବାର ସହ ନାଗେଶ୍ୱର ଟାଙ୍ଗୀ ସ୍ଥିତ ପ୍ଲଟ ନମ୍ବର-୪୯୮ ରେ ରୁହନ୍ତି। ଅଭିଯୁକ୍ତ ବିବେକାନନ୍ଦ ପରିଡ଼ା ହେଉଛନ୍ତି ତାଙ୍କର ଭାଇ। ପୂର୍ବରୁ ଜମିଜମା ସଂକ୍ରାନ୍ତକୁ ନେଇ ଭାଇଭାଇ ମଧ୍ୟରେ ବିବାଦ ରହି ଆସିଛି। ଗତ ମାର୍ଚ୍ଚ ୨୬ତାରିଖରେ ରାତି ପ୍ରାୟ ୧୦ଟା୩୦ ସମୟରେ ସେ ଘର ନିକଟରେ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତ ବିବେକାନନ୍ଦ ଅନ୍ୟ ଦୁଇ ସହଯୋଗୀଙ୍କ ସହିତ ସେଠାକୁ ଆସି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିକରିବା ସହ ଲୁହାଛଡ, ଲାଠି ଏବଂ ଛୁରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହା ଫଳରେ ଅଭିଯୋଗକାରୀ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ଭଣଜା ଆସି ଅଭିଯୋଗକାରୀଙ୍କୁ ଅଭିଯୁକ୍ତ ମାନଙ୍କ ଆକ୍ରମଣରୁ ବଞ୍ଚାଇଥିଲେ। ଅଭିଯୁକ୍ତମାନେ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିବାର ଧମକ ମଧ୍ୟ ଦେଇଥିଲେ। ଜମିଜମା ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତ ତାଙ୍କୁ ନିୟମିତ ଭାବେ ଧମକ ଦେବା ସହ ଆକ୍ରମଣ ମଧ୍ୟ କରୁଥିଲେ। ପରିଶେଷରେ ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ବିବେକାନନ୍ଦ ପରିଡ଼ାଙ୍କୁ ନାଗେଶ୍ୱରଟାଙ୍ଗୀ ଅଞ୍ଚଳରୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ସେ ଶ୍ରୀ ଲିଙ୍ଗରାଜ ଥାନା, ବଡଗଡ଼ ଥାନା ଏବଂ କ୍ୟାପିଟାଲ ଥାନାର ୩ଟି ମାମଲାରେ ଜଡିତ ଥିବା ଜଣାପଡ଼ିଛି।

## ଯୁବକଙ୍କୁ ଆକ୍ରମଣ କରି ଲୁଟ୍; ଗିରଫଦାରୀ ସଂଖ୍ୟା ୩କୁ ବୃଦ୍ଧି

ଭୁବନେଶ୍ୱର, ୧୫।୫(ସମିସ): ଘରକୁ ଫେରୁଥିବା ବେଳେ ଜଣେ ଯୁବକଙ୍କୁ ରାସ୍ତାରେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସହ ଟଙ୍କା ଲୁଟ୍ କରିବା ମାମଲାରେ ମୈତ୍ରୀବିହାର ଥାନା ପୁଲିସ ଶୁକ୍ରବାର ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ରାକେଶ ସ୍ୱାଇଁ (୨୧) ଓ ତାଙ୍କ ଘର ସାଲିଆସାହିର ଏକ୍ରାମ ବିହାରରେ ବୋଲି ଜଣାପଡ଼ିଛି। ଏନେଇ ଦୀପେନ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାକେଶଙ୍କ ପୂର୍ବରୁ ଏହି ମାମଲାରେ ଜଣେ ନାବାଳକଙ୍କ ସମେତ ୨ଜଣଙ୍କୁ ପୁଲିସ ଗିରଫ କରିସାରିଛି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୨ତାରିଖର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅଭିଯୋଗକାରୀ ତାଙ୍କ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଜିଆଇଇଟି କଲେଜ ରାସ୍ତା ସ୍ଥିତ ଏକ ଖୋଲା ପଡ଼ିଆ ନିକଟରେ ୭/୮ ଜଣ ଯୁବକଙ୍କ ଏକ ଗୋଷ୍ଠୀ ତାଙ୍କୁ ଜୋରଜବରଦସ୍ତ ରାସ୍ତାରେ ଅଟକାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଟଙ୍କା ଦାବି କରିଥିଲେ। ସେ ମନା କରିବାରୁ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପରେ ସେମାନେ ତାଙ୍କ ମୋବାଇଲ୍ ଫୋନ୍ ଏବଂ ନଗଦ ୭ ହଜାର ୫ଶହ ଟଙ୍କା ଜୋରଜବରଦସ୍ତ ଛଡ଼ାଇ ନେଇଥିଲେ। ଏଥିସହିତ ଅଭିଯୁକ୍ତମାନେ ତାଙ୍କୁ ଛୁରୀ ଦେଖାଇ ଭୟଭୀତ କରି ତାଙ୍କ ମୋବାଇଲ ଫୋନରୁ, ଜଣେ ସହ-ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଅନଲାଇନ୍ ମାଧ୍ୟମରେ ମୋଟ ୪୫ ହଜାର ଟଙ୍କା ଟ୍ରାନ୍ସଫର କରାଇ ନେଇଥିଲେ। ପୁଲିସକୁ ଖବର ଦେଲେ ସେମାନେ ତାଙ୍କୁ ହତ୍ୟା କରିଦେବା ସହ ତାଙ୍କର ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିବାକୁ ମଧ୍ୟ ଧମକ ଦେଇଥିଲେ। ଏହି ଆକ୍ରମଣରେ ଅଭିଯୋଗକାରୀ ଆହତ ହୋଇଥିଲେ। ତଦନ୍ତ ଓ ସ୍ଥାନୀୟ ଯାଞ୍ଚ ସମୟରେ ଅଭିଯୁକ୍ତ ମାନଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଏହି ମାମଲାରେ ପୁଲିସ ପୂର୍ବରୁ ଏପ୍ରିଲ ୮ ତାରିଖରେ ଜଣେ ନାବାଳକଙ୍କୁ ମିଶାଇ ମୋଟ ଦୁଇଜଣଙ୍କୁ କାବୁ କରିଥିବା ବେଳେ ଆଜି ଅନ୍ୟ ଜଣେ ଅଭିଯୁକ୍ତ ରାକେଶ ସ୍ୱାଇଁ ଓରଫ ମୁନାକୁ କାବୁ କରିବାରେ ସକ୍ଷମ ହୋଇଥିଲା।

## ରାଜଧାନୀରେ ମଦ ଚଢ଼ଉ; ୧୪ ଗିରଫ

ଭୁବନେଶ୍ୱର, ୧୫।୫(ସମିସ): ଭୁବନେଶ୍ୱରରେ ଅବକାରୀ ବିଭାଗର ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୧୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୩୧୮ ଲିଟର ଦେଶୀ ମଦ, ୨୦ ଲିଟର ଅସ୍କା -୪୦ ଜବତ ହୋଇଛି। ଅବକାରୀ ଡେପ୍ୟୁଟି ସୁପରିଟେଣ୍ଟ ରାଜଶେଖର ସ୍ୱାଇଁ କହିଛନ୍ତି, ଦେଶୀ ମଦ ବିରୋଧରେ ନିୟମିତ ଭାବେ ଅବକାରୀ ବିଭାଗ ଚଢାଉ ଜାରି ରଖିଛି। ପାଣିଟାଙ୍କି ବସ୍ତି, ପାଥରବନ୍ଧା ବସ୍ତି, ଧଉଳି, ସୁନ୍ଦରପଡ଼ା, ସାରଙ୍ଗଧରପୁର, ଇଡ଼କୋ ବସ୍ତି, ଫାଲିକିଆ ବସ୍ତି, ଡୁମୁଡୁମା, ଫୁଲେଶ୍ୱରୀ ବସ୍ତିରେ ଚଢାଉ କରାଯାଇଥିଲା।

## ଟ୍ରାଭେଲ୍ସରୁ ୬ ଲକ୍ଷ ଟଙ୍କା ଚୋରି; ଡ୍ରାଇଭର ଗିରଫ



ଭୁବନେଶ୍ୱର, ୧୫।୫(ସମିସ): ଏକ ଟ୍ରାଭେଲ୍ସ ସଂସ୍ଥାରୁ ୬ ଲକ୍ଷ ଟଙ୍କା ଚୋରି କରିବା ଅଭିଯୋଗରେ ବଡ଼ଗଡ଼ ଥାନା ପୁଲିସ ଶୁକ୍ରବାର ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭରଙ୍କ ନାମ ଲୋକନାଥ ମହାପାତ୍ର (୩୧) ଓ ତାଙ୍କ ଘର ବଡ଼ଗଡ଼ ବ୍ରିଟ୍ କଲୋନୀରେ ବୋଲି ଜଣାପଡ଼ିଛି। ଏନେଇ ଟ୍ରାଭେଲ୍ସ ସଂସ୍ଥାର ମାଲିକ ଜଗନ୍ନାଥ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଜଗନ୍ନାଥ ସାହୁ "ଟ୍ରାଭେଲ୍ସ ୱାର୍ଲ୍ଡ ଏଣ୍ଟରପ୍ରାଇଜର୍ସ"ର ମାଲିକ। ସେ ୧୧ ଜଣ ଡ୍ରାଇଭରଙ୍କୁ ନିଜ ସଂସ୍ଥାରେ ନିଯୁକ୍ତି ଦେଇଥିଲେ। ଗତ ୫ତାରିଖ ଦିନ ସେ କର୍ମଚାରୀମାନଙ୍କ ଦରମା ପ୍ରଦାନ ପାଇଁ ବ୍ୟାଙ୍କରୁ ୬ ଲକ୍ଷ ଟଙ୍କା ଉଠାଇଥିଲେ ଏବଂ ଉକ୍ତ ନଗଦକୁ ତାଙ୍କ କାର୍ଯ୍ୟାଳୟର ଡ୍ରୟର ଭିତରେ ରଖିଥିଲେ। ଅସାବଧାନତାବଶତଃ କାର୍ଯ୍ୟାଳୟର ଦ୍ୱାର ବନ୍ଦ କରିବାକୁ ଭୁଲିଯାଇଥିଲେ। ଗତ ୭ତାରିଖ ଦିନ ସନ୍ଧ୍ୟା ପ୍ରାୟ ୫ଟା୨୦ରେ, ଯେତେବେଳେ ଅଭିଯୋଗକାରୀ ତାଙ୍କ କାର୍ଯ୍ୟାଳୟକୁ ଫେରି କର୍ମଚାରୀଙ୍କ ଦରମା ପ୍ରଦାନ ପାଇଁ ଡ୍ରୟର ଖୋଲିଲେ, ଡ୍ରୟରରେ ରଖିଥିବା ୬ ଲକ୍ଷ ଟଙ୍କା ଆଉ ସେଠାରେ ନଥିଲା। ଅଭିଯୋଗକାରୀ ସନ୍ଦେହ କରିଥିଲେ ଯେ ତାଙ୍କର ଜଣେ ଡ୍ରାଇଭର ଲୋକନାଥ ମହାପାତ୍ର ଟଙ୍କାକୁ ଚୋରି କରି କାହାକୁ ନଜଣାଇ ୫ ତାରିଖରେ ତାଙ୍କ ଘରୁ ପଳାଇ ଯାଇଛନ୍ତି। ଘଟଣା ଦିନ ଠାରୁ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ବନ୍ଦ ଥିବାରୁ ସେ ତାଙ୍କ ସହ ଆଉ ଯୋଗାଯୋଗ କରିପାରି ନଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଗତ ୧୪ ତାରିଖ ସନ୍ଧ୍ୟା ସମୟରେ, ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା କ୍ରମେ ଚଢଉ କରି ଅଭିଯୁକ୍ତ ଲୋକନାଥ ମହାପାତ୍ରଙ୍କୁ ପୁଲିସ ଗୋପାଳପୁର ଅଞ୍ଚଳରୁ ଗିରଫ କରିବାରେ ସଫଳ ହୋଇଥିଲେ। ଅଧିକ ପଚରାଉଚରା ସମୟରେ ସେ କହିଥିଲେ ଯେ, ଗତ ଚାରି ବର୍ଷ ଧରି ସେ ଟ୍ରାଭେଲ୍ସ ୱାର୍ଲ୍ଡ ଏଣ୍ଟରପ୍ରାଇଜର୍ସ ଅଧୀନରେ ଡ୍ରାଇଭର ଭାବରେ କାମ କରୁଥିଲେ। ଉପରୋକ୍ତ ଠିକଣାରେ ରହୁଥିଲେ। ସେ ଆହୁରି ସ୍ୱୀକାର କରିଥିଲେ ଯେ, ତାଙ୍କ ମାଲିକ ଅଫିସରେ ଅନୁପସ୍ଥିତିର ସୁଯୋଗ ନେଇ ସେ ଅଫିସ ରୁମର ଡ୍ରୟର ଭିତରେ ରଖାଯାଇଥିବା ୬ ଲକ୍ଷ ଟଙ୍କା କୌଶଳକ୍ରମେ ଚୋରି କରିଥିଲେ। ଚୋରି ଟଙ୍କାରେ ବ୍ୟକ୍ତିଗତ କାମ କରିବା ସହ ସହରର ବିଭିନ୍ନ ହୋଟେଲରେ ତାଙ୍କ ବନ୍ଧୁମାନଙ୍କର ମନୋରଞ୍ଜନ ପାଇଁ ଖର୍ଚ୍ଚ କରିଥିଲେ। ସେ ଏହା ମଧ୍ୟ ପ୍ରକାଶ କରିଥିଲେ ଯେ ସେ ଚୋରି ହୋଇଥିବା ଟଙ୍କାର ଏକ ବଡ଼ ଅଂଶ ବିଭିନ୍ନ ସପିଂ ମଲରୁ ବ୍ରାଣ୍ଡେଡ୍ ପୋଷାକ କିଣିବା ପାଇଁ ମଧ୍ୟ ବ୍ୟବହାର କରିଥିଲେ। ଚୋରି ହୋଇଥିବା ଟଙ୍କାରୁ କିଛି ପରିମାଣ ତାଙ୍କ ପାଖରେ ରଖିଥିଲେ। ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ବଳକା ୪୪ଲକ୍ଷ ୭ଶହ ଟଙ୍କା ଜବତ କରିଛି।

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର/ଧଉଳି, ୧୫।୫(ସମିସ): ପୂର୍ବଶତ୍ରୁତାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଶୁକ୍ରବାର ଦୁଇଜଣ ଜେଲ ଫେରନ୍ତାଙ୍କୁ ପୁଣିଥରେ ଗିରଫ କରି ଜେଲ ପଠାଇଛି। ଗିରଫ ଦୁଇ ଯୁବକ ହେଉଛନ୍ତି ନୂଆଗାଁ ଉପରସାହିର ସତ୍ୟବ୍ରତ ବରାଳ ଓରଫ ନିଲୁ (୨୮) ଓ ଜେନାସାହିର ପ୍ରକାଶ ପ୍ରହରାଜ ଓରଫ ଲିଙ୍ଗା (୨୨)। ଏନେଇ ଆକ୍ରମଣର ଶିକାର ଯୁବକଙ୍କ ବାପା ହୃଦାନନ୍ଦ ଧୀର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

**ଜେଲ୍ ଫେରନ୍ତା ପୁଣି ଜେଲ୍ ଗଲେ**

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଧଉଳି ଥାନା ଅନ୍ତର୍ଗତ ରଘୁନାଥପୁର ଉପରସାହିରେ ରୁହନ୍ତି। ଗୁରୁବାର ରାତି ପ୍ରାୟ ୮ରେ ସେ ତାଙ୍କ ଘରେ ଉପସ୍ଥିତ ଥିବା ବେଳେ, ତାଙ୍କ ପୁଅ ଶୋଭନ ଧୀରକୁ ନିର୍ମମ ଭାବରେ ଆକ୍ରମଣ କରାଯାଇଥିବା ନେଇ ଲକି ନାମକ ଜଣେ ସ୍ଥାନୀୟ ଯୁବକ ତାଙ୍କୁ ଜଣାଇଥିଲେ। ଏହି ଶୁଣିବା ପରେ, ସେମାନେ ତୁରନ୍ତ ଘଟଣାସ୍ଥଳକୁ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ। କିଛି ସମୟ ପରେ, ସେମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ। ତାଙ୍କ ମୁଣ୍ଡ ଏବଂ ଉଭୟ ହାତରେ କଟା କ୍ଷତ ହୋଇଥିବା ସହ ତାଙ୍କର ମୋବାଇଲ୍ ଫୋନ୍ ମଧ୍ୟ ମିଳି ନଥିଲା। ଏହା ପରେ ସେମାନେ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଘଟଣା ବିଷୟରେ ପଚରାଯିବାରୁ ତାଙ୍କ ପୁଅ କହିଥିଲେ ଯେ ନିଲୁ, ରାଜା ଏବଂ ଲିଙ୍ଗା ନାମକ ତିନି ଜଣ ଯୁବକ ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ତେଣୁ ସେ ଅଭିଯୁକ୍ତ ମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ଅନ୍ୟ ଏକ ଗଣ୍ଡଗୋଳ ମାମଲାରେ ଅଭିଯୋଗକାରୀଙ୍କ ପୁଅ ଶୋଭନ ଧୀର ଗିରଫ ହୋଇ ଅଦାଲତ ଚାଲାଣ ହୋଇଥିବା ବେଳେ ତାଙ୍କ ଗିରଫ ପଛରେ ନିଲୁର ହାତ ଥିବା ସେ ସନ୍ଦେହ କରିଥିଲେ। ଜେଲରୁ ମୁକୁଳିବା ପରେ ପ୍ରତିଶୋଧ ନେବା ଲାଗି ସେ ଏକ ମାରଣାସ୍ତ୍ର ଧରି ମାରୁତି ନଗର ସ୍ଥିତ ଏକ ନିର୍ମାଣାଧୀନ କୋଠା




ନିକଟକୁ ଅଭିଯୁକ୍ତ ନିଲୁଙ୍କୁ ଅପୋଷ ବୁଝାମଣା ପାଇଁ ଡାକିଥିଲେ। ନିଲୁ ସାଙ୍ଗରେ ଲିଙ୍ଗାକୁ ନେଇ ସେଠାରେ ପହଞ୍ଚିବା ପରେ ଉଭୟ ପକ୍ଷ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ଶୋଭନ ଧୀର ଉକ୍ତ ମରଣାସ୍ତ୍ର ସାହାଯ୍ୟରେ ଉଭୟଙ୍କୁ ଆକ୍ରମଣ କରିବାକୁ ପ୍ରୟାସ କରିଥିଲେ। ଏହାଦେଖି ଦୁଇ ଅଭିଯୁକ୍ତ ପାଖରେ ପଡ଼ିଥିବା କାଠନିର୍ମିତ ଲାଠି ସାହାଯ୍ୟରେ ଶୋଭନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଶୋଭନ ଗୁରୁତର ଆହତ ହୋଇଥିଲେ।

## ଉତ୍କଳ ଗୌରବଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି

ଭୁବନେଶ୍ୱର, ୧୫।୫(ସମିସ): ଉତ୍କଳ ସମ୍ମିଳନୀର ପ୍ରାଣପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଛି। ସୂଚନା ଅନୁସାରେ, ଉତ୍କଳ ସମ୍ମିଳନୀର ପ୍ରସ୍ତାବ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଗୃହ ବିଭାଗକୁ ସୁପାରିସ କରିଛନ୍ତି। ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦୁଇ ବର୍ଷ ପୂର୍ବରୁ ରାଷ୍ଟ୍ରପତି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଭାରତରତ୍ନ ପ୍ରଦାନ କରାଯାଇ ପାରି ନାହିଁ। ଶୁକ୍ରବାର ଉତ୍କଳ ସମ୍ମିଳନୀ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ନେଇ କ୍ଷୋଭ ପ୍ରକାଶ କରାଯାଇଛି। ଏଥିରେ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦକ ଶିବବ୍ରତ ମହାନ୍ତି ଆଜିର ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବିଏମ୍‌ସି ଅଫିସ ଘେରିଲେ ଉଠାଦୋକାନୀ

ଭୁବନେଶ୍ୱର, ୧୫।୫(ସମିସ)

ଅଶୋକ ନଗରରେ ୨୮ ଜଣ ଉଠାଦୋକାନୀଙ୍କ ଉପରେ ବିଏମ୍‌ସି ଓ ବିଡିଏ ପକ୍ଷରୁ ହୋଇଥିବା ଉଚ୍ଛେଦ ଓ ଦୋକାନ ଭଙ୍ଗା ବିରୋଧରେ ସ୍ଲୋଗାନ ସହ ଏଆଇଟିୟୁସି ଓ ଏଆଇସିସିଟିୟୁ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ଉଠାଦୋକାନୀମାନେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ରାସ୍ତାରୋକ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏଥିସହ କମିସନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଅଶୋକ ନଗର ଉଠାଦୋକାନୀମାନଙ୍କ ଉଚ୍ଛେଦ ସମ୍ପର୍କିତ ମାମଲା ଖୋର୍ଦ୍ଧା ଜିଲ୍ଲା ଜଜ୍ (ସିନିୟର ଡିଭିଜନ) ଦେୱାନୀ ଅଦାଲତ କେସ୍ ନଂ ୮୭୦/୨୦୧୯ରେ ବିଚାରାଧୀନ ରହିଥିବା ବେଳେ ଅଦାଲତ ପକ୍ଷରୁ ସ୍ଥାତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ଆଦେଶକୁ ବେଖାତିର




କରି ବିଏମ୍‌ସି ଓ ବିଡିଏ କର୍ମକର୍ତ୍ତାମାନେ ଗତ ମାସ ୧୧ ତାରିଖରେ ଦୋକାନୀମାନଙ୍କର ଠେଲା ଓ ଦୋକାନକୁ ଭାଙ୍ଗି ଦେଇଥିଲେ। ଏଥିରେ ୨୮ ଜଣ ଉଠାଦୋକାନୀଙ୍କ ପ୍ରାୟ ୧୬ଲକ୍ଷ ୧ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବାବେଳେ ସେମାନଙ୍କ ଜୀବିକା ଗୁରୁତର ସଙ୍କଟରେ ପଡ଼ିଛି। ସଂଗଠନ ପକ୍ଷରୁ ଏହାକୁ ଆଇନ୍, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଓ ଷ୍ଟ୍ରିଟ୍ ଭେଣ୍ଡରସ୍ ଆକ୍ଟ ୨୦୧୪ର ଖୋଲା ଉଲଂଘନ ବୋଲି କୁହାଯାଇଛି। ପ୍ରତିନିଧି ଦଳ ସହ ଆଲୋଚନା ପରେ ବିଏମ୍‌ସି ଅତିରିକ୍ତ କମିଶନର ଦୋକାନୀମାନଙ୍କ ଜବତ ଜିନିଷ ଫେରାଇ ଦେବା ସହିତ ସେମାନଙ୍କ ପାଇଁ ଏକ ବିକଳ୍ପ ସ୍ଥାନ ଚିହ୍ନଟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଠିକ୍ ସେହିପରି ଶ୍ରୀବିହାରରେ ୧୬ଜଣଙ୍କୁ ମଧ୍ୟ ଥଇଥାନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହି ଘେରାଉ ଓ ଦାବିପତ୍ର କାର୍ଯ୍ୟକ୍ରମରେ ଏଆଇଟିୟୁସି ନେତା ସୁର ଜେନା ଓ ଏଆଇସିସିଟିୟୁ ନେତା ମହେନ୍ଦ୍ର ପରିଡ଼ା ନେତୃତ୍ୱ ନେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଶଙ୍କର୍ଷଣ ବାରିକ, ବିଜୟ ସ୍ୱାଇଁ, ସନ୍ତୋଷ ନାୟକ, ଶଙ୍କର ସାହୁ, ଅଜିତ୍ ବେହେରା, ପ୍ରମୋଦ ଦେହୁରୀ, ନାରୀ ନେତ୍ରୀ ତୁଳସୀ ଦଳାଇ, ଅଶୋକ ବାରିକ ପ୍ରମୁଖ ନେତୃତ୍ୱ ନେଇଥିଲେ।





# ଆଜି ସାବିତ୍ରୀ: ବଜାରରେ ଅସମ୍ଭାଳ ଭିଡ଼



ଭୁବନେଶ୍ୱର, ୧୫।୫(ସମିସ): ରାତି ପାହିଲେ ସାବିତ୍ରୀ ବ୍ରତ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ରାଜଧାନୀ ବଜାର। ଓଡ଼ିଆ ଘରର ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ କରିଥାନ୍ତି। ସାବିତ୍ରୀ ଏହି ବ୍ରତ କରି ନିଜ ସ୍ୱାମୀଙ୍କୁ ଯମ ନିକଟରୁ ଫେରାଇ ଆଣିଥିବା ବିଶ୍ୱାସରେ ଏହି ବ୍ରତ ପ୍ରତ୍ୟେକ ବିବାହିତ ମହିଳାମାନେ ପାଳନ କରିଥାନ୍ତି। ଏହି ବ୍ରତରେ ନୂଆଶାଢ଼ି, ଶଙ୍ଖା, ସିନ୍ଦୂର ସମେତ ଭଳି କି ଭଳି ଫଳ ପୂଜା କରାଯାଇଥାଏ। ତେଣୁ ପ୍ରତିବର୍ଷ ସାବିତ୍ରୀ ବ୍ରତ ପ୍ରାୟ ୧୫ ଦିନ ପୂର୍ବରୁ ବିଭିନ୍ନ ଶାଢ଼ି ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ମଧ୍ୟ ଓଡ଼ିଆ ପରମ୍ପରାର ଏହି ପର୍ବ ପାଇଁ ବଜାରରେ ସକାଳୁ ରାତି ଯାଏ ବିଭିନ୍ନ ହାଟ ବଜାରେରେ ଭିଡ଼ ଆରମ୍ଭ ହୋଇଗଲାଣି। ବିଶେଷ କରି ବ୍ରତର ପୂର୍ବଦିନ ସହରର ବିଭିନ୍ନ ହାଟ ବାଜାରରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ଜାମ୍ ମଧ୍ୟ ଦେଖିବାକୁ ମିଳିଛି। ଆସନ୍ତା କାଲି ଶନିବାର ଥିବାରୁ ଶୁକ୍ରବାର ଅନେକ ଅଫିସରରୁ ଫେରି ସିଧାସଳଖ ମାର୍କେଟ ଯାଇଥଲେ। ବିଭିନ୍ନ ସ୍ଥାନରେ ଗାଡ଼ି ପାର୍କିଂ ଫୁଲ ମଧ୍ୟ ହୋଇଯାଇଥିଲା। ସେହିପରି ପୂଜା ସାମଗ୍ରୀ ଠାରୁ ଆରମ୍ଭ କରି ଶାଢ଼, ଚୂଡ଼ି ଆଦି ବ୍ୟବସାୟୀଙ୍କ ନିକଟରେ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ତେବେ ଏହି ଦିନକୁ ସ୍ୱତନ୍ତ୍ର କରିବାକୁ ନିଜ ମନ ପସନ୍ଦର ଶାଢ଼ୀ ସାଙ୍ଗକୁ ନିଜକୁ ସୁନ୍ଦର ଭାବେ ସଜେଇବାକୁ ବିଭିନ୍ନ ଉପାୟ ଆପଣାଇ ଥାଆନ୍ତି। ଏଥିପାଇଁ ବିୟୁଟି ପାର୍ଲରରେ ପ୍ରବଳ ଭିଡ଼ ଜମେ। ଯାହାକି ଆଜି ଦେଖିବାକୁ ମିଳିଥିଲା। ହାତରେ ମହେନ୍ଦି ଲଗାଇବାକୁ ରାଜଧାନୀର ବିଭିନ୍ନ ମାର୍କେଟରେ ମହିଳାମାନଙ୍କ ଗହଳ ଜମିଥିଲା। ମାର୍କେଟ ବିଲଡିଙ୍ଗ୍ ଠାରୁ ଆରମ୍ଭ କରି ବିଭିନ୍ନ ସପିଂମଲ୍ ନିକଟରେ ମେହୀ କରିବାକୁ ମହିଳାଙ୍କ ଲାଇନ୍ ଲାଗିଥିଲା। ନିଜ ମନ ପସନ୍ଦର ଭଳି କି ଭଳି ଡିଜାଇନ୍‌ର ଦାମ୍ ୫୦ ଟଙ୍କାରୁ ଆରମ୍ଭ ହୋଇ ୧ହଜାର ଯଙ୍କା ଯାଏ ରହିଛି।



■ ମହିଳାଙ୍କ ମେହେନ୍ଦୀ ଲଗାଇବା କ୍ରେଜ୍

## ବାଉରୀବନ୍ଧୁ ସ୍ମୃତି ପରିଷଦର ମାସିକ ସାହିତ୍ୟ ସଭା



ଭୁବନେଶ୍ୱର, ୧୫।୫(ସମିସ): ବାଉରୀବନ୍ଧୁ ସ୍ମୃତି ପରିଷଦର ମାସିକ ସାହିତ୍ୟ ଆଲୋଚନା ଲକ୍ଷ୍ମୀସାଗର ସ୍ଥିତ ଏମେରାଲ୍ଡ ଆପାର୍ଟମେଣ୍ଟର କମ୍ୟୁନିଟି ହଲରେ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଉରୀବନ୍ଧୁ ସ୍ମୃତି ପରିଷଦର ବହୁ ସଭ୍ୟ/ସଭ୍ୟା ଉପସ୍ଥିତ ରହିଥିଲେ। ପରିଷଦର ଟ୍ରଷ୍ଟି ଡ. ବାସନ୍ତୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଡ. ଲୋପାମୁଦ୍ରା ମହାନ୍ତି ସଭାପତି ଭାବରେ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ବିପିନ ବିହାରୀ ପଣ୍ଡା ମାନବବାଦର ବିଶେଷତ୍ୱ ଉପରେ ଚର୍ଚ୍ଚା କରିଥିବାବେଳେ ସମ୍ମାନିତ ବକ୍ତା ଭାବେ ଡ. ପ୍ରଦ୍ୟୁମ୍ନ ପଟ୍ଟନାୟକ, ଡ. ବିବେକାନନ୍ଦ ପାଣିଗ୍ରାହୀ, ସବିତା ମହାନ୍ତି, ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ସାମ୍ପ୍ରତିକ ସମୟରେ ମାନବବାଦ ଓ ସମ୍ବେଦନଶୀଳତା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମଣିଷ ପାଖରୁ ମରିଯାଉଥିବା ମଣିଷପଣିଆ ଓ ସେବା ମନୋଭାବ ନେଇ ତତ୍ପରତା ପ୍ରକାଶ ପାଇଥିଲା। ସାହିତ୍ୟକ, ଚିନ୍ତକମାନେ ନିଜ ଲେଖନୀ ମାଧ୍ୟମରେ ପୁଣିଥରେ ପୂର୍ବର ସେହି ସହଯୋଗ ଓ ସହାନୁଭୂତି ଭାବ ଫେରାଇ ଆଣିବାକୁ ଚେଷ୍ଟା କରିବେ ବୋଲି ସ୍ୱୀକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ରଞ୍ଜନ ସାହୁ, ରମେଶ ଚନ୍ଦ୍ର ମହାନ୍ତି, କବି ନିରାକାର ଦାସ, ଡକ୍ଟର ସଂଘମିତ୍ରା ମହାପାତ୍ର ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ରହି ନିଜସ୍ୱ ଅଭିମତ ପ୍ରକାଶ କରିଥିଲେ। ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର, ୧୫।୫(ସମିସ): ଓଡ଼ିଶା ପାଇଁ ଗୌରବ ଆଣିଥିବା ୨୦୨୫ ମସିହାର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିତ୍ୱ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଏବଂ ଇଣ୍ଡିଆନ ସିଭିଲ ସର୍ଭିସ-୨୦୨୫ର ସଫଳ ପରୀକ୍ଷାର୍ଥୀ ଓ ସେମାନଙ୍କ ପିତାମାତାଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ଲୋକଭବନର ନ୍ୟୁ ଅଭିଷେକ ହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃତିତ୍ୱ ହାସଲକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମହେନ୍ଦ୍ର କୁମାର ମିଶ୍ର, ଚରଣ ହେମ୍ବ୍ରମ, ସୀମାଞ୍ଚଳ ପାତ୍ର, ଶରତ କୁମାର ପାତ୍ରଙ୍କ ସମେତ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗିରିଜା କୁମାର ବଳିୟାରସିଂହଙ୍କୁ ମଧ୍ୟ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ୨୦୨୫ ମସିହା ଇଣ୍ଡିଆନ ସିଭିଲ୍ ସର୍ଭିସ ପରୀକ୍ଷାରେ ଓଡ଼ିଶାର ସଫଳ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ମାତାପିତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

## ପିଆଇବି ଦ୍ୱାରା ରାଞ୍ଚି ଦୂରଦର୍ଶନ କେନ୍ଦ୍ରରେ ପ୍ରଚାର ସମନ୍ୱୟ ସମିତିର ବୈଠକ

ଭୁବନେଶ୍ୱର, ୧୫।୫(ସମିସ): ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ରାଞ୍ଚି ପକ୍ଷରୁ ଆଜି ଦୂରଦର୍ଶନ କେନ୍ଦ୍ର ରାଞ୍ଚିଠାରେ ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତିର ବୈଠକ ଆୟୋଜିତ ହୋଇଛି। ପିଆଇବି ରାଞ୍ଚି/ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ, ପ୍ରଭାବଶାଳୀ ଗଣଯୋଗାଯୋଗ ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ସୁଦୃଢ଼ ସମନ୍ୱୟ, ନିୟମିତ ଆଲୋଚନା ଓ ସହଭାଗୀତାମୂଳକ କାର୍ଯ୍ୟପଦ୍ଧତି ଅତ୍ୟାବଶ୍ୟକ। ସମନ୍ୱିତ ପ୍ରୟାସ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ପାଖରେ ଅଧିକ ପ୍ରଭାବୀ ଭାବରେ ପହଞ୍ଚାଇପାରିବ। ରାଞ୍ଚି ପିଆଇବି ଏବଂ ସିବିସି କାର୍ଯ୍ୟାଳୟର ମୁଖ୍ୟ ରାଜେଶ କୁମାର ସିହ୍ନା କହିଥିଲେ, ଆଇଏମପିସିସି ବୈଠକର ମୂଳ ଉଦ୍ଦେଶ୍ୟ ହେଉଛି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି ସହିତ ଜନସମ୍ପର୍କ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ କରିବା। ଏନସିବି ରାଞ୍ଚି ୟୁନିଟ୍‌ର ଅଧୀକ୍ଷକ ଶାରିକ ଉମର, ଦୂରଦର୍ଶନ ରାଞ୍ଚିର କାର୍ଯ୍ୟକ୍ରମ ମୁଖ୍ୟ ଅମିତ କୁମାର, ମାଇ ଭାରତ' (ଝାଡ଼ଖଣ୍ଡ)ର ରାଜ୍ୟ ନିର୍ଦ୍ଦେଶକ ଲଳିତା କୁମାରୀ, ସେଣ୍ଟ୍ରାଲ୍ କୋଲଫିଲଡ୍ସ ଲିଃର ପ୍ରତିନିଧି ମନୀଷ ତିୱାରୀ ଏବଂ ୟୁଆଇଡିଏଆଇର ଆଞ୍ଚଳିକ ନିର୍ଦ୍ଦେଶକ ନୀରଜ କୁମାର, ନାବାର୍ଡର ସହାୟକ ମହାପ୍ରବନ୍ଧକ ଆନନ୍ଦ କୁମାର ପ୍ରମୁଖ ଉପସ୍ଥିତରହି ନିଜ ନିଜ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ରାଞ୍ଚି ଦୂରଦର୍ଶନର ସମ୍ପାଦକ ଗୌରବ କୁମାର ପୁଷ୍କର ସ୍ୱାଗତ ଭାଷଣ ଦେଇଥିଲେ।





## ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଟ୍ରିପଲ 'ଏ'ର ସଫଳତା



ଭୁବନେଶ୍ୱର, ୧୫।୫(ସମିସ): ସିବିଏସଇ ଦ୍ୱାଦଶ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳରେ ଖୋର୍ଦ୍ଧାର ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ପରୀକ୍ଷାଫଳ ଶତ ପ୍ରତିଶତ ହୋଇଥିବା ବେଳେ ୩୧ ଜଣ ପ୍ରତିଶତ ଛାତ୍ରଛାତ୍ରୀ ୯୦ ରୁ ଉର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ବିଜ୍ଞାନ ବିଭାଗର ଛାତ୍ର ବିଶ୍ୱରଞ୍ଜନ ଜୁଝାରସିଂହ ଶତକଡା ୯୯ ନମ୍ବର ରଖି ଓଡ଼ିଶା ଟପ୍ପର ହେବା ସହ ବାଣିଜ୍ୟ ବିଭାଗରେ ଛାତ୍ର ଇପାରୀ ସୁମନ ପାତ୍ର ଶତକଡା ୯୪ ନମ୍ବରରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବିଶ୍ୱରଞ୍ଜନ ଜୁଝାରସିଂହ ବେଗୁନିଆ ନିବାସୀ ରଘୁନାଥ ଜୁଝରସିଂହ ଓ ରୀନାରାଣୀ ଜୁଝାରସିଂହଙ୍କ ଏକମାତ୍ର ପୁତ ଅଟନ୍ତି। ନିକଟରେ ସେ ଜେ.ଇ.ମେନ ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହୋଇ ଦେଶମାଟିର ସେବା କରିବା ତାଙ୍କର ଲକ୍ଷ୍ୟ ରହିଛି। ପିଲାମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା, ଅଧ୍ୟକ୍ଷା, ପରିଚାଳନା କମିଟିର କର୍ମକର୍ତ୍ତା ଓ ବିଦ୍ୟାଳୟର ସମସ୍ତ କର୍ମଚାରୀମାନେ ସାଧୁବାଦ ଜଣାଇଛନ୍ତି।

## ଡ. ସୋନାଲ ମାନସିଂ ପାଇବେ ସଙ୍ଗୀତ ସୁଧାକର ବାଲକୃଷ୍ଣ ଦାଶ ସ୍ମାରକୀ ସମ୍ମାନ

ଭୁବନେଶ୍ୱର, ୧୫।୫(ସମିସ): ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୧୦୩ତମ ଜୟନ୍ତୀ ଓ ଫାଉଣ୍ଡେସନ୍ ୩୪ତମ ବାର୍ଷିକ ଉତ୍ସବ ୧୬ ତାରିଖ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ପଦ୍ମବିଭୂଷଣ ଡ.ସୋନାଲ ମାନସିଂଙ୍କୁ 'ସଙ୍ଗୀତ ସୁଧାକର ବାଲକୃଷ୍ଣ ଦାଶ ସ୍ମାରକୀ ସମ୍ମାନ-୨୦୨୬' ପ୍ରଦାନ କରାଯିବ। ଏହା ସହିତ ଡ.ସଙ୍ଗୀତା ଗୋସାଇଁଙ୍କୁ 'ସଙ୍ଗୀତ ସରସ୍ୱତୀ' ଓ ଶୀର୍ଷାନନ୍ଦ ଦାସ କାନୁନଗୋଙ୍କୁ 'ଗୀତି ସରସ୍ୱତୀ', ଅଜୟ କୁମାର ଚୌଧୁରୀଙ୍କୁ 'ବାଦ୍ୟ ସରସ୍ୱତୀ' ଓ ଗୁରୁ ଡ.ରତିକାନ୍ତ ମହାପାତ୍ରଙ୍କୁ 'ନୃତ୍ୟ ସରସ୍ୱତୀ' ସମ୍ମାନରେ ସମ୍ମାନିତ କରାଯିବ। ଏହାସହ ଯୁବ ପ୍ରତିଭା ରଶ୍ମୀରେଖା ପରିଡ଼ାଙ୍କୁ ସଙ୍ଗୀତ ସୁଧାକର ସ୍ମୃତିବୃତ୍ତି ସମ୍ମାନ ପ୍ରଦାନ କରଯିବା ସହିତ ବରିଷ୍ଠ ସାମ୍ବାଦିକ ପ୍ରଦୀପ ପଟ୍ଟନାୟକ ଓ ସସ୍ମିତା ସାହୁଙ୍କୁ ସମ୍ମାନିତ କରାଯିବ। ସମସ୍ତ ଶିଳ୍ପୀମାନଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ। ଏହି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ, ବାଦ୍ୟ ଓ ଯନ୍ତ୍ର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷିତ ହେବ। ଅତିଥିଭାବେ ଓଡ଼ିଶାର ରାଜ୍ୟପାଳଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ଲେପର୍ସି କଲୋନୀର ଅଭାବୀ ଭଉଣୀଙ୍କୁ ସାବିତ୍ରୀ ସଜ

ଭୁବନେଶ୍ୱର, ୧୫।୫(ସମିସ): ଆଜିର ସ୍ୱାର୍ଥପର ଦୁନିଆରେ ପରିବାର ସଦସ୍ୟ ଅସମୟରେ ପାଖରେ ଛିଡ଼ା ହେଉନଥିବା ବେଳେ ମାନବିକତାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଜଣେ ମହିଳା। ସେ ଗତ ୪ବର୍ଷ ହେଲା ରାଜଧାନୀ ଉପକଣ୍ଠ ଯାଁଳା ସ୍ଥିତ ଗାନ୍ଧି ଶାନ୍ତି ନିବାସ କଲୋନୀ (ଲେପର୍ସି କଲୋନୀ)ର ୩୮ ଜଣ ଅଭାବୀ ମହିଳାଙ୍କ ପାଇଁ ସାବିତ୍ରୀ ସଜ ପ୍ରଦାନ କରି ଆସୁଛନ୍ତି। ଚଳିତ ସାବିତ୍ରୀ ବ୍ରତ ଉପଲକ୍ଷେ ମଧ୍ୟ ସେ ମହିଳାମାନଙ୍କ ପାଇଁ ନୂଆ ଲୁଗା, ଶଙ୍ଖା, ସିନ୍ଦୂର, ଅଳତା, ବ୍ରତ ଏବଂ ବିଭିନ୍ନ ଫଳ ନେଇ ସେମାନଙ୍କ ଘରେ ପହଞ୍ଚିଛନ୍ତି। ରକ୍ତର ସମ୍ପର୍କ ନଥିଲେ ମଧ୍ୟ ସେ ପ୍ରତିବର୍ଷ ଏହି ଦାୟିତ୍ୱ ତୁଲାଇ ଆସୁଥିବାରୁ ମହିଳାମାନେ ତାଙ୍କୁ ସାଧୁବାଦ ଜଣାଇଛନ୍ତି। କାରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ନାମ ପାଇଁ ଏହି କାମ କରୁନାହାଁନ୍ତି। ମହଙ୍ଗା ଯୁଗରେ ଅର୍ଥାଭାବ କିମ୍ବା ଭାଇଟିଏ ନଥିବା କାରଣରୁ ଯେଉଁମାନଙ୍କ ପାଇଁ ସାବିତ୍ରୀ ବ୍ରତ ପାଳିବା ଏକ ସ୍ୱପ୍ନ ଥିଲା, ସେମାନଙ୍କ ପାଇଁ ଏହି ମହିଳା ଭଉଣୀ ସାହା ପାଲଟିଛନ୍ତି। କଲୋନୀର ଭଉଣୀମାନଙ୍କ ଜୀବନ ସଂଘର୍ଷ କଥା ଶୁଣି ସେ ନିଜ ଜୀବନ ଥିବା ଯାଏଁ ଏହି ଦାୟିତ୍ୱ ନିଷ୍ଠାର ସହ ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ତାଙ୍କୁ ସାମାଜିକ କର୍ମୀ ସୁଶାନ୍ତ ସାହୁ, ସତ୍ୟସାଇ ମହିଳା ମହାବିଦ୍ୟାଳୟର ଦର୍ଶନ ବିଭାଗର ପ୍ରାଧ୍ୟାପିକା ଡ. ମୃଣ୍ମୟୀ ରଥ, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ, ମାଇଣ୍ଡ ଏମ୍‌ପାୱାରମେଣ୍ଟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ମନୋଜ ପ୍ରଧାନ, ନେହେରୁ ଯୁବକେନ୍ଦ୍ର ସଂଗଠନର କୁଳମଣି ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।



## ମୃତ୍ୟୁ ପରେ ଶରୀରଦାନ କରିବାକୁ ୩୦ଜଣଙ୍କ ଘୋଷଣାପତ୍ର





ଭୁବନେଶ୍ୱର/କଟକ, ୧୫।୫(ସମିସ): ମୃତ୍ୟୁ ପରେ ଶରୀରଦାନ କରିବାକୁ ଇଛା ପ୍ରକାଶ କରି ୩୦ଜଣ ବିଶିଷ୍ଟ ବ୍ୟକ୍ତି ସେମାନଙ୍କର ଘୋଷଣାପାତ୍ର ଓଡ଼ିଶା ଜୀବନଦାନ ଅଭିଯାନ ଜରିଆରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଆନାଟୋମୀ ବିଭାଗରେ ଦାଖଲ କରିଛନ୍ତି। ଘୋଷଣାପତ୍ର ପ୍ରଦାନ କରିଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ପୂର୍ବତନ ମହିଳା କମିଶନର ଲୋପାମୁଦ୍ରା ମହାନ୍ତି, କବି ସଞ୍ଜୟ ମହାନ୍ତି, ଶିକ୍ଷକନେତା ସତ୍ୟବାଦୀ ଗେରୁ, ନାଲକୋ କର୍ମଚାରୀ ନେତା କ୍ଷେତ୍ରମୋହନ ଭୋଇ, ଆଇନଜୀବୀ ପ୍ରଭାସିନୀ ନନ୍ଦ, ଶିଳ୍ପପତି ଦିଲ୍ଲୀପ କୁମାର ଦାସମହାପାତ୍ର ପ୍ରମୁଖ ଅନ୍ତର୍ଭୁକ୍ତ। ଏହି ଘୋଷଣାପତ୍ର ଗୁଡିକ ଜୀବନଦାନ ଅଭିଯାନ ପକ୍ଷରୁ ଦେବେନ୍ଦ୍ର ସୁତାର, କୁଞ୍ଜ ବିହାରୀ ପଣ୍ଡା, ବିଜୟ ଓଝା, କେତନ କୁମାର ମିଶ୍ର, ଚନ୍ଦ୍ରକାନ୍ତ ବେହେରା, ଅବ୍ରହାମ ମଲ୍ଲିକ ପ୍ରମୁଖ ଏକ ପ୍ରତିନିଧି ଦଳ ଏସସିବି ଆନାଟୋମୀ ବିଭାଗର ପ୍ରଫେସରଡାକ୍ତରମନୋଜକୁମାରନାୟକ, ରୁପାରାଣୀବାରିକଙ୍କନିକଟରେଦାଖଲକରିଛନ୍ତି।

## ଭୁବନେଶ୍ୱରରେ ଶୀତଳ ଆଶ୍ରୟସ୍ଥଳ ଉଦ୍‌ଘାଟିତ






ଭୁବନେଶ୍ୱର, ୧୫।୫(ସମିସ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନ ସାଧାରଣଙ୍କ ପାଇଁ କଳ୍ପନା ଛକ ଓ ଫାୟାର ଷ୍ଟେସନ ନିଟକରେ ଦୁଇଟି ଅସ୍ଥାୟୀ ଶୀତଳ ଆଶ୍ରୟସ୍ଥଳ ଉଦଘାଟିତ ହୋଇଯାଇଛି। ମେୟର ସୁଲୋଚନା ଦାସ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦୁଇଟି ଶୀତଳ ଆଶ୍ରୟସ୍ଥଳର ଶୁଭ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଜୋନାଲ କମିଶନର ଆଶନୀ ଏ.ଏଲ୍, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଆବଶ୍ୟକ ହେଲେ ଅଧିକ ଶୀତଳ ଆଶ୍ରୟସ୍ଥଳ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଘର ଭିତରେ ବେଣା ଚେରର ପଟି ଲାଗିବା ସହ ଉପରେ ସିଲିଂ ଫ୍ୟାନ ମଧ୍ୟ ରହିଛି। ପ୍ରତି ଘଣ୍ଟାରେ ବେଣାଚେରରେ ପାଣି ଦେବା ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ ଲୋକ ନିୟୋଜିତ ହୋଇଛନ୍ତି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଏସି ନ ଲଗାଇ, ପାରମ୍ପାରିକ ବେଣାଚେରରେ ଏହି ଶୀତଳ ବିଶ୍ରାମସ୍ଥଳ ନିର୍ମାଣ କରାଯାଇଛି। ବେଣାଚେର ପରିବେଶ ଅନୁକୂଳ, ଏହାର ଶୀତଳ ବାୟୁ ଶ୍ୱାସ କ୍ରିୟାରେ ବେଶ ସହାୟକ ହୋଇଥାଏ ଏବଂ ଗ୍ରୀଷ୍ମ ତାପରୁ ଆଶ୍ୱସ୍ତି ପ୍ରଦାନ କରିଥାଏ ବୋଲି କୁହାଯାଇଛି।

## ଷ୍ଟ୍ରୋକ୍ ସଚେତନତା ଅଭିଯାନ

ଭୁବନେଶ୍ୱର, ୧୫।୫(ସମିସ): ବିଶ୍ୱ ଷ୍ଟ୍ରୋକ୍ ଦିବସ-୨୦୨୫ ଅବସରରେ ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନ ପାଇଁ ଓଡ଼ିଶା 'ଆଇଏଫଆଇ ଫାଉଣ୍ଡେସନ୍'କୁ ବିଶ୍ୱ ଷ୍ଟ୍ରୋକ୍ ସଂଗଠନ (ଡବ୍ଲ୍ୟୁଏସ୍‌ଓ) ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନ ମିଳିଛି। 'ନିମ୍ନ ଏବଂ ମଧ୍ୟମ ଆୟକାରୀ ବର୍ଗ ଦେଶ ବର୍ଗ'ରେ ଆଇଏଫଆଇକୁ ଏହି ସ୍ୱୀକୃତି ମିଳିଥିବା ବେଳେ ବିଶ୍ୱ ଷ୍ଟ୍ରୋକ୍ ସଙ୍ଗଠନର ସଭାପତି ପ୍ରଫେସର ଜେୟରାଜ ପାଣ୍ଡିଆନ ଫାଉଣ୍ଡେସନ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

## ବରିଷ୍ଠନାଗରିକ ପୂର୍ଣ୍ଣଚନ୍ଦ୍ରଙ୍କ ପରଲୋକ



ଭୁବନେଶ୍ୱର, ୧୫।୫(ସମିସ): କେ-୪, କଳିଙ୍ଗନଗର ଆବାସିକ ସଂଘର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଶୁକ୍ରବାର ରାତି ୧୦.୩୦ ସମୟରେ ହୃଦ୍‌ଘାତ ଜନିତ ରୋଗରେ ଏମ୍ସରେ ଚିକିତ୍ସିତ ହେଉଥିବା ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲ।

# ଦରଦାମ୍ ବୃଦ୍ଧି, ରାସ୍ତାକୁ ଓହ୍ଲାଇଲା ମହିଳା କଂଗ୍ରେସ

ଭୁବନେଶ୍ୱର, ୧୫।୫(ସମିସ)

ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଦରଦାମ ବୃଦ୍ଧି ପ୍ରତିବାଦରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀୟା ମହାନ୍ତିଙ୍କ ନେତୃତ୍ୱରେ ପେଟ୍ରୋଲ, ଡିଜେଲ, ସିଏନ୍‌ଜି ଓ କ୍ଷୀର ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ୨ ନମ୍ବର ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ ମହିଳା କଂଗ୍ରେସ ନେତ୍ରୀମାନେ ପେଟ୍ରୋଲ ନଥିବା ଦୁଇ ଚକିଆ ଗାଡି, ଗଡ଼ାଇ ଗଡ଼ାଇ ଆଣି ୨ ନମ୍ବର ଟାଙ୍କି ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ପେଟ୍ରୋଲ ଲିଟର ପିଛା ୩ ଟଙ୍କା, ଡିଜେଲ ଲିଟର ପିଛା ୩ ଟଙ୍କା, ସିଏନ୍‌ଜି କିଲୋ ପିଛା ୨ ଟଙ୍କା ଓ କ୍ଷୀର ଲିଟର ପିଛା ୪ ଟଙ୍କା ବୃଦ୍ଧି ପ୍ରଧାନମନ୍ତ୍ରୀ ମୋଦୀଙ୍କର ଅସଲ ସ୍ୱରୂପକୁ ପଦାରେ ପକାଇଛି। ମୋଦୀ ଯେଉଁ ଆଚ୍ଛାଦିନର ସ୍ୱପ୍ନ ଦେଖାଇଥିଲେ ଏହା ହେଉଛି ତା'ର ବାସ୍ତବ ରୂପ। ୨୦୧୪ ମସିହାରେ ମନମୋହନ ସିଂ ସରକାର ସମୟରେ ଡିଜେଲ ଲିଟର ପିଛା ୫୫ ଟଙ୍କା ଏବଂ ପେଟ୍ରୋଲ ଲିଟର ପିଛା ୭୦ ଟଙ୍କାରେ ବିକ୍ରି ହେଉଥିଲା। ମୋଦୀଙ୍କ ବିକଶିତ ଭାରତରେ ଏବେ ପେଟ୍ରୋଲ ଓ ଡିଜଲ ଦର ୧୦୦ ଟଙ୍କାରେ ପହଞ୍ଚିଛି। ରାଜ୍ୟରେ ୩୦୦ରୁ ଉର୍ଦ୍ଧ୍ୱ ପେଟ୍ରୋଲ ଟାଙ୍କି ବନ୍ଦ ହୋଇଛି। କୃତ୍ରିମ ଅଭାବ ସୃଷ୍ଟି କରି ଲୋକଙ୍କୁ ଆତଙ୍କିତ କରାଯାଉଛି। ଏହାର ପ୍ରଭାବ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ଖୁବ୍‌ଶୀଘ୍ର ପଡ଼ିବ ଏବଂ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ଅନିୟନ୍ତ୍ରିତ ହୋଇପଡ଼ିବ। ମୋଦୀ ସରକାର ଏକ ଜନବିରୋଧୀ ସରକାର। ବର୍ତ୍ତମାନ ପରିସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଉପରୁ କେନ୍ଦ୍ରୀୟ ଓ ରାଜ୍ୟ ଟିକସ କମାଯାଇ ଖାଉଟିଙ୍କୁ ଦର ବୃଦ୍ଧିରୁ ନିସ୍ତାର ଦିଅନ୍ତୁ ବୋଲି ଦଳ ପକ୍ଷରୁ ଦାବି ହୋଇଛି। ଆଜିର କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ସୁନୀତା ବିଶ୍ୱାଳ, ଜବାମଣି ଟୁଡ୍ଡୁ, ପ୍ରତିମା ମଲ୍ଲିକ, ଶ୍ରୀୟାସ୍ମିତା ପଣ୍ଡା, ଅମୀଶା ସାମନ୍ତରାୟ, କୁସୁମ ପ୍ରଧାନ, ଜୟସ୍ମିତା ମହାନ୍ତି, ସିଲି ସେଠୀ, ମଞ୍ଜୁଶ୍ରୀ ମିଶ୍ର, ମାଳତୀ ନାୟକ, ଅପସନା ବେଗମ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



■ ଶ୍ରମିକଙ୍କ ପାଉଣା ଓ ଷ୍ଟ୍ରିଟ୍ ଲାଇଟ ମରାମତି ଦାବି

# ପଞ୍ଚାୟତ ଅଫିସ ଆଗରେ ଶୋଇଲେ ୱାର୍ଡ ମେମ୍ବର

**ବଣାଇଁ, ୧୫।୫ (ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଅଚଳ ଷ୍ଟ୍ରିଟ ଲାଇଟର ମରାମତି ଓ ଡ୍ରେନ ସଫା ସୁତୁରା କରିଥିବା ଶ୍ରମିକମାନଙ୍କର ପାଉଣା ପ୍ରଦାନ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଆଜି ୱାର୍ଡ ମେମ୍ବର ସୁମନ ନାଏକ ଶୋଇ ରହି ପ୍ରତିବାଦ କରିଛନ୍ତି। ଯାହାଦ୍ୱାରା ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଦୀର୍ଘ ଦିନ ହେବ କେନ୍ଦ୍ରିକଳା ଛକରୁ ମଧୁପୁର ଛକ ପର୍ଯ୍ୟନ୍ତ ରାସ୍ତା କଡରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଗୁଡିକ ଅଚଳ ହୋଇପଡ଼ିଛି। ଯାହା ଫଳରେ ରାତିରେ ଯିବା ଆସିବା କରିବାରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ଯୋଗୁଁ ଏହାରି ସୁଯୋଗ ନେଇ ଦୁର୍ବୃତ୍ତମାନେ ବିଭିନ୍ନ ସରକାରୀ ସମ୍ପତ୍ତିକୁ ଭାଙ୍ଗି ନଷ୍ଟ କରି ଦେଉଛନ୍ତି। କେନ୍ଦ୍ରିକଳା ଛକରେ ଥିବା ଆଇ ଲଭ କେନ୍ଦ୍ରିକଳାକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛି। ତେଣୁ ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ମରାମତି କରାଯିବା ସହ ଡ୍ରେନ୍ ସଫା କରୁଥିବା ଶ୍ରମିକଙ୍କୁ ପ୍ରଦାନ କରାଯାଇ ନଥିବା ପାଉଣାକୁ ତୁରନ୍ତ ପ୍ରଦାନ କରିବାକୁ ସେ ଦାବି କରିଥିଲେ। କେନ୍ଦ୍ରିକଳା ଭାରପ୍ରାପ୍ତ ସରପଞ୍ଚ ଲବଙ୍ଗ ପାତ୍ର ଆଇ ଲଭ୍ କେନ୍ଦ୍ରିକଳାକୁ ଭାଙ୍ଗିବା ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ଦୁର୍ବୃତ୍ତମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀପକ କିସାନଙ୍କୁ ଯୋଗାଯୋଗ କରିବାରୁ ୭ ଦିନ ଭିତରେ ଶ୍ରମିକଙ୍କ ପାଉଣା ଦେବା ସହ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ପେଟ୍ରୋଲ, ଡିଜେଲ ଅଭାବ

# ୧୦୮ ଓ ଜନନୀ ସେବା ଠପ୍







ଭଡା ଗାଡ଼ିରେ ଡାକ୍ତରଖାନା ଯାଉଛନ୍ତି ରୋଗୀ

**ରାଉରକେଲା/ବଣାଇଁ, ୧୫।୫(ସମିସ)**

ରାଉରକେଲା ସହରରେ ପେଟ୍ରୋଲ, ଡିଜେଲ୍‌ର ଅଭାବ ରୋଗୀଙ୍କ ସେବା ଉପରେ ଗଭୀର ପ୍ରଭାବ ପକାଇଛି। ଅଧିକାଂଶ ପେଟ୍ରୋଲ ପମ୍ପରେ ଡିଜେଲ ମିଳୁନଥିବାରୁ ତଥା ଖୁବ୍‌କମ ଡିଜେଲ ଦିଆଯାଉଥିବାରୁ ସାଧାରଣ ଆମ୍ବୁଲାନ୍ସ ଏବଂ ୧୦୮ ଆମ୍ବୁଲାନ୍ସ ଗଡ଼ିବା କଷ୍ଟକର ହୋଇପଡଛି। କେଉଁଠି ୧୦୮ ଆମ୍ବୁଲାନ୍ସକୁ ଫୋନ କଲେ ଡିଜେଲ ନାହିଁ ବୋଲି କହି ମନା କରିଦେଉଛି ତ ଆଉ କେଉଁଠି ହସ୍ପିଟାଲ ଯିବା ଅଧା ରାସ୍ତାରେ ରୋଗୀଙ୍କୁ ଓହ୍ଲାଇବାକୁ ପଡୁଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ଡିଜେଲ ଅଭାବ ଆମ୍ବୁଲାନ୍ସ ଗୁଡିକ ଉପରେ ପଡ଼ିଛି। ଗୁରୁତର ରୋଗୀ ନେବା ପାଇଁ କଲ୍ କଲେ ରେସ୍ପଣ୍ଡ ମିଳୁ ନଥିବା ସୂଚନା ମିଳିଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଉପଖଣ୍ଡରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଦୁର୍ଘଟଣା ପ୍ରବଣ ବୀରମିତ୍ରପୁର, ରାଜଗାଙ୍ଗପୁର, କୁତ୍ରା, ବଣାଇଁ, ଲହୁଣିପଡ଼ା, କୋଇଡା ଆଦି ଅଞ୍ଚଳରେ ଗତ ଏକ ସପ୍ତାହ ଧରି ଡିଜେଲ ଅଭାବ ଯୋଗୁଁ ୧୦୮ ଆମ୍ବୁଲାନ୍ସ ଓ ଜନନୀ ସେବା ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାମାନେ ସଠିକ୍ ସମୟରେ ଡାକ୍ତରଖାନା ପହଞ୍ଚିବାରେ ସମସ୍ୟା ସୃଷ୍ଟି ହୋଇଛି। ଆମ୍ବୁଲାନ୍ସ ସେବା ମିଳୁ ନଥିବାରୁ ବାଧ୍ୟ ହୋଇ ଭଡା ଗାଡି କରି ରାଉରକେଲା ସମେତ ବିଭିନ୍ନ ଡାକ୍ତରଖାନାକୁ ରୋଗୀମାନେ ଆସୁଥିବା ଦେଖିବାକୁ ମିଳିଛି। ବଣାଇଁ ଅଞ୍ଚଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ୧୦୮ ଆମ୍ବୁଲାନ୍ସ ସେବା ହିଁ ଲୋକଙ୍କ ପ୍ରମୁଖ ଭରସା। କିନ୍ତୁ ଡିଜେଲ ନଥିବାରୁ ଗାଡିଗୁଡ଼ିକ ଠିଆ ହୋଇ ରହିଛି। ୧୦୮ କୁ ଫୋନ କଲେ କର୍ମଚାରୀମାନେ ଗାଡିରେ ତେଲ ନାହିଁ ବୋଲି କହି କ୍ଷମା ମାଗୁଥିବା ଶୁଣିବାକୁ ମିଳିଛି। ଏହାକୁ ନେଇ ବଣାଇଁ ଡାକ୍ତରଖାନାରେ ମଧ୍ୟ ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ୧୦୮ ଓ ଜନନୀ ସେବାକୁ ସ୍ୱାଭାବିକ କରିବାକୁ ଦାବି ହୋଇଛି।

## ୪୦୦ରୁ ଊର୍ଦ୍ଧ୍ୱ ଲିଟର ମଦ ଜବତ; ଜଣେ ଗିରଫ



**ରାଉରକେଲା, ୧୫।୫ (ସମିସ):** ରାଜଗାଙ୍ଗପୁର ପୁଲିସ ଦ୍ୱାରା ରାଜଗାଙ୍ଗପୁର ଅଞ୍ଚଳର ଛଅଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୩୦୦ ଲିଟର ବିଦେଶୀ ମଦ ସହ ମୋଟ ୪୦୨ ଲିଟର ମଦ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ପୁଲିସ ପକ୍ଷରୁ ଆଜି ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ସ୍ଥିତ ନ୍ୟୁ ପଞ୍ଜାବ ଗାର୍ଡେନ୍ ହୋଟେଲ୍ ଚଢ଼ାଉ କରାଯାଇଥିଲା। ଚଢ଼ଉ ସମୟରେ ୩୦୨ ଲିଟରରୁ ଅଧିକ ବିଦେଶୀ ମଦ ଏବଂ ୧୦୦ ଲିଟର ଅବୈଧ ଭାବେ ମଜୁତ ହୋଇଥିବା ପେଟ୍ରୋଲ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ରାଣୀବନ୍ଧ, ରାଜଗାଙ୍ଗପୁରର ଜିତେନ୍ଦ୍ର ସିଂହ (୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ରାଉରକେଲା, ୧୫।୫(ସମିସ):** ସହରର ବରିଷ୍ଠ ଆଇନଜୀବୀ ତଥା ମହାବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ବିଶିଷ୍ଟ ଶ୍ରମିକ ନେତା, ବରିଷ୍ଠ ବାମପନ୍ଥୀ ନେତା ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଆଡଭୋକେଟ ସ୍ୱର୍ଗତ କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଆଇନ୍ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି ସଂଯୋଜନା କରିଥିଲେ। ଉକ୍ତ ସଭାରେ ଅନ୍ୟ ବ୍ୟକ୍ତିତ୍ୱ ମଧ୍ୟରେ ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ଆଇନ୍ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଲାୟନ୍ ଇଞ୍ଜିନିୟର ହରଦିପ୍ ସିଂହ, ବିଜେଡି ସଭାନେତ୍ରୀ ସଂଧ୍ୟା ଲାକ୍ରା, ପୂର୍ବତନ ପରିଚାଳନା କମିଟିର ସଦସ୍ୟା ଛବି ମହାନ୍ତି, ପୁରାତନ ଛାତ୍ର ମନୋରଞ୍ଜନ ଦାଶ, ଜ୍ୟୋତି ଟେଟେ ଏବଂ ସହକର୍ମୀ ସୁରେନ୍ଦ୍ର ବାବୁ ପ୍ରମୁଖ ଦିବଂଗତ କମ୍ରେଡ ବିଷ୍ଣୁ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆଇନ୍ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ସଭାର ପ୍ରାରମ୍ଭରେ ଅଧ୍ୟକ୍ଷା ଡକ୍ଟର ମହାନ୍ତି, ସ୍ୱର୍ଗତ ମହାନ୍ତିଙ୍କ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ମହାପାତ୍ର ସ୍ୱର୍ଗୀୟ ବିଷ୍ଣୁ ଚରଣ ମହାନ୍ତିଙ୍କ ସହିତ ଜଡ଼ିତ ଦୀର୍ଘ ୫୦ ବର୍ଷର ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ। ପରିଶେଷରେ ଛାତ୍ର ଧରିତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



## ବେଦବ୍ୟାସ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଅଭିଯୋଗ

**ରାଉରକେଲା, ୧୫।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବେଦବ୍ୟାସ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ମନୋମୁଖୀ ଶାସନ, ବ୍ୟାପକ ଆର୍ଥିକ ଅନିୟମିତତା, ରେକର୍ଡସରେ ବିଭିନ୍ନ ଜାଲିଆତି ଅଭିଯୋଗର ତଦନ୍ତ କରିଛନ୍ତି ସମ୍ବଲପୁର ସ୍ଥିତ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ମୁରଲୀଧର ମାଝୀ। ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ରଛାତ୍ରୀମାନଙ୍କ ଠାରୁ ଲିଖିତ ଅଭିଯୋଗ ପାଇବା ପରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ମୁତାବକ ଆଜି ବେଦବ୍ୟାସ ମହାବିଦ୍ୟାଳୟରେ ପହଞ୍ଚି ସମସ୍ତ ଅଭିଯଗର ସରଜମିନ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଅଭିଯୋଗର ତଦନ୍ତ ରିପୋର୍ଟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବେଦବ୍ୟାସ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ ମୋଟ ୧୪୭୪ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଛାତ୍ରଛାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି। ଏପରିକି ଅଧ୍ୟକ୍ଷଙ୍କ ବ୍ୟବହାର ଭଲ ନଥିବା ଓ ନିୟମିତ ସେ ମହାବିଦ୍ୟାଳୟକୁ ଆସୁନାହାଁନ୍ତି। ମହାବିଦ୍ୟାଳୟ ପରିସରରେ ଅସାମାଜିକ ଯୁବକଙ୍କ ଉପଦ୍ରବ ବଢୁଥିବା ଏବଂ ମହାବିଦ୍ୟାଳୟର ଛାତ୍ରୀମାନେ ଅସାମାଜିକ ଯୁବକଙ୍କ ଅଶ୍ଳୀଳ କମେଣ୍ଟର ଶିକାର ହେବା ନେଇ ଅଧ୍ୟକ୍ଷଙ୍କୁ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାସହ ଗାର୍ଲସ କମନ୍‌ରୁମ୍ ନଥିବା ବେଳେ କମନ ରୁମକୁ ଷ୍ଟୋର ରୁମ କରାଯାଇଥିବା ଅଭିଯୋଗ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ମହାବିଦ୍ୟାଳୟ ରହିଥିବା ଓ ଭଙ୍ଗାରୁଜା ଅବସ୍ଥାରେ ସାଇକେଲ ଷ୍ଟାଣ୍ଡ ରହିଥିଲେ ମଧ୍ୟ ମରାମତି କରାଯାଉ ନଥିବା ଅଭିଯୋଗ ହୋଇଛି। ଏସବୁ ବିଷୟରେ ଅଭିଯୋଗ କଲେ ଏହାର ପ୍ରତିକାର କରିବା ପରିବର୍ତ୍ତେ ଓଲଟା ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଦୁର୍ବ୍ୟବହାର କରୁଥିଲେ। କେବଳ ସେତିକି ନୁହେଁ ମହାବିଦ୍ୟାଳୟରେ ରେକର୍ଡରେ ଜାଲିଆତି କରାଯାଇ ବ୍ୟାପକ ଆର୍ଥିକ ଅନିୟମିତତା କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇ ଆସୁଥିଲା। ଅବସର ଗ୍ରହଣ କରିଥିବା କିଛି କର୍ମଚାରୀଙ୍କୁ ମହାବିଦ୍ୟାଳୟର କିଛି କର୍ମଚାରୀଙ୍କ ଅପାରଗତା ଯୋଗୁଁ ପେନସନ ମିଳିପାରୁ ନଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ଘଟଣାରେ ମହାବିଦ୍ୟାଳୟର ଜଣେ କିରାଣୀଙ୍କ ଭୂମିକା ସନ୍ଦେହ ଜନକ ବୋଲି ଅଭିଯୋଗ ହୋଇଛି। ଏ ସମସ୍ତ ବିଷୟରେ ମହାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ଏହାର ତଦନ୍ତ ପାଇଁ ସମ୍ବଲପୁର ସ୍ଥିତ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଯାୟୀ ସମ୍ବଲପୁର ସ୍ଥିତ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ମୁରଲୀଧର ମାଝୀ ଆଜି ଅଭିଯୋଗର ତଦନ୍ତ କରିବା ପାଇଁ ବେଦବ୍ୟାସ ମହାବିଦ୍ୟାଳୟର ପହଞ୍ଚିଥିଲେ। ସମସ୍ତ ଅଭିଯୋଗର ତଦନ୍ତ କରିବା ପରେ ଏହାର ତଦନ୍ତ ରିପୋର୍ଟ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।





ଆଞ୍ଚଳିକ ନିର୍ଦ୍ଦେଶକଙ୍କ ତଦନ୍ତ

## ୧୭ରେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଓ ଆର୍‌ଏସ୍‌ପି ପକ୍ଷରୁ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ



**ରାଉରକେଲା, ୧୫।୫(ସମିସ):** କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ରାଉରକେଲା ଏବଂ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ମଇ ୧୭ ତାରିଖ ସନ୍ଧ୍ୟାରେ ଭଞ୍ଜ ଭବନ ପ୍ରେକ୍ଷାଳୟଠାରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ଆରଏସପିର ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭଞ୍ଜ ସାହିତ୍ୟର ବିଶିଷ୍ଟ ପଣ୍ଡିତ ଡକ୍ଟର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟିକ ସମ୍ପଦ ଉପରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିବେ। ପ୍ରତିଷ୍ଠିତ ଓଡ଼ିଶୀ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା କବି ସମ୍ରାଟଙ୍କ ରଚିତ ସଙ୍ଗୀତ ଗାନ ଏହି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ହେବ। ଏଥିସହ ଭଞ୍ଜ କଳାକେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ତାଙ୍କ କବିତା ଉପରେ ଆଧାରିତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ଏହି ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ସୂଚନାଯୋଗ୍ୟ, ଗତ ସପ୍ତାହରେ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ ଏବଂ ଆବୃତ୍ତି ପ୍ରତିଯୋଗିତାରେ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ୧୭ ତାରିଖ ସକାଳେ ଅନୁଷ୍ଠିତ ହେବ।

# ଆର୍‌ଏସ୍‌ପି ଏସ୍‌ଏମ୍‌ଏସ୍-୨ ବିଭାଗର ନୂତନ ରେକର୍ଡ

**ରାଉରକେଲା, ୧୫।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ୍-୨(ଏସଏମଏସ-୨) ମଇ ୧୨ ତାରିଖରେ ଏକ ପ୍ରମୁଖ ରେକର୍ଡ ହାସଲ କରିଛି। ବିଭାଗର କନଭର୍ଟର 'ବି' ୭, ୮୯୦ ହିଟ୍‌ସର ଲାଇନିଂ ଲାଇଫ୍ ହାସଲ କରି ମଇ ୨୦୨୫ରେ ହାସଲ ହୋଇଥିବା ପୂର୍ବ ସର୍ବୋତ୍ତମ ୭, ୬୮୫ ହିଟ୍‌ସକୁ ଅତିକ୍ରମ କରିଛି। ଆରଏଚଆଇ ମାଗ୍ନେସିଆ ଇଣ୍ଡିଆ ଲିମିଟେଡ଼ ଦ୍ୱାରା ରି-ଲାଇନ୍ ଏବଂ ରକ୍ଷଣାବେକ୍ଷଣ କରାଯାଇଥିବା ଏହି କନଭର୍ଟରଟି ୨୦୨୫ ମଇ ୧୯ରୁ ଲଗାତାର ୩୫୮ ଦିନ ଧରି କାର୍ଯ୍ୟକ୍ଷମ ରହିଥିଲା। କନଭର୍ଟର ଲାଇନିଂ ଲାଇଫ୍‌ରେ ଏହି ଉଲ୍ଲେଖନୀୟ ଉନ୍ନତି କଠୋର ପ୍ରକ୍ରିୟା ନିୟନ୍ତ୍ରଣ, ବୈଜ୍ଞାନିକ ରିଫ୍ରାକ୍ଟୋରୀ ପରିଚାଳନା ପଦ୍ଧତି ଏବଂ କନଭର୍ଟର କାର୍ଯ୍ୟ ସମୟରେ ମାନକ ପରିଚାଳନା ପ୍ରଣାଳୀର ନିରନ୍ତର ଅନୁପାଳନ ଯୋଗୁଁ ସମ୍ଭବ ହୋଇପାରିଛି। ଏହି ସଫଳତା ସମଗ୍ର ଏସଏମଏସ-୨ ସମୂହର କାର୍ଯ୍ୟ ଉତ୍କର୍ଷତା, ବୈଷୟିକ ଦକ୍ଷତା ଏବଂ ସମର୍ପିତ ଦଳଗତ କାର୍ଯ୍ୟକୁ ଦର୍ଶାଏ, ଯେଉଁଥିରେ ଅପରେଟିଂ କ୍ରୁ, ବ୍ଲୋଅର୍ସ, ଲାନ୍ସ ଅପରେଟର ଏବଂ ସିଫ୍ଟ କର୍ମଚାରୀମାନେ ଅନ୍ତର୍ଭୁକ୍ତ। ଏହି ସଫଳତା ପାଇଁ ଅନେକ ପ୍ରମୁଖ କାର୍ଯ୍ୟ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଯେଉଁଥିରେ ଅପ୍ଟିମାଇଜ୍‌ଡ ବ୍ଲୋଇଂ ଅଭ୍ୟାସ, ଲେଜର ସ୍କାନର ଟେକ୍ନୋଲୋଜିର ପ୍ରଭାବଶାଳୀ ବ୍ୟବହାର, ଉନ୍ନତ ସ୍ଲାଗ୍ ରେଜିମ୍ ମ୍ୟାନେଜମେଣ୍ଟ, ସଠିକ୍ ଏଣ୍ଡ-ପଏଣ୍ଟ କଣ୍ଟ୍ରୋଲ୍ ଏବଂ ରିଫ୍ରାକ୍ଟୋରୀ ଲାଇନିଂର ସମୟାନୁବର୍ତ୍ତୀ ଗନିଂ ଓ ପ୍ୟାଚିଂ ଅନ୍ତର୍ଭୁକ୍ତ। ଏରିଆ ଇନ୍‌ଚାର୍ଜ ଏବଂ ସିଫ୍ଟ ଇନ୍‌ଚାର୍ଜଙ୍କ ଦ୍ୱାରା ଥର୍ମାଲ ଲୋଡ୍, ବାଥ୍ ଏଜିଟେସନ ଏବଂ ସ୍ଲାଗ୍ କେମିଷ୍ଟ୍ରିର ନିରନ୍ତର ନିରୀକ୍ଷଣ ସହିତ ହଟ୍ ମେଟାଲ୍ ଏବଂ ସ୍କ୍ରାପ୍ ଗୁଣବତ୍ତା ଉପରେ ଶୃଙ୍ଖଳିତ ନିୟନ୍ତ୍ରଣ, ସ୍ଥାନୀୟ କ୍ଷୟକୁ କମ୍ କରିବାରେ ଏବଂ କନଭର୍ଟରର କାର୍ଯ୍ୟକାଳ ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ସଫଳତା ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ବିଭାଗ ଏବଂ ଅପରେସନ୍ସ, ମେକାନିକାଲ୍ ମେଣ୍ଟେନାନ୍ସ, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ଏବଂ ଏସଏମଏସ -୨ର ଆରସିଏଲ୍ ଟିମ୍ ମଧ୍ୟରେ ନିବିଡ଼ ସମନ୍ୱୟ ଏବଂ ମିଳିତ ପ୍ରୟାସକୁ ମଧ୍ୟ ପ୍ରତିଫଳିତ କରେ, ଯାହା ସମଗ୍ର ଅଭିଯାନ ଅବଧିରେ ସ୍ଥିର ଏବଂ ନିରନ୍ତର କନଭର୍ଟର ପ୍ରଦର୍ଶନକୁ ସୁନିଶ୍ଚିତ କରିଛି। ସିଜିଏମ୍ (ଫ୍ଲକ୍ସ ଏବଂ ରିଫ୍ରାକ୍ଟୋରୀ) ଏସ୍‌ଏସ୍ ପଣ୍ଡା ଏବଂ ସିଜିଏମ (ଏସଏମଏସ-୨) ଏମ୍‌ଜି ଶ୍ରୀକାନ୍ତଙ୍କ ସାମଗ୍ରିକ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରାଯାଇଛି। ହାସଲ ହୋଇଥିବା ଏହି କନଭର୍ଟର, ଲାଇନିଂ ଲାଇଫ୍ ୬, ୦୦୦ ହିଟ୍‌ସର ଗ୍ୟାରେଣ୍ଟି ଦିଆଯାଇଥିବା ଲାଇନିଂ ଲାଇଫ୍‌କୁ ଯଥେଷ୍ଟ ଅତିକ୍ରମ କରିଛି। ଯାହା ଫଳରେ ପ୍ରାୟ ୧.୫ କୋଟି ଟଙ୍କାର ସିଧାସଳଖ ସଞ୍ଚୟ ଆକଳନ କରାଯାଇଛି। କନଭର୍ଟର 'ବି' ର ଏହି ସମ୍ପ୍ରସାରିତ କାର୍ଯ୍ୟକାଳ ଏସଏମଏସ-୨ର କନଭର୍ଟର ଉପଲବ୍ଧତା, ଉଚ୍ଚ ଉତ୍ପାଦନ କ୍ଷମତା ଏବଂ ସାମଗ୍ରିକ ବ୍ୟୟ ନିୟନ୍ତ୍ରଣରେ ମଧ୍ୟ ସହାୟକ ହୋଇଛି।



# ଆଜି ସାବିତ୍ରୀ; ଫଳ ଦର ଆକାଶଛୁଆଁ

**ରାଉରକେଲା, ୧୫।୫(ସମିସ)**

ଶନିବାର ସାବିତ୍ରୀ ବ୍ରତ ପାଳନ ହେଉଥିବା ବେଳେ ଆଜି ବଜାରରେ ଫଳର ଦର ଆକାଶ ଛୁଆଁ ହୋଇଛି। ଯାହାକୁ ନେଇ ଗ୍ରାହକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ତେବେ ଏହାସତ୍ତ୍ୱେ ସାବିତ୍ରୀ ବ୍ରତ ପାଇଁ ସହରର ଟ୍ରାଫିକ୍ ମାର୍କେଟ୍, ଡେଲି ମାର୍କେଟ, ବାସନ୍ତୀ ମାର୍କେଟ, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ, ଇସ୍ପାତ ମାର୍କେଟ, ଆମ୍ବଗାନ୍ ମାର୍କେଟ, ପାନପୋଷ ମାର୍କେଟ ସମେତ ଫର୍ଟିଲାଇଜର୍ ମାର୍କେଟରେ ଫଳ ଏବଂ ପୂଜା ସାମଗ୍ରୀ ସହ ମିଠା କିଣିବାକୁ ଦୋକାନ ଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି। ବଜାରରେ ଆଜି ନଡିଆ ଗୋଟା ୬୦ ଟଙ୍କା, କଦଳୀ ଡଜନ ପିଛା ୬୦ ଟଙ୍କା, ଆମ୍ବ କିଲୋ ୬୦ରୁ ୧୦୦ ଟଙ୍କା, ଡାଳିମ୍ବ କିଲୋ ୧୨୦ ଟଙ୍କା, ଲିଚୁ କିଲୋ ୧୧୦ ଟଙ୍କା, ପିଜୁଳି କିଲୋ ୧୦୦ ଟଙ୍କା, ମୌସୁମୀ କିଲୋ ୧୦୦ ଟଙ୍କା, ତାଳ ଗୋଟା ୩୦ ଟଙ୍କା, ଖଜୁରୀ ୫୦ ଟଙ୍କା, ଅନାରସ ତଥା ସପୁରୀ ଗୋଟା ୪୦ ଟଙ୍କା, ସେଓ ୧୨୦ ଟଙ୍କା, କମଳା ୧୦୦ ଟଙ୍କା ଥିବା ବେଳେ ସପେଦା ଫଳ ଏବଂ ଅନ୍ୟାନ୍ୟ ଫଳର ଆକାଶ ଛୁଆଁ ଦରରେ ବିକ୍ରି ହେଉଛି। ତେବେ ଏହାବ୍ୟତିତ ସାବିତ୍ରୀ ପୂଜା ପାଇଁ ଶାଢ଼ୀ କିଣିବାକୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କପଡ଼ା ଦୋକାନରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଥିସହ ପୂଜା ସାମଗ୍ରୀ ଦୋକାନରେ ମଧ୍ୟ ମହିଳାଙ୍କ ଭିଡ଼ ଜମିଥିଲା।



ଗ୍ରାହକଙ୍କ ମୁଣ୍ଡରେ ଚଡ଼କ

## ରାସ୍ତା କଡ, ନାଳରେ ଅଳିଆ ଫିଙ୍ଗୁଛନ୍ତି ବ୍ୟବସାୟୀ

**ଲହୁଣୀପଡ଼ା, ୧୫।୫(ସମିସ):** ଲହୁଣୀପଡ଼ା ମୁଖ୍ୟ ବଜାରରେ ଅନେକ ବଡ ବଡ ଦୋକାନ ବଜାର ଗଢି ଉଠିଛି। ଏଠାକାର ବଡ ବଡ ବ୍ୟବସାୟୀମାନେ ଦୋକାନରୁ ବାହାରୁଥିବା ବିଭିନ୍ନ ପ୍ରକାରର ଅଳିଆ ଆବର୍ଜନାକୁ ରାସ୍ତା କଡ ଓ ନାଳ ଭିତରେ ପକାଉଥିବା ଦେଖିବାକୁ ମିଳିଛି। କୁଢ଼କୁଢ଼ ମଇଳା ଆବର୍ଜନା ରାସ୍ତା କଡ ଓ ନାଳ ଭିତରେ ପଡ଼ିବା ରହିବା ଯୋଗୁଁ ପୁତିଗନ୍ଧ ଫାଟି ପଡୁଛି ନାକ। କିଛି ସ୍ୱାର୍ଥପର ବ୍ୟବସାୟୀମାନଙ୍କ ପାଇଁ ଅଞ୍ଚଳର ରାସ୍ତା ଘାଟ ଆବର୍ଜନା ମୟ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକ କିମ୍ବା ସ୍ଥାନୀୟ ଲୋକମାନେ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି। ଆବର୍ଜନା ମଇଳା ଯୋଗୁଁ ମଶା ମାଛିଙ୍କ ବଂଶ ବୃଦ୍ଧି ହେବା ସହ ବିଭିନ୍ନ ରୋଗ ହେବାର ଯଥେଷ୍ଟ ସମ୍ଭାବନା ଅଛି। ଏଣୁ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା କଡ ଓ ନାଳ ଭିତରେ ବ୍ୟବସାୟୀମାନେ କିଭଳି ଆବର୍ଜନା ପକାଇବାରୁ ନିବୃତ୍ତ ରହିବେ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ରଙ୍କୁ ଭେଟି ଦାବି କରିଛନ୍ତି। ଏହାପରେ ମଧ୍ୟ ଯଦି ଆବର୍ଜନା ପକାଇଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ସେଭଳି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ଏହାର ଜୋରଦାର ବିରୋଧ କରାଯିବା ସହ ବ୍ଲକ ଅଫିସକୁ ଘେରଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ପୁତିଗନ୍ଧରେ ଅଣ ନିଶ୍ୱାସୀ ପଥଚାରୀ

ସକାଳ THE SAKALA



## ସମ୍ବଲପୁରରେ ରବି ଧାନ ସଂଗ୍ରହ

# ବସ୍ତାଏ ଧାନ ଦେଲେନି ଚାଷୀ

**ସମ୍ବଲପୁର, ୧୫।୫(ସମିସ)**

ଆଜିଠାରୁ ସମ୍ବଲପୁରରେ ଆରମ୍ଭ ହୋଇଛି ରବି ଧାନ ସଂଗ୍ରହ ପ୍ରକ୍ରିୟା। ବରେଇପାଲି ଆରଏମସିରେ ଧାନ ବିକ୍ରୟ ପାଇଁ ଆସିଥିଲେ ଚାଷୀ। କିନ୍ତୁ ସରକାର ଓ ପ୍ରଶାସନକୁ ବିରୋଧ ପ୍ରଶାସନର ବୈଠକ ବିଫଳ ହୋଇଛି। ଟୋକନ ସମସ୍ୟାକୁ ନେଇ ବୈଠକରେ ଚାଷୀମାନେ ଅସନ୍ତୋଷ ଜାହିର କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଶୀଘ୍ର ହୋଇଥାଏ। ଅର୍ଥାତ ଜୁନ ୧୫ ଭିତରେ ଏହା ଶେଷ ହୋଇଥାଏ। ବର୍ଷା ଯୋଗୁଁ ଧାନ ଖଳାରେ ଟୋକନ ଆସିବ ବୋଲି ଜଣାପଡ଼ିଛି। ଚଳିତ ରବି ଋତୁରେ ଚାଷୀମାନଙ୍କୁ ୧୩୦ କ୍ୱିଣ୍ଟାଲ ବଦଳରେ ପୁଣି ୭୫ କ୍ୱିଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ଦେଇଛନ୍ତି। ଯାହାକୁ ନେଇ ଚାଷୀ ବୈଠକକୁ ବିରୋଧ କରିଥିଲେ। ଗତ ଖରିଫ ଧାନ ସଂଗ୍ରହବେଳେ ପର୍ଯ୍ୟାୟ କ୍ରମେ ତେଣୁ ଏକ କାଳୀନ ଟୋକ ଆସିଲେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଚାଷୀମାନେ କହିଛନ୍ତି। ଖରିଫ ଧାନ ସଂଗ୍ରହ ପରି ରବି ପାଇଁ ବାରମ୍ବାର ଆନ୍ଦୋଳନ କିମ୍ବା ରାସ୍ତାରୋକ୍ କରି ପାରିବେ ନାହି ବୋଲି ଚାଷୀମାନେ କହିଛନ୍ତି। ଗାଡ଼ି ଭଡ଼ା ଖର୍ଚ୍ଚ ବାବଦକୁ ମଧ୍ୟ ଅଧିକାଂଶ ଚାଷୀଙ୍କୁ





### ଏକକାଳୀନ ଟୋକନ ଦେବାକୁ ଦାବି କଲେ ଚାଷୀ

### 'ଖରିଫ ବେଳେ ସରକାର ଠକିଦେଲେ'

କରି ବସ୍ତାଏ ହେଲେ ଧାନ ଦେଲେ ନାହିଁ। ଟୋକନ ସମସ୍ୟା ସମାଧାନ ନ ହେବେ ଯାଏ ଧାନ ବିକ୍ରି କରିବେ ନାହି ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ ଚଳିତବର୍ଷ ରବି ଧାନ ସଂଗ୍ରହ ଆଜିଠାରୁ ଆରମ୍ଭ ହୋଇଛି। ହେଲେ ଧାନ ସଂଗ୍ରହ ପୂର୍ବରୁ ଚାଷୀ, ମିଲର ଓ ରଖିବା ସମ୍ଭବ ପର ହୋଇନଥାଏ। ତେଣୁ ଡିଏଲପିସି ବୈଠକରେ ଏକ କାଳୀନ ଟୋକନ ଦେବା ପାଇଁ ଚାଷୀମାନେ କହିଥିଲେ। ଯାହାକୁ ନେଇ ଡିଏଲପିସି ବୈଠକରେ ଜିଲ୍ଲା ପ୍ରଶାସନ ମଧ୍ୟ ଆଶ୍ୱସନା ଦେଇଥିଲା। କିନ୍ତୁ ବାସ୍ତବରେ ଖରିଫ ଭଳିଆ ଏବେ ମଧ୍ୟ ପର୍ଯ୍ୟାୟକ୍ରମେ ଟୋକନ ଆସିବ ବୋଲି କୁହାଯାଇଥିଲା। କିନ୍ତୁ ଥରେ ଦୁଇଥର ଆସିବା ପରେ ଟୋକନ ଆସିବା ବନ୍ଦ ହୋଇଯାଇଥିଲା। ସମ୍ବଲପୁରର ଚାଷୀ ମାନେ ରାସ୍ତା ରୋକ ଠାକୁ ଆରମ୍ଭ କରି ବିଭିନ୍ନ ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ପରେ ମଧ୍ୟ ଟୋକନ ସମସ୍ୟା ସମାଧାନ ହୋଇପାରିନଥିଲା। ଏବେ ପର୍ଯ୍ୟନ୍ତ ପ୍ରାପ୍ୟ ମିଳିପାରିନାହି। ଜଣେ ଚାଷୀ କେତେ ଧାନ ପାଇଁ ପଞ୍ଜିକରଣ କରିଛି ତାହାର ତଥ୍ୟ ଦେବାକୁ ଦାବି କରିଥିଲେ। ଆସନ୍ତା ମଙ୍ଗଳବାର ଦିନ ଜନପ୍ରତିନିଧିଙ୍କୁ ନେଇ ଚାଷୀ ମାନେ ଏହି ସମସ୍ୟା ବିଷୟରେ ଆଲୋଚନା କରିବେ ବୋଲି ସୂଚନା ରହିଛି।

# ବୀମାଟଙ୍କା ଲୋଭରେ ରଚିଥିଲେ ଚୋରି ନାଟକ

**ସମ୍ବଲପୁର, ୧୫।୫(ସମିସ):** ଜାଲ କାଗଜ ପତ୍ର କରି ଗୋଦାମ ନାମରେ ବୀମା କରାଯାଇଥିଲା। ବୀମା ଟଙ୍କା ପାଇବା ଲୋଭରେ ରଚା ଯାଇଥିଲା ଗୋଦାମରୁ ଚୋରି ନାଟକ। ସମ୍ବଲପୁର ସଦର ଥାନା ପୁଲିସ ଏକ ବଡ଼ ଧରଣର ମିଥ୍ୟା ଚୋରି ଏବଂ ବୀମା ଠକେଇ ମାମଲାର ପର୍ଦ୍ଦାଫାସ



କରିବାରେ ସଫଳ ହୋଇଛି। ବୀମା ଟଙ୍କା ହଡ଼ପ କରିବା ପାଇଁ ଅପରାଧିକ ଷଡ଼ଯନ୍ତ୍ର, ଜାଲିଆତି ଏବଂ ମିଥ୍ୟା ପ୍ରମାଣ ସୃଷ୍ଟି କରିବା ଅଭିଯୋଗରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି କ୍ରମରେ ସଦର ଥାନା ପୁଲିସ ଦୁଇ ଜଣକୁ ଗିରଫ କରିଛି। ସେମାନେ ହେଲେ ଠେମରାର କନିଷ୍କ ବାରିକ ଓ ଚତୁର୍ଭୁଜ ପ୍ରଧାନ ଓରଫ ମଣ୍ଟୁ। ସେମାନଙ୍କ ନିକଟରୁ ବିଭିନ୍ନ ଜାଲ କାଗଜପତ୍ର ଜବତ ହୋଇଛି।

ସୂଚନା ଅନୁସାରେ ଗତ ଏପ୍ରିଲ ୧୩ ତାରିଖରେ ଠେମରା ଗ୍ରାମର କନିଷ୍କ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୦୯/୧୦ ତାରିଖ ବିଳମ୍ବିତ ରାତିରେ ଗମ୍ଭାରକଟା ସ୍ଥିତ ତାଙ୍କ ଗୋଦାମରୁ ଦୁର୍ବୃତ୍ତମାନେ ୧୫ କାର୍ଟୁନ୍ ତମ୍ବା ତାର ଏବଂ ୧୨୦ କାର୍ଟୁନ୍ ଇଲେକ୍ଟ୍ରିକ୍ ଫ୍ୟାନ୍ ଚୋରି କରିନେଇଛନ୍ତି। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ୨୬ ଲକ୍ଷ ଟଙ୍କାରୁ ଅଧିକ ବୋଲି ଦର୍ଶାଯାଇଥିଲା। ଏଥିସହ ପ୍ରମାଣ ନଷ୍ଟ କରିବା ପାଇଁ ଦୁର୍ବୃତ୍ତମାନେ ସିସିଟିଭି ସଂଯୋଗ ବିଚ୍ଛିନ୍ନ କରିଥିବା ସେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ସଦରଥାନାରେ ମାମଲା ରୁଜୁ କରାଯାଇ ଏସ୍.ଆଇ ରୁଦ୍ର ପ୍ରସାଦ ଦାଶ ତଦନ୍ତ ଆରମ୍ଭ

### ଅଭିଯୋଗକାରୀ ସହ ଅନ୍ୟ ଜଣେ ଗିରଫ

### ୨୬ ଲକ୍ଷର ତମ୍ବା ତାର ଓ ଫ୍ୟାନ ଚୋରି ଅଭିଯୋଗ ହୋଇଥିଲା

### ନିଜେ ସିସିଟିଭି ବନ୍ଦ କରି ତାଲା କାଟିଥିଲେ

କରିଥିଲେ। ତଦନ୍ତ ବେଳେ ସିସିଟିଭି ଫୁଟେଜ୍, ଟାୱାର ଡମ୍ପ ଏବଂ ସିଡିଆର ଯାଞ୍ଚ କରାଯାଇଥିଲା। ଗୋଦାମରୁ ଜବତ ହୋଇଥିବା କଟା ତାଲାଗୁଡ଼ିକୁ ଗ୍ୟାସ୍ କଟର ସାହାଯ୍ୟରେ ଜାଣିଶୁଣି କଟାଯାଇ ଚୋରିର ମିଥ୍ୟା ରୂପ ଦିଆଯାଇଥିଲା। ଜିଏସ୍‌ଟି, ବୀମା କାଗଜପତ୍ର ଏବଂ କ୍ରୟ ବିଲ୍ ଯାଞ୍ଚ ବେଳେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ସପ୍ଲାୟର ଏହି ସାମଗ୍ରୀ ବିଷୟରେ କୌଣସି ବୈଧ ରେକର୍ଡ ଦେଖାଇ ପାରିନଥିଲେ। ଅଭିଯୋଗକାରୀ କନିଷ୍କ ଏବଂ ତାଙ୍କ ସହଯୋଗୀ ମଣ୍ଟୁ ବୀମା ଟଙ୍କା ପାଇବା ପାଇଁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଏହି ମିଥ୍ୟା ନାଟକ ରଚିଥିଲେ ବୋଲି ପୁଲିସ ଜାଣିବାକୁ ପାଇଥିଲା। ସଦର ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଗାଡ଼ି ଧକ୍କାରେ ଢାବା ମିସ୍ତ୍ରୀଙ୍କ ମୃତ୍ୟୁ

**ରେଢ଼ାଖୋଲ, ୧୫।୫(ସମିସ):** ସମ୍ବଲପୁରରୁ କଟକ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ମୋଚିବାହାଲ ପଞ୍ଚାୟତ ଅଧୀନ ଲମ୍ବକ୍ଷେତା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଢାବାରେ ରୋଷେୟା ଭାବେ କାର୍ଯ୍ୟରତ ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ମୋଚିବାହାଲ ପଞ୍ଚାୟତ ଲମ୍ବକ୍ଷେତି ଗାଁ ର ଟୁନୁ ନାଏକ(୫୫)। ସୂଚନା ଯୋଗ୍ୟ ଯେ ସେ ମୋଚିବାହାଲ ନିକଟରେ ଥିବା ଏକ ଢାବାରେ ବୁଧବାର ମଧ୍ୟ ରାତିରେ କାମ ସାରି ଘରକୁ ଫେରୁଥିବା ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଏଥିରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଗୁରୁବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ରାସ୍ତା ରେ ରକ୍ତାକ୍ତ ହୋଇ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିବା ବେଳେ ଘଟଣା ସ୍ଥଳକୁ ଚାରମାଳ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସହ ମୃତ ଦେହ ଜବତ୍ କରି ରେଢ଼ାଖୋଲ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍କର୍ପିଓ-ବାଇକ୍ ଧକ୍କା; ୩ ମୃତ

**କୁଚିଣ୍ଡା, ୧୫।୫(ସମିସ):** କୁଚିଣ୍ଡା ଥାନା ନିକଟ ଫରେଷ୍ଟ ପାର୍କ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମହୁଲପାଲି ଥାନା ଅଞ୍ଚଳର କୁସୁମୀ ଜମନକିରା ଗ୍ରାମର ଦୀପକ ମୁଣ୍ଡା, ଶିବ ମୁଣ୍ଡା ଓ ୭ ବର୍ଷୀୟା ଦୀପିକା ମୁଣ୍ଡା ନିଜ ସମ୍ପର୍କୀୟଙ୍କୁ ଦେଖିବା ପାଇଁ କୁଚିଣ୍ଡା ମେଡିକାଲକୁ ଆସିଥିଲେ। ସେମାନେ ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ବାଇକ୍‌ରେ ନିଜ ଗ୍ରାମକୁ ଫେରୁଥିବାବେଳେ କୁଚିଣ୍ଡା ଥାନା ନିକଟ ଫରେଷ୍ଟପାର୍କ ସମ୍ମୁଖରେ ଏକ ସ୍କର୍ପିଓ ସହ ଧକ୍କା ହୋଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ବାଇକ୍‌ରେ ଥିବା ତିନିଜଣଙ୍କ ମଧ୍ୟରୁ ଦୀପକ ମୁଣ୍ଡା ଓ ଶିବ ମୁଣ୍ଡାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ହୋଇଥିବା ୭ ବର୍ଷୀୟା ଦୀପିକା ମୁଣ୍ଡାଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ପ୍ରଥମେ କୁଚିଣ୍ଡା ମେଡିକାଲକୁ ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଉଥିଲା। ହେଲେ ମେଡିକାଲ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଜୁଲାଡିହି ଛକରେ ଶିଶୁ କନ୍ୟାର ମୃତ୍ୟୁ ଘଟିଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଯାନଗୁଡ଼ିକୁ ଜବତ କରି ତଦନ୍ତ କରୁଛି।

## ୪୮ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

**ସମ୍ବଲପୁର, ୧୫।୫ (ସମିସ):** ହୀରାକୁଦ ପୁଲିସ ବେଆଇନ ବିଦେଶୀ ମଦ କାରବାରରେ ଜଣକୁ ଗିରଫ କରିଛି। ସେ ହେଉଛି ହୀରାକୁଦ ଥାନା ଜମାଦାର ପିତାବାସ ବେହେର(୪୮)। ପୁଲିସ ଅଭିଯୁକ୍ତ ନିକଟରୁ ବିଭିନ୍ନ କମ୍ପାନୀର ୪୮ ଲିଟର ବିଦେଶୀ ମଦ ଜବତ କରିଛି।

# ଆଦିତ୍ୟ ଆଲୁମିନିୟମ ସମ୍ପ୍ରସାରଣ ପ୍ରକଳ୍ପକୁ ଜନସାଧାରଣଙ୍କ ସମର୍ଥନ

**ସମ୍ବଲପୁର, ୧୫।୫(ସମିସ):** ଲପଙ୍ଗାସ୍ଥିତ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଆଦିତ୍ୟ ଆଲୁମିନିୟମ୍ ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ ଶୁକ୍ରବାର ଅନୁଷ୍ଠିତ ଜନଶୁଣାଣିରେ ସ୍ଥାନୀୟ ବାସିନ୍ଦା ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ସମର୍ଥନ ଜଣାଇଛନ୍ତି। ନିଯୁକ୍ତି ସୁଯୋଗ ଏବଂ ଅଞ୍ଚଳର ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ସମସ୍ତେ ଏହି ପ୍ରକଳ୍ପକୁ ସର୍ବସମ୍ମତି କ୍ରମେ ସ୍ୱାଗତ କରିଛନ୍ତି। ଆଲୁମିନିୟମ ସ୍ମେଲଟର ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ପରିବେଶ ମଞ୍ଜୁରୀ ପାଇଁ ଏହି ପ୍ରକ୍ରିୟା କରାଯାଇଥିଲା। ଶୁଣାଣି ସମୟରେ ଲପଙ୍ଗା, ବୋମାଲୋଇ, ଡେରବା, ଖଡ଼ିଆପାଲି, ତିଲେଇମାଲ ଏବଂ ଧରୋପାଣି ଭଳି ନିକଟସ୍ଥ ଗ୍ରାମର ବାସିନ୍ଦାମାନେ ସମ୍ପ୍ରସାରଣ ପ୍ରସ୍ତାବକୁ ଦୃଢ଼ ସମର୍ଥନ କରିଥିଲେ। ଅନେକ ବକ୍ତା ମତ ଦେଇଥିଲେ ଯେ ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି ହେବ ଏବଂ ସମ୍ବଲପୁର ଜିଲ୍ଲାର ଶିଳ୍ପାଞ୍ଚଳରେ ବିକାଶର ଗତି ତ୍ୱରାନ୍ୱିତ ହେବ। କମ୍ପାନୀ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ, ଏହି ସମ୍ପ୍ରସାରଣ ଏକ 'ବ୍ରାଉନଫିଲ୍ଡ ପ୍ରୋଜେକ୍ଟ', ଯାହା ସମ୍ପୂର୍ଣ୍ଣ ରୂପେ ପ୍ଲାଣ୍ଟର ପରିସର ମଧ୍ୟରେ କାର୍ଯ୍ୟକାରୀ ହେବ। ଫଳରେ କୌଣସି ନୂତନ ଜମି ଅଧିଗ୍ରହଣ, ବିସ୍ଥାପନ କିମ୍ବା ଥଇଥାନର ଆବଶ୍ୟକତା ପଡ଼ିବ ନାହିଁ। ଲଉମାଲ ଗ୍ରାମର ବାସିନ୍ଦା ହଳଧର ମାକର କହିଛନ୍ତି ଯେ, ଏହି ସମ୍ପ୍ରସାରଣ ପ୍ରାୟ ୧, ୧୬୯ ଜଣ ଅତିରିକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବ, ଯେଉଁଥିରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯିବ। ହିଣ୍ଡାଲକୋ ତରଫରୁ ସମ୍ବଲପୁର ଜିଲ୍ଲାର ୬୩ଟି ଗ୍ରାମର ୧.୪୨ ଲକ୍ଷ ଲୋକ ଉପକୃତ



ଦ୍ୱାରା ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ଓ ବ୍ୟବସାୟିକ ସୁଯୋଗ ବୃଦ୍ଧି ପାଇବ। ଆଲୁମିନିୟମ ସ୍ମେଲଟର କ୍ଷମତା ବାର୍ଷିକ ୬.୮ ଲକ୍ଷ ଟନ୍‌ରୁ ୯.୦ ଲକ୍ଷ ଟନ୍‌କୁ ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର କ୍ଷମତା ୧୨୩୦ ମେଗାୱାଟରୁ ୧୫୩୦ ମେଗାୱାଟକୁ ବୃଦ୍ଧି କରାଯିବ। ଆଦିତ୍ୟ ଆଲୁମିନିୟମର ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ ସୂଚନା ଦେଇଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ହେଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ କମ୍ପାନୀର ଅନେକ କାର୍ଯ୍ୟକ୍ରମ ଚାଲୁ ରହିଛି। ଜନ ଶୁଣାଣିରେ ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଉପ-ଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଓଏସପିସିବି ଆଞ୍ଚଳିକ ଅଧିକାରୀ ଡ. ଏସ. ଏନ. ନନ୍ଦଙ୍କ ସମେତ ଅନ୍ୟାନ୍ୟ ସରକାରୀ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସମୁଦାୟସ୍ତରୀୟ ହିତାଧିକାରୀ ଅଂଶୀଦାରମାନଙ୍କ ସହିତ ପରାମର୍ଶ ବୈଠକ

**ସମ୍ବଲପୁର, ୧୫।୫(ସମିସ):** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲ୍ଲାକୁ ନେଇ ଏକ ସମୁଦାୟ ସ୍ତରୀୟ ହିତାଧିକାରୀ ଅଂଶୀଦାର ମାନଙ୍କ ସହିତ ପରାମର୍ଶ କେନ୍ଦ୍ରିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତଭାଷଣ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ପରାମର୍ଶ ବୈଠକରେ ମନୀଷା ବାରା, ସରକାରୀ ମେଡିକାଲ ଅଫିସର୍ ଡାକ୍ତର ରବି ନାରାୟଣ ମିଶ୍ର, ଡାକ୍ତର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ସମାଜସେବୀ ତଥା ଆଇନଜୀବୀ ପୁଷ୍ପାରାଣୀ ମହାପାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଜ୍ଞାନର ସହକାରୀ ପ୍ରଫେସର ଡ. କଲ୍ୟାଣୀ ରଥ, ବରଗଡ଼ ପଞ୍ଚାୟତ କଲେଜ୍‌ର ସମାଜ ବିଜ୍ଞାନର ଅଧ୍ୟାପକ ଦିଲିଶ ମେହେର, ସୁରକ୍ଷା ଅଧିକାରୀ ସମ୍ବଲପୁର ସରିତା ଦାଶ, ଆଞ୍ଚଳିକ ସେବା ସଦନର ସମ୍ପାଦକ ମଧୁସୂଦନ ଚଇନି ଯୋଗ ଦେଇଥିଲେ। ଏହା ସହ ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲ୍ଲାର ଆଶା ଦିଦି, ଅଙ୍ଗନବାଡି ଦିଦି, ପ୍ରେରଣା ଦିଦି, ସଖୀ କେନ୍ଦ୍ର ଓ ଶକ୍ତି ସଦନର ସଂଯୋଜିକା, ଜିଲ୍ଲାସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ସରପଞ୍ଚ, ବୃଦ୍ଧାଶ୍ରମର ସଂଯୋଜକ, ଜେଣ୍ଡର ସଂଯୋଜିକା, ଜିଲ୍ଲା ହବ୍ ସାମର୍ଥ୍ୟ ସଂଯୋଜକ, ସମାଜସେବୀ, ପୀଡ଼ିତା ପ୍ରମୁଖ ଅଂଶଗ୍ରହଣକାରୀ ସମୁଦାୟ ସ୍ତରରେ ଘରୋଇ ହିଂସାର ସମାଧାନ ପାଇଁ ସେମାନଙ୍କର ମତାମତ ଉପସ୍ଥାପନା କରିଥିଲେ। ଅଂଶଗ୍ରହଣକାରୀ ମହିଳା ବିରୋଧୀ ହିଂସା ଦୂର କରିବାରେ ସମୁଦାୟ ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଯାଇ ପାରିଲେ ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ସୁରକ୍ଷିତ ଓ ଏକ ସମ୍ମାନ ଜନକ ଜୀବନ ବଞ୍ଚି ପାରିବେ ବୋଲି ଗୁରୁତ୍ୱାରୋପ କରାଯାଇ ଥିଲା। କାର୍ଯ୍ୟକ୍ରମଟିକୁ ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟର ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଏବଂ ରାଜ କିଶୋର ପଣ୍ଡା ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଗବେଷିକା ସୋନାଲି କ୍ରିଷ୍ଣା ରାଉତଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିଡବ୍ଲୁଓଡିଏଲ୍‌ର 'ପେ ଆଣ୍ଡ ୱିନ୍' ଯୋଜନାରେ ୯୧୨ ଜଣ ଗ୍ରାହକ ପୁରସ୍କୃତ

**ସମ୍ବଲପୁର, ୧୫।୫(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଆଜି ଏହାର ତ୍ରୈମାସିକ ପ୍ରମୁଖ ଗ୍ରାହକ ପ୍ରୋତ୍ସାହିତ ପଦକ୍ଷେପ 'ପେ ଆଣ୍ଡ ୱିନ୍' ଯୋଜନାରେ ବିଜେତାମାନଙ୍କ ନାମ ଘୋଷଣା କରାଯିବା ସହ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଏକ ନୂତନ 'ଗ୍ରାହକ ବିଶ୍ୱସନୀତା' କାର୍ଯ୍ୟକ୍ରମର ଘୋଷଣା କରାଯାଇଛି। କମ୍ପାନୀର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହି ନୂତନ ଯୋଜନାଟିକୁ ଆଜିର ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଅପରେସନ୍ ବିଭାଗର ମୁଖ୍ୟ ପ୍ରଶାନ୍ତ ସିଂ, କମର୍ସିଆଲ୍ ବିଭାଗର ମୁଖ୍ୟ ପି.ପି. ତେନ୍ଦୁଲକର ଏବଂ ଏମ୍‌ଏମଜି ବିଭାଗର ମୁଖ୍ୟ ରୁପେଶ ଗୋୟେଲ୍ ପ୍ରମୁଖ ଉପସ୍ଥିତ ରହିଥିଲେ।

### ନୂତନ ଯୋଜନାରେ ଟୁର୍ ଆଣ୍ଡ ଟ୍ରାଭେଲ୍, ହେଲ୍ଥକେୟାର୍ ଏବଂ ୱାଣ୍ଡେଲା ଟିକେଟରେ ରିହାତି

ପେ ଆଣ୍ଡ ୱିନ୍ ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୯୩ ହାଜର ୩୯୭ ଜଣ ବିଦ୍ୟୁତ୍ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର-ଜେନେରେଟେଡ୍ ଲକି ଡ୍ର ମାଧ୍ୟମରେ ଟିପିଡବ୍ଲୁଓଡିଏଲର ୫୭ଟି ବିଦ୍ୟୁତ୍ ଉପଖଣ୍ଡରୁ ମୋଟ୍ ୯୧୨ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ବିଜେତା ଭାବରେ ଚୟନ କରାଯାଇଛି। ଯୋଜନା ଅନୁସାରେ ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରୁ ପ୍ରତି ତ୍ରୈମାସିକରେ ୧୬ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ଚୟନ କରାଯିବ। ପ୍ରଥମ ପୁରସ୍କାର ଭାବେ ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ୍ ଉପହାର ମିଳୁଥିବାବେଳେ ଦ୍ୱିତୀୟ ପୁରସ୍କାର ଭାବେ ଦୁଇ ଜଣ ବିଜେତାଙ୍କୁ ଦୁଇଟି ବ୍ଲୁଟୁଥ୍ ସ୍ପିକର୍, ତୃତୀୟ ପୁରସ୍କାର ଭାବେ ତିନି ଜଣ ବିଜେତାଙ୍କୁ ତିନୋଟି ସ୍ମାର୍ଟୱାଚ୍ ଏବଂ ଚତୁର୍ଥ ପୁରସ୍କାର ଭାବେ ଦଶଜଣ ବିଜେତାଙ୍କୁ ଦଶଟି ନେକବ୍ୟାଣ୍ଡ ଇୟର ଫୋନ୍ ଉପହାର ମିଳୁଛି। ତେବେ ଏହି ଯୋଜନା ପାଇଁ ବଲାଙ୍ଗିରରୁ ୧୭୬ ଜଣ, ବରଗଡ଼ରୁ ୧୪୪ ଜଣ, କଳାହାଣ୍ଡିରୁ ୧୬୦ ଜଣ, ରାଉରକେଲାରୁ ୨୦୮ ଜଣ ବିଜେତା, ଏବଂ ସମ୍ବଲପୁରରୁ ୨୨୪ ଜଣ ବିଜେତାଙ୍କୁ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇଥିଲା। ଏହି ଯୋଜନା ସହିତ, ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଏକ ନୂତନ 'ଗ୍ରାହକ ବିଶ୍ୱସନୀତା' କାର୍ଯ୍ୟକ୍ରମର ମଧ୍ୟ ଆଜି ଶୁଭାରମ୍ଭ କରାଯାଇଛି। ମାଧ୍ୟମରେ ଫ୍ୟାଶନ୍, ଟୁର୍ ଏବଂ ଟ୍ରାଭେଲ୍, ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟସେବା ଏବଂ ବେକ୍ରି ସେବା ଉପରେ ସ୍ୱତନ୍ତ୍ର ଅଫର୍ ଏବଂ ରିହାତି ପାଇପାରିବେ। ଏହା ସହିତ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନେ ଭୁବନେଶ୍ୱର ସ୍ଥିତ 'ୱାଣ୍ଡେଲା ଆମ୍ୟୁଜମେଣ୍ଟ ପାର୍କ'ର ନିୟମିତ ଟିକେଟ୍ ମୂଲ୍ୟରେ ୩୦ ପ୍ରତିଶତ ରିହାତିର ଏକ ସ୍ୱତନ୍ତ୍ର ଅଫର ମଧ୍ୟ ଉପଭୋଗ କରିପାରିବେ। ଗ୍ରାହକମାନେ ବୁକିଂ କାଉଣ୍ଟରରେ ସେମାନଙ୍କର ବିଦ୍ୟୁତ୍ ବିଲର ଏକ କପି ଉପସ୍ଥାପନ କରି ଏହି ଲାଭ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ମେ' ୨୦ରେ ଔଷଧ ଦୋକାନ ବନ୍ଦ ନେଇ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର

**ସମ୍ବଲପୁର, ୧୫।୫(ସମିସ):** ସମ୍ବଲପୁର ଜିଲ୍ଲା କେମିଷ୍ଟସ ଓ ଡ୍ରଗିଷ୍ଟସ୍ ଆସୋସିଏସନ, ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ (ଇଉସିଡିଏ)



ଓ ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ ଅଫ୍ କେମିଷ୍ଟ ଏବଂ ଡ୍ରଗିଷ୍ଟ (ଆଇଓସିଡି)ର ଏକ ଜିଲ୍ଲା ସହବନ୍ଧିତ ଶାଖା ଅଟେ। ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଙ୍ଘ ସାରା ଦେଶରେ ୧୨ ଲକ୍ଷ ୪୦ ହଜାରରୁ ଅଧିକ କେମିଷ୍ଟ ଏବଂ ବିତରକଙ୍କୁ ପ୍ରତିନିଧିତ୍ୱ କରୁଛି ଏବଂ ସାରା ଦେଶରେ ୫ କୋଟିରୁ ଅଧିକ ପରିବାରର ଔଷଧ ବ୍ୟବସାୟ ଜରିଆରେ ପ୍ରତିପୋଷଣର ଦାୟିତ୍ୱ ବହନ କରୁଛି। କେନ୍ଦ୍ର ଏବଂ ରାଜ୍ୟସ୍ତରରେ ବିଭିନ୍ନ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବାରମ୍ବାର ଆପତ୍ତି ଏବଂ ଅଭିଯୋଗ ସତ୍ତ୍ୱେ, ଔଷଧ ବ୍ୟବସାୟ ଏବଂ ଜନସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରିନାହିଁ। ଏହି ପରିପ୍ରେକ୍ଷୀରେ, ଜାତୀୟ ସଂଗଠନ, (ଏଆଇଓ ସିଡି) ଉକ୍ତ ଦୀର୍ଘକାଳୀନ ନୀତି ପ୍ରତିବାଦରେ ଚଳିତ ମାସ ୨୦ ତାରିଖରେ ଏକଦିନିଆ ଔଷଧ ବ୍ୟବସାୟ ବନ୍ଦ ଡାକରା ଦେଇଛି। ଏହି ଦିନ ସମ୍ବଲପୁର ଜିଲ୍ଲାସମସ୍ତ ଔଷଧ ବ୍ୟବସାୟ ବନ୍ଦ ରଖିବା ପାଇଁ ସମ୍ବଲପୁର ଜିଲ୍ଲା ଔଷଧ ବ୍ୟବସାୟୀ ସଙ୍ଘର ସଭାପତି ଶିବ ପ୍ରସାଦ ଓ ସାଧାରଣ ସମ୍ପାଦକ ଜୟ ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ପ୍ରଶାନ୍ତ ରଥ, ଜ୍ୟୋତିର୍ମୟ ପଣ୍ଡା, ଚନ୍ଦ୍ର କୁମାର ଅଗ୍ରୱାଲ ପ୍ରମୁଖ ସଦସ୍ୟ ସମ୍ବଲପୁର ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

# ବାମରାରେ ବିଜେଡିର ବିକ୍ଷୋଭ, ବିଭିନ୍ନ ସମସ୍ୟାନେଇ ବ୍ଲକ୍ ଘେରଉ

**କୁଚିଣ୍ଡା, ୧୫।୫(ସମିସ):** ନବୀନଙ୍କ ପ୍ରତି ବିଜେପିର ଦୁର୍ବ୍ୟବହାର ପ୍ରତିବାଦ ଘଟଣାକୁ କେନ୍ଦ୍ର କରି ଆଜି ବିଜୁ ଜନତା ଦଳ ପକ୍ଷରୁ ବାମରା ଠାରେ ଏକ ବିଶାଳ ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ବାମରା ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ମଧ୍ୟ ଦଳ ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଟୋପ୍ପୋ, ଅଜିତ



ମହାପାତ୍ର, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ବାମରା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାହୁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ବାମରାରେ ଦୀର୍ଘଦିନ ଧରି ଲମ୍ବି ରହିଥିବା ରେଳ ଓଭରବ୍ରିଜ ସମସ୍ୟା, ବ୍ଲକରେ ବଢୁଥିବା ଦୁର୍ନୀତି, ହିତାଧିକାରୀମାନଙ୍କୁ ଆବାସ ଓ ଭତ୍ତା ପ୍ରଦାନରେ ବିଳମ୍ବ, ନିଟ୍ ପେପର ଲିକ୍ ଘଟଣା, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ସହ ମହିଳା ଆରକ୍ଷଣ ପ୍ରସଙ୍ଗକୁ ନେଇ ବ୍ଲକ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଶାସନଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

## ବିହାରରୁ ଆସୁଥିଲା ବନ୍ଧୁକ

# ସମ୍ବଲପୁରରେ ବିକୁଥିଲେ ରେଳ କର୍ମଚାରୀ

**ସମ୍ବଲପୁର, ୧୫।୫(ସମିସ)**

ବାବୁ ରେଳ ବିଭାଗରେ ଚାକିରି କରିଥିଲେ। ଚାକିରି ପରେ ପରେ ବେଆଇନ ବନ୍ଧୁକ ଡିଲର ସାଜି ସବୁଆଡେ ଚୋରା ଚାଲାଣ କରୁଥିଲେ। ସମ୍ବଲପୁର ପୁଲିସ ବେଆଇନ ବନ୍ଧୁକ ରଖିଥିବା ଅଭିଯୋଗରେ ୫ ଜଣକୁ ଗିରଫ କରିଛି। ମୋଟ୍ ୫ଟି ଦେଶୀ ବନ୍ଧୁକ ସହ ୧୯ ଗୁଳି ଜବତ କରିଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କ୍ଷେତରାଜପୁର ଓ ଅଇଁଠାପାଲି ଥାନାରେ ଏହାକୁ ନେଇ ଗୋଟାଏ ଲେଖାଏଁ ମାମଲା ରୁଜୁ ହୋଇଛି। ଅଇଁଠାପାଲି ଥାନା ପୁଲିସ ଦାନିପାଲିର ବିନୟ ପ୍ରଧାନ(୩୫), ବଡ଼ବଜାରର ବିକ୍ରମ ପଟ୍ଟନାୟକ(୫୦), ସାକ୍ଷିପଡ଼ାର ଲାଲ ମୋହନ ଯାଦବ(୪୮) ଓ ଦାନିପାଲି ପ୍ରଗତି ବିହାରର ଭରତ ସୁନା(୬୪)କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪ଟି ଦେଶୀ ବନ୍ଧୁକ ଓ ୧୬ ଟି ଗୁଳି ଜବତ କରିଛି। ସେହିପରି କ୍ଷେତରାଜପୁର ପୁଲିସ ବରଗଡ଼ ଅତାବିରା ଥାନା ଅଞ୍ଚଳର ନୁରୁଲ ହୁଡ଼ା(୪୭)କୁ ଗିରଫ କରିବା ସହ ଗୋଟାଏ ବନ୍ଧୁକ ଓ ୩ଟି ଗୁଳି ଜବତ





କରିଛି। ସୂଚନା ଅନୁସାରେ ବର୍ତ୍ତମାନ ରାଜ୍ୟରେ ବେଆଇନ ବନ୍ଧୁକ ଧରିବା ପାଇଁ ଅଭିଯାନ ଜାରି ରହିଛି। ଏହି କ୍ରମରେ ସମ୍ବଲପୁରର ସମସ୍ତ ଥାନାରେ ଏହି ଅପରେସନ ଜାରି ରହିଛି। ଗିରଫ ହୋଇଥିବା ଭରତ ସୁନା ରେଳ ବିଭାଗରେ କାମ କରୁଥିଲେ। ସେ ବିହାରରୁ ବନ୍ଧୁକ ଆଣି ବିକ୍ରମକୁ ଦେଉଥିଲେ। ପରେ ଏହି ଡିଲ ପଶ୍ଚିମ ଓଡ଼ିଶା ସାରା ବ୍ୟାପୁଥିଲା। ଝାରସୁଗୁଡ଼ା, ରାଉରକେଲା ବିଭିନ୍ନ ଜିଲ୍ଲାରେ ଯାହାର ବନ୍ଧୁକ ଦରକାର ଥିଲା ସେମାନେ ବିକ୍ରମକୁ ଯୋଗାଯୋଗ କରୁଥିଲେ। ବିକ୍ରମ ନାମରେ ପୂର୍ବରୁ ୬ ଟି ମାମଲ ରହିଛି। ନିଜ ସୁରକ୍ଷା ଠାରୁ ଆରମ୍ଭ କରି ଅପରାଧିକ କାର୍ଯ୍ୟକଳାପ ପାଇଁ ଏହି ବନ୍ଧୁକ କିଣା ଯାଉଥିଲା। ୪୦ ହଜାରରୁ ଆରମ୍ଭ ହୋଇ ଦାମ ୭୦ ହଜାର ପର୍ଯ୍ୟନ୍ତ ଯାଉଥିଲା। ଧନୁପାଲି ଥାନା ଅଧିକାରୀ, ଅଇଁଠାପାଲି ଥାନା ଅଧିକାରୀ, କ୍ଷେତରାଜପୁ

### ମୁଖ୍ୟ ଅଭିଯୁକ୍ତ ସମେତ ୫ ଗିରଫ

### ୫ ଦେଶୀ ବନ୍ଧୁକ ଓ ୧୯ ଗୁଳି ଜବତ

### ୪୦ ହଜାରରୁ ଆରମ୍ଭ ହେଉଥିଲା ବିକ୍ରି

ଥାନା ଅଧିକାରୀ ମିଳିତ ଭାବେ ଚଢଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ପୁଲିସ ବନ୍ଧୁକ ଗୁଳି ସହ ଏକ କାର୍‌ଜବତ କରିଛି। ଆଗକୁ ରିମାଣ୍ଡରେ ଆଣିଲେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଏସ୍‌ପି କହିଛନ୍ତି।

## ତେଲ ସଂକଟରେ ସନ୍ତୁଳି ହେଉଛି ଗଞ୍ଜାମ

# ସହରରେ ନୋ ଷ୍ଟକ୍, ଗାଁରେ ଲିମିଟ୍ ୨୦୦







### ପରିବହନ ବ୍ୟବସ୍ଥା ବ୍ୟାଘାତ; ଲୋକେ ହସ୍ତସନ୍ତ

ବ୍ରହ୍ମପୁର,୧୫ ।୫(ସମିସ)

ସାରା ରାଜ୍ୟରେ ଦେଖା ଦେଇଥିବା ତେଲ ସଂକଟର ପ୍ରଭାବ ଏବେ ଗଞ୍ଜାମ ଜିଲ୍ଲାରେ ଗଭୀର ଭାବେ ପଡ଼ିଛି। ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ଅଭାବ ଯୋଗୁଁ ସାଧାରଣ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ସହରର ଅଧାରୁ ଅଧିକ ପେଟ୍ରୋଲ ପମ୍ପରେ ତାଲା ଝୁଲୁଥିବା ବେଳେ, ଅନେକ ପମ୍ପ ଆଗରେ "ନୋ ଷ୍ଟକ" ବୋର୍ଡ ଟଙ୍ଗାଯାଇଥିବା ଦେଖିବାକୁ ମିଳିଛି। ଯେଉଁ କେତେକ ପମ୍ପରେ ତେଲ ଉପଲବ୍ଧ ରହିଛି, ସେଠାରେ ସକାଳୁଠାରୁ ରାତି ପର୍ଯ୍ୟନ୍ତ ଲମ୍ବା ଲାଇନ ଲାଗି ରହୁଛି। ବିଶେଷ କରି କାର୍ଯ୍ୟାଳୟ, ଯାତ୍ରୀ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଯାତ୍ରୀବାହୀ ଗାଡ଼ି ଚାଳକମାନେ ଏହି ସଂକଟରେ ସବୁଠାରୁ ଅଧିକ ହନ୍ତସନ୍ତ ହେଉଛନ୍ତି। ଅନେକେ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡ଼ା ରହିଲେ ମଧ୍ୟ ପେଟ୍ରୋଲ ପାଇପାରୁ ନାହାନ୍ତି। କେତେକ ସ୍ଥାନରେ ତେଲ ଶେଷ ହୋଇଯାଉଥିବାରୁ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ବଚସା ହେଉଥିବା ମଧ୍ୟ ଦେଖାଯାଇଛି। ଗ୍ରାମାଞ୍ଚଳର ପରିସ୍ଥିତି ମଧ୍ୟ ଭୟାବହ ରହିଛି। ବିଶେଷ କରି ଜାତୀୟ ରାଜପଥ କଡ଼ରେ ଥିବା ଅନେକ ପେଟ୍ରୋଲ ପମ୍ପରେ ନିର୍ଦ୍ଦିଷ୍ଟ ପରିମାଣରେ ତେଲ ଦିଆଯାଉଛି। କେତେକ ପମ୍ପରେ ଗାଡ଼ି ପିଛା ମାତ୍ର ୨୦୦ ଟଙ୍କାର ପେଟ୍ରୋଲ ଦେବାକୁ ନିୟମ କରାଯାଇଛି। ଫଳରେ ଦୂରଯାତ୍ରା କରୁଥିବା ଯାତ୍ରୀମାନେ ବିପଦରେ ପଡୁଛନ୍ତି। ଅନେକ ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକ ଗୋଟିଏ ପମ୍ପରୁ ଅନ୍ୟ ପମ୍ପକୁ ଘୁରି ଘୁରି ତେଲ ଖୋଜୁଥିବା ଚିତ୍ର ସାମ୍ନାକୁ ଆସିଛି। ତେଲ ଟ୍ୟାଙ୍କର ଚଳାଚଳରେ ବାଧା ଓ ଯୋଗାଣ ବ୍ୟବସ୍ଥା ବିଘ୍ନିତ ହେବାକୁ ଏହି ସଂକଟର ମୁଖ୍ୟ କାରଣ ବୋଲି କୁହାଯାଉଛି। ଯଦି ଖୁବ ଶୀଘ୍ର ପରିସ୍ଥିତି ସୁଧାର ନ ଆସେ, ତେବେ ଆଗାମୀ ଦିନରେ ପରିବହନ, ବ୍ୟବସାୟ ଓ ଜରୁରୀ ସେବା ଉପରେ ଏହାର ଗଭୀର ପ୍ରଭାବ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ସାଧାରଣ ଲୋକ ତୁରନ୍ତ ତେଲ ଯୋଗାଣ ସ୍ୱାଭାବିକ କରିବାକୁ ସରକାର ଓ ପ୍ରଶାସନଙ୍କୁ ଦାବି କରିଛନ୍ତି। ଆଜି ବ୍ରହ୍ମପୁର ସହର ସମେତ ଆଖପାଖ ଇଲାକାରେ ପେଟ୍ରୋଲ ଲିଟର ପିଛା ୧୦୫.୫୫ପଇସା ଥିବା ସୂଚନା ମିଳିଥିବା ବେଳେ ତଦନୁରୂପେ ଡ଼ିଜେଲ ଦର ମଧ୍ୟ ବୃଦ୍ଧି ପାଇଛି। ଅପରପକ୍ଷେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଓ ଅଶାନ୍ତ ପରିସ୍ଥିତିର ପ୍ରଭାବ ଏବେ ଦେଶର ତେଲ ଯୋଗାଣ ବ୍ୟବସ୍ଥା ଉପରେ ପଡ଼ିଛି। ଆନ୍ତର୍ଜାତୀୟ ବଜାରରେ ତେଲ ଦର ବୃଦ୍ଧି ଓ ଯୋଗାଣ ବାଧା ନେଇ ଆଶଙ୍କା ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ତେଲ ସଂକଟ ଦେଖାଦେଇଛି। ଫଳରେ ଗଞ୍ଜାମ ଜିଲ୍ଲାରେ ପରିବହନ ବ୍ୟବସ୍ଥା ଉପରେ ମଧ୍ୟ ଏହି ସଂକଟର ପ୍ରଭାବ ପଡ଼ିବା ଆରମ୍ଭ ହୋଇଛି। ବେସରକାରୀ ବସ, ମାଲବାହୀ ଗାଡ଼ି ଓ ଅଟୋ ଚାଳକମାନେ ତେଲ ଅଭାବ ଯୋଗୁଁ ଚିନ୍ତାରେ ରହିଛନ୍ତି। ଆଗାମୀ ଦିନରେ ପରିସ୍ଥିତି ଅଧିକ ଗୁରୁତର ହେବା ଆଶଙ୍କାରେ ଅନେକେ ଆଗୁଆ ତେଲ ଭର୍ତ୍ତି କରୁଥିବାରୁ ପମ୍ପଗୁଡ଼ିକରେ ଅଧିକ ଚାପ ସୃଷ୍ଟି ହେଉଛି।

ତେଲ ବିତରକମାନଙ୍କ କହିବା ଅନୁସାରେ, ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହେଲେ ପରିସ୍ଥିତି ସୁଧାର ଆସିପାରେ। କିନ୍ତୁ ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତି ଦୀର୍ଘସ୍ଥାୟୀ ହେଲେ ତେଲ ଦର ବୃଦ୍ଧି ସହ ସଂକଟ ଆହୁରି ବଢ଼ିପାରେ ବୋଲି ଅର୍ଥନୀତିବିଦମାନେ ମତ ପ୍ରକାଶ କରିଛନ୍ତି। ସାଧାରଣ ଲୋକ ତୁରନ୍ତ ଯୋଗାଣ ସ୍ୱାଭାବିକ କରିବାକୁ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ବ୍ରାଉନ୍‌ସୁଗର୍ ଜବତ, ଫେରାର ଅଭିଯୁକ୍ତ ଗିରଫ



ବ୍ରହ୍ମପୁର,୧୫ ।୫(ସମିସ): ବ୍ରହ୍ମପୁର ହଳଦିଆପଦର ବାଇପାସ ସର୍ଭିସ ରୋଡ୍ ନିକଟରେ ନିଶାଦ୍ରବ୍ୟ କାରବାର ଚାଲିଥିବା ବେଳେ ଗୋଶାଣୀନୂଆଗାଁ ଥାନା ପୁଲିସ ପକ୍ଷରୁ ଚଢଉ କରାଯାଇଥିଲା। ଏହି ମାମଲାରେ ଆଜି ପୁଲିସ ବିଜୟ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ମାମଲାରେ ବଡ଼ବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ଶାସ୍ତ୍ରୀନଗର ଅଞ୍ଚଳର ସନ୍ତୋଷ ପାତ୍ର ଗିରଫ ହୋଇଥିଲେ । ଅଭିଯୁକ୍ତଙ୍କ ନିକଟରୁ ୬.୬୯ ଗ୍ରାମ ବ୍ରାଉନସୁଗାର ସମେତ୨ଟି ମୋବାଇଲ୍ ଫୋନ୍, ଏକ କଳା ପଲିଥିନ ବ୍ୟାଗ୍‌ଆ ଜବତ ହୋଇଥିଲା। ଉକ୍ତ ଥାନାର ଏସଆଇ ଗୌରବ ରଞ୍ଜନ ଦାସ ଓ ତାଙ୍କ ଟିମ୍ ଗତ ୧୦ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ପାଟ୍ରୋଲିଂ କରୁଥିବା ବେଳେ ହଳଦିଆପଦର ବାଇପାସ ସର୍ଭିସ ରୋଡ୍ ନିକଟରେ ନିଶାଦ୍ରବ୍ୟ କାରବାର ଚାଲିଥିବା ସୂଚନା ପାଇଥିଲେ। ସେଠାରେ ଅଚାନକ ଚଢ଼ାଉ କରି ପୁଲିସ ସନ୍ତୋଷକୁ କାବୁ କରିଥିବା ବେଳେ ବିଜୟ ଫେରାର ହୋଇଯାଇଥିଲା। ଯାଞ୍ଚ ବେଳେ ସନ୍ତୋଷଙ୍କ ନିକଟରୁ ଏକ ଗିପ୍-ସିଲ ଜରି ପ୍ୟାକେଟରେ ୬.୬୯ ଗ୍ରାମ ଓଜନର ବ୍ରାଉନସୁଗାର ମିଳିଥିଲା।

## ଯୁବତୀଙ୍କୁ ନିର୍ଯାତନା; ଅଭିଯୁକ୍ତ ଗିରଫ



ବ୍ରହ୍ମପୁର,୧୫ ।୫(ସମିସ): ବ୍ରହ୍ମପୁର ସହରର ଏକ ଘରୋଇ କଲେଜରେ କାର୍ଯରତ ଜଣେ ଯୁବତୀଙ୍କୁ ନିର୍ଯାତନା ଦେବା ସହ ରାସ୍ତାରେ ଅଟକାଇ ଗାଳିଗୁଲଜ ଓ ଅସଦାଚରଣ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନେହୁରୁନଗରର ଅନୀଲ କୁମାର ପାତ୍ର(୬୦)। ସୂଚନାପ୍ରକାରେ, ଏହି ଯୁବତୀ ଜଣଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ୨ ବର୍ଷ ତଳେ ଅନୀଲଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଏହାପରେ ଅନୀଲ ତାଙ୍କୁ ଫୋନ କରି ହଇରାଣ କରିବା ସହ ଘରେ ପଶି ଗାଳିଗୁଲଜ କରିଥିଲେ। ଏପରିକି ଖୋଡାସିଂ ନିକଟରେ ଯୁବତୀଙ୍କୁ ରାସ୍ତାରେ ଅଟକାଇ ଟଣାଓଟରା କରିବା ସହ ଗାଳିଗୁଲଜ କରିଥିଲେ। ବାରମ୍ବାର ସମସ୍ୟା ଭୋଗିବା ପରେ ଯୁବତୀ ଜଣଙ୍କ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା(୧୩୯/୨୬) ରୁଜୁ କରି ତଦନ୍ତ ଚଳାଇଥିଲା।

## ନାଳରୁ ଉଦ୍ଧାର ଅସହାୟ ବ୍ୟକ୍ତିଙ୍କ କାଜୁଆଲଟିରେ ମୃତ୍ୟୁ



ବ୍ରହ୍ମପୁର,୧୫ ।୫(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶ ମାନବିକତାର ପରିଚୟ ଦେଇଛନ୍ତି। ସେ ସକାଳ ସମୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସର ବିଭିନ୍ନ ସ୍ଥାନ ପରିଦର୍ଶନ କରୁଥିବା ବେଳେ ନାଳ ମଧ୍ୟରେ ପଡ଼ିଥିବା ପ୍ରାୟ ୪୭ ବର୍ଷୀୟ ଜଣେ ଅଚେତ ବ୍ୟକ୍ତିଙ୍କୁ ଦେଖିଥିଲେ। ପରେ ସେ ତୁରନ୍ତ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଇ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ମେଡିକାଲର ଆଶୁ ଚିକିତ୍ସା ବିଭାଗ(କାଜୁଆଲଟି)ରେ ଡାକ୍ତର ବ୍ୟକ୍ତିଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନଥିବା ସୂଚନା ମିଳିଛି। ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ମୃତଦେହକୁ ମେଡିକାଲର ଶବ ଗୃହରେ ସଂରକ୍ଷଣ ଭାବେ ରଖାଯାଇଛି। ଘଟଣାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ରେଜିଷ୍ଟ୍ରାରଙ୍କ ଏହି ମାନବିକ ପଦକ୍ଷେପକୁ ଅନେକେ ପ୍ରଶଂସା କରିଛନ୍ତି।

## ୱାର୍ଡବାସୀଙ୍କ ସମସ୍ୟା ବୁଝିଲେ ମେୟର ଓ କମିସନର୍

ବ୍ରହ୍ମପୁର,୧୫ ।୫(ସମିସ): ନିଗମର ବିଭିନ୍ନ ୱାର୍ଡର ସ୍ଥିତି ଅନୁଧ୍ୟାନ ସହ ଲୋକଙ୍କ ଠାରୁ ସିଧାସଳଖ ସ୍ଥାନୀୟ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି ଉଭୟ ମେୟର ଓ କମିଶନର। କର୍ପୋରେଟର ଓ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଆଲୋଚନା ପରେ ନିଆଯାଉଛି ଆବଶ୍ୟକ ପଦକ୍ଷେପ। ଏହି କ୍ରମରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଓ କମିସନର ସୁଶ୍ରୀ ଏ ସସ୍ୟା ରେଡ୍ଡୀ ୪୧ନମ୍ବର ୱାଡର୍ ଅନ୍ତର୍ଗତ ଜୟପ୍ରକାଶ ନଗର ପରିଦର୍ଶନ କରିଥିଲେ। ପିତବାସ ପଣ୍ଡା ହତ୍ୟା ମାମଲାରେ ସ୍ଥାନୀୟ କର୍ପୋରେଟର ମଳୟ ବିଶୋୟୀ ଗିରଫ ହୋଇ ଜେଲରେ ଥିବାରୁ ଏହି ଅଞ୍ଚଳ ପ୍ରତି ନିଗମର ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଥିଲା। ଅଞ୍ଚଳର ରାସ୍ତାଘାଟ, ଡ୍ରେନ, ଆଲୋକ ବ୍ୟବସ୍ଥା ଓ ପରିମଳ ଆଦି ସମସ୍ୟାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଆଜି ପୁରା ବିଇଏମସି ଟିମ ଅଞ୍ଚଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିବାରୁ ସ୍ଥିତିରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ପରିଦର୍ଶନ ସମୟରେ ଡ୍ରେନ ସଫା ହେଉନଥିବା, ଗୋଟିଏ ସାହିରେ ଆଦୌ ଡ୍ରେନ ନଥିବା ବେଳେ ଲୋକେ ରାସ୍ତାକୁ ଜବର ଦଖଲ କରି ରଖିଥିବା ଦେଖିବାକୁ ପାଇଥିଲେ। ସେହିଭଳି ସ୍ୱଳ୍ପ ବର୍ଷାରେ ଜଳବନ୍ଦୀ ହେଉଥିବା କାରଣ ଖୋଜିବାକୁ ଯାଇ ଟାଟା ପା"ାର ଅଧୀନରେ ଥିବା ବିଦ୍ୟୁତପୁରୀ କଲୋନୀରେ ନାଳ ନିର୍ମାଣ କରି ବାହାନା ନାଳ ସହ ସଂଯୋଗ କରିବା ପାଇଁ

- ଡ୍ରେନ୍ ସମସ୍ୟାର ସମାଧାନ ପାଇଁ ଜବରଦଖଲକାରୀଙ୍କୁ ହେବ ନୋଟିସ : ମେୟର
- ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସହ ହେବ ଆଲୋଚନା : କମିସନର୍



ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ସାହି ମଧ୍ୟରେ ରାସ୍ତା ଜବର ଦଖଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ଖୁବଶୀଘ୍ର ନୋଟିସ ଜାରି କରାଯିବ। ପରେ ଜବର ଦଖଲ ଉଚ୍ଛେଦ କରି ଡ୍ରେନ ନିର୍ମାଣ କରାଯିବ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି ଉଭୟ ମେୟର ଓ କମିଶନର। ଏହି ଅବସରରେ ପଡ଼ୋଶୀ ୩୫ନମ୍ବର ୱାଡର୍ କର୍ପୋରେଟର ସମୀର ମିଶ୍ରଙ୍କ ସମେତ ରାଜେଶ କୁମାର ସାହୁ, ନିର୍ମଳ ପାଢ଼ୀ ଓ ସୀମାଞ୍ଚଳ ଶତପଥୀ ପ୍ରମୁଖଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଗୋଳନ୍ଥରାରେ ସାବିତ୍ରୀ ଯୋଗାଡ଼ ବଣ୍ଟନ




ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୧୫ ।୫(ସମିସ): ଗୋଳନ୍ଥରା ସ୍ଥିତ ଶ୍ରୀ ଶ୍ରୀ ଈଶାଣେଶ୍ୱର ମନ୍ଦିର ଠାରେ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ଆୟୋଜିତ "ସାବିତ୍ରୀ ଯୋଗାଡ଼ -୨୦୨୬' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ପ୍ରମୁଖ ଯୋଗଦେଇ ନାରୀ ସମ୍ମାନ, ପାରିବାରିକ ମୂଲ୍ୟବୋଧ ଓ ସନାତନ ପରମ୍ପରାର ଗୌରବମୟ ଐତିହ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ୧୨୦୦ରୁ ଉର୍ଦ୍ଧ୍ୱ ସାବିତ୍ରୀ ଭଉଣୀ ମାନଙ୍କ ମଙ୍ଗଳ ପାଇଁ "ସାବିତ୍ରୀ ଯୋଗାଡ଼' ପ୍ରଦାନ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ଲଳିତା ପ୍ରଧାନ, ଗଞ୍ଜାମ ବ୍ଲକ୍ ଅଧକ୍ଷା ଷର୍ମିଷ୍ଠା ପ୍ରଧାନ, କର୍ପୋରେଟର ସାବିତ୍ରୀ ନାୟକ, ସବିତା ସାହୁ, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଘୁମୁସର(ଆସ୍କା) ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ମହନ୍ତ ଚିନ୍ମୟାନନ୍ଦ ଦାସ, ଗୋଳନ୍ଥରା ମଣ୍ଡଳ ସଭାନେତ୍ରୀ କାଜଲ୍ ପାତ୍ର ପ୍ରମୁଖ ମଞ୍ଚାସୀନ ଥିବାବେଳେ ବିଜେପି ଗଞ୍ଜାମ ଜିଲ୍ଲା ଉପସଭାପତି ଗଙ୍ଗାଧର ଶତପଥୀ ଏବଂ ପୂର୍ବତନ ସରପଞ୍ଚ ମମତାମୟୀ ରଣା ମଞ୍ଚ ପରିଚାଳନା କରିଥିଲେ। ଆଭାସୀ ମାଧ୍ୟମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ଯୋଗ ଦେଇ ଏଭଳି ଅନନ୍ୟ ଢ଼ଙ୍ଗରେ ପାଳିତ ହେଉଥିବା "ସାବିତ୍ରୀ ଯୋଗାଡ଼" ଉତ୍ସବକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବି ସୋମନାଥ ପାତ୍ର, ବରିଷ୍ଠ ବିଜେପି ନେତ୍ରୀ ଏସ୍ ରାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲା

# ଦ୍ୱିତୀୟ ଥର ପାଇଁ ବିନା ଅସ୍ତ୍ରୋପଚାରରେ ଓଟି'ରୁ ଫେରିଲେ ମଦନ



ବ୍ରହ୍ମପୁର,୧୫ ।୫(ସମିସ):

ବହୁ ଚର୍ଚ୍ଚିତ ପିତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଅନ୍ୟତମ ଅଭିଯୁକ୍ତ ଆଇନଜୀବୀ ମଦନ ମୋହନ ଦଳେଇଙ୍କ ଗୋଡ଼ରେ ଅସ୍ତ୍ରୋପଚାରକୁ ନେଇ ଉଠିଛି ଦ୍ୱନ୍ଦ୍ୱ। ଆଜି ପୁଣି ବିନା ଅସ୍ତ୍ରୋପଚାରରେ ମଦନଙ୍କୁ ଓଟିରୁ ୱାଡର୍‌କୁ ଫେରାଇ ନିଆଯାଇଥିବା ଜଣାପଡ଼ିଛି। ୧୮ ବର୍ଷ ପୂର୍ବେ ମଦନଙ୍କ ଗୋଡରେ ହୋଇଥିବା ଅସ୍ତ୍ରୋପଚାରରେ ସମସ୍ୟା ଜନିତ ଯନ୍ତ୍ରଣା ଅନୁଭବ କରିବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ମେଡିକାଲ ବୋର୍ଡର ପରାମର୍ଶ ଅନୁସାରେ ମଦନଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଖାନାରେ ଭର୍ତ୍ତି ହେବାର ଦୀର୍ଘ ଏକମାସ ପରେ ମଧ୍ୟ ତାଙ୍କର ଅସ୍ତ୍ରୋପଚାରରେ ଅହେତୁକ ବିଳମ୍ବ କରାଯାଇଥିବା ଅଭିଯୋଗ ହୋଇଥିଲା। ନିକଟରେ ମଦନଙ୍କୁ ହଠାତ ଅସ୍ତ୍ରୋପଚାର ପାଇଁ ଓଟିକୁ ନିଆଯାଇଥିଲେ ହେଁ ଆବଶ୍ୟକ ସରଞ୍ଜାମ ନଥିବାରୁ ବିନା ଅସ୍ତ୍ରୋପଚାରରେ ୱାଡର୍‌କୁ ଫେରାଇ ନିଆଯାଇଥିଲା। ୧୬ତାରିଖ ସୁଦ୍ଧା ସରଞ୍ଜାମ ଉପଲବ୍ଧ ହେବ ଏବଂ ମଦନଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ କୋର୍ଟକୁ ଜଣାଇଥିଲେ। ଆଜି ୧୫ ତାରିଖରେ ମଦନଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଡାକ୍ତରୀ ଟିମ ଲିଖିତ ଜଣାଇବା ସହ ଦୁଇଟି ଏକ୍ସ ରେ ଓ ଦୁଇଟି ରକ୍ତ ୟୁନିଟର ଆବଶ୍ୟକତା ଥିବା ଜଣାଇଥିଲେ। ପରେ ମଦନଙ୍କୁ ୱାର୍ଡରୁ ଓଟିକୁ ନେଇ ଦୀର୍ଘ ଦେଢ଼ ଘଣ୍ଟା ପରେ ପୁଣି ବିନା ଅସ୍ତ୍ରୋପଚାରରେ ଫେରାଇ ଅଣାଯାଇଥିଲା। ଅସ୍ତ୍ରୋପଚାର ଗୃହକୁ ନିଆଯାଇଥିବା ବେଳେ ମଦନ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଡ଼ାକ୍ତର ମଦନଙ୍କ ଇସିଜି ପରୀକ୍ଷା କରିଥିଲେ।

### ଅସ୍ତ୍ରୋପଚାର ନେଇ କିଏ କହୁଛି ସତ; ଡ଼ାକ୍ତର ନା ମଦନ?

ତେବେ ପରୀକ୍ଷା ରିପୋର୍ଟ ଠିକ ଥିବା ଡ଼ାକ୍ତର କହିଛନ୍ତି। ଏହା ସହ ନିଶ୍ଚେତକ ବିଭାଗ ପକ୍ଷରୁ ଅସ୍ତ୍ରୋପଚାର ନିମନ୍ତେ ଅନୁମତି ପ୍ରଦାନ କରାଯାଇଥିବା ବେଳେ ମଦନ ଅସ୍ତ୍ରୋପଚାର ନିମନ୍ତେ ସହମତି ପ୍ରକାଶ କରିନଥିବାରୁ ତାଙ୍କୁ ପୁଣି ଥରେ ୱାଡର୍‌କୁ ଅଣାଯାଇଥିବା ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ଡ଼ା. ସୁଧୀର ମହାପାତ୍ର କହିଛନ୍ତି। ଘଟଣା ସମ୍ପର୍କରେ ବିଭାଗ ପକ୍ଷରୁ ସମସ୍ତ ତଥ୍ୟ କୋର୍ଟକୁ ଅବଗତ କରାଯାଇଥିବା ଡ଼ା. ମହାପାତ୍ର କହିଛନ୍ତି। ତେବେ ଅସ୍ତ୍ରୋପଚାର ମଦନ ପୂର୍ବରୁ ହିଁ ସହମତି ପତ୍ରରେ ସ୍ୱାକ୍ଷର କରିଥିବା ତାଙ୍କ ଓକିଲ କହିଛନ୍ତି। ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସରଞ୍ଜାମ ଆସିନଥିବା ଆଶଙ୍କା ପ୍ରକାଶ କରିଛନ୍ତି ସେ। ବିନା ଅସ୍ତ୍ରୋପଚାରରେ ମଦନଙ୍କୁ ପୁଣି ଜେଲକୁ ପଠାଇବାକୁ ଏହା ପୁଲିସର ଏକ ଚକ୍ରାନ୍ତ ବୋଲି ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଡାକ୍ତର ଅଥବା ମଦନ କାହା କଥା ସତ ତାହା ତଦନ୍ତ ସାପେକ୍ଷ୍ୟ।

## ଫିଟୁଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭିତିରି ଗୁମର

# ରାଜନୀତି ବିଜ୍ଞାନ ବିଭାଗର ପ୍ରସ୍ତାବିତ ଡି-ଲିଟ୍ ସାକ୍ଷାତକାର ସ୍ଥଗିତ

- ବିଶ୍ୱବିଦ୍ୟାଳୟ ନୀତିନିୟମକୁ ଖିଲାପ କରି ପ୍ରାର୍ଥୀଙ୍କ ପଞ୍ଜୀକରଣ ଅଭିଯୋଗ
- ହସ୍ତକ୍ଷେପ କରିବାକୁ କୁଳାଧିପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ପୂର୍ବତନ କୁଳପତି
- ବିନା ସାକ୍ଷାତକାରରେ ବହୁ ବିଭାଗରେ ହୋଇଛି ଅତିଥି ଅଧ୍ୟାପକ ନିଯୁକ୍ତି

ବ୍ରହ୍ମପୁର,୧୫ ।୫(ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ଡିଲିଟ ଡିଗ୍ରୀ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରକ୍ରିୟାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖିଛନ୍ତି। ଡଃ ମୋନାଲିସା ବଳଙ୍କର ଆସନ୍ତା ୧୮ ତାରିଖ ସୋମବାର ଦିନ ୧୧ଟା ୩୦ମିନିଟରେ ସାକ୍ଷାତକାର ହେବାକୁ ଦିନ ଧାର୍ଯ୍ୟ କରାଯାଇ ଗତ ୧୨ତାରିଖରେ ନୋଟିସ ଜାରି କରାଯାଇଥିଲା। ଯାହାକୁ ଶେଷ ମୁହୂର୍ତ୍ତରେ ଗତ ୧୪ତାରିଖରେ ବିଶ୍ୱବିଦ୍ୟାଳୟର ଡେପୁଟି କଣ୍ଟ୍ରୋଲର ସ୍ଥଗିତ ହୋଇଥିବା ନେଇ ନୋଟିସ ଜାରି କରିଛନ୍ତି। ଏନେଇ ସେ ସଂପୃକ୍ତ ପ୍ରାର୍ଥୀ ଡଃ ମୋନାଲିସା ବଳଙ୍କ ସମେତ ତାଙ୍କ ଗାଇଡ ତଥା ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ପଶ୍ଚିମବଙ୍ଗ ଗୌର ବଙ୍ଗା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଜିତେନ୍ଦ୍ର ସାହୁଙ୍କୁ ନୋଟିସ କରିଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିବାକୁ ଥିବା ଏହି ସର୍ବୋଚ୍ଚ ତଥା ମର୍ଯ୍ୟାଦା ସମ୍ପନ୍ନ ସମ୍ମାନ ପାଇବାକୁ ସମ୍ପୃକ୍ତ ପ୍ରାର୍ଥୀଙ୍କର ଏପରିକି ତାଙ୍କ ଗାଇଡଙ୍କର ଆବଶ୍ୟକ ଯୋଗ୍ୟତା ନଥିବା ନେଇ ଅଭିଯୋଗ ହୋଇଥିଲା। ମର୍ଯ୍ୟାଦା ସମ୍ପନ୍ନ ଡି ଲିଟ୍ ଡିଗ୍ରୀକୁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ କୁଳାଧିପତି ତଥା ରାଜ୍ୟପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ। ଏଥିପାଇଁ ସମ୍ପୃକ୍ତ ପ୍ରାର୍ଥୀଙ୍କ ସହିତ ତାଙ୍କର ଗାଇଡଙ୍କ ଯୋଗ୍ୟତା ସମ୍ପର୍କିତ ନିର୍ଦ୍ଦିଷ୍ଟ ନୀତିନିୟମ ରହିଛି। ଅଭିଜ୍ଞତା ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରୀୟ ଗବେଷଣା ଉପରେ ମୁଖ୍ୟତଃ ଏହି ଡିଗ୍ରୀ ପ୍ରଦାନ କରାଯାଇଥାଏ। ବିଶ୍ୱବିଦ୍ୟାଳୟର ଯେଉଁଭଳି ସମ୍ମାନରେ ଆଞ୍ଚ ନଆସେ ପ୍ରାର୍ଥୀଙ୍କ ଚୟନ ଓ ପଞ୍ଜୀକରଣ ବେଳେ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବା ଉଚିତ। କିନ୍ତୁ ଏସବୁ କ୍ଷେତ୍ରରେ ଅଣଦେଖା କରି ୨୦୨୨ମସିହାରେ ପ୍ରାର୍ଥୀଙ୍କ ପଞ୍ଜୀକରଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏପରିକି ସଂପୃକ୍ତ ପ୍ରାର୍ଥୀଙ୍କୁ ସୁହାଇବା ଭଳି ବିଶ୍ୱବିଦ୍ୟାଳୟର ନିୟମରେ ମଧ୍ୟ ଗତ ୨୦୨୩ମସିହା ଜୁନ ୨୬ତାରିଖରେ ସଂଶୋଧନ କରାଯାଇଥିବା ଅଭିଯୋଗ ହୋଇଛି। ଏସବୁ ତଥ୍ୟ ସହିତ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସାମାଜିକ ଗଣମାଧ୍ୟମରୁ ସୂଚନା ମିଳିଛି। ବର୍ତ୍ତମାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନେଇଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ ସାକ୍ଷାତକାରକୁ ସ୍ଥଗିତ ରଖି ବିଶ୍ୱବିଦ୍ୟାଳୟର ଗାରିମା ରକ୍ଷା କରିଥିବାରୁ ପ୍ରଫେସର ମହାପାତ୍ର ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଏହି ବଡ ଧରଣର ଚକ୍ରାନ୍ତ ଓ ଅନିୟମିତତା ପଛରେ ଆଉ କାହାର କାହାର ସମ୍ପୃକ୍ତି ରହିଛି ତାହାର ତଦନ୍ତ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସେପଟେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବିଦାୟୀ ତଥା ପୂର୍ବତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସମୟରେ ହୋଇଥିବା ବିଭିନ୍ନ ଅନିୟମିତତା କ୍ରମଶଃ ପଦାକୁ ଆସୁଛି। ପୂର୍ବରୁ ଏନେଇ ଅଭିଯୋଗ ହେଉଥିଲେ ହେଁ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିଲେ। ବର୍ତ୍ତମାନ ଯେତେବେଳେ ପ୍ରଫେସର ଦାଶ କୁଳପତି ପଦବୀରୁ ଅବସର ଗ୍ରହଣ କରିଛନ୍ତି, ସବୁ ଅଭିଯୋଗର ଗୋଟି ଗୋଟି କରି ତର୍ଜମା କରାଯିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରଥମେ ବିଶ୍ୱବିଦ୍ୟାଳୟରେ ବେନିୟମ ଭାବେ ସୃଷ୍ଟି ଡେପୁଟି କଣ୍ଟ୍ରୋଲର ପଦବୀ ଓ ତାଙ୍କୁ ଦିଆଯାଇଥିବା ଅଖଣ୍ଡ କ୍ଷମତା ଉପରେ ଅଙ୍କୁଶ ଲଗାଯାଇଛି। ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟରେ ଇଂରାଜୀ, ଓଡିଆ ଓ ଆଇ ଆର ପି ଏମ ଭଳି ଏକାଧିକ ବିଭାଗରେ ବିନା ସାକ୍ଷାତକାରରେ ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସିଣ୍ଡିକେଟ ବୈଠକରେ କିଛି ସଦସ୍ୟ ପ୍ରଶ୍ନ ମଧ୍ୟ କରିଥିଲେ। ତେବେ ଅତିଥି ଅଧ୍ୟାପକଙ୍କୁ ବିଶ୍ୱବିଦ୍ୟାଳୟର ନିଜସ୍ୱ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଉ ଥିବାରୁ କୁଳପତି ଏନେଇ ନିଜେ ନିଷ୍ପତ୍ତି ନେଇପାରିବେ ବୋଲି କୁଆଡେ ଉତ୍ତର ଦିଆଯାଇଥିଲା। ସେହିଭଳି ଏଲ ଏଲ ଏମ୍ ଓ ଏଜୁକେଶନ ବିଭାଗରେ ମଧ୍ୟ ପିଏଚଡ଼ି ଡିଗ୍ରୀ ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଯାହାର ନିରପେକ୍ଷ ତଦନ୍ତ ପାଇଁ ବୁଦ୍ଧିଜୀବି ମହଲରେ ଦୃଢ଼ ଦାବି କରାଯାଇଛି।

### ଡେରାବିଶରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ସିଆର୍‌ସିସିଙ୍କ ବେଆଇନ କାର୍ଯ୍ୟ ବିରୋଧରେ ବିଇଓଙ୍କୁ ଶିକ୍ଷକଙ୍କ ଅଭିଯୋଗ

ଡେରାବିଶ, ୧୫।୫(ସମିସ)

ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ ପଦବୀ ବର୍ଷାଧିକ କାଳ ହେବ ଖାଲି ପଡିବା ଓ ଅତିରିକ୍ତ ଦାୟିତ୍ୱରେ ଥିବା କେନ୍ଦ୍ରାପଡା ଶିକ୍ଷା ମଣ୍ଡଳ ଅଧିକାରୀ ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ପ୍ରତିଦିନ ନ ଆସିବା ନେଇ ବ୍ଲକ ଅଂଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏ ପରିସ୍ଥିତିର ଫାଇଦା ଉଠାଇ କେତେକ ଅସାଧୁ ଅଧିକାରୀ ନିଜର ମନମାନୀ ଚଳାଇବା ଦେଖାଯାଇଛି। ଏଭଳି ଏକ ସଙ୍ଗୀନ ଘଟଣା ଶିକ୍ଷା ମଣ୍ଡଳ ଅଧୀନରେ ଥିବା ଜାଗୁଲାଇପଡା ଦେଶପୁର କ୍ଲଷ୍ଟରରେ ଦେଖିବାକୁ ମିଳିଛି। ଏହି କ୍ଲଷ୍ଟର ଅଧୀନରେ ଥିବା ୧୦ଟି ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ୩ଟି ଉଚ୍ଚ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସଂପୃକ୍ତ କ୍ଲଷ୍ଟର ସିଆରସିସିଙ୍କ ବେନିୟମ କାର୍ଯ୍ୟ ବିରୁଦ୍ଧରେ ଭାରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ କ୍ଲଷ୍ଟରର ୨୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସିଆରସିସିଙ୍କ ବିରୁଦ୍ଧରେ ୯ଟି ସଙ୍ଗୀନ ଅଭିଯୋଗ କରିଛନ୍ତି।

ସିଆରସିସି ବେଣୁଧର ପ୍ରଧାନ ୨୦୨୫-୨୬ ଶିକ୍ଷାବର୍ଷରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ବହି ଆଣିବାରେ ୫ରୁ ୬ ହଜାର ଟଙ୍କା ପରିବହନ ବାବଦରେ ନିଜ ହାତରୁ ଖର୍ଚ୍ଚ କରିଥିବା କହି ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୩ ଶହ ଟଙ୍କା ଲେଖା ପେିଠ କରିବା ପାଇଁ ଦାବି କରିଥିଲେ। ତେବେ ମଣ୍ଡଳ କାର୍ଯ୍ୟାଳୟରୁ ଉକ୍ତ କ୍ଲଷ୍ଟର ପର୍ଯ୍ୟନ୍ତ ବହି ଆଣିବାରେ ଗାଡ଼ି ଭଡ଼ା ସର୍ବାଧିକ ୫୦୦ ଟଙ୍କା ହୋଇଥିବାରୁ ଚାରିରୁ ପାଞ୍ଚ ଥରରେ ଆସିଥିବା ବହି ପରିବହନରେ ଏତେ ଅର୍ଥ ଖର୍ଚ୍ଚ ହୋଇ ନ ଥିବା କହି ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏହାର ବିରୋଧ କରିବାରୁ ସିଆରସିସି ସେମାନଙ୍କୁ ବିଭିନ୍ନ ଆଳରେ ଧମକ ଦେବା ସହ ହଇରାଣ କରିବାରେ ଲାଗିଛନ୍ତି। ଏପରିକି କେତେକ ବିଦ୍ୟାଳୟ ୩୦୦ ଟଙ୍କା ଦେଇ ନ ଥିବାରୁ ସିଆରସିସି ଏଯାବତ ସେହି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବହି ଯୋଗାଣ ବନ୍ଦ କରି ରଖିଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି।

ସେହିପରି ସରକାରୀ ସ୍ତରରେ ବିଭିନ୍ନ ଶୈକ୍ଷିକ କାର୍ଯ୍ୟ ସମ୍ପାଦନ ପାଇଁ ଆସୁଥିବା ଚିଠିପତ୍ର ଓ ସୂଚନାକୁ ସିଆରସିସି ଠିକ୍ ସମୟରେ ପ୍ରଦାନ ନ କରି ଶିକ୍ଷକଙ୍କୁ କାର୍ଯ୍ୟ ନ କରିବା ଆଳରେ କାର୍ଯ୍ୟାନୁଷ୍ଠାନର ଭୟ ଦେଖାଉଥିବା ନେଇ ଅଭିଯୋଗ କରିଛନ୍ତି। ସିଆରସିସି ଶ୍ରୀ ପ୍ରଧାନ ତାଙ୍କ କ୍ଲଷ୍ଟର ଅଧୀନ ବିଦ୍ୟାଳୟକୁ ମନିଟରିଂ ଆଳରେ ଯାଇ ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ଆଗରେ ଶିକ୍ଷକଙ୍କୁ ଅପମାନିତ କରିଥା'ନ୍ତି। ପ୍ରତି ମାସର ଏମଡିଏମ ସମ୍ପର୍କିତ ଡାଟା ଓ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଦରମା ତଥ୍ୟ ସିଆରସିସି ସଂଗ୍ରହ କରିବାର ନିୟମ ଥିବାବେଳେ ସିଆରସିସି ଶ୍ରୀ ପ୍ରଧାନ ଏହି ତଥ୍ୟ ସଂଗ୍ରହ ପାଇଁ ଅତି ବେନିୟମ ଭାବେ ହ୍ୱାଟ୍ସଆପ ଗ୍ରୁପ ଜରିଆରେ ସମସ୍ତ ପ୍ରଧାନଶିକ୍ଷକଙ୍କୁ ତାଙ୍କ ଘରେ ପହଞ୍ଚି ଏହି ତଥ୍ୟ ପ୍ରଦାନ ନିର୍ଦ୍ଦେଶ ଦେଇଥା'ନ୍ତି। ଜନଗଣନା ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ବର୍ତ୍ତମାନ ହେଉଥିବା ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ସକାଳୁ ଗଣନା କାର୍ଯ୍ୟକୁ ଯାଉଥିବାରୁ ସିଆରସିସି ଶ୍ରୀ ପ୍ରଧାନ ସେମାନଙ୍କୁ ପ୍ରଥମେ ବିଦ୍ୟାଳୟକୁ ଯାଇ ପରେ ଜନଗଣନା କାର୍ଯ୍ୟରେ ଯିବାକୁ ଧମକ ଦେଉଛନ୍ତି। ସିଆରସିସି ଏଥିପାଇଁ କେତେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥାନ ଖାତାରେ ଜବରଦସ୍ତ ଛୁଟି ପକାଇ ଦେଇଛନ୍ତି। ସିଆରସିସି ଖୋଲିଥିବା କ୍ଲଷ୍ଟରସ୍ତରୀୟ ହ୍ୱାଟ୍ସଆପ ଗ୍ରୁପରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଂଯୋଗ କରିନାହାଁନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଶୈକ୍ଷିକ କାର୍ଯ୍ୟ ସୂଚାରୁ ସମ୍ପାଦନ ନିମନ୍ତେ ସରକାରୀ ଭାବେ ପ୍ରଦାନ କରାଯାଇଥିବା କମ୍ପ୍ୟୁଟର ଓ ପ୍ରିଣ୍ଟରରେ ସିଆରସିସି ଶ୍ରୀ ପ୍ରଧାନ ନିଜର ବ୍ୟକ୍ତିଗତ କାର୍ଯ୍ୟ କରି ଚାଲିଥିବାବେଳେ ଏନେଇ ଶିକ୍ଷୟିତ୍ରୀ ଶିକ୍ଷକ ଦୃଷ୍ଟି ଆକର୍ଷଣ କଲେ ସିଆରସିସି ଶ୍ରୀ ପ୍ରଧାନ ଉତକ୍ଷିପ୍ତ ହୋଇ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନର ଧମକ ଦେଉଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସଂପୃକ୍ତ ସିଆରସିସିଙ୍କ ଏହି ବେନିୟମ କାର୍ଯ୍ୟର ନିରପେକ୍ଷ ତଦନ୍ତ କରି ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଦାବୀ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଏହି ଅଭିଯୋଗ ତାଙ୍କର ହସ୍ତଗତ ହୋଇଛି। ଦିନେ ଦୁଇଦିନ ମଧ୍ୟରେ ଅଭିଯୋଗକାରୀ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଡକାଯାଇ ଏ ବିଷୟରେ ତଦନ୍ତ କରାଯିବ। ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ସଂପୃକ୍ତ ସିଆରସିସିଙ୍କ ବିରୁଦ୍ଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ● ଗଣ୍ଡାଖିଆରେ ସଦର ଥାନା ପୁଲିସର ଚଢ଼ଉ

## ୨ ଗୋରୁ ବୋଝେଇ ଗାଡ଼ି ଜବତ, ୪ ଗିରଫ

କେନ୍ଦ୍ରାପଡ଼ା,୧୫।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ପୁଲିସକୁ ବିଳମ୍ବିତ ରାତିର ପାଟ୍ରୋଲିଂ ସମୟରେ ମିଳିଛି ବଡ଼ ସଫଳତା। ଗଣ୍ଡାଖିଆ ନିକଟ ଦେଇ ସହର ଭିତରକୁ ଆସୁଥିବା ଦୁଇଟି ଗୋରୁ ବୋଝେଇ ଗାଡ଼ିକୁ ପୋଲିସ ଅଟକାଇ ଯାଞ୍ଚ କରିବା ପରେ ୮ଟି ଗୋରୁ ଉଦ୍ଧାର କରାଯିବା ସହ ଗାଡ଼ି ଦୁଇଟିକୁ ଜବତ କରାଯାଇଛି। ଘଟଣାରେ ସଂପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ପଠାଯାଇ ଦିଆଯାଇଛି। ପୁଲିସ ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ ଏକ ପିକଅପ ଭ୍ୟାନ ଓ ଅନ୍ୟ ଏକ ଡାଲା ଅଟୋରେ ଗୋରୁ ବୋଝେଇ କରି କେନ୍ଦ୍ରାପଡ଼ା ସହର ଆଡକୁ ନିଆଯାଉଥିଲା। ସେ ସମୟରେ ସଦର ଥାନା ପୁଲିସ ପକ୍ଷରୁ ଗଣ୍ଡାଖିଆ ନିକଟରେ ନିୟମିତ ପାଟ୍ରୋଲିଂ ଚାଲିଥିଲା। ସନ୍ଦେହ ହେବାରୁ ପୁଲିସ ଗାଡ଼ି ଦୁଇଟିକୁ ଅଟକାଇ ପଚରାଉଚରା କରିଥିଲା। ଗାଡ଼ିରେ ଥିବା ବ୍ୟକ୍ତି ଗୋରୁ ପରିବହନ ସମ୍ପର୍କରେ



### ୮ ଗୋରୁ ଉଦ୍ଧାର

କୌଣସି ସଠିକ ତଥ୍ୟ କିମ୍ବା କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୁଲିସ ଗୋରୁ ସହ ଗାଡି ଦୁଇଟିକୁ ଜବତ କରି ସଦରଥାନାକୁ ଆଣିଥିଲା। ଏଥିସହ ଗାଡ଼ିରେ ଥିବା ୪ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ଟାଉନ ଥାନା ଅଞ୍ଚଳର ସେକ ମିନା ଓ ରିଜୁଆନ ଖାନଙ୍କ ସହ ସଦର ଥାନା ଅଞ୍ଚଳର ଧରଣୀଧର ରାଉତ ଓ ଅଗଣି ସାମଲ। ଏ ନେଇ ସଦର ଥାନାରେ ୨୯୭/୨୬ରେ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କୁ ଜେଲକୁ ପଠାଯାଇଛି।

## ଅବଦୁଲ କଲାମଙ୍କ ନୂତନ ପ୍ରତିମୂର୍ତ୍ତି ସ୍ଥାପନ ଦାବି

କେନ୍ଦ୍ରାପଡ଼ା,୧୫।୫(ସମିସ): କେନ୍ଦ୍ରାପଡ଼ା ସହରସ୍ଥ ମହାଭୋଇ ପୋଖରୀ ନିକଟରେ ଥିବା ଏ.ପି.ଜେ. ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଆକାରରେ ଅତି ଛୋଟ ହୋଇଥିବାରୁ ତାଙ୍କ



ପ୍ରତି ଅସମ୍ମାନ ହୋଇଛି। ସିଫା ସୋସିଆଲ ୱେଲଫେୟାର ଆଣ୍ଡ ଏଜୁ୍ୟକେସନାଲ୍ ସୋସାଇଟିର ସଭାପତି ସାବିର ହୋସେନଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ଛୋଟ ପ୍ରତିମର୍ତ୍ତିକୁ ବଦଳାଯାଇ ବଡ଼ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଦାବି କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସାବିର ହୋସେନ କହିଥିଲେ ଯେ, ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଦେଶର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କର ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ ଏହି ଅଞ୍ଚଳର ଯୁବପିଢ଼ିଙ୍କୁ ଶିକ୍ଷା, ବିଜ୍ଞାନ ଓ ଜାତୀୟ ସେବା ପ୍ରତି ଅନୁପ୍ରାଣିତ କରିବ। ଜିଲ୍ଲା ପ୍ରଶାସନ ସ୍ମାରକପତ୍ର ଗ୍ରହଣ କରି ଏ ବିଷୟରେ ଉପଯୁକ୍ତ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଏମଡି ମୁସ୍ତାକିମ୍, ପରାମର୍ଶଦାତା ସୟଦ ମୁଖତାର ଅଲ୍ଲୀ ଓ ଏସକେ ମେହବୁବ୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ଚାରିଟେବୁଲ ପକ୍ଷରୁ ପଣା ବଣ୍ଟନ

କେନ୍ଦ୍ରାପଡ଼ା,୧୫।୫(ସମିସ): ଖରାରୁ ଲୋକଙ୍କୁ କିଛିଟା ଆଶ୍ୱସ୍ତି ଦେବାକୁ ଆଗେଇ ଆସିଛି ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ଓଡିଶାର ପାରମ୍ପରିକ ସଂସ୍କୃତି ଓ ସେବାଭାବକୁ ଆଗରେ ରଖି ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ପ୍ରକାରର ପଣା ଓ ସରବତ ବଣ୍ଟନ କରାଯାଉଥିବାବେଳେ ବୃଷ ସଂକ୍ରାନ୍ତି ଅବସରରେ ପାରମ୍ପରିକ ଗୁଡ଼ ପଣା ବଣ୍ଟନ କରାଯାଇଛି।



ଜିଲ୍ଲାର ଏକ ନମ୍ବର ବ୍ଲକ ରାସ୍ତାରେ ଅନୁଷ୍ଠିତ ଏହି ସେବା କାର୍ଯ୍ୟକ୍ରମରେ ପ୍ରତିଦିନ ପଥଚାରୀ ଓ ସାଧାରଣ ଲୋକଙ୍କୁ ଭିନ୍ନ ଭିନ୍ନ ପ୍ରକାରର ପାନୀୟ ବଣ୍ଟନ କରାଯାଉଛି। ଆମ୍ବ ରସ, ସପୁରି ରସ, ବେଲ ପଣା, ପାନ ମଧୁରୀ ସରବତ, ପୁଦିନା ପାଣି ଓ ଲେମ୍ବୁ ପାଣି ବଣ୍ଟନ ହେଉଛି। ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଦୀର୍ଘ ଦୁଇ ମାସ ଧରି ଚାଲିବ ବୋଲି ସୂଚନା ମିଳିଛି। ଗୁଡ଼, ନଡ଼ିଆ, ପାନ ମଧୁରୀ, ଗୁଜୁରାତି, ଲୁଣ, ଗୋଲମରିଚ ଓ ବରଫ ମିଶାଇ ପ୍ରସ୍ତୁତ ଏହି ପାରମ୍ପରିକ ପଣା ଶରୀରକୁ ଥଣ୍ଡା ରଖିବା ସହ ଗ୍ରୀଷ୍ମଋତୁରେ ବହୁତ ଉପକାରୀ ବୋଲି ବୟସ୍କମାନେ ମତ ପ୍ରକାଶ କରିଥିଲେ। ଏଅବସରରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ମୁଖପାତ୍ର ପ୍ରମୋଦ ନାୟକ, ସୁରେନ୍ଦ୍ର ଶତପଥୀ, ଗୌରାଙ୍ଗ ନାୟକ, ରଞ୍ଜନ ସାହୁ, ଯୋଗେନ୍ଦ୍ର ଜେନା, ଜଗବନ୍ଧୁ ଦାସ, କୁନି ସେବକ ସୌମ୍ୟରଞ୍ଜନ ପୃଷ୍ଟି ଓ ହରିଚନ୍ଦନ କର ପ୍ରମୁଖ ଉପସ୍ଥିତ ଥିଲେ।

## ଦଦରା ଆମ୍ବୁଲାନ୍ସରେ ଚାଲିଛି ରୋଗୀସେବା


ରାଜକନିକା,୧୫।୫(ସମିସ): ଜରୁରିକାଳୀନ ସ୍ୱାସ୍ଥ୍ୟ ସଂକଟରେ ରୋଗୀଙ୍କୁ ତୁରନ୍ତ ଜୀବନ ରକ୍ଷାକାରୀ ସେବା ଯୋଗାଇ ଦେଉଥିବା ଆମ୍ବୁଲାନ୍ସ ସବୁବେଳେ ଫିଟ୍ ରହିବା ଆବଶ୍ୟକ। ଏମିତି ସେବା ଯୋଗାଉଥିବା ଆମ୍ବୁଲାନ୍ସ ଯଦି ନିଜେ ଅନଫିଟ ରହିବ, ତେବେ କେମିତି ସେବା ଯୋଗାଉଥିବ ତାହା ସହଜରେ ଅନୁମାନ କରାଯାଏ। ଏ ଆମ୍ବୁଲାନ୍ସର ପଛ ପଟ




ଡୋରର କାଚ ଭାଙ୍ଗି ଯାଇଥିବାବେଳେ ସେଥିରେ ସେଲୋ ଟେପ ଲଗାଯାଇ ଧୂଳି ଅଟକାଇବାର ପ୍ରୟାସ କରାଯିବା ସହ ଦୁଇ ଡୋରକୁ ବାନ୍ଧି ରଖିବାକୁ ନଡ଼ିଆ କତା ରସିରେ ବନ୍ଧାଯାଇଛି। ଏଭଳି ଏକ ଦୃଶ୍ୟ କଟକ-ଚାନ୍ଦବାଲି ରାସ୍ତାର ଗଡ଼ଗଡି ପୋଲ ନିକଟରେ ଦେଖିବାକୁ ମିଳିଛି। ଏହି ଆମ୍ବୁଲାନ୍ସକୁ ଫିଟ ରଖିବାକୁ ସ୍ୱାସ୍ଥ୍ୟ ମିଶନ ଯତ୍ନବାନ ହୋଇ ରୋଗୀସେବାକୁ ସୁରକ୍ଷିତ କରିବା ଜରୁରୀ ମନେ ହେଉଛି।

## ଏସ୍‌କେ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

ପଟ୍ଟାମୁଣ୍ଡାଇ,୧୫।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଏସ୍‌କେ ଉଚ୍ଚ ବିଦ୍ୟାଳୟ ୧୯୯୪ ମାଟ୍ରିକ ବ୍ୟାଚ୍ ପକ୍ଷରୁ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସୁଶାନ୍ତ ବାରିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସଚିତ୍ର ବେହୁରା, ଦିଲ୍ଲୀପ ପରିଡା, ଦିଲ୍ଲୀପ ଖଣ୍ଡାଇ, ସନ୍ତୋଷ ମଲିକ, ସନାତନ ତରାଇ, ମାଗୁଣି ବାରିକ, ସତ୍ୟାନନ୍ଦ ବିଶ୍ୱାଳ, ଦୟାନିଧି ନାୟକ, ପ୍ରେମାନନ୍ଦ ଦାଶ, ରବୀନ୍ଦ୍ର ପାତ୍ର, ନିରାକାର



ବାରିକ, ମଥୁରାନନ୍ଦ ଦାସ ପ୍ରମୁଖ ସହକାରୀ ଶିକ୍ଷକ ଯୋଗଦେଇ ସମଗ୍ର ଧୋୟାଞ୍ଚଳର ଏହି ଗାରିମାମୟ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ମହାନ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ଛାତ୍ରଛାତ୍ରୀ ଶପଥ ନେଇଥିଲେ ଓ ବର୍ତ୍ତମାନ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ମଲ୍ଲିକ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି କାଯ୍ୟକ୍ରମରେ ୫୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିରଞ୍ଚି ଧଳ, ଦେବାଶିଷ ପାତ୍ର, ରଞ୍ଜନ ମହାନ୍ତି, ଶ୍ରୀକାନ୍ତ ଧଳ, ପ୍ରକାଶ କବି, ପ୍ରଭାତ ବାରିକ, କୁମାର ମଙ୍ଗଳମ, ଚିତ୍ତରଞ୍ଜନ ଦାଶ, ପ୍ରଦ୍ୟୁମ୍ନ ସାହୁ, ଅମିତ ଦାସ, ଅଶୋକ ଦାସ, କିଶୋର ଧଳ, ଦୁଷ୍ମନ୍ତ ଧଳ, ଅରବିନ୍ଦ ରାଉତ, କିଶୋର ଦାସ, ରଞ୍ଜିତ ନାୟକ, କଲ୍ୟାଣୀ ଭଦ୍ର, ସତ୍ୟଭାମା ପରିଡା, ସୁଶାନ୍ତି ତରାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜମିବାଡ଼ି ବିବାଦ ନେଲା ଜୀବନ

## ବଡ଼ଭାଇଙ୍କ ପରିବାର ଆକ୍ରମଣରେ ଡାକ୍ତରଙ୍କ ମୃତ୍ୟୁ ଘଟଣାରେ ୪ କୋର୍ଟ ଚାଲାଣ

ମହାକାଳପଡ଼ା,୧୫।୫(ସମିସ): ଜମିବାଡ଼ି ବିବାଦକୁ କେନ୍ଦ୍ର କରି ମହାକାଳପଡ଼ା ଅଞ୍ଚଳରେ ଘଟିଛି ହୃଦୟବିଦାରକ ଘଟଣା। ବଡ଼ଭାଇଙ୍କ ପରିବାରର ଆକ୍ରମଣରେ ଜଣେ ହୋମିଓପାଥି ଡାକ୍ତରଙ୍କ ଜୀବନ ଯାଇଛି। ମହାକାଳପଡ଼ା ଥାନା ଅନ୍ତର୍ଗତ ବାରଡାଙ୍ଗ ଗ୍ରାମରେ ଘଟିଥିବା ଏହି ଘଟଣାରେ ମୃତକ ହୋମିଓପାଥି ଡାକ୍ତର ଗୋଲେଖ ଚନ୍ଦ୍ର ନାଉରୀ (୪୪)। ଏହି ଘଟଣାରେ ବଡ଼ଭାଇ ପରିବାରର ଚାରିଜଣ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ମୁତାବକ, ଗୁରୁବାର ସନ୍ଧ୍ୟାରେ ଜମିଜମାକୁ ନେଇ ଗୋଲେଖଙ୍କ ସହ ତାଙ୍କ ବଡ଼ଭାଇ ଅଭୟ ନାଉରୀ(୬୦)ଙ୍କ ପରିବାରର ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଅଭୟଙ୍କ ସହ ତାଙ୍କ ସ୍ତ୍ରୀ, ପୁଅବୋହୂ ଓ ସମୁଦୀ ମିଶି ସଂଘବଦ୍ଧ ଭାବେ ଗୋଲେଖଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ



ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ମୃତକଙ୍କ ପତ୍ନୀ କଳ୍ପନା ନାଉରୀ ମହାକାଳପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୁଲିସ ୧୩୯/୨୨ରେ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଆହୁରି ଦୁଇଜଣ ଯୁବକ ଫେରାର ରହିଥିବାବେଳେ ସେମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ ଘଟଣାସ୍ଥଳକୁ ଯାଇ ତଦନ୍ତ ପ୍ରକ୍ରିୟାର ସମୀକ୍ଷା କରିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକ ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଉପକୂଳବର୍ତ୍ତୀ ଗ୍ରାମରେ ସୁନାମୀ ମକ୍‌ଡ୍ରିଲ

କେନ୍ଦ୍ରାପଡ଼ା,୧୫।୫(ସମିସ): ସମ୍ଭାବ୍ୟ ସୁନାମୀ ବିପର୍ଯ୍ୟୟ ସମୟରେ କିପରି ସଚେତନ ରହିବେ ଓ ଜୀବନ ରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବେ, ସେନେଇ ମହାକାଳପଡ଼ା ବ୍ଲକର ସୁନାମୀ ପ୍ରବଣ ଗ୍ରାମରେ ମକଡ୍ରିଲ ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ



ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ର ମିଳିତ ପ୍ରୟାସରେ ଆୟୋଜିତ ଏହି ମକଡ୍ରିଲ ଜମ୍ବୁ ଓ ନାଞ୍ଚୁରା ପଞ୍ଚାୟତର ପାଞ୍ଚଟି ଉପକୂଳବର୍ତ୍ତୀ ଗ୍ରାମରେ କରାଯାଇଛି। ଜମ୍ବୁ, ଭାଟେଣୀ, କଣ୍ଡରାପାଟିଆ, ରଟପଙ୍ଗ ଓ ନରସିଂହପୁର ଗ୍ରାମରେ ଲୋକଙ୍କୁ ସୁନାମୀ ସମୟରେ ସତର୍କତା, ସ୍ଥାନାନ୍ତରଣ ଓ ଜରୁରିକାଳୀନ ପଦକ୍ଷେପ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ମକଡ୍ରିଲରେ ପ୍ରତ୍ୟେକ ଗ୍ରାମରୁ ପ୍ରାୟ ୫୦୦ ଜଣ ଲୋକ ଯୋଗ ଦେଇଥିବାବେଳେ ବ୍ଲକ ଓ ଜିଲ୍ଲା ସ୍ତରର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବ୍ଲକ ପ୍ରଶାସନ, ରାଜସ୍ୱ ବିଭାଗ, ପୁଲିସ, ଅଗ୍ନିଶମ ବିଭାଗ, ଆଶା ଓ ଅଙ୍ଗନବାଡି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ ଓ ପଶୁ ସମ୍ପଦ ବିଭାଗ ଏହି ଅଭ୍ୟାସରେ ସହଭାଗୀ ହୋଇଥିଲେ। ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ପକ୍ଷରୁ ପ୍ରାତଃ ୮ଟାରୁ ୧୧ଟା ମଧ୍ୟରେ ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରସାରଣ କରାଯାଇଥିଲା। ଏହା ମାଧ୍ୟମରେ ସତର୍କ ସୂଚନା କିପରି ଉପକୂଳ ଅଞ୍ଚଳରେ ପହଞ୍ଚିବ ଏବଂ ଲୋକମାନେ କିପରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବେ, ତାହାର ପ୍ରାୟୋଗିକ ଅଭ୍ୟାସ କରାଯାଇଥିଲା। ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଭାବେ ଓସଡମାର ଡିଜିଏମ (ଆଇଟି) ଜୟଜଗତ ସାହୁ, ମହାକାଳପଡା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଜିଲ୍ଲା ଆପାତକାଳୀନ ଅଧିକାରୀ ନିତ୍ୟରଞ୍ଜନ ସାମଲ, ଜିଲ୍ଲା ଯୋଜନା ଅଧିକାରୀ ଅଜୟ ମହାନ୍ତି, ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁ ଓ ନାଞ୍ଚୁରା ସରପଞ୍ଚ ସଫଳା ମଲ୍ଲିକ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ

ରାଜନଗର,୧୫।୫(ସମିସ): ରାଜନଗର ବ୍ଲକ ଦିଘସ୍ଥ ବୀଣାପାଣି ହାଇସ୍କୁଲର ୧୯୯୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ଜେନାଙ୍କ ସଭାପତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ବିଷ୍ଣୁଚରଣ ବାରିକ, ବ୍ରଜମୋହନ ମିଶ୍ର, ସୀତାକାନ୍ତ ରାଉଳ, କୃଷ୍ଣଚନ୍ଦ୍ର ପାତ୍ର, ପ୍ରଫୁଲ ପାତ୍ର, ଦର୍ପନାରାୟଣ ନାୟକ, ପୀତାମ୍ବର ଦାସ, ରାଧାକୃଷ୍ଣ ସାମଲ ପ୍ରମୁଖଙ୍କୁ ପ୍ରଥମେ ଛାତ୍ରଛାତ୍ରୀ ପୂଜା କରିବା ପରେ ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରଛାତ୍ରୀ ପୁରୁଣା ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇଥିଲେ। ପୁରାତନ ଛାତ୍ର ଶରତ ଘଡେଇ, ମଧୁସୂଦନ ଜେନା, ନରହରି ସାହୁ, ଲଳିତ ବାରିକ, ଅନୀତା ପାତ୍ର, ସଂଯୁକ୍ତା ପରିଡ଼ା, ସ୍ମିତାରାଣୀ ସାହୁ, ରତ୍ନମଣି ପାତ୍ର, ମଂଜୁଲତା ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ● ହନୁମାନ ମନ୍ଦିର ଭଙ୍ଗା ପ୍ରସ୍ତାବକୁ ବିରୋଧ

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଶତାଧିକ ଗ୍ରାମବାସୀ

କେନ୍ଦ୍ରାପଡ଼ା,୧୫।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତରେ ବାଲି ଖାଦାନକୁ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବିତ ମାପଚୁପକୁ ନେଇ ବିବାଦ ସୃଷ୍ଟି



ହୋଇଛି। ରାସ୍ତା ନିର୍ମାଣ ପାଇଁ ବହୁ ବର୍ଷ ପୁରୁଣା ହନୁମାନ ମନ୍ଦିର ଭଙ୍ଗାଯିବା ସହ ବଡ଼ ବରଗଛ କଟାଯିବା ଆଶଙ୍କା ଦେଖାଦେବା ପରେ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କୁ ଭେଟି ଏହି ପ୍ରସ୍ତାବ ବାତିଲ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଅଳପୁଆ ବ୍ରାହ୍ମଣୀ ନଦୀପଠାକୁ ରାସ୍ତା ନିର୍ମାଣ ପାଇଁ ହଠାତ୍ ମାପଚୁପ କରାଯାଇଥିଲା। ଏ ନେଇ ସ୍ଥାନୀୟ ଲୋକ କିମ୍ବା ପଠାରେ ଜମି ଥିବା ମାଲିକଙ୍କୁ କୌଣସି ପୂର୍ବ ସୂଚନା ଦିଆଯାଇନଥିଲା। ମାପଚୁପରେ ତ୍ରୁଟି ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରସ୍ତାବିତ ରାସ୍ତା ପାଇଁ ଏକ ପୁରାତନ ହନୁମାନ ମନ୍ଦିରକୁ ଭଙ୍ଗାଯିବାର ଆଶଙ୍କା ଥିବାବେଳେ ବିରାଟ ବରଗଛ ତଳେ ଥିବା ଏହି ମନ୍ଦିର ସହ ସ୍ଥାନୀୟ ଲୋକଙ୍କ ଧାର୍ମିକ ଭାବନା ଜଡିତ ଥିବାବେଳେ ମନ୍ଦିର ହଟାଇ ରାସ୍ତା କରାଯିବାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏହା କେବଳ ଏକ ରାସ୍ତା ପ୍ରକଳ୍ପ ନୁହେଁ, ବରଂ ସ୍ଥାନୀୟ ଧାର୍ମିକ ଆସ୍ଥା ଓ ପରମ୍ପରା ଉପରେ ଆଘାତ। ଗ୍ରାମବାସୀ ଆହୁରି ଅଭିଯୋଗ କରିଛନ୍ତି, ସମ୍ପୃକ୍ତ ବାଲିଘାଟର ନିଲାମଧାରୀ ଏପର୍ଯ୍ୟନ୍ତ ସରକାରଙ୍କ ପାଖରେ ୨ କୋଟି ୫୬ ଲକ୍ଷ ଟଙ୍କା ଜମା କରିନାହାନ୍ତି। ଏହା ସତ୍ତ୍ୱେ ବାଲି ଉତ୍ତୋଳନ ଚାଲିଥିବା ନେଇ ପୂର୍ବରୁ ଖଣି ବିଭାଗ ପକ୍ଷରୁ ଆପତ୍ତି ଉଠିଥିଲା। ଏଭଳି ପରିସ୍ଥିତିରେ ବେଆଇନ ବାଲି ଉତ୍ତୋଳନ ପାଇଁ ପ୍ରଶାସନ କାହିଁକି ଏତେ ତତ୍ପରତା ଦେଖାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଉମାକାନ୍ତ ରାଉତ, ହେମନ୍ତ ନାୟକ, ସୁରେଶ ଜେନା, ବିଜୟ ଜେନା, କିଶୋର ରାଉତ, ପ୍ରମୋଦ ବେହେରା, ସୁଲୋଚନା ମଲିକ ଓ ବାସନ୍ତୀ ମଲିକଙ୍କ ସହ ଶତାଧିକ ଗ୍ରାମବାସୀ ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିବାବେଳେ ମନ୍ଦିର ଭଙ୍ଗାଯାଇ ରାସ୍ତା ନିର୍ମାଣ କରାଗଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

### ● ବର୍ଷେ ହେଲା ପେନସନ ଅପେକ୍ଷାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

## ପ୍ରଶାସନିକ ଅବହେଳା ଅଭିଯୋଗ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କେନ୍ଦ୍ରାପଡ଼ା,୧୫।୫(ସମିସ): ଜୀବନର ସମସ୍ତ ସମୟ ଶିକ୍ଷାଦାନରେ କାଟିବା ପରେ ଅବସର ଜୀବନ ଏବେ ଦୁଃଖ ଓ ଅନିଶ୍ଚିତତାରେ ଦିନ କାଟୁଛନ୍ତି ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ। ଅବସର ନେବାର ଏକବର୍ଷ ପରେ ମଧ୍ୟ ପେନସନ ପାଇ ନ ଥିବାରୁ ସେ ଆର୍ଥିକ ସଂକଟରେ ପଡ଼ିଛନ୍ତି। ଶେଷରେ ନ୍ୟାୟ ଆଶାରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ଚନ୍ଦନନଗର ଉନ୍ନୀତ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ସାହୁ ତାଙ୍କ ଅଭିଯୋଗ କରିଛନ୍ତି ଯେ, ଅବସର ପରେ ପେନସନ ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ଓ ତଥ୍ୟ ସମୟ ମଧ୍ୟରେ ଶିକ୍ଷା ବିଭାଗରେ ଦାଖଲ କରିଥିଲେ ମଧ୍ୟ ତାଙ୍କ ମାମଲାରେ କୌଣସି ଅଗ୍ରଗତି ହେଉନାହିଁ। ଶିକ୍ଷା ବିଭାଗର କିଛି କର୍ମଚାରୀଙ୍କ ଟାଳଟୁଳ ନୀତି ଓ ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ସେ ପେନସନରୁ ବଞ୍ଚିତ ହୋଇଛନ୍ତି। ସରକାରୀ ନିୟମ ଅନୁଯାୟୀ, ଅବସର ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ କାଗଜପତ୍ର ଦାଖଲ କଲେ ସ୍ୱଳ୍ପ ସମୟରେ ପେନସନ ମଞ୍ଜୁର ହୋଇଥାଏ। ବର୍ଷେ ବିତିଯାଇଥିଲେ ସୁଦ୍ଧା ତାଙ୍କୁ ପେନସନ ମିଳୁ ନ ଥିବାରୁ ଦୈନନ୍ଦିନ ଜୀବନ ଚଳାଇବା କଷ୍ଟକର ହୋଇପଡ଼ିଛି ବୋଲି ସେ କହିଛନ୍ତି। ଔଷଧଠାରୁ ଆରମ୍ଭ କରି ପରିବାର ଖର୍ଚ୍ଚ ପର୍ଯ୍ୟନ୍ତ ସମସ୍ତ କାମରେ ଆର୍ଥିକ ସମସ୍ୟା ତାଙ୍କୁ ଚାପରେ ରଖିଛି। ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ସେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ପେନସନ ମଞ୍ଜୁର ପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ବିଭାଗ ସୂଚନା ଦେଇଛି ଯେ, ପେନସନ ସମ୍ବନ୍ଧୀୟ କାଗଜପତ୍ର ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର ସମସ୍ତ ଦସ୍ତାବିଜ ପଠାଯାଇ ପେନସନ ମଞ୍ଜୁର ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ତେବେ ପ୍ରଶ୍ନ ଉଠୁଛି, ଅବସରପ୍ରାପ୍ତ ଜଣେ ଶିକ୍ଷକଙ୍କୁ ନିଜ ଅଧିକାର ପାଇଁ ଏଭଳି ଅପେକ୍ଷା କରିବାକୁ ପଡୁଥିବାବେଳେ ପ୍ରଶାସନିକ ବ୍ୟବସ୍ଥା କେତେ ସକ୍ରିୟ ଅଛି ବୋଲି ପ୍ରଶ୍ନ ଉଠିଛି।

### ତେଲ ସରିଯିବାରୁ ଆମ୍ବୁଲାନ୍ସରେ ଯାଉଥିବା ରୋଗୀଙ୍କ ମୃତ୍ୟୁ ଘଟଣା

## ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଲା ଡେରାବିଶ ପୁଲିସ

ଡେରାବିଶ,୧୫।୫(ସମିସ)

ସାରା ଦେଶରେ ଏବେ ତୈଳ ସଙ୍କଟ ଦେଖାଦେଇଥିବାବେଳେ ରାଜ୍ୟର ବହୁ ଟାଙ୍କିରେ ତେଲ ସରିଯିବା ଓ ବହୁ ସ୍ଥାନରେ ତେଲ ଟାଙ୍କିରେ ଲମ୍ବା ଲାଇନ୍ ଲାଗିଛି। ଏହାର ପ୍ରଭାବ ସମସ୍ତ ଦେଶବାସୀଙ୍କ ଉପରେ ପଡ଼ିଥିବାବେଳେ ଆଜି ଗୁରୁତର ରୋଗୀଙ୍କୁ ନେଇ ମେଡିକାଲ ଯାଉଥିବା ଏକ ଆମ୍ବୁଲାନ୍ସରୁ ତେଲ ସରିଯିବା ଭଳି ଘଟଣା ସମଗ୍ର ଅଞ୍ଚଳରେ ଚହଳ ପଡ଼ିଛି। ତେଲ ସରିଯିବାରୁ ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଡେରାବିଶ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନା ମୁତାବକ, କଟକ ବଡ଼ ଡାକ୍ତରଖାନାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ଜଣେ ରୋଗୀକୁ ନେଇ ଯାଉଥିବା ଆମ୍ବୁଲାନ୍ସରୁ କାଠଯୋଡ଼ି ପୋଲ ଉପରେ ଆଜି ତେଲ ସରିଯିବା ଯୋଗୁ ଆମ୍ବୁଲାନ୍ସ ଭିତରେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସରେ ମୃତ୍ୟୁ ହୋଇଥିବା ରୋଗୀ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ପ୍ରକାଶ କାଣ୍ଡି (୩୫)।



ପୁଲିସ ପ୍ରକାଶଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଥାନାରେ ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ସୂଚନା ଦେଇଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ପ୍ରକାଶ ଗୁରୁବାର ଅପରାହ୍ନରେ ବିଷପିଇ ଦେଇଥିଲେ। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅଧିକ ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ନିଆଯାଉଥିବାବେଳେ କାଠଯୋଡ଼ି ପୋଲ ଉପରେ ଆମ୍ବୁଲାନ୍ସରୁ ତେଲ ସରିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକ ପ୍ରକାଶଙ୍କ ମୃତ ଶରୀରକୁ ଧରି ନିଜ ଗ୍ରାମକୁ ଆଣି ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିବାକୁ ବାହାରିଥିଲେ। ତେବେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପ୍ରକାଶଙ୍କ ମୃତ ଦେହକୁ ଜବତ କରିଥିଲା। ମୃତ ପ୍ରକାଶଙ୍କ ପତ୍ନୀ ସହିତ ୫ ବର୍ଷର ପୁଅ ଓ ଦୁଇବର୍ଷର ଝିଅ ବେସାହାରା ହୋଇଯାଇଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୧୫/୫/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୮୩,୯୩୧/- ସୁନା:୦୧.୩୦୦ ଗ୍ରାମ୍ ରୁପା: ୧୪.୨୫୦ ଗ୍ରାମ୍



## ରଥଯାତ୍ରା ପାଇଁ ସ୍ୱେଚ୍ଛାସେବୀ-ପ୍ରଶାସନ ସମନ୍ୱୟ ବୈଠକ

# ନିଷ୍ଠାର ସହ ସେବା ଯୋଗାଇଦେବାକୁ ଆହ୍ୱାନ

ପୁରୀ,୧୫।୫(ସମିସ)

ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା। ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବା ଲାଗି ପୁରୀକୁ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ ହେବ। ଶ୍ରଦ୍ଧାଳୁମାନଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ବିବିଧ ସେବା ଯୋଗାଇ ଦେଇଥାନ୍ତି। ଏହା ମଧ ମହାପ୍ରଭୁଙ୍କ ପ୍ରତି ଏକ ମହାନ ସେବା ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା। ଶୁକ୍ରବାର ଟାଉନ ହଲ୍‌ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ସ୍ୱଛାସେବୀମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ବିଗତ ବର୍ଷ ମାନଙ୍କରେ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା। ଚଳିତ ରଥଯାତ୍ରାରେ ମଧ ଅନୁରୂପ ଭାବେ ନିଷ୍ଠାର ସହ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ସ୍ୱେଚ୍ଛାସେବୀମାନେ ସେବା ମାଧ୍ୟମରେ ସେମାନଙ୍କ ପରିଚୟ ସୃଷ୍ଟି କରିବା ଆବଶ୍ୟକ। ତେଣୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବା ଉଚିତ। ଆବେଦନ କରୁଥିବା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର କାର୍ଯ୍ୟାବଳୀ ସମୀକ୍ଷା ସହ ଯେଉଁମାନେ ସଠିକ ଭାବେ ସେବା କାର୍ଯ୍ୟ କରୁନାହାଁନ୍ତି ସେମାନଙ୍କୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରି ଦେଇଥିଲେ। ଏସ୍‌ପି ପ୍ରତୀକ୍ ସିଂ ରଥଯାତ୍ରା ସମୟରେ ଶୃଙ୍ଖଳିତ ଭାବେ ସେବା ଯୋଗାଇବା ଅର୍ଥ ମହାପ୍ରଭୁଙ୍କ ସେବା କରିବା। ତେଣୁ ବିବିଧ ସେବାରେ ନିୟୋଜିତ ସ୍ୱେଚ୍ଛାସେବୀମାନେ ପ୍ରକୃତ ସେବା କରିବାକୁ ସଂକଳ୍ପବଦ୍ଧ ହେବାକୁ ଅନୁରୋଧ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ବିଗତ ବର୍ଷମାନଙ୍କ ଭଳି ସ୍ୱଛାସେବୀମାନେ ଉନ୍ନତ ସେବା ଯୋଗାଇଦେବାକୁ ଅନୁରୋଧ କରିବା ସହ ପ୍ରଶାସନ ପକ୍ଷରୁ ମଧ ଅନୁରୂପ ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ।

ଖାଦ୍ୟ ଓ ପାନୀୟ ଯୋଗାଉଥିବା ଅନୁଷ୍ଠାନମାନେ ସେମାନଙ୍କୁ ପ୍ରଦତ୍ତ ନିର୍ଦ୍ଧାରିତ ସ୍ଥାନରେ ଧାର୍ଯ୍ୟ ସମୟ ପୂର୍ବରୁ ପହଞ୍ଚିବା ସହ ଡଷ୍ଟବିନ ରଖିବା, ବ୍ୟବହାର କରାଯାଉଥିବା ସ୍ଥାନକୁ ପରିଷ୍କାର ରଖିବା, ଅଳିଆଗୁଡିକୁ ନିୟମିତ ବ୍ୟବଧାନରେ ହଟେଇବା କିମ୍ବା ବଡ ବଡ଼ ଜରି ଅଖାରେ ସଂରକ୍ଷିତ ରଖି କାର୍ଯ୍ୟ ସରିବା ପରେ ଅପସାରଣ କରି ନେବାକୁ ପରାମର୍ଶ ଦିଆଯାଇଥିଲା। ଏହା ଏକ ସେବା କାର୍ଯ୍ୟ। ତେଣୁ ପରସ୍ପର ସମନ୍ୱୟ ରଖି ସ୍ନାନ ଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପ୍ରଭୁଙ୍କ କାର୍ଯ୍ୟରେ ନିଷ୍ଠାପର ଭାବେ ନିୟୋଜିତ ରହିବାକୁ ସମସ୍ତେ ମତ ଦେଇଥିଲେ। ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟ ଜଳ ବଣ୍ଟନ, ଜଳ ସିଞ୍ଚନ, ଶାନ୍ତି ଶୃଙ୍ଖଳା ରକ୍ଷା, ପରିମଳ, ସୂଚନା ସେବା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଶଦ ଆଲୋଚନା ଓ ପ୍ରସ୍ତାବ, ପରାମର୍ଶ ଗ୍ରହଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକରେ ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ସ୍ୱଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ବିବିଧ ପ୍ରସ୍ତାବ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ଅଟୋ ଚାଳକ ସଂଘ ପକ୍ଷରୁ ଅନ୍ନଛତ୍ର

ପୁରୀ,୧୫।୫(ସମିସ): ପୁରୀ ଶରଧାବାଲି ଠାରେ ବାବା ଆଖଣ୍ଡଳମଣି ଅଟୋ ଚାଳକ ସଂଘ ପକ୍ଷରୁ ଶୁକ୍ରବାର ଚତୁର୍ଥ ବାର୍ଷିକ ଅନ୍ନଛତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ନଦାନ ଏକ ମହତ ଦାନ। ଜନଗହଳି ପୂର୍ଣ୍ଣ ସ୍ଥାନ, ବିଶେଷକରି ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ ମାନଙ୍କରେ ଅନ୍ନଦାନ ଦ୍ୱାରା ଗରିବ, ଅସହାୟ



ଓ ଦୁସ୍ଥ ଲୋକମାନେ ଉପକୃତ ହୁଅନ୍ତି ବୋଲି ସେ କହିଥିଲେ। ଅଟୋ ମାଲିକଙ୍କ ଏହି ପ୍ରଚେଷ୍ଟାକୁ ସମସ୍ତ ଅତିଥି ପ୍ରଶଂସା କରିଥିଲେ। ସଂଘର ସଭାପତି ପ୍ରମୋଦ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ସମାଜସେବୀ ରିଙ୍କି ବାରିକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଦାଶରଥି ସାହୁ, ଉପ ସଭାପତି ବିନୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସୁରେଶ କୁମାର ପାତ୍ର, ସହ ସମ୍ପାଦକ ମହେନ୍ଦ୍ର କୁମାର ବେହେରା, ସଦସ୍ୟ ମହେନ୍ଦ୍ର ଭୂୟାଁ, ଅପୂର୍ବ ବାରିକ, ରତିକାନ୍ତ ସୁବୁଦ୍ଧି, ଗଦାଧର ବେହେରା, ହେମନ୍ତ ମହାନ୍ତି, ପ୍ରଭାକର ମିଶ୍ର, ଗଣେଶ ବାଗୁଲି, ବସନ୍ତ କୁମାର ପ୍ରଧାନ, ହରିହର ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

# ଶୁଣୁନାହାନ୍ତି ସରକାର; ଏମିତି ପଦଯାତ୍ରା କେତେଦିନ?



ପୁରୀ,୧୫।୫(ସମିସ)

ପୁରୀ ସହରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ପରବର୍ତ୍ତୀ ସମୟରେ ଏଥିରେ ସାମିଲ ହୋଇଛନ୍ତି ପୁରୀ ସଦରବାସୀ। କିନ୍ତୁ ଶୁଣୁନାହାନ୍ତି ସରକାର କି ଜିଲ୍ଲା ପ୍ରଶାସନ। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଶୁକ୍ରବାର ୪୫ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ଏମିତି ପଦଯାତ୍ରା ଆଉ କେତେଦିନ ଚାଲିବ ବୋଲି ସହରବାସୀ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ତାଚ୍ଛଲ୍ୟ କରି କହିଥିଲେ।

ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଦେବକୀ ମା, ସୂର୍ଯ୍ୟ ନାରାୟଣ ରଥ, ମିନାକ୍ଷୀ ଦାସ, ସନ୍ଧ୍ୟାରାଣୀ ମିଶ୍ର, ମମତା ଦାସ, ମନୋରଞ୍ଜନ ରଣସିଂହ, ବାସୁଦେବ ଲେଙ୍କା, ଶିବ ସୁନ୍ଦର ମିଶ୍ର, ସନ୍ତୋଷ ସେନାପତି, ଯାଦବାନନ୍ଦ ରାୟ, ରାମକୃଷ୍ଣ ମହାନ୍ତି, ଶିଶିରକାନ୍ତ ଶତପଥୀ, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, ନିହାରିକା ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ନାୟକ, ପ୍ରଣତୀ ରାୟ, ଆଶା ବେହେରା, ଅଭିମନ୍ୟୁ ପ୍ରଧାନ, ଅଙ୍କିତା ସାହୁ, ଦୀପା ବେହେରା, ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଉତ୍ତର ଦ୍ୱାର ଗୁମୁଟରେ ଲାଗିବ ପିତଳ ଆଚ୍ଛାଦିତ ନୂଆ ଦ୍ୱାର

ପୁରୀ,୧୫।୫(ସମିସ)



ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ଲାଗିବ ନୂଆ ଦ୍ୱାର। ହସ୍ତୀ ଦ୍ୱାର ତଥା ଉତ୍ତର ଦ୍ୱାର ଭିତର ଗୁମୁଟରେ ଲାଗିବ ପିତଳ ଆଚ୍ଛାଦିତ ବର୍ମାଟିକ କାଠରେ ପ୍ରସ୍ତୁତ ନୂଆ ଦ୍ୱାର। ଜଣେ ଓଡ଼ିଆ ଦାତାଙ୍କ ଆଗ୍ରହ ଓ ଦାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହା ଦେଖିବା ପାଇଁ ଅତି ସୁନ୍ଦର ହୋଇଛି। ଏହି ଦ୍ୱାରର ଲମ୍ବ ୧୩ ଫୁଟ ୬ ଇଞ୍ଚ, ଚଉଡା ଫ୍ରେମ ୪୨ ଇଞ୍ଚ ୩ ପା ରହିଥିବା ବେଳେ ଦ୍ୱାରର ପଛପଟ ପଟାର ଲମ୍ବ ୧୩ ଫୁଟ ୧୦ ଇଞ୍ଚ, ଚଉଡା ୪୮ ଇଞ୍ଚ ରହିଛି। ଏଥିରେ ୩ କ୍ୱିଣ୍ଟାଲ ପିତଳ ବ୍ୟବହାର କରାଯାଇଛି। ଏହି ଦ୍ୱାର କଟକ ନିକଟସ୍ଥ ତାରପୁର ବରତି ଗ୍ରାମରେ ପ୍ରସ୍ତୁତ କରାଯାଇଛି। କାରିଗର ପ୍ରମୋଦ ଓଝା ଓ ସହଯୋଗୀମାନେ ମିଶି ୩ ମାସ ଧରି ଉକ୍ତ ଦ୍ୱାରର ନିର୍ମାଣ କରିଥିଲେ। ଶୁକ୍ରବାର ଏହି ନୂତନ କବାଟ ଉତ୍ତର ଦ୍ୱାରଠାରେ ପହଞ୍ଚିଛି। ଆସିଥିବା କାରିଗରମାନେ ରାତିରେ ଏହି ଦ୍ୱାରକୁ ଲଗାଇବାର କାର୍ଯ୍ୟକ୍ରମ ରହିଛି।

ଉତ୍ତର ଦ୍ୱାର ଭିତର ଗୁମୁଟ ଦ୍ୱାରକୁ ପିତଳ ଆଚ୍ଛାଦିତ କରିବା ପାଇଁ ଜଣେ ଓଡ଼ିଆ ଦାତା ଶ୍ରୀମନ୍ଦିର ପ୍ରଶାସନକୁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରଶାସନ ଅନୁମତି ଦେବା ପରେ କବାଟ ଉପରେ ଲାଗିବାକୁ ଥିବା ପିତଳ ଚାଦର ଡିଜାଇନକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅନୁମୋଦନ ଦେଇଥିଲେ। ଅନୁମୋଦନ ପରେ ଦାତା ଜଣଙ୍କ କବାଟର ମାପଚୁପ କରି ନେଇଥିଲେ। ବାହାରୁ ଅତି ଉଚ୍ଚ ମାନର ପିତଳ ମଗାଇ ଅନୁମୋଦିତ ଡିଜାଇନ ଅନୁଯାୟୀ ଏହାକୁ ତିଆରି କରିଥିଲେ। ଏହା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବର୍ମାଟିକ କାଠରେ ଉତ୍ତର ଦ୍ୱାର ଭିତର ଗୁମୁଟ ପାଇଁ ନୂଆ କବାଟ ତିଆରି କରାଯାଇଥିଲା।

ସୂଚନାଯୋଗ୍ୟ, ଅରୁଣ ସ୍ତମ୍ଭ ଚତୁଃପାଶ୍ୱର୍ରେ ଲାଗିଥିବା ପିତଳ ବ୍ୟାରିକେଡ ଯେଉଁ ଦାତା ପ୍ରଦାନ କରିଥିଲେ, ସେହି ଦାତା ହିଁ ଏହା ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏଭଳି ଦାତାମାନେ ଆଗେଇ ଆସୁଥିବାରୁ ଭକ୍ତମାନେ ଖୁସିବ୍ୟକ୍ତ କରିଛନ୍ତି।

## ଦାଦାବଟି ମାଗି ୨ ଗିରଫ

ପୁରୀ,୧୫।୫(ସମିସ): ପୁରୀ ରେଳ ଷ୍ଟେଶନ ନିକଟରେ ଯାତ୍ରୀଙ୍କଠାରୁ ଜୋର୍ ଜବରଦସ୍ତ ଟଙ୍କା ମାଗୁଥିବା ୨ ଯୁବକଙ୍କୁ ଜିଆର୍‌ପି ପୁଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ବୋଲଗଡ଼ ଥାନା ଅରଖାପଲ୍ଲିର ଶେଖ୍ ଅସୀମ ମହମ୍ମଦ, ଢେଙ୍କାନାଳ ତୁମସିଂହ ଥାନା କଣ୍ଟେଇପୁଟା ସାହିର ଅଜିତ୍ କମାର। ସେମାନଙ୍କ ନିକଟରୁ ଗୋଟିଏ ଛୁରି ଓ ଲଙ୍କା ଗୁଣ୍ଡ ପକେଟ ଜବତ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଜିଆର୍‌ପି ଥାନା ପୁଲିସ ପାଟ୍ରୋଲିଂ କରୁଥିଲା। ରାତି ପ୍ରାୟ ୯ଟା ସମୟରେ ରେଲୱେ ମେଡିକାଲ ନିକଟରେ ଦୁଇଜଣ ଯୁବକ ଅଜଣା ଯାତ୍ରୀଙ୍କୁ ଦେଖି ଅନ୍ଧାର ସୁଯୋଗ ନେଇ ଦାଦା ବଟି ମାଗୁଥିବା ଖବର ପାଇ ପୁଲିସ ଘଟଣାସ୍ଥଳକୁ ଯାଇଥିଲା। ପୁଲିସକୁ ଦେଖି ଦୁଇ ଜଣ ଯୁବକ ଦୌଡ଼ିବାକୁ ଚେଷ୍ଟା କରିଥିଲେ। ହେଲେ ପୁଲିସ କିଛି ବାଟ ପିଛା କରି ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଦ୍ୱୟ କହିଥିଲେ ଯେ ଅଳ୍ପ ଦିନ ହେବ ଜେଲରୁ ଆସିଛନ୍ତି। ଏ ନେଇ ଜିଆର୍‌ପି ଥାନାରେ ମାମଲା ରୁଜୁ ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଏଏନ୍‌ଏମ୍ ଛାତ୍ରୀ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ

ପୁରୀ,୧୫।୫(ସମିସ)



ଓଡ଼ିଶାର ସମଗ୍ର ଏଏନଏମ୍ ତାଲିମ କେନ୍ଦ୍ର ମାନଙ୍କରେ ଓଏନ୍‌ଏମ୍‌ଇବି ଦ୍ୱାରା ପରିଚାଳିତ ବାର୍ଷିକ ପରୀକ୍ଷାର ଫଳାଫଳ ଘୋଷଣା କରାଯାଇଛି। ଏହି ପରୀକ୍ଷାରେ ପୁରୀର ଏଏନ୍‌ଏମ ତାଲିମ କେନ୍ଦ୍ରର ୩ ଜଣ ଛାତ୍ରୀ ସର୍ବାଧିକ ନମ୍ବର ରଖି ଓଡ଼ିଶାରେ ପ୍ରଶଂସାର ପାତ୍ର ହୋଇଛନ୍ତି। ୨୦୨୪ ମସିହାରେ ତାଲିମ କେନ୍ଦ୍ରର ଜଣେ ଛାତ୍ରୀ ରାଜ୍ୟସ୍ତରରେ ୩ୟ ସ୍ଥାନ ହାସଲ କରିଥିଲେ। ୨୦୨୫ ମସିହାରେ ଏହି ଅନୁଷ୍ଠାନର ୨ ଜଣ ଛାତ୍ରୀ ପ୍ରଥମ ଏବଂ ୨ୟ ସ୍ଥାନ ହାସଲ କରିଥିଲେ। ଚଳିତବର୍ଷ ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାରଣା (୯୪.୭ ପ୍ରତିଶତ) ପ୍ରଥମ, ସବାନା ଖାତୁନ (୯୪.୬ ପ୍ରତିଶତ) ଦ୍ୱିତୀୟ ଏବଂ ରୂପାଲି ଜେନା (୯୪.୫ ପ୍ରତିଶତ) ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହା ପୁରୀ ଜିଲ୍ଲା ଏବଂ ଓଡ଼ିଶା ପାଇଁ ଗର୍ବ ଏବଂ ସମ୍ମାନର ବିଷୟ। ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ୨୦୬ ତମ ଜନ୍ମବାର୍ଷିକୀ ଅବସରରେ ନର୍ସିଂ ନିର୍ଦ୍ଦେଶାଳୟ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରୀର ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଟପ୍ପର ଛାତ୍ରୀ ଏବଂ ପ୍ରିନ୍ସିପାଲଙ୍କୁ ସମ୍ମାନିତ କରାଯାଇଥିଲା। ଶୁକ୍ରବାର ଏଏନଏମ୍ ତାଲିମ କେନ୍ଦ୍ର ପୁରୀ ଦ୍ୱାରା ଆୟୋଜିତ ବାର୍ଷିକ ଉତ୍ସବରେ ଏହି ୩ ଜଣଙ୍କୁ ସମ୍ମାନିତ କରାଯାଇଛି। ତାଲିମ କେନ୍ଦ୍ରର ଅଧ୍ୟକ୍ଷା ଡ. ନୟନା କୁମାରୀ ସାମଲ ଅନୁଷ୍ଠାନର ସମସ୍ତ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଓଡ଼ିଶାରେ ଏପରି ଇତିହାସ ସୃଷ୍ଟି କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଏଡିଏମ୍‌ଓ ଡା. ବିନୋଦ ରଥ ଓ ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଏହି ସମ୍ବର୍ଦ୍ଧନାରେ ଯୋଗ ଦେଇଥିଲେ।

## ଦଶମ ଯୋଜନାର ସଫଳ ରୂପାୟନ

# ବଢ଼ିଲା ଏ୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା

ପୁରୀ,୧୫।୫(ସମିସ): ମାଧ୍ୟମିକ ସ୍ତରରେ ଶିକ୍ଷାର ମାନ ବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନ ତଥା ପୁରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ 'ଦଶମ' ନାମରେ ଏକ ଅଭିନବ କାର୍ଯ୍ୟକ୍ରମର ପ୍ରୟାସ କରାଯାଇଛି। ଏ୧ ଗ୍ରେଡ୍ ସଂଖ୍ୟାରେ ବୃଦ୍ଧି, ଶତପ୍ରତିଶତ ସଫଳତା ପ୍ରାପ୍ତି (ପାସ୍‌ହାର) ଓ ୧୦୦ ପ୍ରତିଶତ ପରୀକ୍ଷାରେ ଉପସ୍ଥାନ ସୁନିଶ୍ଚିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ଲକ୍ଷ୍ୟକୁ ସାଧନ କରିବା ପାଇଁ ଶିକ୍ଷାବର୍ଷ ପ୍ରାରମ୍ଭରୁ ଆଧାର ଭିତ୍ତିକ ପ୍ରାରମ୍ଭିକ ସ୍ତରୀୟ ପରୀକ୍ଷା କରାଯାଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶ୍ରେଣୀ ଭୁକ୍ତ କରିବା, ବିଦ୍ୟାଳୟ ଶିକ୍ଷାଦାନ ବ୍ୟତିରେକ ଅତିରିକ୍ତ ୩୦ ମିନିଟ ଶିକ୍ଷାଦାନ, ବ୍ଲକ୍ ତଥା ଜିଲ୍ଲାସ୍ତରରେ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ବିଷୟଭିତ୍ତିକ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ, ଆଶାୟୀ ଏ୧ ଛାତ୍ରଛାତ୍ରୀଙ୍କ ନିମନ୍ତେ ବ୍ଲକ୍‌ସ୍ତରୀୟ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ ତଥା ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ କମିଟି ଦ୍ୱାରା ବିଦ୍ୟାଳୟର ନିରନ୍ତର ନିରୀକ୍ଷଣକୁ ସୁନିଶ୍ଚିତ କରାଯାଇଛି।

ଏହି ନୂତନ କାର୍ଯ୍ୟକ୍ରମ ଜିଲ୍ଲାର ଶୈକ୍ଷିକ ବାତାବରଣରେ ଉନ୍ନତି କରିପାରିଛି। ଫଳସ୍ୱରୂପ, ବିଗତ ତିନି ବର୍ଷର ପରିସଂଖ୍ୟାନକୁ ବିଚାରକୁ ନେଲେ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କର ସଂଖ୍ୟାରେ ଆଶାତୀତ ହ୍ରାସ ଘଟିଛି। ଅର୍ଥାତ୍ ୨୦୨୪ରେ ଯାହା ୩୬୭ ରହିଥିଲା ୨୦୨୫ରେ ତାହା ୨୧୪ ଏବଂ ୨୦୨୬ରେ ଏହା ୧୬୭କୁ ଖସିଆସିଛି। ସେହିପରି ଏ୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କ୍ରମାନ୍ୱୟରେ ବୃଦ୍ଧି ପାଇଛି। ୨୦୨୪ରେ ଏହା ୧୧୬ ଥିବାବେଳେ ୨୦୨୫ରେ ୧୪୨ ଓ ୨୦୨୬ରେ ଏହା ୧୬୧କୁ ବୃଦ୍ଧି ପାଇଛି। ସେହିପରି ଏ୨ ଗ୍ରେଡ୍ ସଂଖ୍ୟା ୨୦୨୪ରେ ୫୭୦ ଥିବାବେଳେ ୨୦୨୫ରେ ୭୩୧ ଏବଂ ୨୦୨୬ରେ ୮୧୯କୁ ବୃଦ୍ଧି ପାଇଛି। ବି୧ ଗ୍ରେଡ୍ ସଂଖ୍ୟା ୨୦୨୪ରେ ୧,୫୧୬, ୨୦୨୫ରେ ୧,୮୬୨ ଏବଂ ୨୦୨୬ରେ ଏହା ବୃଦ୍ଧି ପାଇ ୧,୮୭୭ରେ ପହଞ୍ଚି ପାରିଛି।

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀଙ୍କର ଏତାଦୃଶ ପଦକ୍ଷେପକୁ ପ୍ରାକ୍ତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଜନସାଧାରଣ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ 'ଦଶମ ୩.୦' ମାଧ୍ୟମରେ ଏହାକୁ ଆହୁରି ସୁସଂଗଠିତ କରିବା ସହ ମାଟ୍ରିକ ପରୀକ୍ଷାରେ ପୂର୍ବବର୍ଷ ଅପେକ୍ଷା ଫଳାଫଳରେ ଅଧିକ ଉନ୍ନତି ଆଣିବା ପାଇଁ ଜିଲ୍ଲାପାଳ ଶ୍ରୀ ପରିଡା, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପାଢ଼ୀ, ଅତିରିକ୍ତ ଶିକ୍ଷାଧିକାରୀ, ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ ତଥା ଏହି କାର୍ଯ୍ୟକ୍ରମ ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନ୍

# ତେଲ ପାଇଁ ଖରାରେ ହନ୍ତସନ୍ତ

ପୁରୀ,୧୫।୫(ସମିସ)

ପେଟ୍ରୋଲ, ଡିଜେଲ ସଂକଟ ଯୋଗୁ ସବୁ ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନ। ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ପେଟ୍ରୋଲ ପମ୍ପରୁ ଜଣେ ବାଇକ୍ ଚାଳକ ୨୦ ଲିଟରିଆ ପାଣି ବୋତଲରେ ତେଲ ଫୁଲ୍ କରି ନେଉଥିବା ଦେଖିବାକୁ ମିଳିଥିଲା।

### ଆଗକୁ ମିଳିବନି ଚର୍ଚ୍ଚା, ଜାର୍‌କିନ, ବୋତଲରେ ବୋହି ନେଉଛନ୍ତି



ତେଲ ପାଇଁ ଲୋକେ ଖରାରେ ଘଣ୍ଟା ଘଣ୍ଟା ଗାଡ଼ି ଧରି ଛିଡ଼ା ହେଉଛନ୍ତି। କାହାର କେତେବେଳେ ପାଳି ପଡ଼ିବ ତାହାକୁ ଚାହିଁ ରହୁଛନ୍ତି। ଭିଡ଼ ଏମିତି ହେଉଛି ଯେ, ଶୃଙ୍ଖଳା ପାଇଁ ସବୁ ପମ୍ପରେ ପୁଲିସ କର୍ମଚାରୀଙ୍କୁ ମୁତୟନ ହେବାକୁ ପଡୁଛି। ଏହା କେବଳ ପୁରୀ ସହର ଭିତରେ ନୁହେଁ ଉପକଣ୍ଠରେ ବି ସମାନ ଅବସ୍ଥା। ଆଗକୁ ତେଲ ମିଳିବନି ବୋଲି ଲୋକଙ୍କ ମଧରେ ଯେଉଁ ଚର୍ଚ୍ଚା ଚାଲିଛି ସେଥିପାଇଁ ଅନେକ ଗାଡି ଟାଙ୍କି ଫୁଲ୍ କରିବା ସହ କେହି କେହି ଜାର୍‌କିନ, ବୋତଲରେ ମଧ ତେଲ ବୋହି ନେଉଛନ୍ତି।

ପୁରୀ ସହର ଭିତରେ ଥିବା ୩ଟି ପେଟ୍ରୋଲ ପମ୍ପରେ ତେଲ ସରିଯିବାରୁ ଗୁରୁବାର ସନ୍ଧ୍ୟା ପରଠାରୁ ସବୁ ବନ୍ଦ ରହିଥିଲା। ରାତିରେ ତେଲ ପହଞ୍ଚିବା ପରେ ଶୁକ୍ରବାର ସକାଳୁ ବିତରଣ ଆରମ୍ଭ ହୋଇଥିଲା। ହେଲେ ସକାଳୁ ସବୁ ପେଟ୍ରୋଲ ପମ୍ପ ସାମ୍ନାରେ ଅସମ୍ଭବ ଭିଡ଼ ଜମିଥିଲା। ବଡ଼ଦାଣ୍ଡସ୍ଥିତ ଖୁଣ୍ଟିଆ ପେଟ୍ରୋଲ ପମ୍ପ, ଗୁଣ୍ଡିଚା ମନ୍ଦିର ନିକଟ ପମ୍ପ ଏବଂ ପେଣ୍ଟକଟା ପେଟ୍ରୋଲ ପମ୍ପରେ ଗାଡ଼ି ଚାଳକମାନେ ଲମ୍ବା ଧାଡ଼ି ଲଗାଇଥିଲେ। କେହି କେହି ବୋତଲ, ଜାରକିନ୍ ଧରି ପେଟ୍ରୋଲ ଓ ଡିଜେଲ ନେବାକୁ ଅପେକ୍ଷା କରିଥିଲେ। ଗହଳି ଏତେ ରହିଥିଲା ଯେ ସବୁ ପେଟ୍ରୋଲ ପମ୍ପରେ ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ। ଦିନ ଯେତେ ଗଡୁଥିଲା ଧାଡ଼ି ସେତେ ଲମ୍ବୁଥିଲା। ପ୍ରବଳ ଖରା ସତ୍ତ୍ୱେ ଲୋକେ ଧାଡ଼ି ଛାଡୁ ନ ଥିଲେ। ରାତି ପର୍ଯ୍ୟନ୍ତ ପୁରୀ ସହର ୩ଟି ଯାକ ପେଟ୍ରୋଲ ପମ୍ପ ସମ୍ମୁଖରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ସହର ଭିତରେ ଗହଳି ଦେଖି ଅନେକ ଗାଡ଼ି ଚାଳକ ଉପକଣ୍ଠରେ ଥିବା ପେଟ୍ରୋଲ ପମ୍ପକୁ ଯାଇଥିଲେ। ସେଠାରେ ବି ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ସେଠାରେ ମଧ ପୁଲିସ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ତେଲ ବିତରଣରେ ସହଯୋଗ କରିଥିଲା।

ଏଭଳି ସ୍ଥିତିକୁ ନେଇ ଗାଡ଼ି ଚାଳକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗାଡ଼ି ଚାଳକ ସନ୍ଦୀପ ମହାନ୍ତି କହିଛନ୍ତି, 'ସକାଳୁ ଆସିଛି, ଏବେ ଦୁଇ ଘଣ୍ଟା ହେଲା ଲାଇନରେ ଛିଡ଼ା ହୋଇଛି। ଖରାରେ ଗାଡ଼ି ଭିତରେ ବସି ରହିବା ମୁସ୍କିଲ ହୋଇଯାଉଛି। ଅନ୍ୟ ଜଣେ କହିଛନ୍ତି, ହଠାତ୍ ତେଲ ସରିଗଲା। କାହାକୁ କିଛି ଜଣାଇଲେ ନାହିଁ। ଆଜି ସକାଳୁ ତେଲ ଦେବା ଆରମ୍ଭ ହେଲା, ତା' ପରେ ଏଭଳି ଭିଡ଼ ହୋଇଗଲା। କାମକୁ ଯିବାକୁ ଅଛି, ହେଲେ ତେଲ ନ ମିଳିଲେ କିପରି ଯିବି ବୋଲି ପ୍ରଶ୍ନ କରିଥିଲେ।